ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ (୧୬ ପୃଷ୍ଠା) Bhubaneswar, Friday, August 1/2025 Page 16 ₹ 7.00
୫୧ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 247 ମୂଲ୍ୟ ₹୭/-

# ଭାରତୀୟ ଅର୍ଥନୀତି ମୃତ: ଟ୍ରମ୍ପ୍

ଆମେରିକାର ଅନିଚ୍ଛା ଓ ଚାପ ସତ୍ତ୍ୱେ ରୁଷିଆଠାରୁ ଭାରତ ବିପୁଳ ତୈଳ, ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ (ଆମଦାନୀ ଶୁଳ୍କ) ଏବଂ ଜରିମାନା ଲଗାଇଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ରୁଷୀୟ ଏବଂ ଭାରତୀୟ ଅର୍ଥନୀତିକୁ ମୃତ ବୋଲି ଅଭିହିତ କରିଛନ୍ତି। ଭାରତ ରୁଷିଆ ସହ କ'ଣ କରୁଛି ତାହାକୁ ଆମେରିକା ଖାତିର କରୁନାହିଁ। ସେମାନେ ମିଳିତ ଭାବେ ନିଜ ମୃତ ଅର୍ଥନୀତିକୁ ନିମ୍ନଗାମୀ କରି ବୁଡ଼ିଯାଆନ୍ତୁ, ଏଥିରେ ଆମେରିକାର କୌଣସି ପରବାୟ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଟ୍ରମ୍ପ୍ ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇବା ସହ ଭାରତ ଉପରେ ଚାପ ସୃଷ୍ଟି ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ତଦନୁଯାୟୀ ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପଡ଼ୋଶୀ ପାକିସ୍ତାନ ସହ ଆମେରିକା ତୈଳ କାରବାର କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେହିପରି ଇରାନ ସହ ତୈଳ କାରବାର କରୁଥିବା ୬ ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଭାରତୀୟ ତଥ୍ୟାଭିଜ୍ଞ ମହଲ ଏସବୁକୁ ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ୍ ୩ଟି ବଡ଼ ପ୍ରହାର ବୋଲି କହିବା ସହ ଏଥିଯୋଗୁ ଦେଶର ଅର୍ଥନୀତି ଓ ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା କରୁଛି। ରୁଷିଆ, ଚାଇନା ସଦସ୍ୟ ଥିବା 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀକୁ ଆମେରିକା ବିରୋଧ କରିବା ସହ ଡଲାର ବିରୋଧୀଙ୍କୁ ତଳିତଳାନ୍ତ କରିଦେବୁ ବୋଲି ଟ୍ରମ୍ପ୍ ଖୋଲା ଧମକ ଦେଇଛନ୍ତି। ଏଭଳିସ୍ଥଳେ ଭାରତ 'ବ୍ରିକ୍ସ'ର ସଦସ୍ୟ ଥିବାରୁ ନୂଆଦିଲ୍ଲୀ ଏବେ ୱାଶିଂଟନର ଟାର୍ଗେଟ୍‌କୁ ଆସିଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ଲୋକ ସଭାରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ଯେଉଁ ଢଙ୍ଗରେ ଆମେରିକାର ଭୂମିକା ସମ୍ପର୍କରେ କହିଥିଲେ, ତାହା ଟ୍ରମ୍ପ୍‌ଙ୍କୁ କ୍ରୋଧାନ୍ୱିତ କରିଦେଇଛି ବୋଲି କେତେକେ ମତ ଦେଇଛନ୍ତି।

ୱାଶିଂଟନ୍/ନୂଆଦିଲ୍ଲୀ,୩୧।୭(ପି.ଟି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଭାରତ ସହ ଆମେରିକା ଖୁବ୍ କମ୍ ବ୍ୟବସାୟ କରିଛି। ଭାରତର ଟାରିଫ୍ ବିଶ୍ୱରେ ସର୍ବାଧିକ। ରୁଷିଆ ସହ ଆମେରିକା ପ୍ରାୟ କିଛି ବ୍ୟବସାୟ କରିନାହିଁ। ଏହି ଧାରା ସେମିତି ଚାଲିଥାଉ ଏବଂ ନିଜକୁ ଏବେ ମଧ୍ୟ ରୁଷିଆ ରାଷ୍ଟ୍ରପତି ବୋଲି ମନେକରୁଥିବା ପୂର୍ବତନ ବିଫଳ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କୁ କୁହ, ସେ ତାଙ୍କ କଥା ଶୁଣନ୍ତୁ। ମେଡ୍‌ମେଡେଭ୍ ଅତ୍ୟନ୍ତ ବିପଜ୍ଜନକ ଭୂଖଣ୍ଡକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରେଡ୍ ଡିଲ୍ ପାଇଁ ମୂଳଚାଲ କରିବା ଲାଗି ଆମେରିକାର ଏକ ବାଣିଜ୍ୟିକ ଚୁକ୍ତି ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରୁଥିବା ନେଇ ମଙ୍ଗଳବାର ଭାରତୀୟ ଅଧିକାରୀମାନେ ☞ ପୃଷ୍ଠା-୪


ଡୋନାଲ୍ଡ ଟ୍ରମ୍ପ୍

## ପାକ୍ ସହ ତୈଳ ଚୁକ୍ତିରେ ସ୍ୱାକ୍ଷର କଲେ ଟ୍ରମ୍ପ୍

ନ୍ୟୁୟର୍କ/ଇସ୍‌ଲାମାବାଦ,୩୧।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ବାଣିଜ୍ୟ କ୍ଷେତ୍ରରେ କେବଳ କଠୋର ପଦକ୍ଷେପ ଘୋଷଣା କରିନାହାନ୍ତି, ବରଂ ସେ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ସୁହାଇଲା ଭଳି କାର୍ଯ୍ୟ ମଧ୍ୟ କରିଛନ୍ତି। ଟ୍ରମ୍ପ୍ ଗୁରୁବାର ପାକିସ୍ତାନ ସହ ଏକ ଅଏଲ୍ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ରାଷ୍ଟ୍ର ପାକିସ୍ତାନର ବୃହତ୍ ତୈଳ ଭଣ୍ଡାରକୁ ବିକଶିତ କରିବା ଦିଗରେ ୱାଶିଂଟନ୍ କାର୍ଯ୍ୟ କରିବ। ଏପରି ଦିନ ଆସିବ, ଯେତେବେଳେ ପାକିସ୍ତାନ ମଧ୍ୟ ଭାରତକୁ ତୈଳ ବିକ୍ରି କରିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ପାକିସ୍ତାନ ସହ ଆମେରିକା ଏବେ ଏକ ଡିଲ୍‌ରେ ସ୍ୱାକ୍ଷର କରିଛି। ତଦନୁସାରେ ଇସ୍‌ଲାମାବାଦ ଓ ୱାଶିଂଟନ୍ ମିଳିତ ଭାବେ ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ବିକଶିତ କରିବେ। ଏହି ସହଭାଗିତାର ☞ ପୃଷ୍ଠା-୪

## ୬ ଭାରତୀୟ କମ୍ପାନୀ ଉପରେ କଟକଣା ଲଗାଇଲା ଆମେରିକା

ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ କ୍ରୟକରି ସେଗୁଡ଼ିକୁ ବିକୁଥିବା ଭାରତର ୬ଟି କମ୍ପାନୀ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛନ୍ତି। ଇରାନ ଶାସକ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟରେ ପାଣ୍ଠି ବିନିଯୋଗ ପାଇଁ ମଧ୍ୟପ୍ରାଚ୍ୟରେ ଇନ୍ଧନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଆସିଛନ୍ତି। ବିଦେଶରେ ଆତଙ୍କବାଦକୁ ସମର୍ଥନ ସହ ଏହାର ନିଜ ଲୋକଙ୍କ ଉପରେ ଅତ୍ୟାଚାର ପାଇଁ ଇରାନୀୟ ଶାସକ ବ୍ୟବହାର କରୁଥିବା ରାଜସ୍ୱ ଉତ୍ସକୁ ବନ୍ଦ କରିବା ☞ ପୃଷ୍ଠା-୪

## ଦେଶ ସ୍ୱାର୍ଥରେ ପଦକ୍ଷେପ ନିଆଯିବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଟିକସ କଷିବା ପରେ ଗୁରୁବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ହେବାକୁ ଦିନେ ବାକି ଥିବାବେଳେ ସଂସଦର ମୌସୁମୀ ଅଧିବେଶନରେ ଲୋକ ସଭାରେ ଗୋୟଲ ନିଜ ☞ ପୃଷ୍ଠା-୪


ପୀୟୂଷ ଗୋୟଲ

**ଆଜିର ସମ୍ପାଦକୀୟ** ଏଆଇ ବନ୍ଧୁ ନୁହେଁ

This is an advertisement for information purpose and is not a prospectus announcement.
ICL FINCORP LIMITED
SECURED, REDEEMABLE NON-CONVERTIBLE DEBENTURES NCD
CREDIT RATING CRISIL BBB-/ STABLE
ICL Join ICL, Grow with us
ICL Fincorp
UP TO
DOUBLE RETURNS IN 70 MONTHS*
*BASED ON EFFECTIVE YIELD ON CUMULATIVE BASIS UNDER OPTION X, 70 MONTHS, TDS AS APPLICABLE.
ISSUE OPENS ON: JULY 31, 2025 (THURSDAY) ISSUE CLOSES ON: AUGUST 13, 2025 (WEDNESDAY)*
*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or debenture issue committee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.
Issue Structure: (For detailed Issue Structure refer Prospectus dated July 25, 2025)

| | |
|---|---|
| Face value : ₹1,000 each | Minimum application size : ₹10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 70 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE
PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 12.00*% PER ANNUM 60 MONTHS | 11.50*% PER ANNUM 36 MONTHS | 11.00*% PER ANNUM 24 MONTHS | 10.50*% PER ANNUM 13 MONTHS |

*Indicating coupon rates for monthly options only. Refer Prospectus dated July 25, 2025 to view effective yield for monthly, annually and cumulative options.
To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186
Reg. Office: Plot No: C308, Door No: 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal @iclfincorp

DSPL - 188
ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ ଏହି ପଞ୍ଜିକରଣ କରାଇପାରିବେ।
- ଅଣଋଣୀ ଚାଷୀମାନେ ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ।
- ଏହି ପଞ୍ଜିକରଣ ପାଇଁ ଆଧାର କାର୍ଡ (Aadhar Card) ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ ବିନା କୌଣସି ଦେୟରେ କରାଯିବ। ବ୍ୟାଙ୍କ ଆକାଉଣ୍ଟ Validation ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା କିମ୍ବା ARCS, DRCS, CDAO ଅଫିସରେ ଯୋଗାଯୋଗ କରନ୍ତୁ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୧୪ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର
OIPR-39001/13/0031/2526

## ଏମ୍ସ ନର୍ସଙ୍କ ୨ ପିଲାଙ୍କୁ ଜାଳିଦେଲେ ଅପରାଧୀ

**ପାଟନା,୩୧।୭**

ବିହାରର ପାଟନାରେ ୧୦ ଏବଂ ୧୫ ବର୍ଷର ୨ ପିଲାଙ୍କୁ ସେମାନଙ୍କ ଘରେ ଅପରାଧୀମାନେ ଜାଳିଦେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ନରେ ଅଂଶ ଏବଂ ଅଞ୍ଜଳି ସ୍କୁଲ୍‌ରୁ ପାଟନାର ଜାନିପୁରସ୍ଥିତ ଘରକୁ ଫେରିବା ପରେ ସେମାନଙ୍କୁ ଜାଳି ମାରିଦିଆଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପିଲାମାନଙ୍କ ବାପା ଲଲନ ଗୁପ୍ତା ସ୍ଥାନୀୟ ନିର୍ବାଚନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ମାଆ ପାଟନା ଏମ୍ସରେ ନର୍ସ ଅଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ସହ ସନ୍ଦେହ ପ୍ରକାଶ ପାଇଛି। ତୁରନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ପକ୍ଷରୁ ଦାବି ହୋଇଛି। ଲଲନଙ୍କ କହିବା ଅନୁଯାୟୀ ପିଲାମାନଙ୍କୁ ପ୍ରଥମେ ମାରି ଦିଆଯାଇ ପରେ ଜାଳିଦିଆଯାଇଛି। ଏହା ଏକ ଅଗ୍ନିକାଣ୍ଡ ହୋଇଥିଲେ ପିଲାମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିଥାନ୍ତେ ଓ କବାଟ ଖୋଲିପାରିଥାନ୍ତେ। ସେପରି କିଛି ଘଟି ନ ଥିବାରୁ ସେମାନଙ୍କୁ କେହି ପ୍ରଥମେ ହତ୍ୟା କରିବା ପରେ ମୃତଦେହକୁ ଜାଳିଦେଇଥିବା ସେ କହିଛନ୍ତି।

## ଅନ୍‌ଲାଇନ ଗେମିଂ ପାଇଁ ଗାଳି କରିବାରୁ ଜେଜେମା'ଙ୍କୁ ହତ୍ୟା

**ଜୟପୁର,୩୧।୭**

ରାଜସ୍ଥାନ ଶ୍ରୀଗଙ୍ଗାନଗର ଜିଲାରେ ୮୬ ବର୍ଷୀୟ ଜେଜେମା'ଙ୍କୁ ହତ୍ୟା ଅଭିଯୋଗରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଯୁବକଙ୍କ ଅନ୍‌ଲାଇନ ଗେମିଂ ନିଶା ପାଇଁ ଜେଜେମା' ତାଙ୍କୁ ଗାଳି କରୁଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ମନିଷ ଚୁଗ୍ ଗତ ୨୪ ତାରିଖରେ ଜେଜେମା' ଦ୍ରୌପଦୀ ଦେବୀଙ୍କ ଗଳାକୁ ଟାୱେଲ୍‌ରେ ଭିଡ଼ି ହତ୍ୟା କରିଥିଲେ। ପରେ ମନିଷ ଏହାକୁ ଡକାୟତିର ରୂପ ଦେବାକୁ ଉଦ୍ୟମ କରିଥିଲେ ବୋଲି ଶ୍ରୀଗଙ୍ଗାନଗର ଏସ୍‌ପି ଅମ୍ରିତା ଦୁହାନ କହିଛନ୍ତି। ଅଜଣା ବ୍ୟକ୍ତି ତାଙ୍କ ଘରୁ ମୂଲ୍ୟବାନ ଜିନିଷ ଲୁଟିନେବା ସହ ଜେଜେମା'ଙ୍କୁ ହତ୍ୟା କରିଥିବା ମନିଷ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ସନ୍ଦେହ କରି ମନିଷଙ୍କୁ ପଚରାଉଚରା କରିବାରୁ ସେ ଅପରାଧ ମାନିଥିଲେ। ମୋବାଇଲ୍ ଗେମ୍ ନିଶା ପାଇଁ ମନିଷ ଅନେକ ଲକ୍ଷ ଟଙ୍କା ହାରିବା ସହ ସମ୍ପର୍କୀୟଙ୍କଠାରୁ ଧାର ଉଧାର କରିଥିଲେ। ଗତ ୨୪ ତାରିଖରେ ସେ ୧୫,୦୦୦ ଟଙ୍କା ହାରିଯିବାରୁ ଜେଜେମା' ତାଙ୍କୁ ଗାଳି କରିଥିଲେ।

## କୃଷକଙ୍କୁ ଭିକାରି କହିବାରୁ କୃଷି ବିଭାଗ ହରାଇଲେ ରୁମି ଖେଳିଥିବା ମନ୍ତ୍ରୀ

**ମୁମ୍ବାଇ,୩୧।୭**


ମାନିକ୍‌ରାଓ କୋକାଟେ

ମହାରାଷ୍ଟ୍ର ବିଧାନସଭାରେ ରୁମି ଖେଳୁଥିବାବେଳେ ଧରାପଡ଼ିଥିବା ମନ୍ତ୍ରୀ ମାନିକ୍‌ରାଓ କୋକାଟେ ପୁଣି ବିବାଦରେ ଛନ୍ଦି ହୋଇଛନ୍ତି। ଏଥର ସେ କୃଷକମାନଙ୍କୁ ଭିକାରି ଆଖ୍ୟା ଦେଇ ତାଙ୍କ ପାଖରେ ଥିବା କୃଷିମନ୍ତ୍ରୀ ପଦ ହରାଇଛନ୍ତି। ଫଡ୍‌ନବିସ ସରକାର କୋକାଟେଙ୍କ ହାତରୁ କୃଷି ବିଭାଗ ଛଡ଼ାଇନେଇ ଦତ୍ତାତ୍ରେୟ ଭର୍ଣ୍ଣେଙ୍କୁ ନୂଆ କୃଷିମନ୍ତ୍ରୀ ଭାବେ ଅବସ୍ଥାପିତ କରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ କୋକାଟେଙ୍କୁ କ୍ରୀଡ଼ା ବିଭାଗ ଦିଆଯାଇଛି। ପ୍ରକାଶ ଯେ, ନିକଟରେ ବିଧାନସଭା ଭିତରେ ଅନ୍‌ଲାଇନ୍ ଗେମ୍ ରୁମି ଖେଳୁଥିବାବେଳେ ସେ ଧରାପଡ଼ିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ସେ ଚାଷୀଙ୍କ ପାଇଁ ୧ ଟଙ୍କାର ଶସ୍ୟ ବୀମା ମନ୍ତବ୍ୟ ସମ୍ପର୍କରେ ଅବତାରଣା କରିବାକୁ ଯାଇ କହିଥିଲେ, ଭିକାରିମାନେ ବି ଟଙ୍କାଏ ନେବାକୁ ଚାହୁଁନାହାନ୍ତି।

## ବୈଷୟିକ ତ୍ରୁଟି: ଏୟାର ଇଣ୍ଡିଆ ବିମାନର ଉଡ଼ାଣ ବାତିଲ

**ନୂଆଦିଲ୍ଲୀ,୩୧।୭**

ଦିଲ୍ଲୀ ବିମାନବନ୍ଦରରୁ ଗୁରୁବାର ଲଣ୍ଡନ ଯିବାକୁ ଥିବା ଏୟାରଇଣ୍ଡିଆର ବୋଇଂ ୭୮୭-୯ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରିଦିଆଯାଇଛି। ବୈଷୟିକ ସମସ୍ୟା ପରେ ଏଆଇ୨୦୧୭ ବିମାନକୁ ସତର୍କତାମୂଳକ ଯାଞ୍ଚ ପାଇଁ ବେ'କୁ ଫେରାଇ ନିଆଯାଇଛି। ତ୍ରୁଟି ଜଣାପଡ଼ିବା ପରେ କକ୍‌ପିଟ୍ କ୍ରିଉ ଉଡ଼ାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।


ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର କିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିବାବେଳେ ଭଗ୍ନାବଶେଷ ତଳୁ ନିଜ ପୁଅଙ୍କୁ ଉଦ୍ଧାର କରି ଅଣାଯିବାକୁ ଅପେକ୍ଷା କରିଛନ୍ତି ଜଣେ ମହିଳା।

## ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଛାଡ଼ିଲେ ଓପିଏସ୍

**ଚେନ୍ନାଇ,୩୧।୭**


ଓ ପନୀରସେଲ୍‌ଭାମ୍

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ନାଟକୀୟ ରାଜନୈତିକ ଘଟଣାକ୍ରମରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା ଓ ପନୀରସେଲ୍‌ଭାମ୍ (ଓପିଏସ୍) ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ପ୍ରାତଃ ଭ୍ରମଣ ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଭେଟ ପରେ ଓପିଏସ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଗୋଷ୍ଠୀ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗାମ୍ ଦଳ ସହ ମେଣ୍ଟ କରିବା ନେଇ ଓପିଏସ୍ ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାମିଲନାଡୁର ଗଙ୍ଗାଇକୋଣ୍ଡା ଚୋଲପୁରମ୍ ଗସ୍ତରେ ଯାଇଥିବାବେଳେ ଓପିଏସ୍ ତାଙ୍କୁ ପତ୍ର ଲେଖି ଭେଟିବା ପାଇଁ ଆପଏଣ୍ଟମେଣ୍ଟ ଚାହିଁଥିଲେ। ତେବେ ତାଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ପରେ ସେ ସର୍ବଶିକ୍ଷା ଅଭିଯାନ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏନ୍‌ଡିଏ ସହ ସମ୍ପର୍କ ଶେଷ ହୋଇଥିବା ଓପିଏସ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ମନ୍ତ୍ରୀ ପୁନ୍ନୁତି ଏସ୍ ରାମଚନ୍ଦ୍ରନ ସ୍ପଷ୍ଟ କରିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଓପିଏସ୍ ସାରା ରାଜ୍ୟ ଗସ୍ତ କରିବେ। ଏବେ କୌଣସି ଦଳ ସହ ତାଙ୍କ ଗୋଷ୍ଠୀର ମେଣ୍ଟ ନାହିଁ। ନିର୍ବାଚନ ନିକଟତର ହେଲେ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

## ମାଲେଗାଁଓ ବିସ୍ଫୋରଣ ମାମଲା

# ୭ ଅଭିଯୁକ୍ତ ଦୋଷମୁକ୍ତ


ପ୍ରଜ୍ଞା ସିଂ ଠାକୁର



**ନୂଆଦିଲ୍ଲୀ,୩୧।୭**

୨୦୦୮ର ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

୨୦୦୮ ସେପ୍ଟେମ୍ବର ୨୯ ତାରିଖ ପବିତ୍ର ରମଜାନ ମାସ ଅବସରରେ ମହାରାଷ୍ଟ୍ରରେ ମାଲେଗାଁଓସ୍ଥିତ ଏକ ମସ୍‌ଜିଦ ନିକଟରେ ମୋଟରସାଇକେଲ୍‌ରେ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ରାୟ ଘୋଷଣା କରି ଏନ୍‌ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି କହିଛନ୍ତି, ଅଭିଯୋଗ ପକ୍ଷ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ସେଥିପାଇଁ ସନ୍ଦେହର ସୁବିଧା ପାଇବାକୁ ଅଭିଯୁକ୍ତ ହକ୍‌ଦାର। ଅଭିଯୋଗ ପକ୍ଷ ଯେଉଁ ପ୍ରମାଣ ଉପସ୍ଥାପନ କରିଛନ୍ତି, ସେଥିରେ ତାଳମେଳ ରହୁ ନ ଥିବା ଅଦାଲତ କହିଛନ୍ତି। ମାଲେଗାଁଓ ବିସ୍ଫୋରଣ ପଛରେ ଦୃଢ଼ ସନ୍ଦେହ ରହିଥାଇପାରେ। କିନ୍ତୁ କେବଳ ସନ୍ଦେହ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନୁହେଁ। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଉଚ୍ଚ ଡିଗ୍ରୀର ସନ୍ଦେହ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ସନ୍ଦେହର ସୁବିଧା ସେମାନଙ୍କୁ ଦିଆଯାଇଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ତେବେ ନୈତିକତା ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପାଖାପାଖି ୧୭ ବର୍ଷର ଏହି ମାମଲାରେ ଦୀର୍ଘଦିନର ତଦନ୍ତ ଓ ଶୁଣାଣି ପରେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୁରୋହିତ, ପ୍ରଜ୍ଞା ଠାକୁର, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା) ଏବଂ ଆଇପିସିର ବ୍ୟବସ୍ଥା ଅନୁଯାୟୀ ବିଚାର ଚାଲିଥିଲା। ବିସ୍ଫୋରଣରେ ସାମିଲ ଥିବା ମୋଟରସାଇକେଲ ପ୍ରଜ୍ଞା ଠାକୁରଙ୍କର ବୋଲି କୌଣସି ପ୍ରମାଣ ମିଳି ନ ଥିଲା। ବିସ୍ଫୋରଣର ୨ ବର୍ଷ ପୂର୍ବରୁ ପ୍ରଜ୍ଞା ସାଧ୍ୱୀ ହେବା ସହ ସମସ୍ତ ଭୌତିକ ସାମଗ୍ରୀ ତ୍ୟାଗ କରିଥିଲେ ବୋଲି କୋର୍ଟ କହିଛନ୍ତି।

## 'ହିନ୍ଦୁ ଆତଙ୍କବାଦ' କଂଗ୍ରେସର ଷଡ଼ଯନ୍ତ୍ର

### ସୋନିଆ, ରାହୁଲ କ୍ଷମା ମାଗିବା ଆବଶ୍ୟକ: ଭାଜପା

**ନୂଆଦିଲ୍ଲୀ,୩୧।୭(ପି.ଟି.)**


ରବିଶଙ୍କର ପ୍ରସାଦ

ମାଲେଗାଁଓ ବିସ୍ଫୋରଣ ମାମଲାରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଭାଜପା ଉକ୍ତ ରାୟକୁ ସ୍ୱାଗତ କରିଛି। ଗୈରିକ ଦଳ ଓ ନରେନ୍ଦ୍ର ମୋଦିଙ୍କ ଉତ୍ଥାନକୁ ରୋକିବା ଏବଂ ମୁସଲମାନ ଭୋଟବ୍ୟାଙ୍କକୁ ତୁଷ୍ଟ କରିବା ପାଇଁ ତତ୍କାଳୀନ କ୍ଷମତାରେ ଥିବା କଂଗ୍ରେସ 'ହିନ୍ଦୁ ଆତଙ୍କବାଦ' ସୂତ୍ର ସୃଷ୍ଟି କରିଥିଲା ବୋଲି ଭାଜପା ଗୁରୁବାର ଅଭିଯୋଗ କରିଛି। ଦୋଷମୁକ୍ତ ହୋଇଥିବା ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବା ସହ ସେମାନଙ୍କ ବିରୋଧରେ ମିଥ୍ୟା ପ୍ରମାଣ ଯୋଡ଼ିଥିବା ଓ ନିର୍ଯାତନା ଦେଇଥିବା ଅଭିଯୋଗକାରୀ ପକ୍ଷ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ସେହିପରି ଯେଉଁ ଅଫିସରମାନେ ନିର୍ଦ୍ଦୋଷଙ୍କୁ ମାମଲାରେ ଫସାଇବା ସହ ନିର୍ଯାତନା ଦେଇଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଭୋଟବ୍ୟାଙ୍କର ତୁଷ୍ଟୀକରଣ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଯାଇପାରେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହା କଂଗ୍ରେସର ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ରବିଶଙ୍କର କହିଛନ୍ତି। ହିନ୍ଦୁ ଆତଙ୍କବାଦ ସଂଗଠନ ଓ ଗୈରିକ ଆତଙ୍କବାଦ ଅଭିଯୋଗ ଲଦି ଦେବା ପାଇଁ କଂଗ୍ରେସ ଚଳାଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନକୁ ଏଡ଼ାଇଯାଇ ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରକୁ ସମାଲୋଚନା କରୁଥିବା ରବିଶଙ୍କର ଅଭିଯୋଗ କରିଛନ୍ତି।

## ଚଳିତବର୍ଷ ୮ ବିମାନ ଦୁର୍ଘଟଣାରେ ଯାଇଛି ୨୭୪ ଜୀବନ

**ନୂଆଦିଲ୍ଲୀ,୩୧।୭**

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୮ଟି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ୩ଟି ପ୍ରଶିକ୍ଷଣ ବିମାନ ଏବଂ ୪ଟି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଏହା କହିଛନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାଗୁଡ଼ିକର କାରଣ ସମ୍ପର୍କରେ ତଦନ୍ତ ଚଳାଇଥିବା ସେ କହିଛନ୍ତି। ଏପ୍ରିଲ ୨୨ରେ ଗୁଜରାଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଜଣେ ଏବଂ ମେ' ୮ରେ ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଥିଲେ। ଜୁନ୍ ୧୫ରେ ଉତ୍ତରାଖଣ୍ଡରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଥିଲା। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୮୧ ଜଣ ଆହତ ହୋଇଥିଲେ। ଏହାକୁ ମିଶାଇ ମୋଟ ୮ ଦୁର୍ଘଟଣାରେ ୮୪ ଜଣ ଆହତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## ଏସ୍‌ଆଇଆର୍: ସଂସଦ ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ,୩୧।୭ (ପି.ଟି.)**

ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରତ୍ୟାହାର ଦାବିରେ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭାରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ଗୃହକୁ ଅଚଳ କରିଥିଲେ। ଅପରାହ୍ନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକାର ଟାରିଫ ଘୋଷଣା ପ୍ରସଙ୍ଗରେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପୂର୍ବରୁ ଅପରେଶନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରକୁ ବିପକ୍ଷ ଦଳର ସଦସ୍ୟମାନେ ବିରୋଧ କରି ହୋହଲ୍ଲା କରିବାରୁ ରାଜ୍ୟ ସଭାକୁ ୩ ଥର ମୁଲତବୀ ରଖାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ଭାବେ ବିହାର ଏସ୍‌ଆଇଆର୍‌କୁ ନେଇ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।


ସଂସଦର ମୌସୁମୀ ଅଧିବେଶନ ବେଳେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ମୌସୁମୀ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

**ନୂଆଦିଲ୍ଲୀ,୩୧।୭**

ଚଳିତ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ପୂର୍ବାନୁମାନ କରିଛି। ଅଗଷ୍ଟରେ ଉତ୍ତର-ପୂର୍ବାଞ୍ଚଳ ଏବଂ ପୂର୍ବ ଭାରତର ଆଖପାଖ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଆଶା କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମୌସୁମୀର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁନ୍ ଓ ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ହିମାଚଳପ୍ରଦେଶ ଭଳି କେତେକ ରାଜ୍ୟରେ ଅଚାନକ ବନ୍ୟା ଦେଖାଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସାରା ଦେଶରେ ମୋଟାମୋଟି ଭାବେ ଦୀର୍ଘକାଳୀନ ହାରାହାରି ୪୨୨.୮ ମିଲିମିଟରର ୧୦୬ ପ୍ରତିଶତ ବୃଷ୍ଟିପାତ ହୋଇପାରେ।

ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୪୪୫.୮ ମିଲିମିଟର ହୋଇଥିବାବେଳେ ଗତ ୨ ମାସରେ ୪୭୪.୩ ମିଲିମିଟର ବର୍ଷା ହୋଇଛି, ଯାହା ୬ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୬୨୪ ଥର ଅତ୍ୟଧିକ ବୃଷ୍ଟିପାତ ଏବଂ ୭୬ ଥର ଅତି ଭୀଷଣ ବୃଷ୍ଟିପାତ ଘଟଣା ଘଟିଛି, ଯାହା କି ଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍।

**ଫୁରସତ୍**

## ଚର୍ଚ୍ଚାରେ ସଲମାନ



**ମୁମ୍ବାଇ**

ବଲିଉଡ ପରେ ନୂଆ ଇନିଂସ ଆରମ୍ଭ କରିବେ ଭାଇଜାନ୍। ସେଇଟି ହେଲା ରାଜନୀତି। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଏହା ପଛରେ ରହିଛି ସୁପରଷ୍ଟାର ସଲମାନଙ୍କ ଏକ ପୋଷ୍ଟ। ଆଗକୁ ମହାରାଷ୍ଟ୍ରରେ ବିଏମ୍‌ସିର ନିର୍ବାଚନ ହେବାକୁ ଯାଉଛି। ଏମିତିରେ ସଲମାନ ରାଜନୀତିକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି।

ସଲମାନ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ଶେୟାର କରିଛନ୍ତି। ପୋଷ୍ଟରେ ଏକ ଫଟୋ ରହିଛି, ଯାହାକି ଆନିମେଟେଡ୍। ଫଟୋରେ ଚେହେରା ନଜର ଆସୁ ନ ଥିଲେ ହେଁ ତାଙ୍କର ହାତର ବ୍ରେସଲେଟ୍ ନଜର ଆସୁଛି। ସେ ହାତ ମଧ୍ୟ ଯୋଡ଼ିଛନ୍ତି। ଫଟୋରେ ଲେଖାଯାଇଛି ଯେ ନୂଆ ମଇଦାନରେ ଦେଖାହେବା। ବାସ୍ ଏହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। କହିରଖୁଛୁ ଯେ ବଲିଉଡ ସହ ଦକ୍ଷିଣ ଭାରତର ଅନେକେ କଳାକାର ରାଜନୀତିକୁ ଓହ୍ଲାଇ ସାରିଛନ୍ତି। ଏବେ ସଲମାନ ସେଭଳି କିଛି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ କିଛି ସଲମାନଙ୍କ ଏଭଳି ପୋଷ୍ଟ ପଛରେ ବିଗ୍‌ବସ୍‌କୁ ନେଇ ପ୍ରମୋଶନ ଥାଇପାରେ ବୋଲି କହୁଛନ୍ତି। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।




# ହାତୀ ଆକ୍ରମଣରେ ୩ ମୃତ

## ରେଞ୍ଜର, ବନପାଳ ନିଲମ୍ବିତ

ସାତମାଇଲ, ୩୧।୭ (ସୁଶାନ୍ତ ପତି)

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସେକ୍ସନ ବାଘଧରିଆ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ରାଜ୍ୟ ସରକାର ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ଶଶୀ ସାହୁ (୬୪) ଯାଇଥିବା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ଦେଖି ସେହି ଗ୍ରାମର କରୁଣାକର ଦେହୁରୀ (୬୬) ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ମଧ୍ୟ ଦନ୍ତାହାତୀ ଆକ୍ରମଣ କରିଥିଲା। ପରେ ହାତୀଟି ନଳକୂପରୁ ପାଣି ଆଣିବାକୁ ଆସିଥିବା ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ (୫୪)ଙ୍କୁ ରାସ୍ତାରେ କଚାଡି ମାରିଥିଲା। ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କ ସମ୍ପର୍କୀୟ ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶଶୀ ସାହୁଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପୋଲିସ ଓ ବନାଞ୍ଚଳ ଅଧିକାରୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ଆତଙ୍କ ଚଳାଇଥିବା ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା ଆଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ରେଡକ୍ରସରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଜିଲାପାଳ ଆଶିଷ ପାଟିଲ ଓ ଡିଏଫଓ ସୁମିତ କୁମାରଙ୍କ ସହ ବିଶଦ ଆଲୋଚନା କରି ପ୍ରତ୍ୟେକ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସହଯୋଗ ମିଳିପାରିବ ଆଲୋଚନା କରିଛନ୍ତି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କ୍ଷତିଗ୍ରସ୍ତ ୩ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଲୋଚନା କରିଛନ୍ତି । ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଅନୁଗୁଳ ସାତକୋଶିଆ ଅଭୟାରଣ୍ୟ ଆରସିସିଏଫଙ୍କ ରିପୋର୍ଟ କ୍ରମେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

# ଭୁଲ୍ ଭିଡ଼ ଅନୁମାନରୁ ରଥଯାତ୍ରା ଦଳାଚକଟା ଚର୍ଚ୍ଚା

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ ଆୟୁକ୍ତ ୨ଟି ତଦନ୍ତ ଦସ୍ତାବିଜ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏରେ ପୂର୍ଣ୍ଣାଙ୍ଗ ବିବରଣୀ ରହିଥିବାବେଳେ ଅନ୍ୟଟିରେ ସାରାଂଶ ରହିଛି। ତଦନ୍ତ ରିପୋର୍ଟରେ କ'ଣ ରହିଛି ଏବଂ କାହାକୁ ଦାୟୀ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଦର୍ଶାଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କେଉଁମାନଙ୍କ ବିରୋଧରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ତଦନ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି ତାହା ପ୍ରଘଟ ହୋଇ ନ ଥିବାବେଳେ ଏକ ସୂତ୍ରରୁ ଦଳାଚକଟା ପାଇଁ ମୁଖ୍ୟତଃ ୬ଟି କାରଣକୁ ଦାୟୀ କରାଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପାଇଁ ପ୍ରଶାସନ ପୂର୍ବରୁ ଉପଯୁକ୍ତ ଅନୁମାନ ଲଗାଇପାରି ନ ଥିବା କୁହାଯାଇଛି। ଜୁନ୍ ୨୯ ତାରିଖରେ ଏହି ଦଳାଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ତେବେ ଏଭଳି ଅସମ୍ଭାଳ ଭିଡ଼ ହେବ ବୋଲି ପୁରୀ ଜିଲା ପୋଲିସ ଓ ପ୍ରଶାସନ ପୂର୍ବରୁ ଅନୁମାନ କରି ନ ପାରିବାରୁ ଆବଶ୍ୟକ ପ୍ରସ୍ତୁତି କରାଯାଇ ନ ଥିଲା। ସେହିପରି ପ୍ରଶାସନିକ ବ୍ୟବସ୍ଥାରେ ତ୍ରୁଟି ରହିଥିବା, ସରକାରୀ ଅଧିକାରୀ ଓ ରଥଯାତ୍ରା ଆୟୋଜନରେ ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଏମର୍ଜେନ୍ସି ରୁଟ୍, ପାଣି ଇତ୍ୟାଦି ବ୍ୟବସ୍ଥା ଠିକଣା ନ ଥିବା ଆଦିକୁ ରିପୋର୍ଟରେ କାରଣ ଭାବେ ଦର୍ଶାଯାଇଛି। ଏହାବାଦ୍ ସିସିଟିଭିକୁ ଠିକଣା ଭାବେ ତଦାରଖ କରାଯାଇ ନ ଥିବା, ଜରୁରୀ ଚିକିତ୍ସା ଓ ଆପାତକାଳୀନ ପଦକ୍ଷେପରେ ଅଭାବ ସହିତ ଯାତାୟାତ ଅସୁବିଧାକୁ ମଧ୍ୟ ଦାୟୀ କରାଯାଇଛି। ପରିଶେଷରେ ସରକାରୀ ପ୍ରୋଟୋକଲ ଅନୁଯାୟୀ ଅଧିକାରୀଙ୍କ ଦାୟିତ୍ୱ ନିର୍ବାହ ହୋଇ ନ ଥିବା ଚର୍ଚ୍ଚା ହେଉଛି। ଏହାସହିତ ରିପୋର୍ଟରେ ଉନ୍ନୟନ ଆୟୁକ୍ତ ଉକ୍ତ ଘଟଣାର କିଭଳି ପୁନରାବୃତ୍ତି ରୋକାଯାଇପାରିବ ସେନେଇ ପ୍ରଣାଳୀରେ ସୁଧାର, ଦାୟିତ୍ୱ ନିର୍ଦ୍ଧାରଣ ଭଳି ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିବା କୁହାଯାଉଛି।



ସୂଚନାଯୋଗ୍ୟ ଯେ,ଚଳିତବର୍ଷ ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହିତ ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ସରକାରଙ୍କ ପକ୍ଷରୁ ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ଦେବାକୁ ଉନ୍ନୟନ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ଜୟପୁରରୁ ଦିଆଯିବ ସୁଭଦ୍ରା ୩ୟ କିସ୍ତି ଟଙ୍କା

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଅଗଷ୍ଟ ୯ରେ ପ୍ରଦାନ କରିବେ ସରକାର। କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ମିଳିବ। କୋରାପୁଟ ଜିଲା ଜୟପୁରରୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ସରକାର ବାଣ୍ଟିବେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ବସିଥିଲା। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡ଼ାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ସୁଭଦ୍ରା ଟଙ୍କା ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ବୟସ ହୋଇଥିବା ହିତାଧିକାରୀ ପରେ ନୂଆକରି ସାମିଲ ହେବେ। ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିବା ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ସୂଚନା ଦିଆଯାଇଛି। ସେହିପରି ଅନ୍ୟ ଏକ ବୈଠକରୁ ଜଣାପଡ଼ିଛି, ୧୫ଟି କାରଣରୁ ୫ ଲକ୍ଷ ୮୨ ହଜାର ୮୦୦ ଜଣ ଯୋଜନାରୁ ବାଦ ପଡିଛନ୍ତି। ୬୦ ବର୍ଷ ହୋଇଯାଇଥିବା ୯୩ ହଜାର ୭୯୨ ହିତାଧିକାରୀ ତୃତୀୟ କିସ୍ତିରୁ ବାଦ ପଡ଼ିଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ତାଲିକାକୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ପ୍ରଦାନ ଲାଗି ବୈଠକରେ ପ୍ରସ୍ତାବ ଦିଆଯାଇଛି ।

## ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଆଉ ଆବେଦନ କରିବାକୁ ପଡ଼ିବନି: ଉପମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସମୀକ୍ଷା ଜାରି ରହିଛି। ୧୨ ଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସମୀକ୍ଷା ଚାଲିଛି। ବୁଧବାର ସୁଦ୍ଧା ୭ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇଛି। ମାସକ ମଧ୍ୟରେ ୨୨ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ନେବାକୁ ଟାର୍ଗେଟ ରହିଛି। ଆମ ହାତରେ ଆହୁରି ୧୮ଦିନର ସମୟ ରହିଛି। ଠିକ୍ ସମୟରେ ଟାର୍ଗେଟ ପୂରଣ ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଲୋକସେବା ଭବନରୁ ହେଉଥିବା ଯୋଜନା ଅଙ୍ଗନୱାଡି ସ୍ତରରେ ପହଞ୍ଚୁଛି କି ନାହିଁ ତା'ର ମନିଟରିଂ ଅଧିକାରୀ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଆଉ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ ପୁଣି ଯାଞ୍ଚକରି ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ସୁଭଦ୍ରା ଟଙ୍କା ସରକାର ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜୟ ଓଡ଼ିଶା ଓ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ମଙ୍ଗଳା ୟୁଥ୍ କ୍ଲବ, ବୁଦ୍ଧେଶ୍ୱରୀ କଲୋନୀ, ସମୟ:ସକାଳ ୯ଟା।
- ସିପିଆଇର ରାଜ୍ୟ ପରିଷଦ ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍ ୯, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ସିଆର୍‌ପି.ସିଏମ୍. ଆସୋସିଏଶନ୍ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ କନ୍‌ଭେନ୍‌ଶନ୍, ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨(+୨୦+୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆଙ୍ଗଲିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ:ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଉତ୍ସବ, ସ୍ଥାନ:ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୁହିକ ପାଠ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସମାରୋହ, ସ୍ଥାନ: ହଂସପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ଶଙ୍ଖଧ୍ୱନୀ ଦିବସ, ସ୍ଥାନ: ମରିଚିକୋଟ ଛକ, ସମୟ: ଅପରାହ୍ନ ୫ଟା।
- ଦାନବୀର ବଡ଼େ ହରିହର ଗୁରୁଙ୍କ ସ୍ମୃତିସଭା, ସ୍ଥାନ: ଗୁରୁ ଷ୍ଟେଟ୍, ବଡ଼ଦାଣ୍ଡ, ସମୟ ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥାୟନ ଉତ୍ସବ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଜାତୀୟ କୃମିନାଶକ ଦିବସରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ପଥପ୍ରାନ୍ତ ଶୋଭାଯାତ୍ରା ଓ ଗଣବିକ୍ଷୋଭ, ସ୍ଥାନ: ଡାକଘର ସମ୍ମୁଖ, ବସ୍ତା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: କେନ୍ଦୁଝର ଅଡଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ:ଶୁଭଶ୍ରୀ ରେସିଡେନ୍ସ ସ୍କୁଲ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶତବାର୍ଷିକୀ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ପୋଲିସ ପକ୍ଷରୁ ପୋଶ୍ ଆଇନ ସଚେତନତା, ସ୍ଥାନ: ବାଲିଗୁଡ଼ା ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

## ଢେଙ୍କାନାଳ

- ଭାଜପା ପକ୍ଷରୁ କଂଗ୍ରେସ ଓ ବିଜେଡି ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ

- ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ, ସ୍ଥାନ:ନୟାଗଡ଼ ପଠାଣୀ ସାମାନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଧିଷ୍ଠାନ ଉତ୍ସବ, ସ୍ଥାନ:ରୋଟାରୀ କ୍ଲବ ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ସଭା ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା।

## କୋରାପୁଟ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ମଞ୍ଚପୂଜା, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆକାଶ ନେଶନାଲ ଟେଲେଣ୍ଟ ହଣ୍ଟ ଏକ୍‌ଜାମ୍ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଦମୟନ୍ତୀ ହାଇଟ୍‌ସ୍, ରାଜେନ୍ଦ୍ର କଲେଜ ଛକ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା

- ମୁଣ୍ଡା ସମାଜ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଟକୁନ୍ଦରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କୋଶଳ ସ୍କୁଲ, ନୂଆଁ ଖଇରପାଲି ଏବଂ ବ୍ଲକ ଅଫିସ ସମ୍ମୁଖ, ଅତାବିରା, ସମୟ:ସକାଳ ୯ଟା ୩୦ ଏବଂ ଅପରାହ୍ନ ୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ:ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଇସ୍ ମିଲର୍ସ ଆସୋସିଏଶନର ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଇନ୍ଦ୍ର ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ନାରୀ ସୁରକ୍ଷାକୁ ନେଇ ଛାତ୍ର ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଘୁମୁରା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ : ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିନିକା ଭୀମ ଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନାରାୟଣୀ ମନ୍ଦିର ପ୍ରାଙ୍ଗଣ ଓ ଉର୍ଲେ ପାପକ୍ଷୟ ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ସମ୍ବଲପୁରୀ ଦିନ୍ ପାଳନ ଉତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗୋଦାମ ପଡ଼ା, ସମୟ: ସନ୍ଧ୍ୟା ୬ଟା।

# ପାଣି ବଦଳରେ ଯନ୍ତ୍ରୀଙ୍କୁ ପିଆଇଲେ ପରିସ୍ରା

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୩୧।୭**
**(ଗିରିଧାରୀ ପରିଚ୍ଛା/ମନୋଜ ପାଢୀ)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦିଆଯାଇଥିବା ଏବେ ଲୋକଲୋଚନକୁ ଆସିଛି। ଆରଡବ୍ଲ୍ୟୁଏସ୍‌ଏସ୍‌ରେ ନୂତନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ କୁମାର ଗୌଡ଼ ଏଠାରେ ଗତ ୨୨ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ଏ ସମ୍ପର୍କରେ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଗୁରୁବାର ଏହାର ରିପୋର୍ଟ ଆସିଛି। ଏହା ପାଣି ନୁହେଁ ପରିସ୍ରା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପରେ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ରିପୋର୍ଟକୁ ଭିତ୍ତିକରି ଆର. ଉଦୟଗିରି ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ ଜାରି ରହିଛି। ନଂ. ୮୦/୨୬ରେ ଏକ ମାମଲା ରୁଜୁ ହୋଇଛି। କିଏ କାହିଁକି ଏପରି କଲେ ଏବଂ କନିଷ୍ଠ ଯନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପରୀକ୍ଷା ପରେ ଆସିଥିବା ରିପୋର୍ଟ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଗୁନି ପଥର ପଡ଼ିଛି,**
**କେତେ ଘଷି ମାଜି ହେଉ ଲୋ ସୁନ୍ଦରୀ**
**ତୋ ପାଇଁ ପୁରୁଷ ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ କି ମାଳରେ ନାହିଁ,**
**ଭଜି ଭଜି କରି ପାଇବୁ କାହିଁ ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁକୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଅର୍ଥନୀତି...

ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୧ରୁ ୨୫% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ଏହାବାଦ୍ ରୁଷିଆଠାରୁ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଭାରତ ଉପରେ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ଭାରତ ରୁଷିଆଠାରୁ ସର୍ବାଧିକ ଯୁଦ୍ଧାସ୍ତ୍ର କିଣିଥିବାବେଳେ ତୈଳ କ୍ରୟ କ୍ଷେତ୍ରରେ ଚାଇନା ପରେ ଦ୍ୱିତୀୟ ବଡ଼ ରାଷ୍ଟ୍ର। ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ସାଧାରଣ ଜନତାଙ୍କୁ ହତ୍ୟା କରୁଥିବାବେଳେ ଭାରତ ମସ୍କୋ ସହ ବ୍ୟବସାୟିକ ଘନିଷ୍ଠତା ବଢ଼ାଇବା ଯୁଦ୍ଧକୁ ଇନ୍ଧନ ଦେବା ସଦୃଶ ବୋଲି ଟ୍ରମ୍ପ ଏହା ପୂର୍ବରୁ ଅନେକ ଥର ସମାଲୋଚନା କରିଥିଲେ। ତେଣୁ ଭାରତକୁ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟ୍ରମ୍ପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ଏପରି ପକାଇଥିବାରୁ ତାଙ୍କ ସଦ୍ୟ ଘୋଷଣାକୁ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପ ଲଗାତର ଭାବେ ଦୁଇଦିନ ଧରି ଭାରତ ବିରୋଧୀ ଆଭିମୁଖ୍ୟକୁ କଠୋରକରି ଟାଣପଣ ଦେଖାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ଦେଶ ଭିତରେ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଅର୍ଥନୀତି ମୃତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବହିର୍ବ୍ୟାପାର ନୀତିକୁ ନଷ୍ଟ କରିଦେଇଛି। ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ 'ଡେଡ୍' କହିବା ଯୁକ୍ତିଯୁକ୍ତ। ଭାରତୀୟ ଅର୍ଥନୀତି ମୃତ ବୋଲି ସମସ୍ତେ ଜାଣନ୍ତି। ମୋଦି ଦେଶର ଅର୍ଥନୀତିକୁ ହତ୍ୟା କରିଛନ୍ତି। ଆଦାନୀ-ମୋଦି ସହଭାଗିତା, ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି, ବିଫଳତାର ସମାହାର, ଏମ୍‌ଏସ୍‌ଏମ୍‌ଇ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ କୃଷକମାରଣ ନୀତି ଯୋଗୁ ଏପରି ହୋଇଛି। ତେବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ହେବ, ଯାହାକୁ ଟ୍ରମ୍ପ ଚୂଡ଼ାନ୍ତ କରିବେ। ଟ୍ରମ୍ପ ଯାହା କହିବେ ମୋଦି ତାହା କରିବେ। ତେବେ ଟ୍ରମ୍ପ ସତ କହିଥିବାରୁ ରାହୁଲ ଖୁସି ଥିବା ଜଣାଇଛନ୍ତି। ମୋଦି ମଙ୍ଗଳବାର ଲୋକ ସଭାରେ ଭାଷଣ ଦେବାବେଳେ ଟ୍ରମ୍ପ କିମ୍ବା ଚାଇନାର ନାମ କାହିଁକି ଉଲ୍ଲେଖ କରି ନ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମର୍ଥନ କରିଥିବାରୁ ଭାଜପା ରାହୁଲଙ୍କୁ ସମାଲୋଚନା କରିଛି। ଭାରତକୁ ମିଳିଥିବା ସଫଳତା, ଦେଶବାସୀଙ୍କ ଆଶାଆକାଂକ୍ଷା ଓ ଜାତୀୟ ହିତ ଦୃଷ୍ଟିରୁ ଟ୍ରମ୍ପଙ୍କ କଥାକୁ ରାହୁଲ ଦୋହରାଇବା ଏକ ଲଜ୍ଜାଜନକ ବିଷୟ ବୋଲି ଶାସକ ଦଳ ନିନ୍ଦା କରିଛି।

### ପାକ୍ ସହ ତୈଳ...

ନେତୃତ୍ୱ କେଉଁ ତୈଳ କମ୍ପାନୀ ନେବ, ତାହା ଚୟନ କରିବା ପ୍ରକ୍ରିୟାରେ ଆମେ ରହିଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ବୋଲି ଅଭିହିତ କରିଛନ୍ତି। ଏହି ଡିଲ୍ ଯୋଗୁ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି ଶେହବାଜ୍ ଆଶାବ୍ୟକ୍ତ କରିବା ସହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଡିଓ ପାକିସ୍ତାନ ଅନୁସାରେ ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଏବଂ ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଏହି ଡିଲ୍ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ପାକିସ୍ତାନ ନିଜ ଭୂଖଣ୍ଡର ଉପକୂଳରେ ତୈଳ ଭଣ୍ଡାର ମହଜୁଦ ଥିବା ନେଇ ଦୀର୍ଘଦିନ ଧରି ଦାବି କରିଆସିଛି। ତେବେ ସେଥିରୁ ତୈଳ ଉତ୍ତୋଳନ କରିବା ଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏହାସତ୍ତ୍ୱେ ପାକିସ୍ତାନ ଏହି ଭଣ୍ଡାରଗୁଡ଼ିକୁ ଦେଖାଇ ଅନେକ ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ ଚଳାଇଛି। ପାକିସ୍ତାନ ବର୍ତ୍ତମାନ ନିଜ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରୁଛି।

### ୬ ଭାରତୀୟ କମ୍ପାନୀ...

ନିମନ୍ତେ ଆମେରିକା ଏବେ ପଦକ୍ଷେପ ନେଉଛି ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ଆମେରିକୀୟ କଟକଣାର ସମ୍ମୁଖୀନ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ କାଞ୍ଚନ ପଲିମର୍ସ, ଆଲକେମିକାଲ ସଲ୍ୟୁଶନ୍ସ, ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ, ଜୁପିଟର ଡାଏ କେମ୍ ପ୍ରା. ଲିଃ, ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ।

ଇରାନୀୟ ପେଟ୍ରୋଲିୟମ, ପେଟ୍ରୋଲିୟମ ଉତ୍ପାଦ ଏବଂ ପେଟ୍ରୋକେମିକାଲ ବାଣିଜ୍ୟରେ ସାମିଲ ଥିବା ବିଶ୍ୱର ୨୦ଟି ସଂସ୍ଥା ଉପରେ ଆମେରିକା କଟକଣା ଲଗାଇଥିବା ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ୱାଶିଂଟନର କଟକଣା ବିପଦ ସତ୍ତ୍ୱେ ଯେଉଁ ଦେଶ ଇରାନରୁ ତେଲ କିମ୍ବା ପେଟ୍ରୋକେମିକାଲ କିଣିବେ, ସେମାନଙ୍କୁ ଆମେରିକା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତୀୟ କମ୍ପାନୀ କାଞ୍ଚନ ପଲିମର୍ସ ୨୦୨୪ ଫେବୃଆରୀରୁ ଜୁଲାଇ ମଧ୍ୟରେ ୟୁଏଇରେ ଥିବା ଟାନାଇସ୍ ଟ୍ରେଡିଂଠାରୁ ୧୩ ନିୟୁତ ଡଲାର ମୂଲ୍ୟର ପଲିଇଥାଇଲିନ୍ ସମେତ ଇରାନୀୟ ମୂଳ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଅନ୍ୟତମ ଭାରତୀୟ ପେଟ୍ରୋକେମିକାଲ ଟ୍ରେଡିଂ କମ୍ପାନୀ ଆଲକେମିକାଲ ସଲ୍ୟୁଶନ୍ସ ୨୦୨୪ ଜାନୁଆରୀରୁ ଡିସେମ୍ବର ମଧ୍ୟରୁ ୮୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ ସାମଗ୍ରୀ ବିଭିନ୍ନ କମ୍ପାନୀଠାରୁ କିଣିଥିଲା। ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ ୨୨ ନିୟୁତ ଡଲାର ମୂଲ୍ୟର ମିଥାନୋଲ ଏବଂ ଟୋଲୁଇନ୍ ସମେତ ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଜୁପିଟର ଡାଏ କେମ୍ ପ୍ରାଇଭେଟ୍ ଲିଃ ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ୪୯ ନିୟୁତ ଡଲାରରୁ ଅଧିକ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ୍ ପ୍ରଡକ୍ଟ କିଣିଥିବାବେଳେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ ଗତବର୍ଷ ଯଥାକ୍ରମେ ୫୧ ନିୟୁତ ଡଲାର ଏବଂ ୧୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ପେଟ୍ରୋକେମିକାଲ କିଣିଥିଲେ।

### ଦେଶ ସ୍ୱାର୍ଥରେ...

ଆହୁ ଏହା ଉପରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ସରକାର ଏହି ଟାରିଫ୍ ଘୋଷଣାର ସମ୍ଭାବ୍ୟ ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ସବୁ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମହତ୍ କାମରେ ଅର୍ଥ ବିନିଯୋଗ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ସକାଶେ ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ**
ତୃତୀୟସ୍ଥ ବୁଧାଦିତ୍ୟ ଯୋଗ ହେତୁ ଯାହା ମନେ ମନେ ଭାବୁଛନ୍ତି ତାହାକୁ ଯଥାଶୀଘ୍ର ଆରମ୍ଭ କରିନେବା ଭଲ ହେବ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଅଭାବ ରହିବ ନାହିଁ। ପରିସ୍ଥିତିରେ ପଡି କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇ ଚିନ୍ତିତ ରହିପାରନ୍ତି । ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିବେ।

**ମିଥୁନ**
ରାଶିରେ ଗୁରୁଶୁକ୍ର ଥିବାରୁ ସକାଳୁ ଘର ପାଇଁ କୌଣସି କାମରେ ମନଦେଇ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢାଇବା ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟି ସୁଧାରିବା ଚେଷ୍ଟା ଅବ୍ୟାହତ ରହିବ। ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ବ୍ୟବସାୟିକ ସଫଳତା ମିଳିବ।

**କର୍କଟ**
ଆଜି ଭାଗ୍ୟକର୍ମାଧିପଙ୍କ ସଂଯୋଗରୁ କିଛି ନୂଆ କାମ ଆରମ୍ଭ କରିବାକୁ ଚିନ୍ତା କରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। ବିବାଦୀୟ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ପରିବାରରେ ସମସ୍ୟାର ଆଶଙ୍କା ରହିଛି।

**ସିଂହ**
ରାଶିରେ କେତୁ ଆପଣଙ୍କ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟଜାତିର ବ୍ୟକ୍ତି ସହାୟତା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା**
ଆଜିର ଦ୍ୱିତୀୟ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ, ଯାତ୍ରାରେ ସଫଳତା ସାଙ୍ଗକୁ ବ୍ୟବସାୟରେ ଲାଭବାନ୍ କରାଇବ। ପରିସ୍ଥିତିରେ ସାମ୍ନା କରିବାକୁ ଯାଇ ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରିପାରନ୍ତି। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା**
କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରୁ ପାଇ ନ ଥିବା ବକେୟା ଆଜି ପାଇବାର ସମ୍ଭାବନା ରହିଛି। ବିଷାଦିତ ମନ ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି।

**ବିଛା**
ମଙ୍ଗଳ ଏକାଦଶରେ ରହି ଆପଣଙ୍କୁ ଆର୍ଥିକ ସହାୟତା କିମ୍ବା ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ସାହାଯ୍ୟ କରିବେ। ଅଟକି ରହିଥିବା କାମର ପୁନଃ ଆରମ୍ଭ ସାଙ୍ଗକୁ ବନ୍ଧୁଙ୍କ ସହ ଆଲୋଚନାରୁ ଖୁସି ହେବେ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବାକୁ ବାଧ ହେବେ।

**ଧନୁ**
ରାଶିକୁ ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପଦକ୍ଷେପ ନେଇପାରିବେ ନାହିଁ। ଆଶା କରିଥିବା ଦିଗରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ।

**ମକର**
ସପ୍ତମସ୍ଥ ରବି ଓ ବୁଧ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରୁ ଗୁଜବ ଶୁଣି ମନ ବିଚଳିତ ରହିବ। ଅତୀତ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ବୁଦ୍ଧିଜିବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା କରାଯାଇପାରେ।

**କୁମ୍ଭ**
ଚତୁର୍ଥସ୍ଥାନ ଶନି ଦୃଷ୍ଟିରେ ଥିବାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମନ ଅଶାନ୍ତ ରହିବ। ଲକ୍ଷ୍ୟହୀନ ଭ୍ରମଣ ହେତୁକ ସାମୟିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ମିଳିବ।

**ମୀନ**
ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ନିଜ ଆଡୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ ଆଶା ପୂରଣ ହେବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ, ଘ୦୬।୧୭ ମଧ୍ୟେ, ଘ.୦୭।୦୯ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ ।

# ମୋଦିଙ୍କ ୭୫ତମ ଜନ୍ମଦିନରେ ରାଜ୍ୟରେ ଲାଗିବ ୭୫ ଲକ୍ଷ ଚାରା

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ସବୁଠୁ ବଡ଼ ଉପହାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ଆସନ୍ତା ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଚାରା ଲାଗିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସର୍ବଶ୍ରେଷ୍ଠ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତାକରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ୨ୟ ସଂସ୍କରଣରେ ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମକରି ୬.୭୨ କୋଟି ଚାରା ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଚାରା ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା' ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଚାରା ଲାଗିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଙ୍ଗଲ ଏବଂ କୃଷି ସମେତ ବିଭିନ୍ନ ସରକାରୀ ବିଭାଗ, ପିଏସ୍‌ୟୁ, ଏନ୍‌ଜିଓ, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାରପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଛନ୍ତି। ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଚାରାରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଏକ୍ ପେଡ୍ ମା କେ ନାମ୍-୨.୦

# ଚଳିତବର୍ଷ ୪୦ ହଜାର ନିଯୁକ୍ତି ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ରାଜ୍ୟରେ ଚଳିତବର୍ଷ ୪୦ ହଜାର ସରକାରୀ ଚାକିରି ପୂରଣ କରିବା ପାଇଁ ଲକ୍ଷ୍ୟ ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'X' ପୋଷ୍ଟରେ ସୂଚନା ଦେଇଛନ୍ତି। ଭାଜପା ସରକାର ପ୍ରଥମବର୍ଷରେ ୨୮ ହଜାର ଚାକିରି ପ୍ରଦାନ କରିଛନ୍ତି। ଦ୍ୱିତୀୟବର୍ଷରେ ଏହି ସଂଖ୍ୟା ୪୦ ହଜାର ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଡେଲିଭରି ବୟଙ୍କ ପାଇଁ ଆସିବ ମାର୍ଗଦର୍ଶିକା

ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଡେଲିଭରି ବୟଙ୍କ ପାଇଁ ମାର୍ଗଦର୍ଶିକା ଆସିବ। ଶୀଘ୍ର ପାର୍ସଲ ପହଞ୍ଚାଇବା ପାଇଁ ଡେଲିଭରି ବୟ ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଅନେକ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି। ଦ୍ରୁତଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ହାର ବଢ଼ୁଥିବାରୁ ରାଜ୍ୟ ପରିବହନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଗ୍ରାହକଙ୍କୁ ଖୁସି କରାଇବା ପାଇଁ ହୋମ୍ ଡେଲିଭରି କରୁଥିବା ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଯାତାୟାତ ସମୟକୁ ନିର୍ଦ୍ଧାରିତ ନ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ସଚେତନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ୫ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ଦେଲେ ସରକାର

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ବଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଅତିରିକ୍ତଭାବେ ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରି କର୍ପୋରେଶନର ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିଭଳି ତାଙ୍କୁ ଓଡ଼ିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେଶନର ଏମ୍‌ଡିଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏଡିଏମ୍ ଥିବା ଧୀନା ଦସ୍ତାଗେଙ୍କୁ ଅତିରିକ୍ତଭାବେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର, ରାଉରକେଲା ସ୍ମାର୍ଟ ସିଟି ସିଇଓ ଏବଂ ରାଉରକୋଲା ଡେଭଲପମେଣ୍ଟ ଅଥରିଟି ସେକ୍ରେଟାରିଭାବେ ଦାୟିତ୍ୱ ମିଳିଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ରେହାନ ଖାତ୍ରୀଙ୍କୁ ଅତିରିକ୍ତଭାବେ ସମ୍ବଲପୁର ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କଟକ ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ କିରଣଦୀପ୍ କୌର ସହୋଟାଙ୍କୁ ଅତିରିକ୍ତଭାବେ କଟକ ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଥିବା ୨୦୨୧ ବ୍ୟାଚ୍‌ର ପ୍ରଥମେଶ ଅରବିନ୍ଦ୍ ରାଜେଶହିର୍‌କେଙ୍କୁ ଅତିରିକ୍ତଭାବେ ବ୍ରହ୍ମପୁର ଡେଭେଲପମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କ ଦସ୍ତଖତରେ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଚାଷୀ ପଞ୍ଜୀକରଣରେ ଅସୁବିଧା ଥିଲେ ଫୋନ୍ କର: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)

ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି। ବର୍ତ୍ତମାନ ଯାଏ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି। ଗତବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଗତବର୍ଷ ପଞ୍ଜୀକରଣ ଜୁଲାଇ ୧୫ରୁ ଆରମ୍ଭ ହୋଇଥିଲ। ଏଥର ୪ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେଶନ ଫର୍ମରେ ଦସ୍ତଖତ କରିବେ। ଯାହା ନାଁରେ ରେକର୍ଡ ଯଥା ବାପା କିମ୍ବା ଭାଇଙ୍କ ନାଁରେ ରେକର୍ଡ ଥିଲେ କେବଳ ଲେଖି କରି ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଛି। କୌଣସି ଅସୁବିଧା ଥିଲେ ଦିଆଯାଇଥିବା ଟେଲିଫୋନ ନମ୍ବରରେ ଫୋନ କରନ୍ତୁ ବୋଲି ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଚାଉଳ ପ୍ରସଙ୍ଗରେ ମନ୍ତ୍ରୀ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲି। ସେ ଚାଉଳ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି, ଏଯାଏ କିଛି ଅର୍ଡର ଆସି ନାହିଁ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ତାହାର ସମାଧାନ ହେବ। ଖରିଫ ପାଇଁ ଏବେ ପଞ୍ଜୀକରଣ ହେଉଛି। ଗତବର୍ଷ ୭୩ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏବର୍ଷ ଆଉଟିକେ ଅଧିକ ସଂଗ୍ରହ ହେବ। ଇ-କେୱାଇସିରେ ଅନେକ ଅଯୋଗ୍ୟ ଚାଷୀ ଧରାପଡ଼ିଲେଣି। ସେଥିରୁ ମଧ୍ୟ ଚାଷୀ ସଂଖ୍ୟା କମିପାରେ। ଚାଷ ଯେଉଁ ଜାଗାରେ ହେଉ ନ ଥିଲା ସେଠାରେ ମଧ୍ୟ ଏଥର ଚାଷ ହୋଇଛି। ନିଶ୍ଚୟ ଧାନ ଏବଂ ଚାଉଳ ଉତ୍ପାଦନ ବଢ଼ିବ। ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ଉତ୍ପାଦନ ହେବ ଆମେ ନେବୁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।










> ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। **–ଶ୍ରୀମା**



# ଏଆଇ ବନ୍ଧୁ ନୁହେଁ



ପିଟର ଜି. କିର୍ଚ୍ଚ୍ଲାଗର

ପିଲାଙ୍କ ସମେତ ସମସ୍ତେ ଏଆଇ ସହ ବନ୍ଧୁ କିମ୍ବା ସାଥୀ ହେବା ଉଚିତ ବୋଲି ମେଟା ସିଇଓ ମାର୍କ ଜୁକରବର୍ଗ ଏବଂ ଓପନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସାମ୍ ଅଲଟମ୍ୟାନ୍ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ସମୟରେ ଆମକୁ ଆମ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସହଯୋଗ କରିବା, ନିୟମିତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିର୍ଦ୍ଧାରଣରେ ମାର୍ଗଦର୍ଶନ କରିବା ସକାଶେ ଅନ୍ତଃରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ 'ଏଆଇ ଏଜେଣ୍ଟସ୍'(ଏଆଇ ସଫ୍ଟୱେର) ଡିଜାଇନ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବାସ୍ତବରେ ଏଆଇ ସିଷ୍ଟମ୍ ଆମର ଏବେ ବନ୍ଧୁ, ସାଥୀ କିମ୍ବା ପ୍ରତିନିଧି ହୋଇନାହିଁ କି ଭବିଷ୍ୟତରେ କେବେ ବି ହୋଇପାରିବ ନାହିଁ। ଆମେ ବିଶ୍ୱାସ କରିବା ଉଚିତ, ସେଗୁଡ଼ିକ ସବୁବେଳେ ମେଶିନ ହୋଇ ରହିବେ। ସେଥିରୁ ଭିନ୍ନ କିଛି ଫଳାଫଳ ମିଳିବ ବୋଲି ଦର୍ଶାଯାଇ ଯେଭଳି ଭୁଲ୍ ପ୍ରଚାର କରାଯାଉଛି ତାହା ବିରୋଧରେ ସ୍ୱର ଉଠାଇବା ଦରକାର।

'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ବଡ଼ ଭ୍ରମାତ୍ମକ ଶବ୍ଦ। ଏହି ସିଷ୍ଟମ ପ୍ରକୃତରେ ବୁଦ୍ଧିସମ୍ପନ୍ନ ନୁହେଁ। ଏବେ ଆମେ ଯାହାକୁ ଏଆଇ ବୋଲି କହୁଛୁ ସେସବୁ କେବଳ ଯାନ୍ତ୍ରିକ ଉପକରଣ ସମୂହ ଏବଂ ନିର୍ଦ୍ଦିଷ୍ଟ ଭାବେ ମସ୍ତିଷ୍କ କରୁଥିବା କେତେକ କାର୍ଯ୍ୟର ନକଲ କରିଥାଏ। ସେସବୁ ବାସ୍ତବ ଜ୍ଞାନ ପାଇଁ ସକ୍ଷମ ନୁହନ୍ତି। ସେଗୁଡ଼ିକ କେବଳ ତଥ୍ୟ ଉପରେ ଆଧାରିତ ଓ ବ୍ୟକ୍ତିଗତ ଭାବନ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ; ସ୍ୱଚ୍ଛ କିମ୍ବା ନିଷ୍ପକ୍ଷ ମଧ୍ୟ ନୁହନ୍ତି। ଏଆଇ ସିଷ୍ଟମ ଚାଟଜିପିଟି ଦ୍ୱାରା ସୃଷ୍ଟ ତଥ୍ୟ ଉପରେ ଅଧିକ ନିର୍ଭର କରୁଛି। ଏହାକୁ ଯାହା ତଥ୍ୟ ଯୋଗାଇ ଦିଆଯିବ ସେହି ଅନୁସାରେ ସେଥିରୁ ଫଳାଫଳ ମିଳିବ। ପ୍ରକୃତ କଥା ହେଉଛି, ବୁଦ୍ଧିମତ୍ତା କହିଲେ କେବଳ କାମ କରିବାକୁ ବୁଝାଏ ନାହିଁ, ବରଂ କାମଗୁଡ଼ିକ ବିଷୟରେ ଚିନ୍ତା କରି ସେସବୁ କିଭଳି କରାଯାଇପାରିବ ତାହା ହେଉଛି ବୁଦ୍ଧିମତ୍ତା। ପ୍ରଯୁକ୍ତିଗତ ଦକ୍ଷତା ଥିବା ସତ୍ତ୍ୱେ ଏଆଇ ମଡେଲଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ବୃହତ୍ ଡେଟାସେଟ ପ୍ରୋସେସିଂ, ଯୁକ୍ତିଯୁକ୍ତ ନିଷ୍ପତ୍ତିରେ ପହଞ୍ଚିବା ଏବଂ ଆକଳନ କରିବାରେ ସୀମିତ ହୋଇ ରହିଥାନ୍ତି।

ସାମାଜିକ ସ୍ତରରେ ବ୍ୟକ୍ତିଗତ ସମ୍ପର୍କକୁ ଭଲ ଭାବେ ବୁଝିବାର କ୍ଷମତା ବିଷୟକୁ ଦେଖିଲେ ଏଆଇ ମେଶିନଗୁଡ଼ିକ ଭାବନା, କଥାବାର୍ତ୍ତା ଓ ସମ୍ପର୍କର ବାସ୍ତବତାକୁ କେବଳ ଅନୁସରଣ କରିପାରେ। ଉଦାହରଣ ସ୍ୱରୂପ, ଯେତେବେଳେ ରୋଗୀ କାନ୍ଦେ, ସେତେବେଳେ ହିଁ ଏକ ମେଡିକାଲ ରୋବୋ କାନ୍ଦେ। ସେହି ଅନୁସାରେ ତାହାକୁ ଡିଜାଇନ କରାଯାଇପାରେ। ଏଣୁ କେହି ବି ଯୁକ୍ତି କରିପାରିବେ ନାହିଁ, ଏହା ବାସ୍ତବରେ ଦୁଃଖ ଅନୁଭବ କରିପାରେ। ରୋଗୀଙ୍କୁ ଚାପୁଡ଼ା ମାରିବାକୁ ସେହି



ସମାନ ରୋବୋକୁ ମଧ୍ୟ ଡିଜାଇନ କରାଯାଇପାରେ ଓ ତାହା ଠିକ୍ ଭାବେ ନିର୍ଦ୍ଦେଶ ପାଳନ କରିବ ଏବଂ ଏଥିରେ ତାହାର ନିଜସ୍ୱ ବିଚାର କି ବାସ୍ତବିକତା ନ ଥାଏ । ମେଶିନ ଯତ୍ନ ନିଏ ନାହିଁ, ଏହା କେବଳ ନିର୍ଦ୍ଦେଶକୁ ଅନୁସରଣ କରେ। ଏଆଇ ସିଷ୍ଟମ ଯେତେ ବିକଶିତ ହେଉନା କାହିଁକି ସେଥିରେ କୌଣସି ବଡ଼ ପରିବର୍ତ୍ତନ ଆସିବାର ନାହିଁ। ସିଧା କହିବାକୁ ଗଲେ ମେଶିନର କୌଣସି ନୈତିକ କ୍ଷମତା ନାହିଁ। ମଣିଷ ସୃଷ୍ଟି କରିଥିବା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକ ବ୍ୟବହାର କରିଥାନ୍ତି। ଅନ୍ୟପଟେ ସ୍ୱୟଂଚାଳିତ ନୈତିକତା ଏବଂ ନୈତିକ ମାନଦଣ୍ଡ ଅନୁସାରେ ମଣିଷର ବ୍ୟବହାର କରିବାର କ୍ଷମତା ରହିଛି। କିନ୍ତୁ କୌଣସି ସ୍ଥିତିରେ ତଥ୍ୟ ଉପରେ ନିର୍ଭର କରି ସଫ୍ଟୱେର ମାଧ୍ୟମରେ କାମ କରିବା ସକାଶେ ଏଆଇ ସିଷ୍ଟମଗୁଡ଼ିକୁ ଡିଜାଇନ କରାଯାଏ। ସେସବୁ ସେଲ୍ଫ ଲର୍ନିଂ ବା ସ୍ୱଶିକ୍ଷଣ ମାଧ୍ୟମରେ ବ୍ୟବହାର ବଦଳାଇପାରେ, କିନ୍ତୁ ନେଉଥିବା ନିଷ୍ପତ୍ତିର କୌଣସି ଅନ୍ତର୍ନିହିତ ନୈତିକ ମୂଲ୍ୟ ନ ଥାଏ। ସ୍ୱୟଂଚାଳିତ କାର୍ କଥା ଦେଖାଯାଉ। ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନରେ ଠିକ୍ ସମୟରେ ଶୀଘ୍ର ପହଞ୍ଚିବା ପାଇଁ ଏକ ସ୍ୱୟଂଚାଳିତ କାର୍‌ରେ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସିଷ୍ଟମର ବିକାଶ କରାଯାଇଛି। ଯଦି କାରକୁ ଠିକ୍ ଭାବେ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ତାହା ପଥଚାରୀ ଉପରେ ମାଡ଼ିଯିବ, କାରଣ ଏହା ଲୋକଙ୍କର କ୍ଷତି କରିବାର ନୈତିକ ଦିଗକୁ ବିଚାର କରିପାରେ ନାହିଁ। ଏମିତି ଘଟିବାର କାରଣ ହେଉଛି, ନୈତିକ କାର୍ଯ୍ୟର ସିଦ୍ଧାନ୍ତକୁ କେଉଁ ପରିସ୍ଥିତିରେ ଲାଗୁ କରାଯିବ ତାହା ଗ୍ରହଣ କରିବା ପାଇଁ ମେଶିନ ଅକ୍ଷମ। ନୈତିକ ବିଚାର ସାଧାରଣତଃ ଅନ୍ୟମାନେ ଗ୍ରହଣ କରିପାରୁଥିବା ଏକ ଯୁକ୍ତିଯୁକ୍ତ ତଥା ବିଶ୍ୱସନୀୟ ସିଦ୍ଧାନ୍ତ ଯୋଗାଇ ଦେବାର ଦକ୍ଷତା ଉପରେ ନିର୍ଭର କରେ। କେଉଁ କାମ ନୈତିକତା ଦୃଷ୍ଟିରୁ ଭଲ କିମ୍ବା ମନ୍ଦ, ତାହା ଆକଳନ କରିବାର କ୍ଷମତା ମଣିଷର ଅଛି, କିନ୍ତୁ ତାହା ମେଶିନ ଦ୍ୱାରା ସମ୍ଭବ ନୁହେଁ।

ଏଣୁ ଡେଟା ବେସ୍‌ଡ ସିଷ୍ଟମ ବା ତଥ୍ୟ ଆଧାରିତ ସିଷ୍ଟମ (ଡିଏସ୍)ଏଆଇଠାରୁ ଅଧିକ ଉପଯୁକ୍ତ। କାରଣ, ଆକଳନ ଓ ଅନୁଧ୍ୟାନ କରିବା ପାଇଁ ଏଆଇର ଡେଟା ସୃଷ୍ଟି, ସଂଗ୍ରହ, ପ୍ରକ୍ରିୟା ତଥା ମୂଲ୍ୟାୟନ ଭଳି କାମକୁ ଏହା ଦର୍ଶାଇପାରେ। ଏହା ମଧ୍ୟ ଏବକାର ବିକଶିତ ପ୍ରଯୁକ୍ତିର ଶକ୍ତି ଓ ସୀମା ସମ୍ପର୍କରେ ସୂଚିତ କରେ। ସେଗୁଡ଼ିକର କେନ୍ଦ୍ରରେ ଥିବା ଅନେକ ସିଷ୍ଟମରେ ବ୍ୟାପକ ତଥ୍ୟ ଅନୁଧ୍ୟାନ କରିବା ପାଇଁ ଅତ୍ୟନ୍ତ ଉନ୍ନତ ଗାଣିତିକ ପଦ୍ଧତି ଅଛି। ଡିଏସ୍ କ'ଣ କରୁଛି କିମ୍ବା ତା'ଚାରିପାଖରେ କ'ଣ ଘଟୁଛି ସେ ସମ୍ପର୍କରେ ତାହାର କୌଣସି ଜ୍ଞାନ ନ ଥାଏ। ଏହା କହିବାର ମାନେ ଏହା ନୁହେଁ ଯେ, ଡିଏସ୍ ମାନବ ସମାଜ କିମ୍ବା ପୃଥିବୀର ଉପକାର କରିପାରିବ ନାହିଁ। ଯେଉଁ କ୍ଷେତ୍ରରେ ତାହାର କ୍ଷମତା ଆମଠାରୁ ଅଧିକ ସେହି କ୍ଷତ୍ରରେ ଆମେ ସେଗୁଡ଼ିକ ଉପରେ ଭରସା କରିପାରିବା ଏବଂ ଏହା କରିବା ଉଚିତ ମଧ୍ୟ । କିନ୍ତୁ ସେସବୁ ସାମ୍ନାକୁ ଆଣୁଥିବା ନୈତିକ ବିପଦଗୁଡ଼ିକୁ ଆମେ ନିୟନ୍ତ୍ରଣ ଓ ହ୍ରାସ କରିବା ପାଇଁ ସକ୍ରିୟତା ପ୍ରକାଶ କରିବା ଉଚିତ। ମାନବ ଅଧିକାର ଆଧାରିତ ଡିଏସ୍ ବିକାଶ କରିବା ଦରକାର। ଜାତିସଂଘରେ ଏକ ଅନ୍ତର୍ଜାତୀୟ ତଥ୍ୟ ଆଧାରିତ ସିଷ୍ଟମ ଏଜେନ୍ସି ଗଠନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ ହେବ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଆମକୁ ଅଲଗା କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ଆମ ସମାଜଗୁଡ଼ିକୁ ବିଭାଜିତ କରିଦେଇଛନ୍ତି। ଆସକ୍ତଗତ ତଥା କ୍ଷତିକାରକ ଗୁଣକୁ ଦେଖିଲେ ଏହାକୁ ସମାଜ ବିରୋଧୀ ମିଡିଆ କହିବା ଅଧିକ ପ୍ରାସଙ୍ଗିକ ହେବ। ଏବେ ସେହିସବୁ କମ୍ପାନୀଗୁଡ଼ିକ ଏଆଇକୁ ବନ୍ଧୁ ଓ ସାଥୀ କହିଚାଲିଛନ୍ତି। ତା' ସହ ମଣିଷର ସମ୍ପର୍କ ପ୍ରତିଷ୍ଠା କରିବା ଦରକାର ବୋଲି କହି ଏକ ନୂଆ ରଢ଼ିବାଦୀ କଥାକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ଏହି ସମୟରେ ଏହିସବୁ କମ୍ପାନୀ ଲଗାତର ତଥାକଥିତ 'ବ୍ଲାକ ବକ୍ସ ପ୍ରୋବ୍ଲେମ' ଅର୍ଥାତ୍ ଅପ୍ରତ୍ୟାଶିତତା, ଅପାରଦର୍ଶିତା ତଥା ଗାଣିତିକ ପ୍ରକ୍ରିୟାରେ ଆକଳନ, ନିଷ୍ପତ୍ତିରେ ସ୍ୱଚ୍ଛତାର ଅଭାବ ତଥା ପକ୍ଷପାତିତା ଭଳି ସମସ୍ୟାକୁ ଅଣଦେଖା କରି ଆସୁଛନ୍ତି। ଦେଖିବାକୁ ଗଲେ ଡିଏସ୍ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ଆମକୁ ପ୍ରଭାବିତ କରୁଥିବା ଅତ୍ୟଧିକ କ୍ଷତିକାରକ ଧାରାରୁ ଆମ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ନେଇ ସାରିଲାଣି। ତଥାପି ଡିଏସ୍ ସିଷ୍ଟମଗୁଡ଼ିକ ଆମ ନିଷ୍ପତ୍ତିକୁ ମାର୍ଗଦର୍ଶନ କରୁ ବୋଲି ଟେକ୍ ସିଇଓମାନେ ଚାହୁଁଛନ୍ତି। ଆମର ତଥା ଆମ ପରପିଢ଼ିର ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବାକୁ ଆମେ ମେଶିନ୍‌ର ଛଦ୍ମ ଆଚରଣକୁ ଅନୁମତି ଦେବା ଉଚିତ ନୁହେଁ।

**ଏଥିକ୍ସ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଏଥିକ୍ସ(ଲୁସର୍ନ ୟୁନିଭର୍ସିଟି, ସୁଇଜରଲାଣ୍ଡ)**

# ମରିବାକୁ ନୁହେଁ ଜନ୍ମ ମୋର



ମୀରା ବେଉରା

ଜଣେ ନାରୀ ସ୍ୱାବଲମ୍ବୀ ହେଲେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇଥାଏ। କିନ୍ତୁ ଦେଖାଯାଉଛି , ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ିରହିଛି। ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି। ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଅଛି ଓଡ଼ିଶା। ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ। ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି। ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ, ଦ୍ୱିତୀୟ ସ୍ଥାନରେ ଆସାମ ଓ ତୃତୀୟ ସ୍ଥାନରେ ଅଛି ମଧ୍ୟପ୍ରଦେଶ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପରେ ସମସ୍ତଙ୍କ ନିଦ ହଜିଯାଇଛି। କେବଳ ସୌମ୍ୟାଶ୍ରୀ ନୁହନ୍ତି ଏହା ପୂର୍ବରୁ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି। ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝି ଯୁଝି ଟଳିପଡ଼ୁଛି। ଗୁହାରି କରିବା କାହାକୁ ? ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ। ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହା ଦ୍ୱାରା ଏଭଳି ଘଟଣା ଆହୁରି ତୀବ୍ର ହେବାରେ ଲାଗିଛି।

ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦାର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ଛଡ଼ାଇ ନେଉଛେ, ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ। ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ। ଏହା କ'ଣ ନ୍ୟାୟ ବ୍ୟବସ୍ଥା ? ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନ କରୁ। କଥା ହେଉଛି ଝିଅଟି ବଞ୍ଚିଥିବା ବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ। ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲା ବଲଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ଯଦି ନୀରବ ରହିବା ତେବେ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ। କେବଳ ସୌମ୍ୟାଶ୍ରୀ ନୁହନ୍ତି କି ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନୁହନ୍ତି, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପରି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ।

ଏବେ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଛାତ୍ରୀମାନଙ୍କ ଆତ୍ମସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। କେବଳ ଯୋଜନା କିମ୍ବା ଆଇନ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ। ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ। ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ କନ୍ୟାରତ୍ନ ସ୍ୱାଭିମାନ, ଆତ୍ମମର୍ଯ୍ୟାଦା ତଥା ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ ସେହିଦିନ ଦାବି କରିବା ଆମେ ଏ ଭାରତବର୍ଷର ଉପଯୁକ୍ତ ଦାୟାଦ।

**ରଘୁନାଥଜୀଉ ମହାବିଦ୍ୟାଳୟ,**
**ଦେଉଳସାହି, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ଜଳ ସଂରକ୍ଷଣ ଏବେ ଦେଶ ପାଇଁ ଅପରିହାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ଯେଉଁ କେତେ ଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ରାମବୀର ତନୱାର ଅନ୍ୟତମ। ରାମବୀରଙ୍କ ଜନ୍ମ ଉତ୍ତରପ୍ରଦେଶର ଡଧା ଗାଁରେ। ସେ ଦିଲ୍ଲୀରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ କର୍ପୋରେଟ ସେକ୍ଟରରେ କାମ କରୁଥିଲେ। ହେଲେ ୨୦୧୪ରେ ତାକୁ ଛାଡ଼ି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏଥିପାଇଁ ୨୦୧୬ରେ ସେ 'ଜଳ ଚୌପାଲ' ଅଭିଯାନ ଚଳାଇଛନ୍ତି। ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର କିମ୍ବା ଗାଁର ଲୋକମାନଙ୍କୁ କାମରେ ଲଗାଇ ରୋଜଗାର ସୃଷ୍ଟି କରୁଛନ୍ତି। ଏବେସୁଦ୍ଧା ଦିଲ୍ଲୀ ଏନ୍‌ସିଆର ଆଖପାଖ ଅଞ୍ଚଳରେ ୨୦ଟି ଜଳାଶୟ ପୁନରୁଦ୍ଧାର କରିସାରିଲେଣି। ସାରା ଦେଶରେ ମଧ୍ୟ ସେ ଏହି ଅଭିଯାନ ଚଳାଇ ମୋଟ ୮୦ଟି ଜଳାଶୟର ପୁନରୁଦ୍ଧାର ଶେଷ କରିସାରିଛନ୍ତି। ଜଳାଶୟ ପୁନରୁଦ୍ଧାର ପରେ ସେହି ଗାଁଗୁଡ଼ିକର ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ଏହାସହ କୃଷକମାନେ ମଧ୍ୟ ସେହି ପାଣି ବ୍ୟବହାର କରି ଚାଷ କରି ଲାଭବାନ୍ ହୋଇପାରୁଛନ୍ତି। ଅନେକ ପୁଷ୍କରିଣୀରେ ଗୋଷ୍ଠୀଭିତ୍ତିକ ମାଛଚାଷ ମଧ୍ୟ କରାଯାଉଛି। ଏହି କାର୍ଯ୍ୟ ପାଇଁ ତନୱାରଙ୍କୁ ଲୋକେ ପଣ୍ଡ ମ୍ୟାନ ବା 'ପୁଷ୍କରିଣୀ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଅଗଷ୍ଟ ୧୯୭୬**

- କଳା ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ କଳାକାରମାନଙ୍କୁ ପେନସନ୍ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି।
- ଅଲିମ୍ପିକ୍ସ ଇତିହାସରେ ଏକ ନୂତନ ବିସ୍ମୟ ସୃଷ୍ଟି କରି ନିଉଜିଲାଣ୍ଡ ପ୍ରଥମ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ବିଜେତା ହେବାର ସୌଭାଗ୍ୟ ଲାଭ କରିଛି।
- ମହାକାଶ ଗବେଷଣା ଚାଲୁରଖିବା ପାଇଁ ସୋଭିଏତ ୟୁନିୟନ ପୁଣି ଏକ କସମସ–୮୪୬ ନାମକ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 5 | 2 | 8 |
| 5 | | | 3 | 2 | | 1 | | 6 |
| | | | | | 1 | | 7 | |
| | | | | 3 | 9 | | | 5 |
| | | | | | | | 9 | |
| | | 6 | | | | | | |
| | 8 | 2 | | 4 | | | | |
| 1 | | | | 5 | | | | |
| | | 7 | | | | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 5 | 3 | 4 | 7 | 6 | 1 |
| 1 | 3 | 4 | 7 | 9 | 6 | 8 | 2 | 5 |
| 7 | 5 | 6 | 8 | 1 | 2 | 4 | 3 | 9 |
| 6 | 8 | 7 | 1 | 2 | 9 | 5 | 4 | 3 |
| 4 | 1 | 2 | 6 | 5 | 3 | 9 | 7 | 8 |
| 5 | 9 | 3 | 4 | 8 | 7 | 6 | 1 | 2 |
| 3 | 7 | 1 | 9 | 4 | 5 | 2 | 8 | 6 |
| 2 | 6 | 9 | 3 | 7 | 8 | 1 | 5 | 4 |
| 8 | 4 | 5 | 2 | 6 | 1 | 3 | 9 | 7 |

ଗତକାଲିର ଉତ୍ତର

# କର୍ତ୍ତବ୍ୟ କର୍ମର ଗୁରୁତ୍ୱ



ଡ. ନିରଞ୍ଜନ ସାହୁ

ଉତ୍କଳମଣି ଗୋପବନ୍ଧୁଙ୍କ କବିତାଂଶ 'କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ' ସଂସ୍ପର୍ଶରେ ଆସିଥିବେ ବିଶାଳ ଓଡ଼ିଆ ପାଠକଶ୍ରେଣୀ। ସେମାନଙ୍କର ହୁଏତ ଧାରଣା ହୋଇଥିବ ଜୀବନର ପରିଭାଷାକୁ ସଂକ୍ଷିପ୍ତ ଭାବରେ ବୁଝାଉଥିବା କଥା ଆଉ କିଛି ନ ଥାଇପାରେ। ମଣିଷ ଅନେକ କିଛି ଭାବିପାରେ ମାତ୍ର କେବଳ କର୍ମଦ୍ୱାରା ତା'ର ପ୍ରକୃତ ପରିଚିତି ମିଳେ।

କର୍ମକୁ ବିଭିନ୍ନ ଧର୍ମ ଧାରଣାରେ ଗୁରୁତ୍ୱ ଦିଆହୋଇଛି – ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେପରି କର୍ମ ସେପରି ଫଳ। ଶ୍ରୀମଦ୍ ଭଗବତ ଗୀତାରେ କର୍ମର ଯେପରି ବିଶଦ୍ ବ୍ୟାଖ୍ୟା କରାଯାଇଛି ଅନ୍ୟ କୌଣସିଠାରେ ସେପରି ତାତ୍ତ୍ୱିକ ବିଶ୍ଳେଷଣ ଉପଲବ୍ଧ ହୁଏନାହିଁ।

ଶ୍ରୀମଦ୍ ଭଗବଦ୍ ଗୀତାରେ ଅଠର ଗୋଟି ଅଧ୍ୟାୟ ରହିଛି ଏବଂ ତନ୍ମଧ୍ୟରୁ ତୃତୀୟ ଅଧ୍ୟାୟକୁ କର୍ମଯୋଗ ଭାବରେ ନାମିତ କରାଯାଇଛି– ତେଣୁ ଅନେକଙ୍କର ଧାରଣା ହୋଇପାରେ କେବଳ ସେଇ ଅଧ୍ୟାୟରେ କର୍ମ ବିଷୟରେ ଅବତାରଣା କରାଯାଇଛି ବୋଲି। ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ। ସମଗ୍ର ଗୀତାରେ କର୍ମ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା ରହିଛି। ସବୁଠାରୁ ବେଶି କୌତୂହଳପୂର୍ଣ୍ଣ କଥା ହେଲା 'କର୍ମ' ସଂକ୍ରାନ୍ତରେ ସର୍ବବହୁଳ ଆଲୋଚିତ ଶ୍ଳୋକଟି:

'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୁର୍ମା ତେ ସଙ୍ଗୋସ୍ତ୍ୱ କର୍ମଣି'

ଏବଂ ଏହି ଶ୍ଳୋକଟି ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)ର ସତଚାଳିଶତମ ଶ୍ଳୋକ ଭାବରେ ଖ୍ୟାତ। ଯେଉଁମାନେ ଗୀତା ଅଧ୍ୟୟନ କରିବାକୁ ଆରମ୍ଭ କରନ୍ତି ସେମାନେ ଏଇ ଶ୍ଳୋକ ପାଖରେ ଝୁଣ୍ଟିପଡ଼ନ୍ତି। ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ଏଇ ପରାମର୍ଶ ହଜମ ହୁଏନି, ଅବାସ୍ତବ ଅନୁଭୂତ ହୁଏ, ଦ୍ୱନ୍ଦ୍ୱ ହୁଏ ପ୍ରଖର : ସତରେ କ'ଣ ଏହା ସମ୍ଭବ ଓ ଗ୍ରହଣଯୋଗ୍ୟ ? ଏହି ଶ୍ଳୋକର ସାଧାରଣ ଅର୍ଥ ହେଲା ଏମିତି – ଅର୍ଜୁନ, କର୍ମ କରିବାରେ ତୁମର ଅଧିକାର ଅଛି ମାତ୍ର କର୍ମଫଳରେ ନାହିଁ – ତେଣୁ ତୁମେ କର୍ମଫଳ କଥା ଚିନ୍ତା ନ କରି କର୍ମ କରି ଚାଲ।

ପ୍ରତ୍ୟେକ ଅନୁସନ୍ଧିତ୍ସୁ ଭାବନ୍ତି ଏହା କିପରି କଥା – ପିଲାଟିଏ ପାଠ ପଢ଼ୁଛି କାରଣ ତା'ର ଆଶା ଅଛି ଯେ ସେ ପରୀକ୍ଷାରେ ପାସ୍ କରିବ। କୃଷକଟିଏ ଚାଷ କର୍ମରେ ନିଜକୁ ନିୟୋଜିତ କରୁଛି କାରଣ ତା'ର ଅଲକ୍ଷ୍ୟରେ ଏକ ସ୍ୱପ୍ନ ରହିଛି ଯେ ସେଥିରୁ ଦିନେ ଫସଲ ପାଇବ। ବ୍ୟବସାୟୀଟିଏ ନିଜର ବ୍ୟବସାୟ କଲାବେଳେ ତା' ଭିତରେ ଗୋଟିଏ ଭାବନା ରହୁଛି ଯେ ସେ ସେଥିରୁ ଦୁଇପଇସା ମୁନାଫା କମେଇବ। ସାରା ସଂସାରରେ ଏଇଭଳି ଚଳନ୍ତି ଧାରଣାଟିଏ ବଦ୍ଧମୂଳ ହୋଇ ରହିଛି ସମସ୍ତଙ୍କଠାରେ।

ଅର୍ଜୁନ ଯେହେତୁ ଯୁଦ୍ଧ କର୍ମରେ ପ୍ରବୃତ୍ତ ହେବାକୁ ଚାହୁଁ ନ ଥିଲେ ତେଣୁ ଯୁଦ୍ଧର ଫଳ କେତେ ଭୟଙ୍କର ହୋଇପାରେ, ସେଥିରେ ନିଜର ପରିବାରର ଅନ୍ତରଙ୍ଗ ଭାଇବନ୍ଧୁଙ୍କୁ କିପରି ହରେଇବାକୁ ପଡ଼ିପାରେ ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିକୁ କିପରି ସାମ୍ନା କରିବାକୁ ପଡ଼ିପାରେ ତାହା ସେ ବିଶଦ୍ ଭାବରେ ଶ୍ରୀକୃଷ୍ଣଙ୍କୁ କହିଥିଲେ। ସାଧାରଣ ଭାବରେ ବିଶ୍ୱାସ ରହିଛି କର୍ମର ଅନୁରୂପ ଫଳ ମିଳେ। ମାତ୍ର ଏଇ ବିଶ୍ୱାସ ବଳରେ ଆମେ କର୍ମ ଓ କର୍ମଫଳ ଉଭୟକୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷତ୍ୱ ହେଲା ସେ କର୍ମର ଯେଉଁ ଉପପାଦ୍ୟ ପ୍ରତିବେଦନ କରିଛନ୍ତି ତାହା ସ୍ପଷ୍ଟ ଓ



ଆଗରୁ କେହି କେବେ କହି ନ ଥିଲେ। ସାଧାରଣ ଧାରଣା ହେଲା ସତ୍ କର୍ମର ଫଳ ଉତ୍ତମ – ଏହାକୁ କର୍ମ କୁହାଯାଏ ଏବଂ ଅସତ୍ କର୍ମର ଫଳ ବିଷମ – ଯାହାକୁ ହୁଏତ ଅକର୍ମ କୁହାଯାଉଥିବ। ମାତ୍ର ନା – ବାସ୍ତବରେ ଯାହା ଶାସ୍ତ୍ର ସମ୍ମତ କର୍ମ ତାହା ହିଁ କର୍ତ୍ତବ୍ୟ କର୍ମ ଏବଂ କର୍ମ କରିବାକୁ ନିଷେଧ କରାଯାଇଛି ତାକୁ 'ବିକର୍ମ' ବୋଲି କୁହାଯାଏ। ଯେତେବେଳେ ମଣିଷ ଅନୁଭବ କରିବ ଯେ ତା'ଠାରେ ଏପରି କିଛି ଶକ୍ତି ନାହିଁ ଯେ ସେ ହେଉଛି କର୍ମର କର୍ତ୍ତା। ସେତେବେଳେ ସେ ନିଷ୍କାମ କର୍ମରେ ନିବିଷ୍ଟ ହୁଏ ତାହାକୁ 'ଅକର୍ମ' କରୁଛି ବୋଲି ଧରିବାକୁ ହେବ। ସଂକ୍ଷେପରେ କହିବାକୁ ହେଲେ ଶାସ୍ତ୍ରସମ୍ମତ କାର୍ଯ୍ୟ ହେଲା 'କର୍ମ', ଶାସ୍ତ୍ର ବିରୋଧୀ କାର୍ଯ୍ୟ ହେଲା 'ବିକର୍ମ' ଏବଂ ଫଳ ଆଶା ନ ରଖି କର୍ମ କରିବା ହେଲା 'ଅକର୍ମ'। ଯିଏ ଏହାକୁ ଠିକ୍ ରୂପରେ ବୁଝିପାରନ୍ତି ସେ ଭ୍ରମରେ ପଡ଼ନ୍ତି ନାହିଁ ବୋଲି ଭଗବାନ କହୁଛନ୍ତି, ବହୁ ଆଲୋଚିତ ଏହି ଶ୍ଳୋକଟି ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି–

'କର୍ମଣୋହ୍ୟପି ବୋଦ୍ଧବ୍ୟଂ, ବୋଦ୍ଧବ୍ୟଂ ଚ
ବିକର୍ମଣ/ଅକର୍ମଣଶ୍ଚ ବୋଦ୍ଧବ୍ୟଂ, ଗହନା
କର୍ମଣୋ ଗତିଃ।'(ଚତୁର୍ଥ ଅଧ୍ୟାୟ–ଶ୍ଳୋକ ୧୭)

ଅନେକ ସମୟରେ ଆମେ ନିଜକୁ କର୍ମର କର୍ତ୍ତା ବୋଲି ଭାବନ୍ତି – ମାତ୍ର ଅନେକ କର୍ମ ଅଛି ଯାହା ଆପଣଙ୍କ କର୍ତ୍ତୃତ୍ୱରେ ନାହିଁ – ଯେପରି ଆପଣ ଚାହିଁଲେ କ'ଣ ଆପଣଙ୍କର ହୃତ୍‌କ୍ରିୟାକୁ ବନ୍ଦ କରିପାରିବେ କି? ଶରୀରରେ ଅନବରତ ବହୁ କ୍ରିୟା ସ୍ୱୟଂକ୍ରିୟ ଭାବରେ ଚାଲିଛି – ମାତ୍ର ସେସବୁକୁ ଆମେ ନିୟନ୍ତ୍ରଣ କରୁଛନ୍ତି ବୋଲି କହିପାରିବା କି? ଅନେକ ସମୟରେ ଆମ ଅଜାଣତରେ ଅହଂକାର ଆମର ସମଗ୍ର ବ୍ୟକ୍ତିତ୍ୱ ଉପରେ ରାଜୁତି କରେ, ତେଣୁ ଆମେ କହୁ ସବୁ ଜିନିଷ ଆମର ଆୟତ୍ତରେ ବା ଆମେ ଯାହା ଚାହିଁବୁ ତାହା କରିପାରିବୁ। ବିଜ୍ଞ ପାଠକମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ ପଚାରିବି – ଆପଣ କେବେ ଆମ ଶରୀରର ପଟାସିୟମ୍ ସୋଡିଅମ୍‌ର ଭାଗମାପ ଟିକିଏ ଏପାଖ ସେପାଖ ହୋଇଗଲେ ମଣିଷ କିପରି ଆଚରଣ କରେ ତାହା ଜାଣନ୍ତି? ସେତେବେଳେ ସେ ପାଗଳପ୍ରାୟ ଆଚରଣ କରିଥାଏ। ସାମାନ୍ୟ ଦୁଇଟି ଛୋଟ ଛୋଟ ଜୈବିକ ଅଣୁ ଆମ ଶରୀରରେ ଅସ୍ୱାଭାବିକ ପାଲଟିଲେ ଆମେ ସ୍ୱାଭାବିକ ଆଚରଣ କରିପାରୁ ନାହାନ୍ତି । ଏପରିସ୍ଥଳେ ସବୁ ଆମର ଚରଣାଶ୍ରିତ, ସମସ୍ତ କାର୍ଯ୍ୟ ଆମର ନିୟନ୍ତ୍ରଣାଧୀନ ବୋଲି ବାହୁସ୍ଫୋଟ ମାରିବା କେତେଦୂର ଗ୍ରହଣୀୟ ଆପଣମାନେ ଚିନ୍ତା କରନ୍ତୁ।

ଯେତେବେଳେ ଆମ ଭିତରେ ଦୃଢ଼ ଧାରଣା ହେବ କେବଳ କର୍ମ କରିବା ମୋର ଅଧିକାର ଓ ଦାୟିତ୍ୱ ଏବଂ ତାକୁ ନିଷ୍ଠାପର ଭାବରେ ସମ୍ପନ୍ନ କରିବାକୁ ମୋତେ କୁହାଯାଇଛି, ସେତେବେଳେ କର୍ମ ସମ୍ପାଦିତ ହୋଇଯିବ ଏବଂ ଯଦି ବି ଫଳାଫଳ ଆଶାନୁରୂପ ନ ହୁଏ ତା'ହେଲେ ମନରେ ବିରକ୍ତି ବା କ୍ରୋଧ ହେବନାହିଁ। ମଣିଷକୁ କର୍ମରୁ ନିସ୍ତାର ନାହିଁ। ଅର୍ଜୁନଙ୍କ ପରି ଯେଉଁମାନେ କର୍ମ ନ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ସେମାନେ ବୁଝିଯିବା ଦରକାର ଆମେ କର୍ମରେ ପ୍ରବୃତ୍ତ ହେବା ଦରକାର କାରଣ ତାହା ହିଁ ଆମର ଦାୟିତ୍ୱ। କର୍ମକୁ କର୍ମଫଳ ସହିତ ସଂଯୁକ୍ତ କଲେ ଆମ ଭିତରେ ଅହଂକାର ଆସିବ ଯେତେବେଳେ କର୍ମରେ ସୁଫଳ ମିଳିବ। ଯଦି ଅକୃତକାର୍ଯ୍ୟ ହେବ ତା'ହେଲେ ହତାଶା, କ୍ରୋଧ, ବିରକ୍ତି ସୃଷ୍ଟି ହେବ। ଉଭୟ ଯେହେତୁ ପରିତ୍ୟାର୍ଜ୍ୟ, ତେଣୁ କର୍ମରେ ପ୍ରବୃତ୍ତ ମଣିଷ ବେଳେବେଳେ ଅନୁଭବ କରିବ ଯେ ସେ ଅକର୍ମ ଅର୍ଥାତ୍ ଫଳାକାଂକ୍ଷୀ ନ ହୋଇ କର୍ମରେ ବିଶ୍ୱାସ କରୁଛି – ଯାହା ଫଳ ମିଳିବ ତାହା ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ସମାନ କାମ କରି ସବୁବେଳେ ସମାନ ଫଳ ମିଳୁ ନ ଥିବାର ଅନେକ ଉଦାହରଣ ଆମ ଆଗରେ ଅଛି। ସେମାନେ ଆମକୁ ବୁଝେଇ ଦେବେ ଯେ କର୍ମଫଳ ଆମର ଅଧୀନ ନୁହେଁ। ତେଣୁ ଫଳକାଂକ୍ଷା ରହିତ କର୍ତ୍ତବ୍ୟ କର୍ମରେ ନିୟୋଜିତ ହେବା ହିଁ ବାସ୍ତବ ବିଜ୍ଞତା।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**
**ମୋ:୯୪୩୮୪୮୨୯୧୧**

## ଚିରନ୍ତନୀ

ସ୍ପର୍ଶ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ ।
ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କ ଦୁଃଖ

ମହାଶୟ,

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷାଧିକ ବରିଷ୍ଠ ଓ ଅତିବରିଷ୍ଠ ପେନ୍‌ସନଭୋଗୀଙ୍କର ୨୦୨୧ ଜାନୁଆରୀଠାରୁ ୨୦୨୨ ଜୁନ୍ ଅଠର ମାସର କରୋନାକାଳୀନ ମହଙ୍ଗାଭତ୍ତା ମିଳିପାରିନାହିଁ। ସେଥିଯୋଗୁ ସେମାନେ ଦାରିଦ୍ର୍ୟର କଷାଘାତ ତଥା ଅନ୍ୟାନ୍ୟ କାରଣବଶତଃ ବାର୍ଦ୍ଧକ୍ୟ, ନିଃସଙ୍ଗତା ଏବଂ ଅସହାୟ ବୋଧତାର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କର ଏପରି ଦୁଃସ୍ଥିତି ସମୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମ୍ବେଦନଶୀଳ ଦୃଷ୍ଟି ଆକର୍ଷଣ କରୁଛି। ଆଶା କରେ, ସେମାନେ ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବେ।

**–ଧରଣୀଧର ନାୟକ, ଅତି ବୟସ୍କ ପେନ୍‌ସନଭୋଗୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖୁବ୍‌ଶୀଘ୍ର ଆସିବ 'ରାସ୍ତା ମରାମତି ନୀତି'

- ଉନ୍ମୋଚନ ହେଲା 'ସେତୁ ମରାମତି ନୀତି'
- ଶକ୍ତିପୀଠର ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଶୀଘ୍ର ଶେଷ ପାଇଁ ନିର୍ଦ୍ଦେଶ
- ଜିଲ୍ଲାରେ ନିର୍ମାଣାଧୀନ ସୁଇମିଂ ପୁଲ୍‌ର ଗୁଣବତ୍ତା ଉପରେ ଗୁରୁତ୍ୱ
- ବିଭିନ୍ନ ରିଂରୋଡ଼ ନିର୍ମାଣ ଉପରେ ଆଲୋଚନା

**ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)**

ଓଡ଼ିଶାର ପ୍ରଗତିକୁ ଦ୍ରୁତତର କରିବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଜାତୀୟ ରାଜପଥଠାରୁ ଆରମ୍ଭ କରି ବିଭାଗ ଅଧୀନରେ ଥିବା ବିଭିନ୍ନ ରାସ୍ତା, ସେତୁ ଓ କୋଠାବାଡ଼ିଗୁଡ଼ିକର ଗୁଣବତ୍ତା ଓ ସମୟ ଅବଧି ମଧ୍ୟରେ କାର୍ଯ୍ୟ ପରିସମାପ୍ତିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମୟ ସହିତ ତାଳ ଦେଇ ଅପ୍‌ଡେଟ୍ ହେବା ସହ ଆଧୁନିକ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତ୍ତାକୁ ଆପଣାଇବାକୁ ପଡ଼ିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ପୂର୍ତ୍ତ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫୦ କୋଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭିନ୍ନ ରାସ୍ତାଘାଟ ତଥା କୋଠାବାଡ଼ିର ନିର୍ମାଣ ସହିତ ଏହାର ମରାମତିକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଛନ୍ତି। ଏଥିପାଇଁ ବିଭାଗର ଇଞ୍ଜିନିୟରଙ୍କୁ ସେମାନଙ୍କ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାକୁ ପଡ଼ିବ। ନିୟମିତ ଅନ୍ତରରେ ଭିତ୍ତିଭୂମି ଯାଞ୍ଚ ସହିତ ଏହାର ମରାମତିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିସହିତ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ସମସ୍ୟା ଦୂରୀକରଣ ସହ ନିର୍ମାଣ କାର୍ଯ୍ୟକୁ ସମୟ ଅବଧି ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀ ଓ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ 'ସେତୁ ମରାମତି ନୀତି'କୁ ଉନ୍ମୋଚନ କରିଥିବା ବେଳେ ଖୁବ୍‌ଶୀଘ୍ର 'ରାସ୍ତା ମରାମତି ନୀତି' ଆସିବାକୁ ଯାଉଛି ବୋଲି କହିଥିଲେ। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ କହିଛନ୍ତି, ଆଗକୁ ବଢ଼ିବାକୁ ହେଲେ ପାରମ୍ପରିକ କାର୍ଯ୍ୟଶୈଳୀକୁ ଛାଡ଼ି ଯୁଗୋପଯୋଗୀ ହେବାକୁ ପଡ଼ିବ। ତେଣୁ ବିଭାଗୀୟ କାର୍ଯ୍ୟକୁ ଆଗେଇ ନେବା ପାଇଁ WAMIS ଏବଂ OSWAS ଭଳି କାର୍ଯ୍ୟପ୍ରଣାଳୀ ସହିତ ଯୋଡ଼ି ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ବ୍ରହ୍ମପୁର ବାଇପାସ୍, ଖୋର୍ଦ୍ଧା ବାଇପାସ୍, ଖରିଆର ଆରଓବି, ପୁରୀ–କୋଣାର୍କ ରାସ୍ତାରେ ଥିବା ମାଟିଆପଡ଼ା ଆର୍‌ଓବି, ନୟାଗଡ଼ ବାଇପାସ୍, ୪ ଲେନ୍ ବିଶିଷ୍ଟ କେସିଙ୍ଗା–ଜୟପୁର ଟାଉନ ବାଇପାସ୍ ଆର୍‌ଓବି, ବଲାଙ୍ଗୀର ବାଇପାସ, ଟିଟିଲାଗଡ଼ ବାଇପାସ୍, ବୈତରଣୀ ନଦୀ ଉପରେ ହାଇ ଲେବଲ ସେତୁ, ତେଲ୍ ନଦୀ ଉପରେ ନିର୍ମାଣାଧୀନ ହାଇ ଲେବଲ ସେତୁ, କନ୍ଦରପୁର–ବାଲିକୁଦା ରାସ୍ତା, ବ୍ରହ୍ମପୁର ରିଂରୋଡ଼, କଟକ ରିଂରୋଡ଼ ଏସ୍‌ସିବି ପ୍ରକଳ୍ପ, ପୁରୀ ସହରର ବିଭିନ୍ନ ପ୍ରକଳ୍ପ ତଥା ମା' ଶାରଳା, କଟକ ଚଣ୍ଡୀ ମନ୍ଦିର ଆଦି ପ୍ରମୁଖ ମନ୍ଦିରର ଉନ୍ନତି ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯଥା ନୟାଗଡ଼, ବାଲେଶ୍ୱର, ଝାରସୁଗୁଡ଼ା ଓ ଯାଜପୁର ସୁଇମିଂ ପୁଲ ଆଦି ୫୦ କୋଟିରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ କୋଠାବାଡ଼ି, ରାସ୍ତା, ସେତୁ ଓ ଜାତୀୟ ରାଜପଥ ପ୍ରକଳ୍ପ ଆଦିର ସମୀକ୍ଷା କରିଥିଲେ। ଅନେକ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ନେଇ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ବିଳମ୍ବିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକା ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟଭାର ନେଇଥିବା କିଛି ଠିକା ସଂସ୍ଥା ପ୍ରକଳ୍ପ କାର୍ଯ୍ୟକୁ ଅବହେଳା କରୁଥିବା ସରକାରଙ୍କ ନଜରକୁ ଆସିଛି। ତେଣୁ ଏହାର ସତ୍ୟାସତ୍ୟ ଅନୁଧ୍ୟାନ କରି ଉକ୍ତ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# କାଉଙ୍କ ମିଳନ ଦେଖିବାରୁ ଜୀବନ୍ତଙ୍କୁ ମୃତ ଘୋଷଣା



ଗ୍ରାମବାସୀ ୨ ଯୁବକଙ୍କ ପ୍ରତୀକାତ୍ମକ କୁଶ ପୁତ୍ତଳିକା ସତ୍କାର ପାଇଁ ନେଉଛନ୍ତି।

## ଆଦିବାସୀ ପରମ୍ପରା କଟକଣାର ଶିକାର ହେଲେ ୨ ଯୁବକ

**ଜୟପୁର,୩୧।୭(ପବନ ପାଣିଗ୍ରାହୀ)**

ବିଜ୍ଞାନ ଯୁଗରେ ବି କମୁନାହିଁ ଅନ୍ଧବିଶ୍ୱାସ। ଏବେ ମଧ୍ୟ ଆଦିବାସୀଙ୍କୁ ଏହା କବଳିତ କରି ରଖିଛି ପରମ୍ପରା ନାଁରେ ବିଧାଯାଉଛି କଡ଼ା ଦଣ୍ଡ ଓ କାହାକୁ ମୃତ ଘୋଷଣା କରାଯାଉଛି। ଏଭଳି ଏକ ଆଦିବାସୀ ପରମ୍ପରା କଟକଣାର ଶିକାର ହୋଇଛନ୍ତି ୨ ଯୁବକ। କୋରାପୁଟ ଜିଲ୍ଲା ଜୟପୁର ସହରଠାରୁ ୧୦ କି.ମି. ଦୂର ରଣ୍ଡାପାଲି ପଞ୍ଚାୟତ ପାତ୍ରଗୁଡ଼ା ଗାଁରେ ୨ ଜୀବନ୍ତ ଯୁବକଙ୍କୁ କାଉଙ୍କ ମିଳନ ଦେଖିବାରୁ ଗ୍ରାମବାସୀ ମୃତ ଘୋଷଣା କରିଛନ୍ତି। ଗୁରୁବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ପାତ୍ରଗୁଡ଼ା ଗାଁର ୨ ଯୁବକ କାଉଙ୍କ ମିଳନ ଦେଖି ଦେବାରୁ ଅନ୍ଧବିଶ୍ୱାସ ସ୍ଥାପନ ଓ ଆଦିବାସୀ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କୁ ଗ୍ରାମବାସୀ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ରୀତିନୀତି ଅନୁସାରେ ଅନ୍ତିମ ସତ୍କାର କରିବା ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତୀକାତ୍ମକ କୁଶ ପୁତ୍ତଳିକା କୋକେଇରେ ନେଇ ଯାଉଥିବା ଦୃଶ୍ୟ ବର୍ତ୍ତମାନ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଗାଁ ଲୋକେ ମୃତଦେହ ସତ୍କାର କରି ଘରକୁ ଫେରିଥିଲେ। ସତ୍କାର କାର୍ଯ୍ୟ ସାରି ପରିବାର ଓ ସମ୍ପର୍କୀୟମାନେ ପିଠା ଖାଇଛନ୍ତି। ଏହା ପରେ ବାହାରେ ଥିବା ୨ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ପ୍ରକାଶ ଯେ, ଆଦିବାସୀ ସମ୍ପ୍ରଦାୟରେ ଦୁଇ କାଉଙ୍କ ମିଳନ ଦେଖିଲେ ଅଶୁଭ ହୋଇଥାଏ। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ କାଳେ ମୃତ୍ୟୁ ହେଉଥିବା ସେମାନଙ୍କ ବିଶ୍ୱାସ ରହିଛି। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଯେପରି ଶୁଦ୍ଧିକ୍ରିୟା କରାଯାଏ ତାହା କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ମନ୍ତ୍ରୀଙ୍କ ପାରଦର୍ଶିତା ରିପୋର୍ଟ ଦେବେ ସଚିବ

**ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧ବର୍ଷ ଭିତରେ କ'ଣ ସବୁ ସଫଳତା ହାସଲ କରିଛି, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ କାର୍ଯ୍ୟକାରୀ ହୋଇଛି ଓ କେଉଁ ଆହ୍ୱାନମାନ ରହିଛି ସେହି ସମ୍ବନ୍ଧୀୟ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ମନ୍ତ୍ରୀଙ୍କ ଠାରୁ ଲୋଡ଼ିଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ମନୋଜ ଆହୁଜା ପ୍ରଦାନ କରିଥିବା ନୋଟ୍ ଶିଟ୍‌ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟରେ ଟିକିନିଖି ଭାବେ ଜାଣିବାକୁ ଚାହୁଁଛନ୍ତି। ଚଳିତବର୍ଷ ମେ' ସୁଦ୍ଧା ବିଭାଗରେ ନିୟମିତ ସମୀକ୍ଷା କରାଯାଇଛି କି ନାହିଁ, ଏହାସହିତ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା କାର୍ଯ୍ୟକ୍ରମର ମୂଲ୍ୟାୟନ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀମାନେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ରହିଛି। ତେବେ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ ବେଳେ ବିଶେଷକରି ୧୦ଟି ଦିଗରେ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି।

ମୁଖ୍ୟସଚିବ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ କ'ଣ ସବୁ ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାକୁ ରହିଥିଲା ଏବଂ କେଉଁ ବୃହତ୍ ଯୋଜନା କାର୍ଯ୍ୟକାରୀ ହେଉଛି ଓ ତା'ର ସ୍ଥିତି ମେ' ସୁଦ୍ଧା କ'ଣ ରହିଛି; ସେଗୁଡ଼ିକୁ ୩ଟି ସ୍ଲାଇଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ହେବ। ତଥ୍ୟ ପ୍ରଦାନ ବେଳେ ସରକାରଙ୍କ ବଜେଟର ସର୍ତ୍ତ କ'ଣ ରହିଥିଲା ଏବଂ କେତେ ପରିମାଣର କାର୍ଯ୍ୟକାରିତା ହୋଇଛି ତାହାକୁ ଦର୍ଶାଇବାକୁ ପଡ଼ିବ। ସେହିପରି ଯଦି ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୌଣସି ଆହ୍ୱାନ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ତାକୁ ଚେକ୍ ଆଣ୍ଡ୍ ବାଲାନ୍ସ ନୀତିରେ ନିଷ୍ପତ୍ତି ନେବାକୁ ହେବ। ଏହାସହିତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିଭଳି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେଥିପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ନେଇ ଦର୍ଶାଇବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେହିପରି ବିଭାଗ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା କେତେଦୂର ହୋଇଛି ତା'ର ମୂଲ୍ୟାୟନ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେବାକୁ ପଡ଼ିବ। ଏହାସହିତ ଯଦି ବିଭାଗ ପକ୍ଷରୁ କୌଣସି 'ଭିଜିଟ୍' ହୋଇଥାଏ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବା ସହିତ କେଉଁ ଜିଲାରେ କେତେ ତାରିଖରେ ଭିଜିଟ୍ ଏବଂ ବୈଠକ ହୋଇଥିଲା ତା'ର ମଧ୍ୟ ତଥ୍ୟ ଦେବାକୁ ହେବ ବୋଲି ନୋଟ୍ ଶିଟ୍ ଜରିଆରେ ଉଲ୍ଲେଖ କରାଯାଇଛି।

ମୁଖ୍ୟସଚିବ ଆହୁରି ଦର୍ଶାଇଛନ୍ତି, ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ବିଭାଗ ଗୁରୁତ୍ୱ ଦେଉଛି କି ନାହିଁ ତା'ର ସାପ୍ତାହିକ ରିପୋର୍ଟ ଦେବାକୁ ପଡ଼ିବ। କେତେ ଅଭିଯୋଗ ସପ୍ତାହକ ମଧ୍ୟରେ, କେତେ ୨ରୁ ୩ ସପ୍ତାହ ଏବଂ କେତେ ୩ରୁ ୭ସପ୍ତାହ ଭିତରେ ହୋଇଛି ତାହା ଦର୍ଶାଇବାକୁ ହେବ। ଏପରି କି ସପ୍ତାହକୁ କେତେ ଅଭିଯୋଗ ବକେୟା ରହିଯାଉଛି ତା'ର ତଥ୍ୟ ମଧ୍ୟ ଦେବାକୁ ହେବ। ବିଭାଗ ପକ୍ଷରୁ ପ୍ରଶାସନକୁ ଗତିଶୀଳ କରିବା ଲାଗି କ'ଣ ସବୁ ନୂତନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଏବଂ ଆଗାମୀ ଦିନରେ ହେବାକୁ ରହିଛି, ସେସବୁକୁ ସ୍ଲାଇଡ୍ ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବିଶେଷକରି ସାମାଜିକ ଗଣମାଧ୍ୟମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗର ସମ୍ପୃକ୍ତି ରହିଥିବ, ତାହାକୁ ହିଁ ସ୍ଲାଇଡ୍‌ରେ ଦେବାକୁ ହେବ। ଏଥିସହିତ ସାମାଜିକ ଗଣମାଧ୍ୟମକୁ ବିଭାଗ କେତେଦୂର ଗୁରୁତ୍ୱ ଦେଉଛି ସେ ସଂକ୍ରାନ୍ତରେ ମୁଖ୍ୟସଚିବ ମନୋଜ ଆହୁଜା ସମସ୍ତ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

# ଟିଏସ୍‌ୟୁ, ପିଏମ୍‌ୟୁ ସେଲ୍‌କୁ ସରକାରୀ ଛାଟ

## ଏପ୍ରିଲ ପହିଲାରୁ ବିନା ଅନୁମୋଦନରେ ପାରିଶ୍ରମିକ ମନା

**ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)**

ପ୍ରଶାସନକୁ ଗତିଶୀଳ କରିବା ସହ ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତକରିବା ପାଇଁ ରାଜ୍ୟ ସରକାର ନିୟମିତ କର୍ମଚାରୀ ନିଯୁକ୍ତ କରୁଛନ୍ତି। ହେଲେ ବାସ୍ତବକ୍ଷେତ୍ରରେ ସେମାନଙ୍କୁ ଠିକଣା ବାଟରେ କାର୍ଯ୍ୟରେ ଲଗା ଯାଉନାହିଁ, ବରଂ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍(ପିଏମ୍‌ୟୁ) ଓ ଟେକ୍ନିକାଲ ସପୋର୍ଟ ୟୁନିଟ୍ (ଟିଏସ୍‌ୟୁ) ସେଲ୍‌ରେ ଭର୍ତ୍ତି କରାଯାଉଛି। ପୂର୍ବ ସରକାର ସମୟରେ ଏହି ସେଲ୍ କି କାର୍ଯ୍ୟ କରୁଥିଲା ଏବଂ କ'ଣ କରୁଛି ତାକୁ ନେଇ ସରକାରଙ୍କ ପକ୍ଷରୁ ଏବେ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସେଲ୍‌ଗୁଡ଼ିକ କି କାର୍ଯ୍ୟ କରୁଛନ୍ତି ତା'ର ଏବେ ବିଧିବଦ୍ଧ ସମୀକ୍ଷା କରାଯିବ। ଯଦି ବାସ୍ତବରେ କାର୍ଯ୍ୟ ପରିତୃପ୍ତ ନ ଥିବ ତେବେ ସେକ୍ଷେତ୍ରରେ ସେଲ୍‌ରେ ଥିବା ପରାମର୍ଶଦାତା ଓ ଅନ୍ୟ କର୍ମଚାରୀଙ୍କ ପାରିଶ୍ରମିକ ଉପରେ ୨୦୨୬ ଏପ୍ରିଲ ପହିଲାରୁ ଅଙ୍କୁଶ ଲାଗିବ। ଏହି ମର୍ମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଅର୍ଥ ବିଭାଗ ପକ୍ଷରୁ ମୁଖ୍ୟ ଶାସନ ସଚିବ ଜାରି କରିଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ବିଭାଗଗୁଡ଼ିକରେ ନୀତିଗତ ସଂସ୍କାର ଏବଂ ପ୍ରକଳ୍ପର ସୁପରିଚାଳନା ପାଇଁ ପିଏମ୍‌ୟୁ ଓ ଟିଏସ୍‌ୟୁ ସେଲ୍‌ରେ ପରାମର୍ଶଦାତା ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି, ସରକାରୀ କାର୍ଯ୍ୟକ୍ଷେତ୍ରରେ ଏକ ସହଯୋଗୀ ପରିବେଶ ସୃଷ୍ଟିକରିବା, ଯେଉଁଥିରେ ସରକାରୀ କର୍ମଚାରୀଙ୍କ ଦକ୍ଷତା, ଅଭିଜ୍ଞତା ବୃଦ୍ଧି କରାଯିବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ମାତ୍ର ବାସ୍ତବ କ୍ଷେତ୍ରରେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। କେତେକ ବିଭାଗ ଏବଂ ଅଧୀନ ସରକାରୀ ସଙ୍ଗଠନ ଅନିୟନ୍ତ୍ରିତ ଭାବେ ପରାମର୍ଶଦାତା ନିୟୋଜନ କରୁଛନ୍ତି। ଫଳରେ ସରକାରୀ କର୍ମଚାରୀଙ୍କ ଆଭ୍ୟନ୍ତରୀଣ ଦକ୍ଷତା ଅବ୍ୟବହୃତ ରହୁଛି ଏବଂ ବିଭାଗୀୟ ଅଧିକାରୀ ପରାମର୍ଶଦାତାଙ୍କ ଉପରେ ଅତିମାତ୍ରାରେ ନିର୍ଭରଶୀଳ ହେଉଛନ୍ତି।

ଏହି ପ୍ରସଙ୍ଗରେ ୨୦୧୯ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶନାମା ଅନୁସରଣ କରିବାକୁ କୁହାଯାଇଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ନିଷ୍ପତ୍ତି ନେଇଛନ୍ତି, ପ୍ରତ୍ୟେକ ରାଜ୍ୟ ସରକାରୀ ବିଭାଗକୁ ନିଜ ବିଭାଗ ତଥା ଅଧୀନ ସଙ୍ଗଠନଗୁଡ଼ିକରେ ପରାମର୍ଶଦାତା ଆବଶ୍ୟକତାକୁ ଠିକ୍‌ଭାବେ ମୂଲ୍ୟାଙ୍କନ କରିବାକୁ ହେବ। ବିଭାଗଗୁଡ଼ିକ ଆବଶ୍ୟକ ପରାମର୍ଶଦାତାଙ୍କ ସଂଖ୍ୟା ନିର୍ଦ୍ଧାରଣ କରି ୨୦୨୬ ଏପ୍ରିଲ ୧ ରୁ ନିୟୋଜନ ପାଇଁ ଅର୍ଥ ବିଭାଗକୁ ପ୍ରସ୍ତାବ ଦେବେ। ଅର୍ଥ ବିଭାଗ ଏହି ପ୍ରସ୍ତାବକୁ ଏକ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ଉକ୍ତ କମିଟିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରିବେ ଏବଂ ଉନ୍ନୟନ କମିଶନର, ସାଧାରଣ ପ୍ରଶାସନ ବିଭାଗର ସଚିବ, ଅର୍ଥ ବିଭାଗର ସଚିବ ଏବଂ ସମ୍ପୃକ୍ତ ବିଭାଗର ସଚିବ ସଦସ୍ୟ ରହିବେ। ଏହି କମିଟି ବିଭାଗ ଏବଂ ତାହାର ଅଧୀନ ସଙ୍ଗଠନଗୁଡ଼ିକ ପାଇଁ ପରାମର୍ଶଦାତାଙ୍କ କର୍ମଚାରୀଙ୍କ ସଂଖ୍ୟା ସ୍ଥିର କରିବେ। ଏହି କମିଟିର ବିନା ଅନୁମୋଦନରେ ୨୦୨୬ ଏପ୍ରିଲ ପହିଲା ପରେ କୌଣସି ପରାମର୍ଶଦାତାଙ୍କୁ ପାରିଶ୍ରମିକ ପ୍ରଦାନ କରାଯିବ ନାହିଁ ବୋଲି ମୁଖ୍ୟ ସଚିବ ସ୍ପଷ୍ଟ କରିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/– । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- ।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-421/Q/25-26

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)

**Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025**

No. O-519: Due to Administrative Ground, the fore mentioned tender call notice is cancelled.

Sd./- Suraj Biswal
Superintending Engineer
Rural Works Division, Kendrapara

OIPR-25064/11/0023/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)

**Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025**

No. O-518: Due to Administrative Ground, the fore mentioned tender call notice is cancelled.

Sd./- Suraj Biswal
Superintending Engineer
Rural Works Division, Kendrapara

OIPR-25064/11/0021/2526

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**

Ph.- (06858) - 222568 (Off), E-mail : dpcnawrangssa.opepa@nic.in

No. 1619/IE/2025 **NOTICE INVITING TENDER (NIT)** Date : 21.07.2025

Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd./- District Project Coordinator
Samagra Shiksha, Nabarangpur

**कार्यालय, कार्यपालन अभियंता**
**वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025

स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)

G-252602481/5

**SUIIT**
**Sambalpur University Institute of Information Technology**
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE

Estd. 2010

Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.

In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in

CONTACT NUMBERS: 9437284982 / 7381110818

Sd/-
Director, SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो

PR 358679 Rural Development(25-26)#D

**Government of Jharkhand**
**Department of Agriculture, Animal Husbandry & Co-Operative**
**(Animal Husbandry Division)**
**Jharkhand Ranchi**

***"Corrigendum"***

***e-Tender No. 01/2025-26 Published by PR No. 357505 Animal Husbandry (2025-26)_D***

This is with reference to Tender notice published for ***Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).*** In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry

PR 358645 Animal Husbandry (25-26)_D

## ସଂକ୍ଷେପରେ

### ୨ ମାସ ପରେ ମା' କୋଳକୁ ଫେରିଲା ପୁଅ



ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ଦୁଇମାସ ପରେ ଗୁରୁବାର ନିଜ ମା' କୋଳକୁ ପୁତ୍ର ସନ୍ତାନ ଫେରିଛି। ଗୋପ ଥାନାରେ ପୁତ୍ର ସନ୍ତାନକୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି ମା'। ପୁତ୍ର ସନ୍ତାନକୁ ଫେରିପାଇବା କେବଳ ନ୍ୟାଶନାଲ ହ୍ୟୁମାନ ରାଇଟ୍ସ ନାମକ ସ୍ୱେଚ୍ଛାସେବୀ ସଂଗଠନ ଯୋଗୁ ସମ୍ଭବ ହୋଇପାରିଛି ବୋଲି ପରିବାର ସଦସ୍ୟମାନେ କହିଥିବାବେଳେ ଗୋପ ପୋଲିସକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

ପ୍ରକାଶ ଯେ, ୨୦୨୦ରେ ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ଦାମୋଦର ସାହୁଙ୍କୁ ବୈଦିକ ରୀତିରେ ନିମାପଡ଼ା ଥାନା ଅନ୍ତର୍ଗତ ଅମୁଣିଆ ପାଟେଣା ଗ୍ରାମର ଲିଲିମା ସାହୁ ବିବାହ କରିଥିଲେ। ବିବାହ ପରେ ନବଦମ୍ପତିଙ୍କ ମଧ୍ୟରେ କିଛି ଦିନ ଧରି ସୁସମ୍ପର୍କ ଥିବମ୍ ବେଳେ ପରେ ବିବାଦ ଯୋଗୁ ପରସ୍ପର ଅଲଗା ରହୁଥିଲେ। ଦୁଇମାସ ତଳେ ଲିଲିମାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ବାପା ଦାମୋଦର ତାକୁ ନେଇ ତାଙ୍କ ଭଉଣୀ ଘର ଗୋପ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ରଖିଥିଲେ। ତେବେ ଏ ନେଇ ଗୁରୁବାର ସନ୍ଧ୍ୟାରେ ନ୍ୟାଶନାଲ ହ୍ୟୁମାନ ରାଇଟ୍ସର ରାଜ୍ୟ ସଂଯୋଜକ ସୌଦାମିନି ଦାଶ, ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ରଙ୍କ ସହିତ ଏକ ୬ ଜଣିଆ ଟିମ୍ ଗୋପ ଥାନାରେ ଅଭିଯୋଗ ଆଣିବା ପରେ ସଙ୍ଗେ ସଙ୍ଗେ ଥାନା ଏସ୍ଆଇ ଦେବସ୍ମିତା ସିଂ ସମ୍ପୃକ୍ତ ଗ୍ରାମକୁ ଯାଇ ପୁତ୍ର ସନ୍ତାନକୁ ଆଣି ତାର ମା'ଙ୍କୁ ହସ୍ତାନ୍ତର କରିଥିଲେ।

# 'ଓଡ଼ିଶାକୁ ଏକକ ପ୍ଲାଷ୍ଟିକ୍‌ମୁକ୍ତ ଆଦର୍ଶ ରାଜ୍ୟ କରାଯାଉ'

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

**ପ୍ଲାଷ୍ଟିକ୍ ନିଷେଧାଦେଶକୁ ଓଇଏସ୍‌ର ସ୍ୱାଗତ**

**■ଉତ୍ପାଦନ, ବ୍ୟବସାୟକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ**

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ପଦାର୍ଥ ସବୁର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ସେହିପରି କାର୍ଯ୍ୟାଳୟ, ସଭାସମିତି ଏବଂ କର୍ମଶାଳାରେ ଥରେ ମାତ୍ର ବ୍ୟବହାର ପରେ ଫୋପଡ଼ା ଯାଉଥିବା ପ୍ଲାଷ୍ଟିକ ସାମଗ୍ରୀ ସବୁକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନିର୍ଦ୍ଦେଶ ଜାରି ହୋଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ସ୍ୱାଗତ କରାଯାଇଛି। ଓଡ଼ିଶାକୁ ଏକକ ପ୍ଲାଷ୍ଟିକମୁକ୍ତ ଆଦର୍ଶ ରାଜ୍ୟରେ ପରିଣତ କରିବାକୁ ସରକାର ଆହ୍ୱାନ ରୂପେ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କରିବାକୁ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

ସେମାନେ କହିଛନ୍ତି, ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ସହରାଞ୍ଚଳ ଏବଂ ପରବର୍ତ୍ତୀ ସମୟରେ ସମଗ୍ର ରାଜ୍ୟରୁ ପ୍ଲାଷ୍ଟିକ ଓ ଥର୍ମୋକୁଲ ନିର୍ମିତ ବିଭିନ୍ନ ପଦାର୍ଥର ଉତ୍ପାଦନ, ବ୍ୟବସାୟକରଣ ଏବଂ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। କିଛି ଦିନଧରି ଉଲ୍ଲଂଘନକାରୀଙ୍କୁ ଭାରି ଅର୍ଥଦଣ୍ଡ ଜରିମାନା ଦେବାକୁ ପଡ଼ିଥିଲା। କେନ୍ଦ୍ର ସରକାର ମଧ୍ୟ ୨୦୨୨ ଜୁଲାଇ ୧ରୁ ପ୍ଲାଷ୍ଟିକ ସାମଗ୍ରୀ ଉପରେ ନିଷେଧାଦେଶ ଲାଗୁ କରିଛନ୍ତି। କିନ୍ତୁ ନିୟମର କାର୍ଯ୍ୟକାରିତା ନିମନ୍ତେ ନିୟମିତ ପର୍ଯ୍ୟବେକ୍ଷଣ ଅଭାବରୁ ଏହା ପ୍ରହସନ ପାଲଟିଯାଇଛି। ୧୨୦ ମାଇକ୍ରନ୍‌ରୁ କମ୍ ମୋଟେଇର ପଲିଥିନ୍ ବ୍ୟାଗ୍ ଏବଂ ୫୦୦ ମିଲିରୁ କମ୍ କ୍ଷମତାବିଶିଷ୍ଟ ବୋତଲ ବ୍ୟବହାରକୁ ନିଷେଧ କରାଯାଇଥିଲେ ସୁଦ୍ଧା ଏହାର ବ୍ୟବହାର ଅବ୍ୟାହତ ରହିଛି। ଏସବୁ ସାମଗ୍ରୀର ପରିବେଶ, ମଣିଷ ଏବଂ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ ଥିବା କ୍ଷତିକାରକ ପ୍ରଭାବ ବିଷୟରେ ଯଥେଷ୍ଟ ସଚେତନତା ସୃଷ୍ଟି କରାଯାଉଛି। ତଥାପି ପରିସ୍ଥିତିରେ ଆଶାନୁରୂପ ପରିବର୍ତ୍ତନ ଘଟୁ ନ ଥିବା ବେଳେ ପରିବେଶ ଅନୁକୂଳ ବିକଳ୍ପକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ସମସ୍ୟାର ମୂଳ କାରଣ ଥିବା ଉତ୍ପାଦନ ଓ ବ୍ୟବସାୟକରଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ନିମନ୍ତେ ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ପ୍ରଶାସନିକସ୍ତରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି ବୋଲି ଓଇଏସ୍ ପକ୍ଷରୁ କୁହାଯାଇଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଶ୍ରୀଶ୍ରୀ ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ପରିବେଷିତ ଭକ୍ତି ରସାତ୍ମକ ନାଟକ 'ପୁତ୍ର ମୋ ଗୋବିନ୍ଦ'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

# ଏକ ସାମ୍ ରଫି କେ ନାମ୍




କଣ୍ଠଶିଳ୍ପୀମାନେ ମହମ୍ମଦ ରଫିଙ୍କ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୩୧।୭ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ଉପାସନା ମ୍ୟୁଜିକ୍ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଏକ ସାମ୍ ରଫି କେ ନାମ୍' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହମ୍ମଦ ରଫିଙ୍କ ମୟୂରୀ ଗୋ, ରାତ୍ କି ହମ୍ ସଫର୍, ଆଶା ଓଁ କେ ସାୱନ୍ ମେ ଭଳି ଅନେକ ସୁପର ହିଟ୍ ଗୀତ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ଏମ୍ଏ ବେଗ୍, ଶ୍ରୀନିବାସ ପଟ୍ଟନାୟକ, ଡ. ସୁଶାନ୍ତ ଶୈଳ, ହରିଶ୍ ଚନ୍ଦ୍ର, ଡ. ଅୟସ୍କାନ୍ତ ପ୍ରମୁଖ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସିଜିଏମ୍ ଆଇଓସିଏଲ୍ କମଲ୍ ଶୀଲ୍, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପି. ସୁଶାନ୍ତ, ଲାୟନ୍ସ କ୍ଲବ୍ ପୂର୍ବତନ ସଭାପତି ରାମପ୍ରସାଦ ପାତ୍ର, ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମଲ୍ କିରଣ ସଂଯୋଜନା କରିଥିଲେ।

## ବିଶୋଧନ ହେଲା ୨୯ କୁକୁଡ଼ା ଫାର୍ମ

ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆ ମୁଣ୍ଡାଆମ୍ବର ଏକ କୁକୁଡା ଫାର୍ମ ନମୁନା ପଜିଟିଭି ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବାବେଳେ ଏହାର ଏକ କି.ମି. ଅଞ୍ଚଳକୁ ସର୍ଭେଲାନ୍ସରେ ରଖାଯାଇଛି। ଗତ ଦୁଇ ଦିନ ମଧ୍ୟରେ ବାର୍ଡ ଫ୍ଲୁ ଅଞ୍ଚଳର ଏକ କି.ମି. ମଧ୍ୟରେ ରହିଥିବା ୨୯ଟି କୁକୁଡ଼ା ଫାର୍ମକୁ ବିଶୋଧନ କରାଯାଇଛି। ପୂର୍ବରୁ ୮ଟି ଏବଂ ବୁଧବାର ୨୧ଟି ଫାର୍ମରେ ଚୂନ ପକାଯାଇ ବିଶୋଧନ କରାଯାଇଛି। ଏଥିରେ ୮ଟି ଆର୍‌ଆର୍‌ଟି ଦଳ ନିୟୋଜିତ ରହିଥିଲେ। ୨ଟି କୁକୁଡ଼ା ଫାର୍ମରୁ ପର୍ଯ୍ୟାୟକ୍ରମେ ୬,୯୫୭ ବ୍ରଏଲର ଏବଂ ୭୨୨ ଦେଶୀ କୁକୁଡ଼ା ମରାଯାଇଥିବା ସହକାରୀ ପ୍ରାଣୀଧନ ଚିକିତ୍ସକ ଡା. ପ୍ରଜ୍ଞାପାରମିତା ହରିଚନ୍ଦନ ସୂଚନା ଦେଇଛନ୍ତି।

## ମୁଣ୍ଡ ନୁଆଁଇଲା ଚାଇନିଜ୍ ଇ-କମର୍ସ ସାଇଟ୍

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

**ପାପୋଛରୁ ହଟାଇଲା ଶ୍ରୀମୁଖ ଚିତ୍ରିତ ଫଟୋ**

ଜଗନ୍ନାଥପ୍ରେମୀଙ୍କ କ୍ଷୋଭ ଓ ବିରୋଧ ଆଗରେ ଶେଷରେ ମୁଣ୍ଡ ନୁଆଇଁଛି ଚାଇନିଜ୍ ଇ-କମର୍ସ ସାଇଟ୍ ଅଲି ଏକ୍ସପ୍ରେସ୍। ଏହି ସଂସ୍ଥା ନିଜ କମର୍ସ ସାଇଟ୍‌ରୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଚିତ୍ର ଥିବା ପାପୋଛ ରାତାରାତି ହଟାଇଛି।

ସୂଚନାଯୋଗ୍ୟ, ଗତ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଅଲି ଏକ୍ସପ୍ରେସ ନାମକ ଅନ୍ତର୍ଜାତୀୟ ଅନ୍‌ଲାଇନ ଶପିଂ ସଂସ୍ଥା ଗୋଡ଼ ପୋଛିବା ମ୍ୟାଟ୍ (ପାପୋଛ)ରେ ମହାପ୍ରଭୁଙ୍କ ଶ୍ରୀମୁଖ ଚିତ୍ରିତ ଫଟୋ ରଖିଥିଲା। ବିଜ୍ଞାପନରେ ଥିବା ଚିତ୍ରରେ ଦେଖିବାକୁ ମିଳିଥିଲା ଯେ, ମହାପ୍ରଭୁଙ୍କ ମୁଖ ଚିତ୍ରିଥିବା ପାପୋଛରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ। 'ଲର୍ଡ ଜଗନ୍ନାଥ ମଣ୍ଡଳ ଆର୍ଟ ମ୍ୟାଟ୍ ଡୋରୱେ' ଏବଂ 'କ୍ରିଷ୍ଣା ହିନ୍ଦୁ ଗଡ୍' ନାମରେ ଏହି ପାପୋଛ ବିକ୍ରି କରାଯାଉଥିଲା। ମହାପ୍ରଭୁଙ୍କ ନାମ ଆଗରେ ଲର୍ଡ ତଥା ଭଗବାନ ଶବ୍ଦ ପ୍ରୟୋଗ ସତ୍ତ୍ୱେ ଏହାକୁ ଚଟାଣରେ ପାପୋଛ ଭଳି ବ୍ୟବହାର କରିବା ପାଇଁ ପାଦ ରଖି ବିଜ୍ଞପିତ କରିବା ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଥିଲା। ବିଜ୍ଞାପନରେ କେତେକ ନିନ୍ଦନୀୟ ଶବ୍ଦ ପ୍ରୟୋଗ କରାଯାଇଥିଲା, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେବା ସହ ସଂପୃକ୍ତ ସଂସ୍ଥା ବିରୋଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏ ନେଇ ଶ୍ରୀଜଗନ୍ନାଥ ସେନା ସମେତ କେତେକ ଅନୁଷ୍ଠାନ ପକ୍ଷରୁ ସାଇବର ଥାନା ଓ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉକ୍ତ ସଂସ୍ଥା ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମହଲରୁ ଆପ୍‌କୁ ବିରୋଧ ହେବା ପରେ ଚାଇନିଜ୍ ଇ କମର୍ସ ସାଇଟ୍ ମହାପ୍ରଭୁଙ୍କ ମୁମଣ୍ଡଳ ଚିତ୍ର ଥିବା ପାପୋଛ ହଟାଇଥିବା ସୂଚନା ମିଳିଛି। ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପକୁ ପ୍ରଶଂସା କରିବା ସହ ଏପରି କାର୍ଯ୍ୟ କରୁଥିବା ସଂସ୍ଥା ବିରୋଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ତାଙ୍କର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସୂଚନା ଦେଇଛନ୍ତି। ସେହିପରି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା ୩୧।୭(ଅଭିମନ୍ୟୁ ନାୟକ)

ସୋମନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ତ୍ରିପାଠୀ ଗୁରୁବାର ଅବସର ନେଇଛନ୍ତି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ସହ ଶିକ୍ଷାଧିକାରୀ ବିଜୟ ବେହେରା, ପ୍ରଧାନଶିକ୍ଷକ ତପନ କୁମାର ରାଉତ, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଅବସର ଜୀବନର ସୁଖ ସମୃଦ୍ଧ କାମନା କରିଥିଲେ। ଶିକ୍ଷା ଅଧିକାରୀଙ୍କ ତରଫରୁ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟାନଙ୍କ ମଧ୍ୟରେ ସମିତାଞ୍ଜଳି ଜେନା, ମାନସ ଶତପଥୀ, ଶାକମ୍ଭରୀ ପଣ୍ଡା, ପ୍ରମୋଦ ଶତପଥୀ, ମାନସ ପଟ୍ଟନାୟକ, ରୂପକ ପଣ୍ଡା, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ସ୍ୱାଧୀନ ଚେତନା, ଆତ୍ମିକ ବିକାଶ ନାରୀକୁ ନାରାୟଣୀ କରେ'

**ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ୨୦୮ତମ ଆଲୋଚନାଚକ୍ର**

ଭୁବନେଶ୍ୱର,୩୧।୭ (ସୌମ୍ୟରଞ୍ଜନ ରାଉତ)



ଅତିଥିମାନେ ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ'ର ଦ୍ୱିତୀୟ ସଂସ୍କରଣ ଲୋକାର୍ପଣ କରୁଛନ୍ତି।

ନାରୀ ଯେ ପର୍ଯ୍ୟନ୍ତ ସମାଜର ଉପଭୋଗ୍ୟ ବସ୍ତୁରେ ପରିଗଣିତ ହେଉଥିବ, ସେ ପର୍ଯ୍ୟନ୍ତ ନିର୍ଯାତିତ ହେଉଥିବ। ସ୍ୱାଧୀନ ଚେତନା ଓ ଆତ୍ମିକ ବିକାଶ ନାରୀକୁ ନାରାୟଣୀ କରିପାରେ। ସମାଜରେ ପୁରୁଷ ଓ ନାରୀର ଭୂମିକା ସ୍ୱତନ୍ତ୍ର ଏବଂ ଉଭୟେ ପରିପୂରକ। ନାରୀଙ୍କୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି କହିଛନ୍ତି। ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ବୁଧବାର ବିଦ୍ୟାଭବନଠାରେ ଆୟୋଜିତ ୨୦୮ତମ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋପାମୁଦ୍ରା କହିଲେ, କୌଣସି ଘଟଣା ଘଟିଲେ ସରକାର ଓ ପ୍ରଶାସନ ତତ୍ପର ହୁଅନ୍ତି, ମାତ୍ର ଲୋକସ୍ମୃତିରୁ ହଟିଗଲେ ଧର୍ମକୁ ଆଖିଠାର ଭଳି କାର୍ଯ୍ୟାନୁଷ୍ଠାନ ହୁଏ। ଏହି ଧାରାକୁ ଭାଙ୍ଗି ଆଇନ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

ଆଲୋଚନାଚକ୍ରରେ ସଭାପତିତ୍ୱ କରି ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର କହିଲେ, ନାରୀ ଉପରେ ଅତ୍ୟାଚାର ହେଲେ ସ୍ୱୟଂ ଭଗବାନ୍ ଅବତାର ସାଜି ଆସନ୍ତି। ଆଜିର ଆଧୁନିକ ଯୁଗରେ ନାରୀ ସମସ୍ତ କ୍ଷେତ୍ରରେ ପୁରୁଷକୁ ଅତିକ୍ରମ କରିପାରିଛି, ମାତ୍ର ସମାଜରେ ଏବେ ମଧ୍ୟ ବହୁ ନାରୀ ପୁରୁଷ ଉପରେ ନିର୍ଭରଶୀଳ ହୋଇ ରହିବା ଦ୍ୱାରା ନିର୍ଯାତନା ବଢ଼ିଚାଲିଛି। ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ସରୋଜିନୀ ସାହୁ କହିଲେ, ନାରୀ ବଳାତ୍କାର, ନିର୍ଯାତନା ଓ ଶୋଷଣ ରୋକିବାକୁ ସାହିତ୍ୟିକମାନେ ସମାଜରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଲେଖିକା ସଂସଦ ସଭାପତି ଶକୁନ୍ତଳା ବଳିଆରସିଂହ ତାଙ୍କ ଭାଷଣରେ ସାହିତ୍ୟରୁ ଲେଖନୀରେ କିପରି ନାରୀ ନିର୍ଯାତନା ପ୍ରତିଫଳିତ ହୋଇ ସମାଜର ଦୃଷ୍ଟି ଆକର୍ଷଣ କରିଛି ତାହାର ଉଦାହରଣ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ ବିକାଶ ସଂସ୍ଥାନର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍ଥାନର ଚଳିତ ରଥଯାତ୍ରା ଦିନ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ'ର ଦ୍ୱିତୀୟ ସଂସ୍କରଣ ଲୋକାର୍ପଣ ହୋଇଥିଲା। ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଗୋପ ଥାନାରୁ ଫେରାର ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ଗୋପ, ୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ପୋଲିସକୁ ଚକମା ଦେଇ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ପେଶାଲ ସ୍କ୍ୱାଡ୍ ଓ ଗୋପ ପୋଲିସର ଏକ ଟିମ୍ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫)। ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ଏକ ଲୁଟ୍ ମାମଲାରେ ଗତ ୨୮ ତାରିଖରେ ଭୁବନେଶର ଅଞ୍ଚଳରୁ ସୂର୍ଯ୍ୟକାନ୍ତ ମହାନ୍ତି (୨୫) ଓ କ୍ରିଷ୍ଣା ସାହୁ (୧୮)ଙ୍କୁ ଗିରଫ କରି ଗୋପ ପୋଲିସ ଥାନାକୁ ଆଣିଥିଲା। ଦୁହିଁଙ୍କୁ ଥାନାରେ ଅଟକ ରଖାଯାଇଥିଲା। ତେବେ ୨୯ ତାରିଖ ରାତି ସାଢ଼େ ୮ଟାରେ ଏହି ଦୁଇ ଅଭିଯୁକ୍ତ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିଲେ। ଏ ନେଇ ଜିଲା ପୋଲିସ ପକ୍ଷରୁ ତନାଘନା ହେବା ସହ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏ ନେଇ ଥାନାରେ ଏକ କେସ୍ (ନଂ. ୨୩୮/୨୫) ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୂର୍ଯ୍ୟକାନ୍ତ ଥିବା ସୂଚନା ମିଳିବା ପରେ ସ୍ପେଶାଲ ସ୍କ୍ୱାଡ୍ ଓ ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ, ଗୃହରକ୍ଷୀ ସୁବାସ କୁମାର ମହାନ୍ତି ଚଢାଉ କରି ଗିରଫ କରିଥିଲେ।

## ଲଟେରିରେ ଘର ପାଇଲେ ଭୁବନେଶ୍ୱରର ୩୮ ବସ୍ତିବାସିନ୍ଦା



ଜଣେ ମହିଳା ହିତାଧିକାରୀଙ୍କ ଘର ବାବଦ ଦସ୍ତାବିଜ୍ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ସୁଲଭ ଆବାସ ଯୋଜନା (ଏଏଚ୍‌ପି) ଏବଂ ଇନ୍-ସିଟୁ ସ୍ଲମ ରିଡେଭଲପ୍‌ମେଣ୍ଟ (ଆଇଏସଏସଆର୍) ଯୋଜନା ଅଧୀନରେ ୩୮ଜଣ ହିତାଧିକାରୀଙ୍କୁ ବୁଧବାର ଘର ମିଳିଛି। ଏନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଲଟେରି ପ୍ରକ୍ରିୟାରେ ଏହି ଘର ଆବଣ୍ଟନ କରାଯାଇଛି। ବିଡିଏ ଉପାଧ୍ୟକ୍ଷ ଡା. ଏନ ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ବିଡିଏ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତିରୁମାଲା କହିଲେ, ଉକ୍ତ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ବସ୍ତି ଓ ଅସ୍ଥାୟୀ ବସତିରେ ରହୁଥିବା ଗରିବ ଲୋକଙ୍କୁ ନିରାପଦ ଓ ସମ୍ମାନପୂର୍ଣ୍ଣ ଘର ଦେବା। ସହରର ସମଗ୍ର ଉନ୍ନତି ପାଇଁ ବାସସ୍ଥାନ ଯୋଗାଇବା ସହ ଆବଶ୍ୟକ ଭିତ୍ତିଭୂମି ଓ ସେବା ସହିତ ଉନ୍ନତ ଜୀବନଯାପନର ମାନ ସୁନିଶ୍ଚିତ କରିବା ହେଉଛି ସରକାରଙ୍କ ଉଦ୍ଦେଶ୍ୟ। ଲଟେରୀ ମାଧ୍ୟମରେ ୨୪ଜଣ ହିତାଧିକାରୀଙ୍କୁ ସୁବୁଦ୍ଧିପୁରସ୍ଥିତ ବରୁଣେଇ ଏନ୍‌କ୍ଲେଭ ଏଏଚ୍‌ପିରେ, ୯ ଜଣଙ୍କୁ ଶାନ୍ତି ନଗର ଆବାସ ଯୋଜନା (କେଶରୀ ରେସିଡେନ୍ସି)ରେ ଏବଂ ୫ ଜଣଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ଆବାସ ଯୋଜନାରେ ଘର ବଣ୍ଟନ କରାଯାଇଛି। ଏହି ଲଟେରୀ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକ ଭାବେ ବୟନିକା ସଚିବ ତଥା ମହାପ୍ରବନ୍ଧକ ଡକ୍ଟର ସୁଷମା ବାରିକ ଯୋଗଦେଇଥିଲେ। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଏବଂ ଅତିରିକ୍ତ କମିଶନର(ଇଷ୍ଟେଟ-୨) ମନୋଜ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୁଲଭ ଆବାସ ଯୋଜନା (ଏଏଚପି) ଅଧୀନରେ ଏକ ଫ୍ଲାଟ ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପଡ଼ିବ।

## ଓର୍‌ମାସ ରାଖୀରେ ପରମ୍ପରା, ପରିବେଶକୁ ଗୁରୁତ୍ୱ

**୧ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି ହେବ**

ଭୁବନେଶ୍ୱର, ୩୧।୭(ସୌମ୍ୟରଞ୍ଜନ ରାଉତ)





ଭାରତୀୟ ସଂସ୍କୃତିରେ ରକ୍ଷାବନ୍ଧନର ସ୍ଥାନ ସ୍ୱତନ୍ତ୍ର। ଶ୍ରାବଣ ବା ଗହ୍ମା ପୂର୍ଣ୍ଣିମା ଅବସରରେ ରକ୍ଷାକବଚ ସଦୃଶ ଭାଇର ହାତରେ ଭଉଣୀ ବାନ୍ଧିଥାଏ ରାଖୀ। ଭଉଣୀଭାଇଙ୍କ ପବିତ୍ର ସ୍ନେହ ବନ୍ଧନକୁ ସମ୍ମାନ ଜଣାଇ ଓର୍‌ମାସ ପକ୍ଷରୁ ବିଭିନ୍ନ କିସମର ରାଖୀ ପ୍ରସ୍ତୁତ କରାଯାଇଛି। ଏଥିରେ ପରମ୍ପରା ସହ ପରିବେଶକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଓର୍‌ମାସ ସହାୟତାପ୍ରାପ୍ତ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ହାତ ତିଆରି ରାଖୀ ଅଗଷ୍ଟ ୧ରୁ ୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି ହେବ। ବାଲେଶ୍ୱର, ବରଗଡ଼, ବୌଦ୍ଧ, କଟକ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସମ୍ବଲପୁର ଜିଲାର ଓର୍‌ମାସ ଷ୍ଟଲ୍‌ରେ ଅତି ସୁଲଭ ମୂଲ୍ୟରେ ବିକ୍ରୟ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ରାଖୀଗୁଡ଼ିକ ସବାଇ ଘାସ, କାଇଞ୍ଚ, ମାଟି, ନଡ଼ିଆ ଖୋଳପା, ଧାନ, ଚାଉଳ, ବିରି, ମୁଗ, କାଗଜ ମଣ୍ଡ, ସମ୍ବଲପୁରୀ କପଡ଼ା, ଝୋଟ, କିଆପତ୍ର, ଟସର ସୂତା, ଆପ୍ଲିକ୍ୟୁ ଓ ବାଉଁଶରୁ ଗ୍ରାମୀଣ ମହିଳା କାରିଗରଙ୍କ ଦ୍ୱାରା ପ୍ରାକୃତିକ, ଜୈବିକ ତଥା ପରିବେଶ ଉପଯୋଗୀ ପଦ୍ଧତିରେ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି ସହ ଓଡ଼ିଆ ପାରମ୍ପରିକ କଳାର ପ୍ରଚାର ଓ ଭାରତୀୟ ସାଂସ୍କୃତିକ ବିଭବକୁ ଆଉ ପାଦେ ଆଗକୁ ନେବ ବୋଲି ଓର୍‌ମାସ ପକ୍ଷରୁ କୁହାଯାଇଛି।

# ଧାନରୁଆ ସମୟରେ ବିଲ ଛାଡ଼ିଯିବାକୁ ଚାଷୀ ଅମଙ୍ଗ

- ଚାଷୀ ପଞ୍ଜୀକରଣ ପାଇଁ ବଢ଼ୁଛି ଅସନ୍ତୋଷ
- ନେଟୱର୍କ ସମସ୍ୟା, ଘଣ୍ଟାଘଣ୍ଟା ଅପେକ୍ଷା ଅତିଷ୍ଠ କଲାଣି
- ଜିଲାରେ ୧୧,୨୫୧ ପଞ୍ଜୀକରଣ ହୋଇଛି

**ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)**

ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପଞ୍ଜୀକରଣ ପାଇଁ କାହାର ପରିବାର ସହମତି ଆଣିବାରେ ବିଳମ୍ବ ଘଟୁଛି ତ' ଆଉ କିଏ ବିଲ କାମ ଛାଡ଼ି ସୋସାଇଟି ନିକଟରେ ଇ-କେୱାଇସି ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେଉଛନ୍ତି। ସେପଟେ ନେଟ୍‌ୱର୍କ ସମସ୍ୟା ଯୋଗୁ ପଞ୍ଜୀକରଣ ହୋଇପାରୁ ନାହିଁ। ଭାଗଚାଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଧାନ ବିକ୍ରିରେ ନକଲି ଚାଷୀ, ଦଲାଲଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ସରକାର ଇ-କେୱାଇସି ଏବଂ ସହମତି ପତ୍ର ବାଧ୍ୟତାମୂଳକ କରିଥିବାବେଳେ ଏହା ଚାଷୀଙ୍କ ପାଇଁ କାଳ ହୋଇଛି। ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ସୁବିଧା ପାଇଁ ଏଭଳି ଯୋଜନା କରାଯାଇଥିବା ନେଇ ସରକାର କହୁଥିବାବେଳେ ଏହା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସହମତି ପତ୍ର ପାଇଁ ପରିବାରରେ ଅଶାନ୍ତିର ବାତାବରଣ ରହିଥିବା ଜଣାପଡ଼ିଛି। ପଞ୍ଜୀକରଣରେ ଅଡୁଆ ପରିସ୍ଥିତି ନେଇ ଜିଲାରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟତଃ ଏକାଧିକ ସଦସ୍ୟ ଥିବା ପରିବାରରେ ଏଭଳି ସମସ୍ୟା ଦେଖାଦେଇଥିବାବେଳେ ଦେବୋତ୍ତର ଚାଷଜମିକୁ ଚଷୁଥିବା ଚାଷୀ ପଞ୍ଜୀକରଣରେ ଅଡୁଆ ଦେଖାଦେଇଛି। ଅନ୍ୟପଟେ ଭୂମିହୀନ, ଭାଗଚାଷୀଙ୍କ କ୍ଷେତ୍ରରେ ପଞ୍ଜୀକରଣ ସମସ୍ୟା ମଧ୍ୟ ଦେଖାଦେଇଛି। ଏନେଇ ଚାଷୀ ସୋସାଇଟି ଅଫିସରୁ ତହସିଲ,ଆର୍‌ଆଇ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି।

୨୦୨୫-୨୬ ଖରିଫ ଋତୁ ଧାନ ବିକ୍ରି ଲାଗି ଚାଷୀଙ୍କୁ ସରକାରଙ୍କ ଘୋଷଣାନାମା ଅନୁଯାୟୀ ପଞ୍ଜୀକରଣ ସହ ଇ-କେୱାସି ବାଧ୍ୟତାମୂଳକ ରହିଛି। ଏନେଇ ଜମି ମାଲିକଙ୍କ ଠାରୁ ଭାଗଚାଷୀ ପର୍ଯ୍ୟନ୍ତ ସମସ୍ତେ ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ଚାଷୀ ପ୍ୟାକ୍ସ, ଲାମ୍ପ୍ସରେ ଆବଶ୍ୟକୀୟ କାଗଜପତ୍ର ଦେଇ ପଞ୍ଜୀକରଣ କରୁଥିଲେ। ଚାଷୀଙ୍କୁ କୌଣସି ଅସୁବିଧା ହେଉ ନ ଥିଲା। ଚଳିତବର୍ଷ ନୂତନ ନିୟମ ଅନୁଯାୟୀ ଚାଷୀଙ୍କୁ ଆଖି ସ୍କାନ କରିବାକୁ ପଡ଼ିବ। ଗ୍ରାମାଞ୍ଚଳରେ ନେଟ୍‌ୱର୍କଜନିତ ସମସ୍ୟା କାରଣରୁ ଚାଷୀଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏପରିକି ଦିନରେ ନେଟ୍‌ୱର୍କ ଧିମା ରହୁଥିବାରୁ ଅଧିକାଂଶ ପ୍ୟାକ୍ସରେ ଅପରାହ୍ନ ୨ଟାଠାରୁ ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଛି। ମହିଳା ଚାଷୀମାନେ ବିଶେଷଭାବେ ହଇରାଣ ହେଉଛନ୍ତି। ଏବେ ଧାନରୁଆ ସମୟରେ ଚାଷୀ ବିଲ କାମ ଛାଡ଼ି ଦିନସାରା ପ୍ୟାକ୍ସ ଆଗରେ ଠିଆ ହେବାକୁ ବାଧ୍ୟ ହେଉଛି। ଜଣେ ଚାଷୀଙ୍କ ଇ-କେୱାଇସି ପାଇଁ ପ୍ରାୟ ୨୫ରୁ ୩୦ମିନିଟ ସମୟ ଲାଗୁଛି। ଫଳରେ ଚାଷୀମାନଙ୍କ ଲମ୍ବାଧାଡ଼ି ଲାଗୁଛି। ନେଟ୍‌ୱର୍କଜନିତ ସମସ୍ୟା ଯୋଗୁ ପ୍ୟାକ୍ସଗୁଡ଼ିକରେ ଚାଷୀ ପଞ୍ଜୀକରଣ ଠିକ୍ ଭାବେ ହୋଇପାରୁ ନ ଥିବା ଏବଂ ଚାଷୀ ପ୍ୟାକ୍ସ ସମ୍ପାଦକମାନଙ୍କୁ ଗାଳିମନ୍ଦ କରୁଥିବା ଘଟଣା ମଧ୍ୟ ନଜରକୁ ଆସିଛି। ଦଳେଇପୁଟ ଚାଷୀ ଭରତ ସୁବୁଦ୍ଧିଙ୍କ କହିବା ହେଲା ଏବେ ଧାନତଳି ରୁଆ ଚାଲିଛି। ଏହି ସମୟରେ ବିଲ କାମ ଛାଡ଼ି ପଞ୍ଜୀକରଣ ପାଇଁ ଘଣ୍ଟା ଘଣ୍ଟା ଠିଆ ହେବା ସମ୍ଭବପର ନୁହେଁ। ସମାନ ଅଭିଯୋଗ ରଖିଛନ୍ତି ଉଇଲିକିଷନର ଚାଷୀ ଗୋପାଳ ପ୍ରଧାନ, ସୀତାରାମ ସୁନ୍ଦରାୟ, ପ୍ରଭାତ ବେହେରା ଏବଂ ଅରାଙ୍ଗ ଚାଷୀ ସନାତନ ମହାଭୋଇ। ବିଲ ପଡ଼ିଆ ଛାଡ଼ି ପଞ୍ଜୀକରଣ ସମ୍ଭବପର ନୁହେଁ ବୋଲି ସେମାନେ କହିଛନ୍ତି। ଅନ୍ୟଜଣେ ଚାଷୀ କୁହନ୍ତି, ଆମ ପରିବାରରେ ଜେଜେ ବାପା, ଅଣଜେଜେ ବାପାଙ୍କ ଅମଳରୁ ଚାଷଜମି ଅଛି। ଏହା ଭାଗ କରାଯାଇନାହିଁ। ଏବେ ନୂତନ ନିୟମ ଅନୁସାରେ ପଞ୍ଜୀକରଣ କରିବାକୁ ହେଲେ ବଂଶର ସମସ୍ତଙ୍କ ଦସ୍ତଖତ ଆଣିବା ସମ୍ଭବ ନୁହଁ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ପରିବାର ସଦସ୍ୟ ରାଜ୍ୟ ବାହାରେ ରହୁଛନ୍ତି। ସହମତି ପତ୍ର ସଂଗ୍ରହ ଠାରୁ ଜମିନାମା ଆଣିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଚାଷୀ ଦୌଡୁଛନ୍ତି। ହେଲେ ଅନେକ ସ୍ଥାନରେ ରାଜସ୍ୱ ନିରୀକ୍ଷକଙ୍କ ଦେଖାମିଳୁନି। ଅନ୍ୟ କାମରେ ବ୍ୟସ୍ତ ରହିଥିବା କହି ଏକାଧିକ ନିରୀକ୍ଷକ ଅଫିସକୁ ନିୟମିତ ଆସୁ ନ ଥିବାବେଳେ ଚାଷୀ ରାଜସ୍ୱ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେଣି। ଖୋର୍ଦ୍ଧା ସହରାଞ୍ଚଳ ଚାଷୀ ଜିତେନ୍ଦ୍ର ବେହେରା କୁହନ୍ତି, ପୂର୍ବରୁ ସତ୍ୟପାଠ ଦାଖଲ କରି ପଞ୍ଜୀକରଣ ହେଉଥିଲା। ଚଳିତବର୍ଷ ନୂଆ ନିୟମ ଯୋଗୁ ଚାଷୀ ହଇରାଣ ହେଉଛନ୍ତି। ଚାଷୀନେତା ଅନନ୍ତ ମଙ୍ଗରାଜଙ୍କ କହିବାହେଲା, ଆଗୁଆ ମୌସୁମୀ ପ୍ରବେଶ, ସ୍ୱାଭାବିକ ଓ ଲଘୁଚାପ ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଆଣିଥିଲା। ଚଳିତବର୍ଷ ଚାଷୀ ଧାରକରଜ କରି ସୁନାର ଫସଲ ଉତ୍ପାଦନ କରିଥିବାବେଳେ ଧାନ ବିକ୍ରିରୁ ବଞ୍ଚିତ ହେବେ। ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୁହନ୍ତି,ପୂର୍ବରୁ ଚାଷୀ ପଞ୍ଜୀକରଣ ସମୟରେ ହଇରାଣ ହେଉଥିବାବେଳେ ଚଳିତବର୍ଷ ଇ-କେୱାଇସି ମଧ୍ୟ ଚାଷୀଙ୍କ ପାଇଁ ଦୁଃଖ ଆଣିଛି। ଏବର୍ଷ ବହୁ ଭାଗଚାଷୀ ପ୍ରଭାବିତ ହେବେ। ଭାଗଚାଷୀ ଜମି ମାଲିକଙ୍କ ଠାରୁ ଘୋଷଣା ନାମା ନ ଆଣିଲେ ପଞ୍ଜୀକରଣ ହୋଇପାରିବ ନାହିଁ। ଉପରୋକ୍ତ ସମସ୍ୟା ସମ୍ପର୍କରେ ସମବାୟ ସମିତି ସମୂହ ନିବନ୍ଧକ(ଡିଆର୍‌ସିଏସ୍) ଅଳକା ଜେନାଙ୍କ କହିବା ହେଲା, ନକଲି ଚାଷୀଙ୍କୁ ରୋକିବା ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ଚାଷୀ ପଞ୍ଜୀକରଣ ନେଇ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଚାଷୀଙ୍କ ଯେଉଁଭଳି କୌଣସି ଅସୁବିଧା ହେବ ନାହିଁ, ଏଥିଲାଗି ସମସ୍ତ ପ୍ୟାକ୍ସ, ଲାମ୍ପ୍ସ ସମ୍ପାଦକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନେଟ୍‌ୱର୍କ ଜନିତ ସମସ୍ୟା ଏଡ଼ାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ସୁବିଧା ଦିଆଯାଇଛି। ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସିଧାସଳଖ କଥା ହୋଇପାରିବେ।

> ସମବାୟ ସମିତି ସମୂହ ନିବନ୍ଧକ (ଡିଆର୍‌ସିଏସ୍) ଅଳକା ଜେନାଙ୍କ ସୂଚନାନୁସାରେ ୨୦୨୫-୨୬ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଜୁଲାଇ ୧୯ ତାରିଖରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଅଗଷ୍ଟ ୩୦ରେ ତାଲିକା ପ୍ରକାଶ ପାଇବ। ଖୋର୍ଦ୍ଧା ଜିଲାରେ ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଗୁରୁବାର ସୁଦ୍ଧା ୨୫ ପ୍ରତିଶତ ଅର୍ଥାତ୍ ୧୧,୨୫୧ ଚାଷୀଙ୍କ ପଞ୍ଜୀକରଣ ସରିଛି।

# ବିଶୋଧନ ହେଲା ୨୯ କୁକୁଡ଼ା ଫାର୍ମ



**ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆ ମୁଣ୍ଡାଆମ୍ବର ଏକ କୁକୁଡା ଫାର୍ମ ନମୁନା ପଜିଟିଭ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରାଯାଇଥିବାବେଳେ ଏହାର ଏକ କି.ମି. ଅଞ୍ଚଳକୁ ସର୍ଭେଲାନ୍ସରେ ରଖାଯାଇଛି। ଗତ ଦୁଇ ଦିନ ମଧ୍ୟରେ ବାର୍ଡ ଫ୍ଲୁ ଅଞ୍ଚଳର ଏକ କି.ମି. ମଧ୍ୟରେ ରହିଥିବା ୨୯ଟି କୁକୁଡ଼ା ଫାର୍ମକୁ ବିଶୋଧନ କରାଯାଇଛି। ପୂର୍ବରୁ ୮ଟି ଏବଂ ବୁଧବାର ୨୧ଟି ଫାର୍ମରେ ଚୂନ ପକାଯାଇ ବିଶୋଧନ କରାଯାଇଛି। ଏଥିରେ ୮ଟି ଆର୍‌ଆର୍‌ଟି ଦଳ ନିୟୋଜିତ ରହିଥିଲେ। ୨ଟି କୁକୁଡ଼ା ଫାର୍ମରୁ ପର୍ଯ୍ୟାୟକ୍ରମେ ୬,୯୫୭ ବ୍ରଏଲର ଏବଂ ୭୨୨ ଦେଶୀ କୁକୁଡ଼ା ମରାଯାଇଥିବା ସହକାରୀ ପ୍ରାଣୀଧନ ଚିକିତ୍ସକ ଡା. ପ୍ରଜ୍ଞାପାରମିତା ହରିଚନ୍ଦନ ସୂଚନା ଦେଇଛନ୍ତି। ଉପରୋକ୍ତ ଟିମ୍ ବିଶୋଧନରେ ଲାଗିଥିବାବେଳେ ଅନ୍ୟ ଦଳ ଗାଁକୁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଏକ ସୁପରଭାଇଜର ଟିମ୍ ଏହି ସମସ୍ତ ଅଞ୍ଚଳକୁ ନିରୀକ୍ଷଣ କରୁଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ଯାନ ଉକ୍ତ ଅଞ୍ଚଳରେ ବୁଲୁଛି।

# ବିନା ସୁରକ୍ଷା କର୍ମଚାରୀରେ ଚାଲିଛି ଟାଙ୍ଗୀ ୟୁକୋ ବ୍ୟାଙ୍କ

**ସୁରକ୍ଷା କର୍ମଚାରୀ ନିୟୋଜିତ ଦାବି**

**ଟାଙ୍ଗୀ,୩୧।୭ (ରଘୁନାଥ ସାହୁ)**

ରାଜ୍ୟରେ ଥିବା ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରୁ ଦିନ ଦ୍ୱିପହରରେ ଡକାୟତି କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିବା ଖବର ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଛି। ଟାଙ୍ଗୀ ବ୍ଲକ ସଦରମହକୁମାରେ ଥିବା ପୁରାତନ ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ବିନା ସୁରକ୍ଷା କର୍ମଚାରୀରେ ବର୍ଷ ବର୍ଷ ଧରି ଚାଲିଥିବା ଜଣାପଡ଼ିଛି। ସୁରକ୍ଷା କର୍ମଚାରୀ ଥାଇ ମଧ୍ୟ ଅନେକ ବ୍ୟାଙ୍କରେ ଡକାୟତି ହେଉଛି। କିନ୍ତୁ ଟାଙ୍ଗୀ ୟୁକୋ ବ୍ୟାଙ୍କରେ ସୁରକ୍ଷା କର୍ମଚାରୀ ମୂତୟନ ନ ଥିବାରୁ ଗ୍ରାହକମାନଙ୍କ ସମେତ ବ୍ୟାଙ୍କ କର୍ମଚାରୀଙ୍କ ବିପଦରେ ଥିବା ଜଣାପଡ଼ିଛି। ଟାଙ୍ଗୀ ୟୁକୋ ବ୍ୟାଙ୍କ ଲେଭେଲ ୩ ପାହ୍ୟାର ମାନ୍ୟତା ପାଇଛି। ଏଠାରେ ୨୦ରୁ ଊର୍ଦ୍ଧ୍ୱ ଡିଡିଓ ଆକାଉଣ୍ଟ ଓ ୨୫ ହଜାରରୁ ଊର୍ଦ୍ଧ୍ୱ ସେଭିଙ୍ଗସ ଆକାଉଣ୍ଟ, ଏକ ହଜାରରୁ ଊର୍ଦ୍ଧ୍ୱ ପେନସନ ଭୋଗୀଙ୍କ ଆକାଉଣ୍ଟ ରହିଛି। ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କା ଦେଣନେଣ ହୋଇଥାଏ। ସପ୍ତାହରେ ଦୁଇ ଦିନ ସୁନାଗହଣା ରଖି ଋଣ ଦେବାର ଓ ଲକର ବ୍ୟବସ୍ଥା ମଧ୍ୟ ରହିଛି। ଏଥିପାଇଁ ଗ୍ରାହକମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଚାନ୍ଦପୁର ଶାଖା ଓ ଟାଙ୍ଗୀସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବଡପାରୀ ଶାଖାରେ ସୁରକ୍ଷା କର୍ମଚାରୀ ନିୟୋଜିତ ଅଛନ୍ତି। କିନ୍ତୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ସୁରକ୍ଷା କର୍ମଚାରୀ ମୂତୟନ ନ ହେବା ସମସ୍ତଙ୍କୁ ବିସ୍ମିତ କରିଛି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ ୟୁକୋ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ଲେଭେଲ ୩ ଶାଖା ଥିବା କୌଣସି ବ୍ୟାଙ୍କରେ ସୁରକ୍ଷା କର୍ମଚାରୀ ଦେଉନାହାନ୍ତି। ସୂଚନାଯୋଗ୍ୟ ଯେ, ୧୯୯୪ ପର୍ଯ୍ୟନ୍ତ ଏହି ବ୍ୟାଙ୍କରେ ସୁରକ୍ଷା କର୍ମଚାରୀ ନିୟୋଜିତ ରହିଥିଲେ। କେତେବେଳେ କିଛି ଅଘଟଣ ଘଟିବା ପୂର୍ବରୁ ୟୁକୋ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ସମସ୍ତ ଶାଖାରେ ସୁରକ୍ଷା କର୍ମଚାରୀ ମୂତୟନ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପ୍ରଶିକ୍ଷଣ ଶିବିର

**ନିରାକାରପୁର,୩୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆମ ବିକାଶ ପରିବାର ଓ ଗ୍ଲୋବାଲ ଇ-ଭିଲେଜ ଲିମିଟେଡ୍ ମିଳିତ ଆନୁକୂଲ୍ୟରେ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆମବିକାଶ ପରିବାରର ଫାଉଣ୍ଡର ବିକାଶ କୁମାର ବରାଡ ଯୋଗଦେଇ ଉପସ୍ଥିତ ବ୍ୟକ୍ତି ବିଶେଷମାନଙ୍କୁ ସୂର୍ଯ୍ୟଘର ଯୋଜନର ଆଭିମୁଖ୍ୟ ବିଷୟରେ ଅବଗତ କରାଇବା ସହିତ ସରକାରଙ୍କ ଏହି ଯୋଜନର ରିହାତି ବିଷୟରେ ଆଲୋଚନା କରିଥିଲେ।

# ଯୁବ ରେଡ୍‌କ୍ରସ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ



ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନରେ ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଜିଲା ଯୁବ ରେଡକ୍ରସ୍ ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ଜିଲାର ୩୫ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଯୁବ ପରାମର୍ଶଦାତା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ରେଡକ୍ରସ୍‌ର ରାଜ୍ୟ ମୁଖ୍ୟ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ସଚିବ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଆବଶ୍ୟକତା ଉପରେ କହିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ରାଜ୍ୟ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ଛାତ୍ରୀଛାତ୍ରଙ୍କ ଯୋଗଦାନ ଏବଂ ସେବା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ଗଦାଧର ସାହୁ, ଅଧ୍ୟାପକ ରବି ନାରାୟଣ ସ୍ୱାଇଁ, ଅଧ୍ୟାପିକ ପ୍ରାଚୀପ୍ରଭା ନାୟକ, ଅଧ୍ୟାପକ ସୁବୋଧ କୁମାର ଜଗଦେବଙ୍କ ସମେତ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଜିଲା ଯୁବ ରେଡକ୍ରସର ଆବାହକ ପ୍ରଫୁଲ୍ଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ବାମଦେବ ମିଶ୍ର ଅତିଥି ପରିଚୟ ଓ ବୈଠକ ସଂଯୋଜନା, ଜିଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରରେ ୨ ଶିକ୍ଷକଙ୍କୁ ମିଳିଲା ପ୍ରୋଭିଜନାଲ ପେନ୍‌ସନ ପତ୍ର

**ଟାଙ୍ଗୀ,୩୧।୭ (ରଘୁନାଥ ସାହୁ)**

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ଦୁଇଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସର ଦିନରେ ଗୁରୁବାର ସେମାନଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରୋଭିଜନାଲ ପେନସନ ପତ୍ର ପ୍ରଦାନ କରାଯାଇଥିଲା। ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖବରଦାତା ରଘୁନାଥ ସାହୁ, ପରିଚାଳନା କମିଟି ସଦସ୍ୟା ସସ୍ମିତା ମହାନ୍ତି ଯୋଗଦେଇ ପରିଡାଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ବଳରାମ ବେହେରା, ଲକ୍ଷ୍ମୀଧର ଭୋଳ, ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଇ, କୁମୁଦିନୀ ସାହୁ, ଗିତାଞ୍ଜଳି ସାସମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଓଲସିଂ ନୂଆସାହି ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କୁନି ଦେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ପ୍ରୋଭିଜନାଲ ପେନସନ ପତ୍ର ପ୍ରଦାନ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଅବସର ଦିନ ଫାଇନାଲ ପେନସନ କାଗଜ ପତ୍ର ପ୍ରଦାନ କରାଯିବା କଥା। କିନ୍ତୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରୋଭିଜନାଲ ପେନସନ ପତ୍ର ଦିଆଯାଇ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ୩ରେ ପାଳନ ହେବ ବିଶ୍ୱ ବନ୍ଧୁତା ଦିବସ

**ବେଗୁନିଆ,୩୧।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦରମହକୁମାସ୍ଥିତ ଆଦର୍ଶ କ୍ଲବ ଆନୁକୂଲ୍ୟରେ ଆସନ୍ତା ୩ରେ ପାଳନ ହେବ 'ବିଶ୍ୱ ବନ୍ଧୁତା ଦିବସ' ସମାରୋହ। ଏ ନେଇ ଗୁରୁବାର ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଆୟୋଜକ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବେଗୁନିଆ ନୂଆସାହିସ୍ଥିତ ଆମ୍ରକାନନ ପରିସରରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଡ ହରିପ୍ରସାଦ ଦାସ, ସଂଯୋଜକ ପ୍ରଫେସର ରବିନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ସମ୍ପାଦକ ରାମଚନ୍ଦ୍ର ସାହୁ, ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ, ଗାୟକ ବସନ୍ତ କୁମାର ଦାସ, କବୟିତ୍ରୀ ମାନସୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କଟକର ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ସରୋଜ କୁମର ମହାପାତ୍ର ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ସ୍ତମ୍ଭକାର ତଥା ସଂସ୍କୃତି ବିଶେଷଜ୍ଞ ପ୍ରଫେସର ନାରାୟଣ ମିଶ୍ର ବକ୍ତା ଭାବେ ଯୋଗ ଦେବାର ନିଷ୍ପତ୍ତି ନିଆଯାଇଛି। ପରେ ଉପସଭାପତି ମେହେଫୁଜ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାବବିହ୍ୱଳ ହେଲେ ପ୍ରଧାନଶିକ୍ଷୟିତ୍ରୀ

**ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ବଙ୍ଗିଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଡ଼ଖଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟୁନୀ ଦେଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଜୀବନର ୩୮ବର୍ଷ ଶିକ୍ଷାଗତ ଅଭିଜ୍ଞତା ଅନୁଭୂତି କହି ପ୍ରଧାନ ଶିକ୍ଷୟିତ୍ରୀ ଭାବବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା।

ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଉପସଭାପତି ଅଗାଧୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତାଭାବେ ସିଆର୍‌ସିସି ବାଗେଶ୍ରୀ ମହାପାତ୍ର ଏବଂ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ମଙ୍ଗରାଜ, ପୂର୍ବତନ ବିଆର୍‌ସିସି ଗୁଣନିଧି ମହାପାତ୍ର, ରବୀନ୍ଦ୍ର ନାଥ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁନୀ ଦେଇ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ତଥା ଶିକ୍ଷକନେତା ବଟ କୃଷ୍ଣ ପରିଡ଼ା, ହୃଷୀକେଶ ମିଶ୍ର ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଂଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଗୋପାଳ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମୟାନୁବର୍ତ୍ତିତା, ପାଠ୍ୟଦାନ ଶୈଳୀକୁ ପ୍ରଶଂସା କରିଥିଲେ। ମୃତ୍ୟୁଞ୍ଜୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମ୍ୟ କମିଟିର ମୁଖ୍ୟ ବିପିନ ବିହାରୀ ହରିଚନ୍ଦନ, ବଙ୍ଗିଦା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୀତା ପ୍ରସାଦ ସାହୁ, ସରପଞ୍ଚ ଦିଲୀପ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ପୀତବାସ ବେହେରା, ପ୍ରସନ୍ନ କୁମାର ମହାପାତ୍ର, ଶିକ୍ଷକ ସତ୍ୟାନନ୍ଦ ବେହେରା, ତ୍ରିଲୋଚନ ବେହେରା, ବେଣୁଧର ମହାପାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ସତ୍ୟବ୍ରତ ହରିଚନ୍ଦନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜଟଣୀ ଭାଜପାର ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ଜଟଣୀ,୩୧।୭(ରବିନ୍ଦ୍ରନାଥ ମହାକୁଡ଼)**

ଜଟଣୀ ନଗର ଭଜପା ପକ୍ଷରୁ ଗୁରୁବାର ବିଜେଡି ଓ କଂଗ୍ରେସର ନାରୀ ଶୋଷଣ ଓ ନିର୍ଯାତନାକୁ ନେଇ ହୀନ ରଜନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଜେଡି ସଭାପତି ଓ କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମସଜିଦ ଛକଠାରୁ ଶତାଧିକ ଭାଜପା କର୍ମୀ ଏବଂ ନେତା ସହର ପରିକ୍ରମା କରି ବିଭିନ୍ନ ନାରା ଦେଇଥିଲେ। ସହର ପରିକ୍ରମା ପରେ ସ୍ଥାନୀୟ ହରିଭାଇନା ଛକଠାରେ ଦୁଇ ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବିରୋଧୀ ବିଜେଡି ଓ କଂଗ୍ରେସର ମହିଳା ଶୋଷଣ ପ୍ରତିଯୋଗିତା ବିରୋଧରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ରାଜ୍ୟ ପ୍ରବକ୍ତା ସୁଦିପ୍ତ ରାୟ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟନାୟକ ଏବଂ ମନୋଜ ନନ୍ଦଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଜଟଣୀ ନଗର ଭଜପା ପକ୍ଷରୁ ଗୁରୁବାର ବିଜେଡି ଓ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ଶ୍ରମିକ କଂଗ୍ରେସର ଆମରଣ ଅନଶନ

**ଏମଜିକେ, ୧୧ ଦଫା ଦାବି**

**ଜଟଣୀ,୩୧।୭(ରବିନ୍ଦ୍ରନାଥ ମହାକୁଡ଼)**



ଅନଶନରେ ବସିଥିବା ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଓ ସର୍ବଭାରତୀୟ ରନିଙ୍ଗ ଷ୍ଟାଫ ଆସୋସିଏଶନର କର୍ମକର୍ତ୍ତା।

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଓ ସର୍ବଭାରତୀୟ ରନିଙ୍ଗ ଷ୍ଟାଫ ଆସୋସିଏଶନ ମିଳିତ ଭାବେ ଗୁରୁବାର ଏମ୍‌ଜକେ ଓ ବିଭିନ୍ନ ଦାବି ନେଇ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସର୍ବନିମ୍ନ ନିଶ୍ଚିତ କିଲୋମିଟର (ଏମ୍‌ଜିକେ ) ଓ ୧୧ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ଅଧୀନ ୩ଟି ମଣ୍ଡଳ ଖୋର୍ଦ୍ଧାରୋଡ, ଯଖପୁରା, ତାଳଚେର, ପାରାଦ୍ୱୀପ, ସମ୍ବଲପୁର, ଟିଟିଲାଗଡ, ବିଜୟାନଗରମ ଓ ବିଶାଖାପାଟଣାଠାରେ ଅବସ୍ଥିତ କ୍ରିୟୁ କଣ୍ଟ୍ରୋଲ ଅଫିସଠାରେ ଏକକାଳୀନ ଏହି ଆମରଣ ଅନଶନ ଜାରିରହିଥିଲା ବେଳେ ଖୋର୍ଦ୍ଧାରୋଡଠାରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ଓ ରନିଙ୍ଗ ଆସୋସିଏଶନ ସଭାପତି ପ୍ରଫୁଲ୍ଲ କୁମାର ଦାସ ଧାରଣା ଓ ଆମରଣ ଅନଶନ ନେତୃତ୍ୱ ନେଉଛନ୍ତି। ଖୋର୍ଦ୍ଧାରୋଡ କ୍ରିୟୁ କଣ୍ଟ୍ରୋଲ କାର୍ଯ୍ୟାଳୟଠାରେ ଲୋକପାଇଲଟ ଓ ଟ୍ରେନ ମ୍ୟାନେଜେରଙ୍କୁ ସମର୍ଥନ ଜଣାଇ ଶ୍ରମିକ କଂଗ୍ରେସର ବିଭିନ୍ନ ବିଭାଗର ଶତାଧିକ କର୍ମଚାରୀ ଧାରଣାରେ ବସିଥିଲେ। ଏମ୍‌ଜିକେ ପୂର୍ବପରି ସର୍ବନିମ୍ନ ୧୨୦ କିମି ଦେବା, ୮ଘଣ୍ଟାରୁ ୧୦ ଘଣ୍ଟା ଗାଡି ଚାଳନା ପରେ ବିଶ୍ରାମ ଦେବା, ଏକକାଳୀନ ଦୁଇ ରାତି ଲଗାତାର ଡ୍ୟୁଟି ନ ଦେବା, ସର୍ବାଧିକ ୩୬ ଘଣ୍ଟା ଭିତରେ ଜଣେ କର୍ମଚାରୀ ଘରକୁ ଫେରାଇ ଆଣିବା, ଲଙ୍ଗ ଆୱାର କାର୍ଯ୍ୟକୁ ଭାଙ୍ଗିବା ପାଇଁ ଯେକୌଣସି ଷ୍ଟେଶନରେ ୨ରୁ ୪ ଘଣ୍ଟା ବିଶ୍ରାମ ନେବାକୁ ବାଧ୍ୟ କରି ପୁନଃ ଗାଡି ଚଳାଇବା ପାଇଁ ବାଧ୍ୟ କରିବାରୁ ବିରତ ରହିବା, ବକ୍ସକୁ ଲୋକୋ ଓ ଗାର୍ଡ ବୋଗିରେ ପହଞ୍ଚାଇବା ପାଇଁ ବକ୍ସ ବୟ ନିଯୁକ୍ତି, ସାମାନ୍ୟ ଭୁଲ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ବନ୍ଦ କରିବା ଭଳି ଦାବି ଶୀଘ୍ର ପୂରଣ କରିବା ପାଇଁ ଧାରଣାସ୍ଥଳରେ ନେତାମାନେ ଦାବି କରି ବିଭିନ୍ନ ନାରାବାଜି କରିଥିଲେ। ଧାରଣା ସମୟରେ ଅପରାହ୍ନରେ ଜଣେ ସହକାରୀ ଲୋକୋ ପାଇଲଟ ଏସ୍.କେ. ମହାରଣା ହଠାତ ବେହୋସ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ରେଲୱେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ରେଲୱେ ପ୍ରଶାସନ ତରବରିଆ ଭାବେ ୪୪ଟି ସେକ୍ସନରୁ ୧୨ଟି ସେକ୍ସନରେ ଏମ୍‌ଜିକେ ଦେବାକୁ ରାଜିହେବା ସହିତ ଅନ୍ୟାନ୍ୟ ଦାବି ଉପରେ ପ୍ରଶାସନ ଶୀଘ୍ର ନିଷ୍ପତ୍ତି ନେବ ବୋଲି ଲିଖିତ ପତ୍ର ଦେଇଥିଲେ। କର୍ମଚାରୀ, ଶ୍ରମିକ କଂଗ୍ରେସ ଓ ରନିଙ୍ଗ ଆସୋସିଏଶନ ଏହି ପ୍ରତିଶ୍ରୁତିରେ ରାଜି ନ ହୋଇ ଯେଉଁ ସେକ୍ସନରେ ୧୦୬ରୁ ୧୧୭ କି.ମି. ସାଧାରଣ ଭାବେ ହୋଇଯାଉଛି, ସେ କ୍ଷେତ୍ରରେ ଆଉ ୩ରୁ ୧୪ କି.ମି. ମାତ୍ର ଦେଇ ପ୍ରଶାସନ ଏକପ୍ରକାର ଶ୍ରମିକ ଶୋଷଣ କରୁଛି। ଏହାକୁ ବରଦାସ୍ତ କରାଯିବନି ଏବଂ ଆନ୍ଦୋଳନ ଜାରିରହିବ ବୋଲି ଚେତାବନୀ ଦେଇଥିଲେ।

**ପୋଷ୍ଟମାଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ଅନ୍ତର୍ଗତ ଝାରକଟା ଶାଖା ଡାକଘର ପୋଷ୍ଟ ମାଷ୍ଟର ପ୍ରଶାନ୍ତ କୁମାର ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଗୁରୁବାର ଭଡ଼ାଘରୁ ଜବତ କରିଛି। ମୃତକଙ୍କ ଘର କନ୍ଧମାଳ ଜିଲାରେ ବୋଲି ଜଣାପଡିଛି। ୪ବର୍ଷ ହେବ ବେଣ୍ଟକାର ଉପ ଡାକଘର ଅଧୀନ ଝାରକଟା ଶାଖା ଡାକ ଘରେ ପୋଷ୍ଟ ମାଷ୍ଟର ଭାବେ ଯୋଗଦେଇଥିଲେ। ସକାଳେ ମଲ୍ଲିକ ଅଫିସକୁ ନ ଆସିବାରୁ ସହକର୍ମୀମାନେ ଭଡ଼ା ଘରକୁ ଆସି କବାଟ ବାଡ଼େଇ ଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଖବର ପାଇ ପୋଲିସ ପହଞ୍ଚି କବାଟ ଭାଙ୍ଗି ଆଜବେଷ୍ଟସ ଘରେ ରେଲିଂରେ ବେକରେ ଗାମୁଛା ବନ୍ଧା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ (ନଂ.୯/୨୫) ରୁଜୁ ହୋଇଛି।

# ଏସ୍‌ସିବି ଅଧୀକ୍ଷକଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ,୩୧ା୭(କାର୍ତ୍ତିକ ସାହୁ)**



## ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା

କଟକ ସହର ସମସ୍ୟା ନେଇ ହାଇକୋର୍ଟରେ ରୁଜୁ ମାମଲାଗୁଡ଼ିକର ଶୁଣାଣି କରି ଗୁରୁବାର ହାଇକୋର୍ଟ ଏସସିବି ମେଡିକାଲ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ସିବି ମେଡିକାଲର ହୃଦ୍‌ବକ୍ଷଶଲ୍ୟ ବିଭାଗରେ ଜରୁରୀ ଯନ୍ତ୍ରାଂଶ ଓ ଉପକରଣ ଅଭାବକୁ ନେଇ ସତ୍ୟପାଠ ଦାଖଲ କରିବା ନିମନ୍ତେ ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମିକସ୍ କ୍ୟୁରି କୋର୍ଟମିତ୍ର) ବିଜୟ କୁମାର ଦାଶଙ୍କ ସମେତ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର, ସମ୍ପାଦକ ଆଇନଜୀବୀ ଅଭିଜିତ ପଟ୍ଟନାୟକ ଏସ୍‌ସିବି ମେଡିକାଲ ସଂକ୍ରାନ୍ତୀୟ ରିପୋର୍ଟ ଅଦାଲତଙ୍କୁ ଅବଗତ କରାଇଥିଲେ। ସେହିପରି ଆଡ୍‌ଭୋକେଟ କମିଟି ପକ୍ଷରୁ ଏସ୍‌ସିବି ମେଡିକାଲର ହୃଦବକ୍ଷଶଲ୍ୟ ବିଭାଗ (କାର୍ଡିଓଥେରାସିକ ଭାସ୍କୁଲାର ସର୍ଜରି) ବିଭାଗରେ ଅନେକ ଅସୁବିଧା ଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏସ୍‌ସିବିରେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ମାନକୁ ନେଇ ଆଡଭୋକେଟ କମିଟି ପ୍ରଶ୍ନ ଉଠାଇଥିଲେ। ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ସନ୍ତୋଷଜନକ ନୁହେଁ ବୋଲି କମିଟି ରିପୋର୍ଟ ଦେଇଥିଲେ। ତୁରନ୍ତ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅଧୀକ୍ଷକ ଜଣାଇଥିଲେ ଯେ ଖାଦ୍ୟ ପ୍ରସ୍ତୁତ କରୁଥିବା ଏଜେନ୍ସି ମେଶିନ ଜରିଆରେ ରୁଟି ତିଆରି କରାଯାଉଛି। ପ୍ରଦର୍ଶିତ ଏକ ଭିଡିଓ କ୍ଲିପରେ ବିନା ଗ୍ଲୋଭ୍ସରେ ମେଶିନରେ ରୁଟି ତିଆରି କରାଯାଉଥିବା ଏବଂ କର୍ମଚାରୀମାନେ ଚପଲ ପିନ୍ଧି ରୁଟି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଏବଂ ଟ୍ରାଫିକ ଛକରେ ଟ୍ରାଫିକ୍ ଲାଇଟ ସ୍ଥାପନ କରିବା ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଅଦାଲତ ଡିସିପିଙ୍କୁ ପ୍ରଶ୍ନ କରିଥିଲେ। କ୍ୟାମେରା ଲଗାଇବା ପାଇଁ ପଦକ୍ଷେପ ନିଆଯାଉଛି ଏବଂ ଟ୍ରାଫିକ ଲାଇଟ ଲଗାଇବାକୁ ସିଡିଏ ଉପାଧ୍ୟକ୍ଷଙ୍କୁ ଚିଠି କରି ବାରମ୍ବାର ଅବଗତ କରିଥିବା କହିଥିଲେ। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରେ ଆବର୍ଜନା ପକାଇବା ସହ ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଡିସିପି ଉତ୍ତର ରଖିଥିଲେ। ତାଳଦଣ୍ଡା ବୋଟ କ୍ଲବ କାର୍ଯ୍ୟକ୍ଷମକୁ ନେଇ ସିଏମ୍‌ସି ପକ୍ଷରୁ ଟୁରିଜିମ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିବା ସିଏମ୍‌ସି କମିଶନର କହିଥିଲେ। ଉଭୟ ବିଷୟ ଉପରେ ଡିସିପି ଏବଂ ସିଏମ୍‌ସି କମିଶନର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିଶୁ ଭବନ ପରିସରରେ ଯାନ ଅବାଧରେ ଚଳାଚଳ କରୁଥିବାରୁ ରୋଗୀ, ଡାକ୍ତର ଓ ରୋଗୀ ସମ୍ପର୍କୀୟମାନେ ଅସୁରକ୍ଷିତ ମଣୁଛନ୍ତି। ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନିଆଯାଉଛି ବୋଲି ଖଣ୍ଡପୀଠ ଅଧୀକ୍ଷକଙ୍କୁ ପ୍ରଶ୍ନ କରିଥିଲେ। ନୂଆ ଫାଟକରେ ପ୍ରବେଶ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଗଲେ ଏହି ସମସ୍ୟା ଦୂର ହୋଇଯିବ ବୋଲି ଅବଗତ କରିଥିଲେ। ରୋଗୀଙ୍କ ପାଇଁ କେବଳ ବ୍ୟାଟେରି ଗାଡ଼ି, ଆମ୍ବୁଲାନ୍ସ ଉପଲବ୍ଧ କରାଯିବ ବୋଲି ଅଧୀକ୍ଷକ କହିଥିଲେ। ଶିଶୁ ଭବନ ପରିସରରେ ଥିବା ଖୋଲା ଜଳାଶୟରେ କୌଣସି ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଏହାର ଚାରିପଟେ ବ୍ୟାରିକେଡ ବ୍ୟବସ୍ଥା କରିବାକୁ ଆଡଭୋକେଟ କମିଟି ପକ୍ଷରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାସ୍ତା ଓ ପୂର୍ତ୍ତ ବିଭାଗ-୧ ଅଧୀକ୍ଷଣ ଯନ୍ତ୍ରୀ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ ଭବନ ପରିସରରେ ନବନିର୍ମିତ ଜି+୭ ବିଲ୍ଡିଂ ନିର୍ମାଣରେ ଅନିୟମିତତା ଅଭିଯୋଗ ଉପରେ ରାସ୍ତା ଓ ପୂର୍ତ୍ତ ବିଭାଗ-୧ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟପାଠ ଜରିଆରେ ଉତ୍ତର ରଖିଥିଲେ।

# ସଫେଇ ଅବ୍ୟବସ୍ଥାକୁ ନେଇ କାର୍ଯ୍ୟନିର୍ବାହୀଙ୍କୁ ଦାବିପତ୍ର



କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମଙ୍ଗୁଳି-ଜଗତପୁର,୩୧ା୭(ମାନସ ସାମଲ)**

ସ୍ୱଚ୍ଛତାକୁ ନେଇ ରାଜ୍ୟ ତଥା କେନ୍ଦ୍ର ସରକାର ପ୍ରଚାର ପ୍ରସାର ସହ ସଚେତନତାକୁ ଗୁରୁତ୍ୱ ଦେଉ ଥିବା ବେଳେ ଚୌଦ୍ୱାର ପୌରପାଳିକା ଅଧୀନ ୭, ୮, ୧୧, ୧୨ ନମ୍ବର ୱାର୍ଡରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ଦୀର୍ଘ ଦିନ ଧରି ସଫେଇ କାର୍ଯ୍ୟ ଠିକ ଭାବେ ହେଉ ନ ଥିବାରୁ କଲୋନୀ, ମନ୍ଦିର, ମଠ, ଶିକ୍ଷାନୁଷ୍ଠାନ ଓ ବଜାରରେ ଏଣେତେଣେ କୁଢ଼କୁଢ଼ ଆବର୍ଜନା ଗଦା ହୋଇ ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ନା ପ୍ରତିନିଧି ନା ଠିକା ସଂସ୍ଥା କେହି ମଧ୍ୟ କର୍ଣ୍ଣପାତ କରୁ ନ ଥିବା ବେଳେ ଏହା ଇଡିକୋ ଅଧୀନସ୍ଥ ଅଞ୍ଚଳ କହି ଆଡେଇ ଯାଉଛି ଚୌଦ୍ୱାର ପୌରପାଳିକା। ହଜାର ହଜାର ଲୋକଙ୍କୁ ନେଇ ଗଢ଼ି ଉଠିବା ଏହି ଅଞ୍ଚଳରେ ଏପରି ଅବ୍ୟବସ୍ଥା ବୁଦ୍ଧିଜୀବୀ ତଥା ସାଧାରଣ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଓଟିଏମ କଲୋନୀର କେତେଜଣ ଯୁବକ କାର୍ଯ୍ୟନିର୍ବାହୀଙ୍କୁ ଭେଟି ଦାବି ଜଣେଇବା ସହ ଏକ ସପ୍ତାହ ମଧ୍ୟରେ ସମାଧାନ ନ କଲେ ଅଞ୍ଚଳବସୀ ସାମ୍ବିଧାନିକ ପଦ୍ଧତିରେ ପ୍ରତିବାଦ କରିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ବିଜୟ ଦାସ, ରଞ୍ଜନ ବେହେରା, ଚନ୍ଦ୍ରକାନ୍ତ ଗିରି, ପ୍ରଦୀପ କୁମାର ବାରିକ, ରାକେଶ କୁମାର ବେହେରା ଓ ବିଶ୍ୱଜିତ ସାହାଣୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଷ୍ଟ୍ରେଚର ଭାଙ୍ଗି ତଳେ ପଡ଼ିଲା ମୃତଦେହ

**କଟକ,୩୧ା୭(ଶିଳ୍ପା ପ୍ରିୟଦର୍ଶିନୀ)**

ଦଦରା ହୋଇଗଲାଣି ଷ୍ଟ୍ରେଚର। ପୁରୁଣା ଷ୍ଟ୍ରେଚରଗୁଡିକ ରୋଗୀର ଭାର ସମ୍ଭାଳିବା ବି ମୁସ୍କିଲ। ଏସ୍‌ସିବିରେ ପ୍ରଶାସନିକ ଅବହେଳା ଯୋଗୁ ଅନେକ ବ୍ୟବସ୍ଥା ଏବେ ବିଗିଡିବାରେ ଲାଗିଲାଣି। ଗୁରୁବାର ଜଣେ ମହିଳାଙ୍କ ମୃତଦେହ ବୋହି ନେବା ବେଳେ ହଠାତ୍ ଷ୍ଟ୍ରେଚର ଭାଙ୍ଗି ଯାଇଥିଲା। ଏଭଳି ଅଭାବନୀୟ ଘଟଣାକୁ ନେଇ ଏସ୍‌ସିବିରେ ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଏସ୍‌ସିବିରେ ଚିକିତ୍ସାଧୀନ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଷ୍ଟ୍ରେଚରରେ ମୃତଦେହ ନେଉଥିଲେ। ହେଲେ ହଠାତ୍ ଷ୍ଟ୍ରେଚର ଭାଙ୍ଗି ଯାଇଥିଲା। ପରିବାର ଲୋକ ଓ ସେଠାରେ ଉପସ୍ଥିତ ଏସ୍‌ସିବି କର୍ମଚାରୀ ତୁରନ୍ତ ଅନ୍ୟ ଏକ ଷ୍ଟ୍ରେଚର ଆଣି ମୃତଦେହ ବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ ନେଇଥିଲେ। ହେଲେ ଏଭଳି ଅବ୍ୟବସ୍ଥା ଯୋଗୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

### ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ

**କଟକ,୩୧ା୭(କାର୍ତ୍ତିକ ସାହୁ)**

କଟକ ଜିଲା ଗୋପିନାଥପୁରସ୍ଥିତ କୃପାସିନ୍ଧୁ ହାଇସ୍କୁଲର ଅବସର ନେଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହିମାଂଶୁ ବେହେରା ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଅଭିଯୋଗକାରୀଙ୍କୁ ଉପସ୍ଥାନ ଖାତାରେ ଦସ୍ତଖତ କରିବା ପାଇଁ ଅନୁମତି ଦେବା ଓ ଦରମା ବିଲ୍ ଟ୍ରେଜେରି ପଠାଇବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ଭିଜିଲାନ୍ସ ଅଦାଲତ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ମଧ୍ୟ କରିଛନ୍ତି। ଏବେ ତାଙ୍କୁ ସଜା କାଟିବା ପାଇଁ କାରାଗାରକୁ ପ୍ରେରଣ କରାଯାଇଛି। ତାଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଇନ୍‌ସପେକ୍ଟର ଅନୁପମା ସାହୁ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।





୫ ଦଫା ସମ୍ମିଳିତ ଦାବି ନେଇ ଗୁରୁବାର କଟକ ଜିଲା ଓଡ଼ିଶା ସିଆରପି. ସିଏମ୍. ଆସୋସିଏଶନ ପକ୍ଷରୁ ଜିଲାପାଳ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଜିଲା ଯୋଜନା କାର୍ଯ୍ୟାଳୟ ଅଧିକାରୀଙ୍କ କଟକ ସଦର ବ୍ଲକ ଗସ୍ତ

**କଟକ ସଦର,୩୧ା୭(ସୁଶାନ୍ତ କୁମାର ଜେନା)**

## ସଂଗ୍ରହ କଲେ ବିନିଯୋଗ ପ୍ରମାଣପତ୍ର

କଟକ ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ୨ ଜଣ ବରିଷ୍ଠ ଅଧିକାରୀ ଗୁରୁବାର କଟକ ସଦର ବ୍ଲକ ଗସ୍ତ କରିଥିଲେ। ବିଶେଷ କରି ବିଧାୟକ ଓ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ସଂଗ୍ରହ କରିବା ଗସ୍ତର ମୁଖ୍ୟକାରଣ ବୋଲି ଜଣାପଡିଛି। ବରିଷ୍ଠ ଅର୍ଥନୀତି ଓ ପରିସଂଖ୍ୟାନ ଅନୁସନ୍ଧାନ କାରୀ ଜୟାପ୍ରଦା ନାୟକଙ୍କ ନେତୃତ୍ୱରେ ଏହି ଦଳ ଏମପି ଓ କଟକ ସଦର, ବାରବାଟୀ-କଟକ, ଚୌଦ୍ୱାର-କଟକ ବିଧାୟକଙ୍କ ପାଣ୍ଠିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ଠିକ ସମୟରେ କାର୍ଯ୍ୟ ନ ସରିବା ଯୋଗୁ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରାଳୟ ଓ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗକୁ ବିନିଯୋଗ ପ୍ରମାଣ ପତ୍ର ଦାଖଲ କରାଯାଇ ପାରୁନାହୁଁ। ଫଳରେ ଦ୍ୱିତୀୟ କିସ୍ତି ଟଙ୍କା ସରକାରଙ୍କ ପାଖରୁ ଠିକ ସମୟରେ ଆସୁନାହିଁ ବୋଲି ଆଲୋଚନାରେ ବେଳେ ଜଣାପଡିଥିଲା। ଅନେକ ସମୟରେ ଉପଯୁକ୍ତ ଜାଗା ମିଳିବାରେ ସମସ୍ୟା ଦେଖାଯାଉଛି। ଏହାଛଡା ଏମପିମାନେ ନିୟମ ବାହାରେ ଧାର୍ମୀକ ସ୍ଥଳୀରେ ଟଙ୍କା ଖର୍ଚ୍ଚ ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପକାଇବ ଦ୍ୱାରା କାମ ଆଗେଇ ପାରୁନାହିଁ ବୋଲି ଜଣାପଡ଼ିଥିଲା। କିଛି କାର୍ଯ୍ୟର ବିନିଯୋଗ ପ୍ରମାଣପତ୍ର ମଧ୍ୟ ବ୍ଲକ ପକ୍ଷରୁ ଦିଆଯାଇଥିଲା।

### ଯୁବତୀଙ୍କୁ ଟଣାଓଟରା କରିବାର ଅଭିଯୋଗରେ ୩ ଗିରଫ

**ଚୌଦ୍ୱାର,୩୧ା୭(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଅଧୀନ ଓଟିଏମ୍ କଲୋନୀର ଯୁବତୀଙ୍କୁ ଟଣାଓଟରା କରିବାର ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ଅନୁସାରେ ବାବୁଲା କୁମାର ନାୟକ ୧୨ ନମ୍ବର ୱାର୍ଡ଼ ଅନ୍ତର୍ଗତ ଓଟିଏମ୍ କଲୋନୀ ଏକ ଘରେ ଭଡ଼ାରେ ରହୁଛନ୍ତି। ବୁଧବାର ରାତିରେ ସେ ତାଙ୍କ ପରିବାର ସହିତ ଘରେ ଥିବାବେଳେ କଲୋନୀର ଅଶିଷ ମହାନ୍ତି, ସୁବ୍ରତ ସ୍ୱାଇଁ, ଯଶୋବନ୍ତ ପାତ୍ରଙ୍କ ସମେତ ୪ଜଣ ଯୁବକ ଘରେ ପଶି ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିବା ସହିତ ତାଙ୍କ ଝିଅର ଚୁଟି ଟଣାଓଟରା କରିଥିଲେ। ଜଣେ ପଡ଼ୋଶୀ ସେମାନଙ୍କୁ ଅଟକାଇବାରୁ ତାଙ୍କୁ ମଧ୍ୟ ଯୁବକମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ୩ଜଣଙ୍କୁ ଗିରଫ କରିଛି।

### ଶପଥ ନେଲେ ୨୦୨୫ -୨୬ ବର୍ଷ ଛାତ୍ରୀଛାତ୍ର

**କଟକ,୩୧ା୭(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡାକ୍ତର ସଂଘ (ଜେଡିଏ)ର ଶପଥ ଗ୍ରହଣ ଉତ୍ସବ ଉତଥାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଡିକାଲର କେନ୍ଦ୍ରୀୟ ଅଡିଟୋରିୟମ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୫-୨୬ ବର୍ଷ ଲାଗି ନୂତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଅନ୍ୟତମ ଅତିଥି ଭାବେ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ଜେଡିଏର ଉପଦେଷ୍ଟା ଡା. ମନୋରଞ୍ଜନ ଦାସ, କୋ-ଆଡଭାଇଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ଜ୍ୟୋତିର୍ମୟ ନାୟକ ଯୋଗଦେଇଥିଲେ। ନୂତନ ସଭାପତି ଡା. ଚିନ୍ମୟ କୁମାର ବେହେରା, ଉପସଭାପତି ଡା. ଆଦିତ୍ୟ ପ୍ରସାଦ ବେହୁରା, ସମ୍ପାଦକ ଡା. ବିକାଶ କୁମାର ପଣ୍ଡାଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଶପଥ ପାଠ ଗ୍ରହଣ କରିଥିଲେ। ଏହି ଅବସରରେ ଡିଜେ ଜ୍ୟାକ ଓ ସାଥୀ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିବାବେଳେ ଭିଗନାଜ ବ୍ୟାଣ୍ଡ ଅନ୍ୟତମ ଆକର୍ଷଣ ରହିଥିଲା।

# ଖ୍ରୀଷ୍ଟ କଲେଜରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ

**କଟକ,୩୧ା୭(କାର୍ତ୍ତିକ ସାହୁ)**

ଖ୍ରୀଷ୍ଟ କଲେଜ ପରିସରରେ କଲେଜର ଯୁବ ରେଡ୍‌କ୍ରସ ଓ ରୋଟାରୀ କ୍ଲବ୍ କଟକ ମିଲେନିୟମ୍‌ର ମିଳିତ ସହଯୋଗରେ 'ଏକ୍ ପେଡ୍ ମା' କେ ନାମ୍' ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସର ଉପଦେଷ୍ଟା ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ବୃକ୍ଷର ଉପକାରିତା କହିଥିଲେ। ଅଧ୍ୟକ୍ଷା ମଧୁମିତା ପାତ୍ର କହିଲେ, ବୃକ୍ଷ ହିଁ ଆମର ପ୍ରକୃତ ଜୀବନ। ଏହାର ସୁରକ୍ଷା ଆମ ସମସ୍ତଙ୍କ ଏକମାତ୍ର କର୍ତ୍ତବ୍ୟ। ଟାଙ୍ଗୀସ୍ଥିତ ବିଶ୍ୱନାହାକାଣୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ସଚ୍ଚିଦାନନ୍ଦ ପ୍ରଧାନ, ରୋଟାରୀ କ୍ଲବ୍ କଟକ ମିଲେନିୟମ୍‌ର ସଭାପତି ସୁଧୀର କୁମାର ରଥ, ସମ୍ପାଦକ ସମ୍ବିଦ୍ କୁମାର ଲେଙ୍କା, ବୃକ୍ଷ ମଣିଷ ପ୍ରଭାସ ମଙ୍ଗରାଜ, ବୃକ୍ଷପ୍ରେମୀମାନେ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ସାମାଜିକ ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଯୁବ ରେଡ୍‌କ୍ରସର ଡ. ପ୍ରଦୀପ୍ତ କୁମାର ପତି, ଡ. ଶାଶ୍ୱତୀ ମିଶ୍ର, ଡ. ମିତାଳୀ ଜେଠୀ, ଶିବାନନ୍ଦ ମହାନ୍ତି, ଆଦ୍ୟାଶା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଯୁବ ରେଡ୍‌କ୍ରସ ସଦସ୍ୟା ଡ. ସ୍ୱାତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟ ବୈଶିଷ୍ଟ୍ୟର ଜୀବନ୍ତ ମୂର୍ତ୍ତି ଥିଲେ ବଡ଼ମା'

**କଟକ,୩୧ା୭(କାର୍ତ୍ତିକ ସାହୁ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

କଟକ ସତସଙ୍ଗ ବିହାର ପକ୍ଷରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାସଙ୍ଗିନୀ ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୨ତମ ଜନ୍ମୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ପ୍ରାଙ୍ଗଣରେ ସଂଗୀତାଞ୍ଜଳି ପରେ ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ସତ୍‌ସଙ୍ଗ ସଦାଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ସମ୍ମାନିତ ବକ୍ତା ଧ୍ରୁବ ଚରଣ ସାହୁ କହିଲେ, ବଡ଼ମା' ଧର୍ମ, ନିଷ୍ଠା, ସେବା ଆଦି ଅଷ୍ଟ ବୈଶିଷ୍ଟ୍ୟର ଜୀବନ୍ତ ମୂର୍ତ୍ତି ଥିଲେ। ପ୍ରତ୍ୟେକ ମା' ସେହି ଆଦର୍ଶରେ ଚାଲିଲେ ପାରିବାରିକ ଜୀବନ ସୁଖମୟ ହେବ। ମୁଖ୍ୟ ବକ୍ତା ପ୍ରଫେସର ଜିତେନ କୁମାର ପତି କହିଲେ, ସମାଜ ଗଠନରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆତ୍ମବିଶ୍ୱାସ ରଖି ଗୁରୁ କେନ୍ଦ୍ରିକ ଜୀବନ ଯାପନ କରି ସବୁ କ୍ଷେତ୍ରରେ ଆଗଭର ହେବାକୁ ଠାକୁରଙ୍କ ଦର୍ଶନ ଓ ବାଣୀ ଉଦ୍ଧାର କରି ସେ ପ୍ରେରଣା ଦେଇଥିଲେ। ସତସଙ୍ଗ ବିହାରର ପରିଚାଳକ ସନାତନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଧିଷ୍ଠିର ବିଶ୍ୱାଳ, ପ୍ରକାଶ ଶତପଥି, ରାଜକିଶୋର ପ୍ରଧାନ, ଗୌରାଙ୍ଗ ଦ୍ୱିବେଦୀ, ରାମଚନ୍ଦ୍ର ସାହୁ, ରବିନାରାୟଣ ଦୀକ୍ଷିତ, ତ୍ରିନାଥ ବାରିକ, ସୁରେଶ ଚନ୍ଦ୍ର ବେହେରା, ପ୍ରଦୀପ୍ତ ବେଉରିଆ, ଗୌତମ ତ୍ରିପାଠୀ, ଗୋବିନ୍ଦ ବିଶ୍ୱାଳ ଓ ବଟକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ସ୍ୱାଧୀନଚେତା ମଣିଷ ଥିଲେ ପ୍ରଫେସର ଅନନ୍ତ ଚରଣ ସାହୁ



କାର୍ଯ୍ୟକ୍ରମରେ ପ୍ରଫେସର ଖାରବେଳ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।

**କଟକ,୩୧ା୭(କାର୍ତ୍ତିକ ସାହୁ)**

ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦର ପ୍ରତିଷ୍ଠାତା ସଭାପତି ତଥା ରେଭେନ୍‌ଶା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଅନନ୍ତ ଚରଣ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ସାରଳା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସ୍ତମ୍ଭକାର ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଡ. ପ୍ରମୋଦ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ପ୍ରଫେସର ସହଦେବ ପାତ୍ର ପ୍ରଫେସର ଅନନ୍ତ ଚରଣଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଫେସର ଅନନ୍ତ ଚରଣ ସାହୁ ସ୍ୱାଧୀନଚେତା ମଣିଷ ଥିଲେ। ସେ ଏକାଧାରରେ ଜଣେ ଶିକ୍ଷାବିତ୍, ଶିକ୍ଷା ପ୍ରଶାସକ, ଲେଖକ, ସମ୍ପାଦକ, ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଐତିହାସିକ ପ୍ରଫେସର ଖାରବେଳ ମହାନ୍ତିଙ୍କୁ ଆଦର୍ଶ ଶିକ୍ଷାବିତ୍ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ କୁମାର ସାହୁ ବିବରଣୀ ପାଠ କରିଥିଲେ। ଇଂ ଆନନ୍ଦ ସାହୁ ଅତିଥି ପରିଚୟ ଓ ସଂଯୁକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହଂସୁଆ ଯୋର ପାଣିରେ ବୁଡ଼ିଲା କଲ୍ୟାଣ ମଣ୍ଡପ ମୂଳଦୁଆ

**କଟକ ସଦର,୩୧ା୭(ସୁଶାନ୍ତ କୁମାର ଜେନା)**



ଯୋର ପାଣିରେ ବୁଡି ରହିଥିବା କଲ୍ୟାଣ ମଣ୍ଡପ ର ମୂଳଦୁଆ।

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ମୂଳଦୁଆ ହଂସୁଆ ଯୋର ପାଣିରେ ବୁଡି ଯାଇଥିବା ଗୁରୁବାର ସକାଳେ ଦେଖିବାକୁ ମିଳିଥିଲା। ଏହି କଲ୍ୟାଣ ମଣ୍ଡପ ନିର୍ମାଣରେ ବିଳମ୍ବ ହେବ ବୋଲି ଚର୍ଚ୍ଚା ହେଉଛି। ଏହାଛଡ଼ା ଏହା ଏକ ବ୍ୟର୍ଥ ପ୍ରକଳ୍ପ ବୋଲି ଅଭିଯୋଗ ହୋଇଛି। ମାତ୍ର ଏହି ଚର୍ଚ୍ଚାକୁ ସରପଞ୍ଚ ସୁବାସିନୀ ରାଉତ ଖଣ୍ଡନ କରିଛନ୍ତି। ଅଥଙ୍ଗା ମୌଜାରେ ଜାତୀୟ ରାଜପଥ ନଂ. ୫୫ ପାର୍ଶ୍ୱ ବସ୍ତି ଯୋଗ୍ୟ ଜମିରେ କାର୍ଯ୍ୟ ଆରମ୍ଭ କରାଯାଇଛି। ଜାଗା ଖାଲୁଆ ଥିବାରୁ ତାକୁ ପୋତାଯାଇ ଉଚ୍ଚ କରାଯିବ। ସେହି ଅନୁସାରେ ମୂଳଦୁଆ ମଧ୍ୟ ନିର୍ମାଣ କରାଯିବ। ପାର୍କିଂ ପାଇଁ ପ୍ରଶସ୍ତ ସ୍ଥାନ ଥିବାରୁ କଲ୍ୟାଣ ମଣ୍ଡପ ପଞ୍ଚାୟତ ଆୟ ବୃଦ୍ଧିରେ ସାହାଯ୍ୟ କରିବ ବୋଲି ରାଉତ କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

**ମଙ୍ଗୁଳି-ଜଗତପୁର,୩୧ା୭ (ମାନସ ସାମଲ)**

## ମେଡିକାଲରେ ମୃତଦେହ ଛାଡ଼ି ଶ୍ୱଶୁରଘର ଲୋକ ଫେରାର

କଟକ ଜିଲା ଜଗତପୁର ଥାନା ଅଧୀନ ଇମାମନଗର ଖଇରା ନିକଟ ହରିଜନ ସାହିର ଜଣେ ମହିଳାଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ହେଲେ ଉକ୍ତ ସାହିର ସେକ୍ ସୁନୀଲଙ୍କ ସ୍ତ୍ରୀ ସବାନା ବେଗମ (୨୮)। ସ୍ୱାମୀଙ୍କ ସହ ଶ୍ୱଶୁର ସେକ୍ ସଲିମ, ଶାଶୁ ମୁନି ବିବି, ଦିଅର ସେକ୍ ଅନିଲ ଓ ସେକ୍ ରାଜା, ନଣନ୍ଦ ରିଙ୍କି ବେଗମ ମିଶି ହତ୍ୟା କରିଛନ୍ତି ବୋଲି ବାପା ମନାନ ଖାନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୪୭୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସଦର ଥାନା ଅଧୀନ ଉତ୍ତମପୁର ଗ୍ରାମର ସବାନା ବେଗମ ଗତ ୩ବର୍ଷ ତଳେ ଇମାମ ନଗରର ଖଇରା ନିକଟସ୍ଥ ହରିଜନ ସାହିର ସେକ୍ ସୁନୀଲଙ୍କୁ ବିବାହ କରିଥିଲେ। ବିବାହ ୬ମାସ ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଲୋକେ ସବାନାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଭଳି କିଛି ମାସ ଚାଲିବା ପରେ ସ୍ୱାମୀ ସୁନୀଲ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ ବୋଲି ସେ ଜାଣିବାକୁ ପାଇଥିଲେ। ସେ ଏହାକୁ ସହ୍ୟ ନ କରି ପାରି ବାପ ଘରକୁ ଚାଲିଯାଇଥିଲେ। ବାପଘରେ ବର୍ଷେ ରହିବା ପରେ ସ୍ୱାମୀ କେତେଜଣ ମଧ୍ୟସ୍ଥଙ୍କ ଜରିଆରେ ସ୍ତ୍ରୀଙ୍କୁ ବୁଝାଶୁଝା କରି ପୁଣି ଘରକୁ ଆଣିଥିଲେ। ପ୍ରାୟ ୩/୪ମାସ ରହିବା ପରେ ସବାନା ଗର୍ଭବତୀ ହୋଇଥିଲେ। ଗୁରୁବାର ଅପରାହ୍ନରେ ହଠାତ୍ ସବାନାଙ୍କ ଭାଇ ପାଖକୁ ଏକ ଅଜଣା ବ୍ୟକ୍ତି ଫୋନ କରି କହିଥିଲେ କି ତମ ଭଉଣୀ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପରିବାର ଲୋକେ ମେଡ଼ିକାଲରେ ପହଞ୍ଚି ଦେଖିଥିଲେ ଝିଅର ପାଟି, ନାକରୁ ରକ୍ତମିଶା ଫେଣ ବାହାରୁଛି। ପ୍ରାୟ ଦେଢ଼ ଘଣ୍ଟା ହେବ ତାଙ୍କର ମୃତ୍ୟୁ ଘଟିଛି ବୋଲି ଡାକ୍ତର କହିଥିଲେ। ମୃତ୍ୟୁ ଖବର ଜାଣିବା ପରେ ମୃତଦେହ ଛାଡି ଶ୍ୱଶୁର ଘର ଲୋକେ ଫେରାର ହୋଇଯାଇଥିଲେ। ଏ ନେଇ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି, ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ଅଧିକ ଯୌତୁକ ଦାବି ପାଇଁ ବାରମ୍ବାର ତାଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୭।୨୦୨୫

| | |
|---|---|
| ୩,୮୪,୧୮୦ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ୨୧.୨୦୦ ଗ୍ରାମ୍ |

# ଧାନମାଣ ରଖି ଲକ୍ଷ୍ମୀପୂଜା କଲେ ଚାଷୀ

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ
■ ଧାନ ବିକ୍ରି ନ ହେଲେ ଆତ୍ମହତ୍ୟା କରିବାକୁ ଚେତବାନୀ

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଚାଷୀମାନେ ଧାନମାଣ ରଖି ମା' ଲକ୍ଷ୍ମୀଙ୍କ ପୂଜା କରିଛନ୍ତି। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାହାଡମଲ୍ଲ, କାଣ୍ଡଗୋଦା ଓ ରାମଚନ୍ଦ୍ରପୁର ପ୍ରାଥମିକ ସେବା ସମବାୟ ସମିତି ଅନ୍ତର୍ଗତ ଚାଷୀମାନେ ରବିଋତୁରେ ଧାନ ବିକ୍ରି କରି ନ ପାରି ନିରାଶ ହେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏଭଳି ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛନ୍ତି। ଏଥିସହ ଜିଲାପାଳଙ୍କ ନିକଟରେ ଚାଷୀମାନେ ସେମାନଙ୍କ ଦାବି ରଖିଛନ୍ତି। ଟୋକନ୍ ପାଇଥିବା ଚାଷୀମାନେ ଧାନ ବିକ୍ରି ନ କରିପାରିଲେ ପ୍ରାଥମିକ ସେବା ସମବାୟ ସମିତି ସମ୍ମୁଖରେ ବିଷପିଇ ଆତ୍ମହତ୍ୟା କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି। ଓଡ଼ିଶା କୃଷକ ସଭା ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଛି।

ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଦୀର୍ଘ ୪ମାସ ହେବ ରାମଚନ୍ଦ୍ରପୁର ଓ ରାହଡମଲ ସେବା ସମବାୟ ସମିତି ଚାଷୀଙ୍କଠାରୁ ଟୋକନ ଦେଇ ଧାନ କିଣିଲା ନାହିଁ। ମାତ୍ର ୪୦ ପ୍ରତିଶତ ଚାଷୀଙ୍କ ଠାରୁ ଧାନ କିଣାଯାଇଥିବାବେଳେ ୬୦ ପ୍ରତିଶତ ଚାଷୀଙ୍କର ୫ ଲକ୍ଷ କୁଇଣ୍ଟାଲ ଧାନ ପଡ଼ିରହିଛି। ଚାଷୀମାନେ ଟୋକନ ପାଇଥିଲେ ମଧ ଧାନ ବିକ୍ରି କରିପାରିନାହାନ୍ତି। ପ୍ରାଥମିକ ସେବା ସମବାୟ ସମିତି ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି। ଏଥିଯୋଗୁ ଯୋଗ୍ୟ ଚାଷୀ ଟୋକନ ପାଇ ମଧ ମଣ୍ଡିରେ ଧାନ ବିକ୍ରି କରି ପାରୁନାହାନ୍ତି। ମହାଜନ ତଥା ବିଭିନ୍ନ ସୂତ୍ରରୁ ଋଣ ଆଣି ରବି ଋତୁରେ ଧାନ ଅମଳ କରିଥିବା ଚାଷୀ ଆଶା କରିଥିଲା ଯେ, ମଣ୍ଡିରେ ଧାନ ବିକ୍ରୀ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବ। କିନ୍ତୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାଡମଲ୍ଲ, କାଣ୍ଡଗୋଦା ଓ ରାମଚନ୍ଦ୍ରପୁର ଚାଷୀଙ୍କ ଧାନ ଦୀର୍ଘଦିନ ହେବ ମଣ୍ଡିରେ ଗଦା ହୋଇ ନଷ୍ଟ ହେବାକୁ ବସିଲାଣି। ଫଳରେ ଧାନର ଅଭାବୀ ବିକ୍ରୀ ସହ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ତେଣୁ ନ୍ୟାୟ ପାଇବା ଆଶାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିବାଦ କରାଯାଇଛି। ଯଦି ଆସନ୍ତା ୭ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଯିବ, ତେବେ ଚାଷୀ ବାଧ ହୋଇ ପ୍ରାଥମିକ ସମବାୟ ସମିତି ଅଚଳ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାନମାଣ ରଖି ଲକ୍ଷ୍ମୀପୂଜା କରୁଛନ୍ତି ।

# ଭୁବନେଶ୍ୱରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

ଗୋପ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ଘଟଣା

ଗୋପ, ୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ପୋଲିସକୁ ଚକମା ଦେଇ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ପେଶାଲ ସ୍କାଡ୍ ଓ ଗୋପ ପୋଲିସର ଏକ ଟିମ୍ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫)। ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ଏକ ଲୁଟ୍ ମାମଲାରେ ଗତ ୨୮ ତାରିଖରେ ଭୁବନେଶର ଅଞ୍ଚଳରୁ ସୂର୍ଯ୍ୟକାନ୍ତ ମହାନ୍ତି (୨୫) ଓ କ୍ରିଷ୍ଣା ସାହୁ (୧୮)ଙ୍କୁ ଗିରଫ କରି ଗୋପ ପୋଲିସ ଥାନାକୁ ଆଣିଥିଲା। ଦୁହିଁଙ୍କୁ ଥାନାରେ ଅଟକ ରଖାଯାଇଥିଲା। ତେବେ ୨୯ ତାରିଖ ରାତି ସାଢ଼େ ୮ଟାରେ ଏହି ଦୁଇ ଅଭିଯୁକ୍ତ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିଲେ। ଏ ନେଇ ଜିଲା ପୋଲିସ ପକ୍ଷରୁ ତନାଘନା ହେବା ସହ ଏସ୍ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍କାଡ୍ ଗଠନ କରାଯାଇଥିଲା। ଏ ନେଇ ଥାନାରେ ଏକ କେସ୍ (ନଂ. ୨୩୮/୨୫) ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୂର୍ଯ୍ୟକାନ୍ତ ଥିବା ସୂଚନା ମିଳିବା ପରେ ସ୍ପେଶାଲ ସ୍କାଡ୍ ଓ ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ, ଗୃହରକ୍ଷୀ ସୁବାସ କୁମାର ମହାନ୍ତି ଚଢାଉ କରି ଗିରଫ କରିଥିଲେ।



ଗିରଫ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ମହାନ୍ତି ।

## ସଂକ୍ଷେପରେ

### ବିଦ୍ୟାଳୟରେ ଅଭିଭାବକ -ଶିକ୍ଷକ ବୈଠକ

ପିପିଲି,୩୧।୭(ଦୁର୍ଗା ମାଧବ ମିଶ୍ର)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ୨୦୨୫-୨୦୨୬ ଶିକ୍ଷାବର୍ଷର ଦ୍ୱିତୀୟ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି, ମା' ପାଇଁ ଗଛଟିଏ, ଆସ ସ୍କୁଲ ଯିବା, ମାଗଣା ପୋଷାକ ବଣ୍ଟନ, କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା, ସୁରଭି ୨୦୨୫, ସ୍ୱଚ୍ଛତା ପକ୍ଷ ପାଳନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିଭାବକମାନେ ମୂଲ୍ୟବାନ ମତାମତ ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରପର୍ସନ ବିଚିତ୍ରାନନ୍ଦ ନାୟକ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ ନାୟକ, ଚିନ୍ତାମଣି ଓଝା, ସସ୍ମିତା ମିଶ୍ର, ଉମେଶ ଚନ୍ଦ୍ର ନାୟକ, ସଞ୍ଜୀବ ରଥ, ବାସନ୍ତୀ ତ୍ରିପାଠୀ, ମିନତି ଦାସ, ବେବିରାଣୀ ବେହେରା, ସୁନାମଣି ଦେଇ, ପିଙ୍କି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପରିବେଶପ୍ରେମୀ ମାଗୁଣି ପ୍ରଧାନଙ୍କ ପରଲୋକ

ସାକ୍ଷୀଗୋପାଳ, ୩୧।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତ ବାଟୁଳିପଡ଼ା ଗ୍ରାମର ଶତାୟୁ ବୃଦ୍ଧ ମାଗୁଣି ପ୍ରଧାନଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୬ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପ୍ରଧାନ ଜଣେ ପରିବେଶପ୍ରେମୀ ଥିଲେ। ସେ ଜଙ୍ଗଲ ଅବକ୍ଷୟକୁ ରୋକିବା ନିମନ୍ତେ ଅନେକ ଅନୁଷ୍ଠାନ ପରିସର ଓ ରାସ୍ତା ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଚାରା ରୋପଣ କରୁଥିଲେ। ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରୁଥିଲେ। କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ତାଙ୍କୁ ପୁରୀର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ବାଟୁଳିପଡ଼ା ସମେତ ଆଖପାଖ ଅଞ୍ଚଳରେ ଶୋକ ପ୍ରକଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ସଂସ୍କୃତ ଭାଷାର ପ୍ରସାର ପ୍ରଚାର ପାଇଁ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ଗୁରୁବାର ପୁରୀଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ୨ ମାସ ପରେ ମା' କୋଳକୁ ଫେରିଲା ପୁଅ

ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ଦୁଇମାସ ପରେ ଗୁରୁବାର ନିଜ ମା' କୋଳକୁ ପୁତ୍ର ସନ୍ତାନ ଫେରିଛି। ଗୋପ ଥାନାରେ ପୁତ୍ର ସନ୍ତାନକୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି ମା'। ପୁତ୍ର ସନ୍ତାନକୁ ଫେରିପାଇବା କେବଳ ନ୍ୟାଶନାଲ ହ୍ୟୁମାନ ରାଇଟ୍ସ ନାମକ ସ୍ୱେଚ୍ଛାସେବୀ ସଂଗଠନ ଯୋଗୁ ସମ୍ଭବ ହୋଇପାରିଛି ବୋଲି ପରିବାର ସଦସ୍ୟମାନେ କହିଥିବାବେଳେ ଗୋପ ପୋଲିସକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ପ୍ରକାଶ ଯେ, ୨୦୨୦ରେ ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ଦାମୋଦର ସାହୁଙ୍କୁ ବୈଦିକ ରୀତିରେ ନିମାପଡ଼ା ଥାନା ଅନ୍ତର୍ଗତ ଅମୁଣିଆ ପାଟେଣା ଗ୍ରାମର ଲିଲିମା ସାହୁ ବିବାହ କରିଥିଲେ। ବିବାହ ପରେ ନବଦମ୍ପତିଙ୍କ ମଧ୍ୟରେ କିଛି ଦିନ ଧରି ସୁସମ୍ପର୍କ ଥିବମ୍ ବେଳେ ପରେ ବିବାଦ ଯୋଗୁ ପରସ୍ପର ଅଲଗା ରହୁଥିଲେ। ଦୁଇମାସ ତଳେ ଲିଲିମାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ବାପା ଦାମୋଦର ତାକୁ ନେଇ ତାଙ୍କ ଭଉଣୀ ଘର ଗୋପ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ରଖିଥିଲେ। ତେବେ ଏ ନେଇ ଗୁରୁବାର ସନ୍ଧ୍ୟାରେ ନ୍ୟାଶନାଲ ହ୍ୟୁମାନ ରାଇଟ୍ସର ରାଜ୍ୟ ସଂଯୋଜକ ସୌଦାମିନି ଦାଶ, ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ରଙ୍କ ସହିତ ଏକ ୬ ଜଣିଆ ଟିମ୍ ଗୋପ ଥାନାରେ ଅଭିଯୋଗ ଆଣିବା ପରେ ସଙ୍ଗେ ସଙ୍ଗେ ଥାନା ଏସ୍ଆଇ ଦେବସ୍ମିତା ସିଂ ସମ୍ପୃକ୍ତ ଗ୍ରାମକୁ ଯାଇ ପୁତ୍ର ସନ୍ତାନକୁ ଆଣି ତାର ମା'ଙ୍କୁ ହସ୍ତାନ୍ତର କରିଥିଲେ।



ମା'ଙ୍କୁ ଶିଶୁ ପୁତ୍ରକୁ ହସ୍ତାନ୍ତର କରାଯାଉଛି ।

# ମୁଣ୍ଡ ନୁଆଁଇଲା ଚାଇନିଜ୍ ଇ-କମର୍ସ ସାଇଟ୍

ପାପୋଛରୁ ହଟାଇଲା ଶ୍ରୀମୁଖ ଚିତ୍ରିତ ଫଟୋ

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

ଜଗନ୍ନାଥପ୍ରେମୀଙ୍କ କ୍ଷୋଭ ଓ ବିରୋଧ ଆଗରେ ଶେଷରେ ମୁଣ୍ଡ ନୁଆଁଇଛି ଚାଇନିଜ୍ ଇ-କମର୍ସ ସାଇଟ୍ ଅଲି ଏକ୍ସପ୍ରେସ୍। ଏହି ସଂସ୍ଥା ନିଜ କମର୍ସ ସାଇଟ୍‌ରୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଚିତ୍ର ଥିବା ପାପୋଛ ରାତାରାତି ହଟାଇଛି।

ସୂଚନାଯୋଗ୍ୟ, ଗତ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଅଲି ଏକ୍ସପ୍ରେସ ନାମକ ଅନ୍ତର୍ଜାତୀୟ ଅନ୍‌ଲାଇନ ଶପିଂ ସଂସ୍ଥା ଗୋଡ଼ ପୋଛିବା ମ୍ୟାଟ୍ (ପାପୋଛ)ରେ ମହାପ୍ରଭୁଙ୍କ ଶ୍ରୀମୁଖ ଚିତ୍ରିତ ଫଟୋ ରଖିଥିଲା। ବିଜ୍ଞାପନରେ ଥିବା ଚିତ୍ରରେ ଦେଖିବାକୁ ମିଳିଥିଲା ଯେ, ମହାପ୍ରଭୁଙ୍କ ମୁଖ ଚିତ୍ରଥିବା ପାପୋଛରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ। 'ଲର୍ଡ ଜଗନ୍ନାଥ ମଣ୍ଡଳ ଆର୍ଟ ମ୍ୟାଟ୍ ଡୋରୱେ' ଏବଂ 'କ୍ରିଷ୍ଣା ହିନ୍ଦୁଗଡ୍' ନାମରେ ଏହିପାପୋଛ ବିକ୍ରି କରାଯାଉଥିଲା। ମହାପ୍ରଭୁଙ୍କ ନାମ ଆଗରେ ଲର୍ଡ ତଥା ଭଗବାନ ଶବ୍ଦ ପ୍ରୟୋଗ ସତ୍ତ୍ୱେ ଏହାକୁ ଚଟାଣରେ ପାପୋଛ ଭଳି ବ୍ୟବହାର କରିବା ପାଇଁ ପାଦ ରଖି ବିଜ୍ଞାପିତ କରିବା ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଥିଲା। ବିଜ୍ଞାପନରେ କେତେକ ନିନ୍ଦନୀୟ ଶବ୍ଦ ପ୍ରୟୋଗ କରାଯାଇଥିଲା, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେବା ସହ ସଂପୃକ୍ତ ସଂସ୍ଥା ବିରୋଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏ ନେଇ ଶ୍ରୀଜଗନ୍ନାଥ ସେନା ସମେତ କେତେକ ଅନୁଷ୍ଠାନ ପକ୍ଷରୁ ସାଇବର ଥାନା ଓ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉକ୍ତ ସଂସ୍ଥା ବିରୋଧରେ ମଧ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମହଲରୁ ଆପତ୍ତି ବିରୋଧ ହେବା ପରେ ଚାଇନିଜ୍ ଇ କମର୍ସ ସାଇଟ୍ ମହାପ୍ରଭୁଙ୍କ ମୁ ମଣ୍ଡଳ ଚିତ୍ର ଥିବା ପାପୋଛ ହଟାଇଥିବା ସୂଚନା ମିଳିଛି। ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପକୁ ପ୍ରଶଂସା କରିବା ସହ ଏପରି କାର୍ଯ୍ୟ କରୁଥିବା ସଂସ୍ଥା ବିରୋଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ତାଙ୍କର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସୂଚନା ଦେଇଛନ୍ତି। ସେହିପରି ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ମୋବାଇଲ ଟାୱାର ସ୍ଥାପନକୁ ବିରୋଧ

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)– କାକଟପୁର ବ୍ଲକ ସୁହାଣପୁର ଗ୍ରାମରେ ମୋବାଇଲ ଟାୱାର ସ୍ଥାପନକୁବିରୋଧ କରି କେତେଜଣ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗ୍ରାମରେ ପୂର୍ବରୁ ଦୁଇଟି ମୋବାଇଲ ଟାୱର ରହିଛି। ତେବେ ଆଉ ଗୋଟିଏ ଟାୱାର ସ୍ଥାପନ ପାଇଁ କାର୍ଯ୍ୟ ଚାଲିଛି। ଟାୱାର ବସିବା ଫଳରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ନୂତନ ଟାୱାର ସ୍ଥାପନ କରା ନ ଯାଉ। ତୁରନ୍ତ ପଦକ୍ଷେପ ନ ନିଆଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

# ନିମାପଡ଼ାରେ ମାଙ୍କଡ଼ ଉତ୍ପାତ

## କାମୁଡ଼ାରେ ୩ ଆହତ

ନିମାପଡ଼ା,୩୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଞ୍ଚଳରେ ମାଙ୍କଡ଼ଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ବିଶେଷକରି ଏନ୍ଏସି ଅନ୍ତର୍ଗତ ୬ନଂ ଓ ୭ନଂ ୱାର୍ଡ ଅଧୀନ ନିମାପଡ଼ା ବଡ଼ବଜାର, ଗୋପୀନାଥପାଟଣା, ମୁଦୁଲି ସାହି, ମହାରଣା ସାହି ଅଞ୍ଚଳରେ ଗତ କିଛିଦିନ ହେଲା ମାଙ୍କଡ଼ଙ୍କ ଉତ୍ପାତ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଦିନରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ମାଙ୍କଡ଼ ପଲ ପନିପରିବା ଫସଲ ଖାଇ ନଷ୍ଟ କରିବା ସହ ଲୋକଙ୍କୁ କାମୁଡ଼ିବାକୁ ଗୋଡ଼ାଉଛନ୍ତି। ମାଙ୍କଡ଼ କାମୁଡ଼ାରେ ୩ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ଯିବାକୁ ଭୟ କରୁଛନ୍ତି। ସ୍ଥାନୀୟ ବନବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ମାଙ୍କଡ଼ଙ୍କୁ ଧରି ଅନ୍ୟତ୍ର ଛାଡ଼ିବାକୁ ଅଞ୍ଚଳବାସୀ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦୃଢ ଦାବି କରିଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ଫରେଷ୍ଟର ବଳଭଦ୍ର ନାୟକ କହିଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୋଣାର୍କ,୩୧।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି କଲ୍ୟାଣମଣ୍ଡପ ପରିସରରେ ବୁଧବାର ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଏନ୍ଏସି ଅଧକ୍ଷା ସଞ୍ଜୁକ୍ତା ତ୍ରିପାଠୀଙ୍କ ଅଧକ୍ଷତାରେ ବୈଠକରେ ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀହାର ପ୍ରସାଦ ଲେଙ୍କା, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ବିଭିନ୍ନ ୱାର୍ଡର କାଉନ୍ସିଲର, ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତା ୭ ଓ ୮ ତାରିଖରେ ବିଦ୍ୟାଳୟସ୍ତରୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଆଦି ପ୍ରତିଯୋଗିତା କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଉତ୍ସବରେ ପୁରସ୍କୃତ କରାଯିବ। ଭଲିବଲ ଟୁର୍ନାମେଣ୍ଟ, ବରିଷ୍ଠ ନାଗରିକ ଓ ଚଳିତ ବର୍ଷ ମାଟ୍ରିକ୍ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି।



ପ୍ରସ୍ତୁତି ବୈଠକରେ କୋଣାର୍କ ଏନ୍ଏସି ଅଧକ୍ଷା ସଞ୍ଜୁକ୍ତା ତ୍ରିପାଠୀ ଏବଂ ଅନ୍ୟମାନେ ।

# ଶୃଙ୍ଖଳିତ ଭାବେ ଶିକ୍ଷା ଅଧ୍ୟୟନ ପାଇଁ ପରାମର୍ଶ

ଯୁକ୍ତ ୨ ନବାଗତ ଛାତ୍ର, ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୩୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସହିତ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଉତ୍ସବ ଅଧ୍ୟକ୍ଷ ହରିଶ୍ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସ୍ୱାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ବିଦ୍ୟାଳୟର ଗୌରବମୟ ଐତିହ୍ୟ ସହ ପରିଚୟ କରାଇଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ବିଦ୍ୟାଳୟର ଅନୁଶାସନ ବ୍ୟବସ୍ଥା ଓ ସରକାରଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ସମ୍ପର୍କରେ ନବାଗତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସୁନୀଲ ରାଉତ, ଅଜିତ ବିଶ୍ୱାଳ, ଲକ୍ଷ୍ମୀଧର ପ୍ରଧାନ, ଅଧ୍ୟାପିକା ରାଜଲକ୍ଷ୍ମୀ କର, ରଶ୍ମିରେଖା ସାହୁ, ଜୟନ୍ତୀ ଦାଶ, ଅନୁରାଧା ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ୍‌ରେ ସୁରକ୍ଷା ନେଇ ଅନୁଷ୍ଠାନର ଗଠନ କରାଯାଇଥିବା କମିଟି ଓ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ନୀତିନିୟମକୁ ମାନି ସମୟାନୁବର୍ତ୍ତିତା ସହିତ ଶୃଙ୍ଖଳିତ ଭାବେ ଶିକ୍ଷା ଅଧ୍ୟୟନ କରିବା ସହିତ ସମସ୍ତ ଛାତ୍ରୀଛାତ୍ର ଏବଂ ଅଭିଭାବକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ କରି ପିଜିଟି ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିବା ମୋନାଲିଶା ସାହୁ, ମନୋରମା ସାହୁ, ଦୟାସାଗର ପ୍ରଧାନ, ଲିଟନ ପ୍ରସାଦ ଜାଲି ଓ ସୋମନାଥ ମହାରଣାଙ୍କୁ ଉପସ୍ଥିତ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ର ।

# ସଫେଇ କାର୍ଯ୍ୟକ୍ରମ

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଏବଂ ସ୍କିଲ୍ ଇଣ୍ଡିଆ ମିଶନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ପୁରୀ ପୌରପାଳିକାର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ସାମୂହିକ ସଫେଇ କାର୍ଯ୍ୟକ୍ରମ ପୁରୀ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜନଶିକ୍ଷଣ ସଂସ୍ଥାନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ଦତ୍ତ, ସହ କାର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ପ୍ରତାପ ଚନ୍ଦ୍ର ବେହେରା, ବାଦଲ ପରିଡ଼ା, ସହ ସଂସ୍ଥାନର ପାଖାପାଖି ୮୩ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଏବଂ ପୌରପାଳିକା ପରିଷଦର ପରିମଳ ବିଶେଷଜ୍ଞ ସୌଭାଗ୍ୟଲକ୍ଷ୍ମୀ ଜେନା, କେଶବ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ସାନିଟେଶନ ସୁପର ଭାଇଜର, ସଫେଇ ମିତ୍ର ପ୍ରମୁଖ ମନ୍ଦିର ପରିସର, ପୁଷ୍କରିଣୀ ଚତୁଃପାର୍ଶ୍ୱ, କାଉଡ଼ିଆଙ୍କ ରହଣି ସ୍ଥାନ ସଫା କରିଥିଲେ। ତତ୍‌ସହିତ ସାମୂହିକ ସ୍ୱଚ୍ଛତା ଶପଥ ପାଠ ଏବଂ ସ୍ୱଚ୍ଛତା ନାରା ସହ 'ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ'ର ବାର୍ତ୍ତା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ ନଦୀରେ ବନ୍ୟା: ଚାଷଜମି ଜଳାର୍ଣ୍ଣବ

କଣାସ,୩୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀ ଏବଂ ତାହାର ଶାଖା ନଦୀ ରାଜୁଆ ଓ ମକରା ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ଗୁରୁବାର ୩.୮୮ ମିମିରେ ଜଳ ପ୍ରବାହିତ ହେଉଛି। ବର୍ଷା ଲାଗିରହିଲେ ଜଳସ୍ତର ବିପଦ ସଙ୍କେତ ଟପିବାର ଆଶଙ୍କା ରହିଛି। ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡବଳଭଦ୍ରପୁର, ଅଠରବାଟିଆ ଆଦି ଗ୍ରାମର ଧାନଜମିରେ ବନ୍ୟାଜଳ ପ୍ରବେଶ କରିଛି। ୫ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ପ୍ରଥମ ବନ୍ୟାରେ ଉକ୍ତ ଗ୍ରାମପଞ୍ଚାୟତର ପୋଟଳ, କଲରା, ବାଇଗଣ, ଭେଣ୍ଡି, ଲଙ୍କା, ଜହ୍ନି, କଖାରୁ, ପୋଇ ଆଦି ପରିବା ଫସଲ ପଚି ନଷ୍ଟ ହୋଇଯାଇଥିଲା। ଏବେ ପୁଣି ବନ୍ୟା ଯୋଗୁ ଫସଲ ନଷ୍ଟ ହେଉଛି। କ୍ରମାଗତ ଭାବେ ୮ରୁ ୧୦ଦିନ ହେଲା ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଈଗୋରୁ ବାହାରକୁ ଚରିବାକୁ ଯାଇ ନ ପାରି ଗୁହାଳରେ ବନ୍ଧା ହୋଇରହିଛନ୍ତି। ଏଥିଯୋଗୁ ବନ୍ୟାପ୍ଲାବିତ ଗ୍ରାମର ଲୋକେ ଚିନ୍ତିତ ହେବା ସହ ସରକାରୀ ସହାୟତାକୁ ଚାହିଁବସିଛନ୍ତି।



ଧାନଜମିରେ ପ୍ରବାହିତ ହେଉଥିବା ବନ୍ୟାଜଳ।

## ସଂକ୍ଷେପରେ

### ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବାରଙ୍ଗ,୩୧।୭(ଲିଙ୍ଗରାଜ ରାଉତ): ଭୁବନେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନସାଧାରଣଙ୍କୁ ବଜ୍ରପାତରୁ ସୁରକ୍ଷା ଦେବା ପାଇଁ ଗୁରୁବାର ଚକୁଳିଆ ପଣ୍ଡାଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ମେଣ୍ଢାଶାଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚକୁଳିଆ ପଣ୍ଡାମାନେ ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ କୌଶଲ୍ୟା ବଳିଆରସିଂହ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିପ୍ଲବମୟୀ ନାୟକ ପରିଚାଳନା କରିଥିଲେ। ଚଳିତବର୍ଷ ବର୍ଷାଋତୁରେ ମେଣ୍ଢାଶାଳ ଗାଁର ୨ଟି ନଡ଼ିଆଗଛ ଓ ଏକ ତାଳଗଛ ଉପରକୁ ବଜ୍ରପାତ ହୋଇଥିଲା। ଫଳରେ ବହୁ କ୍ଷୟକ୍ଷତି ଘଟିଥିଲା। ଏହି ପରିପ୍ରେକ୍ଷୀରେ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ସରପଞ୍ଚ କହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା ୩୧।୭(ଅଭିମନ୍ୟୁ ନାୟକ): ସୋମନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ତ୍ରିପାଠୀ ଗୁରୁବାର ଅବସର ନେଇଛନ୍ତି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ସହ ଶିକ୍ଷାଧିକାରୀ ବିଜୟ ବେହେରା, ପ୍ରଧାନଶିକ୍ଷକ ତପନ କୁମାର ରାଉତ, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଅବସର ଜୀବନର ସୁଖ ସମୃଦ୍ଧ କାମନା କରିଥିଲେ। ଶିକ୍ଷା ଅଧିକାରୀଙ୍କ ତରଫରୁ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତାଞ୍ଜଳି ଜେନା, ମାନସ ଶତପଥୀ, ଶାକମ୍ବରୀ ପଣ୍ଡା, ପ୍ରମୋଦ ଶତପଥୀ, ମାନସ ପଟ୍ଟନାୟକ, ରୂପକ ପଣ୍ଡା, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବେଗୁନିଆ,୩୧।୭(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ତାପସ ବିଶି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ଭଗବାନ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମେତ ସରପଞ୍ଚ/ସମିତି ସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମ କିଭଳି ସଫଳ ହୋଇ ପାରିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

# ସରକାରଙ୍କ ଭୁଲ୍, ଠିକ୍‌କୁ ଗଣମାଧ୍ୟମ ନଜର ରଖୁ : ପ୍ରଭାତୀ

## ଆଇସିସି ପକ୍ଷରୁ ଗଣମାଧ୍ୟମ ଓ ମନୋରଞ୍ଜନ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର, ୩୧।୭ (ସୌମ୍ୟରଞ୍ଜନ ରାଉତ)



ଆଲୋଚନାଚକ୍ରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ।

ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ (ଆଇସିସି) ପକ୍ଷରୁ ଗଣମାଧ୍ୟମ ଓ ମନୋରଞ୍ଜନ ସମ୍ପର୍କିତ ଆଲୋଚନାଚକ୍ର ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ବର୍ତ୍ତମାନ ସମୟ ହେଉଛି ଏଆଇ ଯୁଗ। ଗଣମାଧ୍ୟମ ସାମ୍ପ୍ରତିକ ପରିସ୍ଥିତିରେ ଯେକୌଣସି ବ୍ୟକ୍ତିବିଶେଷଙ୍କ ଭାବମୂର୍ତ୍ତି ନିର୍ମାଣ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି। ପ୍ରତି ଗାଁରେ ଲୋକଙ୍କ ପାଖରେ ସରକାରଙ୍କ କଥାକୁ ପହଞ୍ଚାଇଛି। ଗଣମାଧ୍ୟମ ସର୍ବଦା ନିଜର ଭୂମିକା ସୁଚାରୁରୂପେ ତୁଲାଉ। ସରକାରଙ୍କ ଭୁଲ ଓ ଠିକ୍‌କୁ ଗଣମାଧ୍ୟମ ନଜର ରଖିବା ଦରକାର। ଏହାଦ୍ୱାରା ଭୁଲକୁ ସୁଧାରି ସରକାର ଆଗକୁ ବଢ଼ିବେ। ସେହିପରି ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆସିବା ଦରକାର। ଫଳରେ ସରକାରଙ୍କ ମଧ୍ୟ ନଜର ପଡ଼ିବ। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ଓ ଭିତ୍ତିଭୂମି ରହିଛି। ଆଗାମୀ ଦିନରେ ଏହାର ବିକାଶ କ୍ଷେତ୍ରରେ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ସେହିପରି ଓଟିଟି, ସଙ୍ଗୀତ, ଚଳଚ୍ଚିତ୍ର ଦ୍ରୁତଗତିରେ ଆଗକୁ ବଢ଼ୁଛି। ଆଗାମୀ ଦିନରେ ଯାହା ସହଯୋଗ ଆବଶ୍ୟକ ଆମେ ପୂରଣ କରିବାକୁ ଚେଷ୍ଟା କରିବୁ ବୋଲି ପ୍ରଭାତୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ନିୟା ମିଡିଆର ସିଇଓ ରଜିବ୍ ଚକଧ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ସେ ନେଇ କହିଥିଲେ। ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ଏସ୍. ସାହୁ କହିଲେ, ଭାରତର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ର ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ୨୦୨୪ରେ ୭.୨% ବୃଦ୍ଧି ପାଇ ୨.୭ ଟ୍ରିଲିୟନ ଟଙ୍କା (୩୧.୬ ବିଲିୟନ ଡଲାର) ଓ ୨୦୨୭ ସୁଦ୍ଧା ୩.୧ ଟ୍ରିଲିୟନ ଟଙ୍କା (୩୬.୧ ବିଲିୟନ ଡଲାର)ରେ ପହଞ୍ଚିବାର ଆକଳନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଆଇସିସି ଗଣମାଧ୍ୟମ ଓ ମନୋରଞ୍ଜନ କମିଟି ସଂଯୋଜକ ବିଭାବରୀ ରଥ କହିଲେ, ଆମର ଲକ୍ଷ୍ୟ ହେଉଛି ନେତୃତ୍ୱକୁ ପ୍ରୋତ୍ସାହିତ କରିବା। ଆମେ ସମସ୍ତ ଗଣମାଧ୍ୟମ, ଗଣମାଧ୍ୟମ ଷ୍ଟାର୍ଟଅପ୍, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ, ବିତରକ, କଳାକାର ଓ ଟେକ୍ନିସିଆନ ଏବଂ ଗଣମାଧ୍ୟମ ଓ ମନୋରଞ୍ଜନ ଉଦ୍ୟୋଗୀଙ୍କୁ ସଂଯୋଗ କରି ଏକ ସ୍ଥାୟୀ ଇକୋସିଷ୍ଟମ ସୃଷ୍ଟି କରିବାକୁ ଚାହୁଁଛୁ। ଏହା ବ୍ୟବସାୟ ବିକାଶ, ପରାମର୍ଶ, ଶିକ୍ଷା, ନେଟ୍‌ୱର୍କିଂ ଏବଂ ସହଯୋଗ ମାଧ୍ୟମରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ଅଂଶୀଦାରମାନଙ୍କୁ ସମର୍ଥନ କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଲାଇଭ୍‌ର ପ୍ରତିଷ୍ଠାତା ତଥା ସିଇଓ ନୀଳାମ୍ବର ରଥ, ଅଭିନେତା ସୁକାନ୍ତ ରଥ, ଓଟିଟି ପ୍ଲାଟ୍‌ଫର୍ମ କଞ୍ଚାଲଙ୍କାର ସହପ୍ରତିଷ୍ଠାତା ଚିତ୍ତରଞ୍ଜନ ନାୟକ, ଫ୍ଲ୍ୟୁଇଡ୍ ନୋଭେଲ ଭେଞ୍ଚର ପ୍ରତିଷ୍ଠାତା ସତ୍ୟବ୍ରତ ସାନୁ ରାଥୋ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ସରକାରୀ ପ୍ରଫେସର ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ।

# ‘ଓଡ଼ିଶାକୁ ଏକକ ପ୍ଲାଷ୍ଟିକ୍‌ମୁକ୍ତ ଆଦର୍ଶ ରାଜ୍ୟ କରାଯାଉ’

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

## ପ୍ଲାଷ୍ଟିକ୍ ନିଷେଧାଦେଶକୁ ଓଇଏସ୍‌ର ସ୍ୱାଗତ

■ ଉତ୍ପାଦନ, ବ୍ୟବସାୟୀକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ପଦାର୍ଥ ସବୁର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ସେହିପରି କାର୍ଯ୍ୟାଳୟ, ସଭାସମିତି ଏବଂ କର୍ମଶାଳାରେ ଥରେ ମାତ୍ର ବ୍ୟବହାର ପରେ ଫୋପଡ଼ା ଯାଉଥିବା ପ୍ଲାଷ୍ଟିକ ସାମଗ୍ରୀ ସବୁକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନିର୍ଦ୍ଦେଶ ଜାରି ହୋଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ସ୍ୱାଗତ କରାଯାଇଛି। ଓଡ଼ିଶାକୁ ଏକକ ପ୍ଲାଷ୍ଟିକମୁକ୍ତ ଆଦର୍ଶ ରାଜ୍ୟରେ ପରିଣତ କରିବାକୁ ସରକାର ଆହ୍ୱାନ ରୂପେ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କରିବାକୁ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

ସେମାନେ କହିଛନ୍ତି, ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ସହରାଞ୍ଚଳ ଏବଂ ପରବର୍ତ୍ତୀ ସମୟରେ ସମଗ୍ର ରାଜ୍ୟରୁ ପ୍ଲାଷ୍ଟିକ ଓ ଥର୍ମୋକୁଲ ନିର୍ମିତ ବିଭିନ୍ନ ପଦାର୍ଥର ଉତ୍ପାଦନ, ବ୍ୟବସାୟକରଣ ଏବଂ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। କିଛି ଦିନଧରି ଉଲ୍ଲଂଘନକାରୀଙ୍କୁ ଭାରି ଅର୍ଥଦଣ୍ଡ ଜରିମାନା ଦେବାକୁ ପଡ଼ିଥିଲା। କେନ୍ଦ୍ର ସରକାର ମଧ୍ୟ ୨୦୨୨ ଜୁଲାଇ ୧ରୁ ପ୍ଲାଷ୍ଟିକ ସାମଗ୍ରୀ ଉପରେ ନିଷେଧାଦେଶ ଲାଗୁ କରିଛନ୍ତି। କିନ୍ତୁ ନିୟମର କାର୍ଯ୍ୟକାରିତା ନିମନ୍ତେ ନିୟମିତ ପର୍ଯ୍ୟବେକ୍ଷଣ ଅଭାବରୁ ଏହା ପ୍ରହସନ ପାଲଟିଯାଇଛି। ୧୨୦ ମାଇକ୍ରନ୍‌ରୁ କମ୍ ମୋଟେଇର ପଲିଥିନ୍ ବ୍ୟାଗ୍ ଏବଂ ୫୦୦ ମିଲିରୁ କମ୍ କ୍ଷମତାବିଶିଷ୍ଟ ବୋତଲ ବ୍ୟବହାରକୁ ନିଷେଧ କରାଯାଇଥିଲେ ସୁଦ୍ଧା ଏହାର ବ୍ୟବହାର ଅବ୍ୟାହତ ରହିଛି। ଏସବୁ ସାମଗ୍ରୀର ପରିବେଶ, ମଣିଷ ଏବଂ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ ଥିବା କ୍ଷତିକାରକ ପ୍ରଭାବ ବିଷୟରେ ଯଥେଷ୍ଟ ସଚେତନତା ସୃଷ୍ଟି କରାଯାଉଛି। ତଥାପି ପରିସ୍ଥିତିରେ ଆଶାନୁରୂପ ପରିବର୍ତ୍ତନ ଘଟୁ ନ ଥିବା ବେଳେ ପରିବେଶ ଅନୁକୂଳ ବିକଳ୍ପକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ସମସ୍ୟାର ମୂଳ କାରଣ ଥିବା ଉତ୍ପାଦନ ଓ ବ୍ୟବସାୟକରଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ନିମନ୍ତେ ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ପ୍ରଶାସନିକସ୍ତରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି ବୋଲି ଓଇଏସ୍ ପକ୍ଷରୁ କୁହାଯାଇଛି।

# ୭ରେ ହେବ ସର୍ବସାଧାରଣ ରାସ୍ତାର ସୀମା ନିର୍ଦ୍ଧାରଣ

ବୋଲଗଡ଼,୩୧।୭(ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅନ୍ତର୍ଗତ ପିଟୁକୁଳି ରାଜସ୍ୱ ନୀରିକ୍ଷକଙ୍କ ଅଧୀନ ରାସୋଳ ଗ୍ରାମରେ ସରକାରୀ ରାସ୍ତାକୁ ଗ୍ରାମର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ଆକ୍ତିଆରରେ ରଖିଛନ୍ତି। ଏ ନେଇ ଗତ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଅଭିଯୋଗ ହୋଇଆସୁଛି। ଏଥିଯୋଗୁ ଗ୍ରାମବାସୀ ହଇରାଣ ହେଉଥିବାବେଳେ ଜବରଦଖଲ ମୁକ୍ତ କରି ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ତହସିଲଦାରଙ୍କ ନିକଟରେ ବହୁବାର ଲିଖିତ ଅଭିଯୋଗ ହୋଇଥିଲା। ଏ ନେଇ ଗତବର୍ଷ ନଭେମ୍ବରରେ ଅଧିକାରୀ ଓ ଅମିନ ଉପସ୍ଥିତ ରହି ମାପଚିହ୍ନଟ କାର୍ଯ୍ୟ କରାଯାଇଥିଲା। ପରେ ପିଟୁକୁଳି ରାଜସ୍ୱ ନୀରିକ୍ଷକ ସର୍ବସାଧାରଣ ରାସ୍ତା ଜବରଦଖଲକାରୀଙ୍କ ନାମରେ ରିପୋର୍ଟ ପ୍ରଦାନ କରିଥିଲେ। ଏହା ମଧ୍ୟରେ ନୂତନ ତହସିଲଦାର କାର୍ଯ୍ୟରେ ଯୋଗଦେବା ପରେ ଉଚ୍ଛେଦ ପ୍ରକ୍ରିୟା ଶିଥିଳ ହୋଇପଡ଼ିଥିବାବେଳେ ବର୍ଷାଦିନେ ଚଳପ୍ରଚଳରେ ଅସୁବିଧା ନେଇ ଚଳିତ ମାସରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ତହସିଲଦାରଙ୍କୁ ଭେଟି ନିବେଦନ କରିଥିଲେ। ପରେ ତହସିଲ ପକ୍ଷରୁ ୮ଜଣ ଜବରଦଖଲକାରୀଙ୍କୁ ନିଜର ପକ୍ଷ ରଖିବାକୁ ଦିନ ଧାର୍ଯ୍ୟ କରିଥିଲେ। ସେମାନେ ନିଜର ପକ୍ଷ ରଖି ପୁନର୍ବାର ମାପ ଚିହ୍ନଟ ପାଇଁ କହିଥିଲେ। ଏହାକୁ ବିଚାରକୁ ନେଇ ତହସିଲଦାର ବିଜୟ କୁମାର ସେଠୀ ଅଗଷ୍ଟ ୭ ତାରିଖ ପୂର୍ବାହ୍ନ ୧୧ଟାରେ ପୁନର୍ବାର ଜବରଦଖଲ ରାସ୍ତା ମାପଚୁପ କରି ସୀମା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେବା ସହ ଗ୍ରାମବାସୀ ଏହି ପ୍ରକ୍ରିୟା ସମୟରେ ଉପସ୍ଥିତ ରହିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ସେହିପରି ଗ୍ରାମର ନାରାୟଣ ବଳିୟାରସିଂହଙ୍କ ଘରଠାରୁ ବାଉତି ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଖାତା ନମ୍ବର ୩୯୯ରେ ଥିବା ୭୫୬,୩୬୯ ଓ ୭୫୧ ନମ୍ବର ପ୍ଲଟରେ ଥିବା ଗଛ ସବୁ ୭ ତାରିଖ ମଧ୍ୟରେ କାଟି ନେବା ପାଇଁ ଏହାର ଅକ୍ତିଆରକାରୀମାନଙ୍କୁ ଜିଲା ବନ ବିଭାଗ ନିର୍ଦ୍ଦେଶରେ ସାନପଦର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରିହୋଇଛି। ଏହି ମାପ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ପିଟୁକୁଳି ରାଜସ୍ୱ ନୀରିକ୍ଷକ ଓ ଅମିନଙ୍କୁ ତହସିଲ ପକ୍ଷରୁ ଦାୟିତ୍ୱ ନିର୍ବାହ ପାଇଁ ନିର୍ଦ୍ଦେଶ ମିଳିଥିବା ବେଳେ କୌଣସି ପକ୍ଷରୁ ସୃଷ୍ଟି ବିଶୃଙ୍ଖଳା, ଉତ୍ତେଜନା ଦମନ ପାଇଁ ଆବଶ୍ୟକ ପୋଲିସ ବ୍ୟବସ୍ଥା କରିବାକୁ ବେଗୁନିଆ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି।

# ଭୁବନେଶ୍ୱରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

■ ଗୋପ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର ଘଟଣା

ଗୋପ, ୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ): ପୁରୀ ଜିଲା ଗୋପ ପୋଲିସକୁ ଚକମା ଦେଇ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ପେଶାଲ ସ୍କ୍ୱାଡ୍ ଓ ଗୋପ ପୋଲିସର ଏକ ଟିମ୍ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫)। ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ଏକ ଲୁଟ୍ ମାମଲାରେ ଗତ ୨୮ ତାରିଖରେ ଭୁବନେଶର ଅଞ୍ଚଳରୁ ସୂର୍ଯ୍ୟକାନ୍ତ ମହାନ୍ତି (୨୫) ଓ କ୍ରିଷ୍ଣା ସାହୁ (୧୮)ଙ୍କୁ ଗିରଫ କରି ଗୋପ ପୋଲିସ ଥାନାକୁ ଆଣିଥିଲା। ଦୁହଁଙ୍କୁ ଥାନାରେ ଅଟକ ରଖାଯାଇଥିଲା। ତେବେ ୨୯ ତାରିଖ ରାତି ସାଢ଼େ ୮ଟାରେ ଏହି ଦୁଇ ଅଭିଯୁକ୍ତ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିଲେ। ଏ ନେଇ ଜିଲା ପୋଲିସ ପକ୍ଷରୁ ତନାଘନା ହେବା ସହ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏ ନେଇ ଥାନାରେ ଏକ କେସ୍ (ନଂ. ୨୩୮/୨୫) ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୂର୍ଯ୍ୟକାନ୍ତ ଥିବା ସୂଚନା ମିଳିବା ପରେ ସ୍ପେଶାଲ ସ୍କ୍ୱାଡ୍ ଓ ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ, ଗୃହରକ୍ଷୀ ସୁବାସ କୁମାର ମହାନ୍ତି ଚଢାଉ କରି ଗିରଫ କରିଥିଲେ।

# ଓଡ଼ିଶାରେ ସ୍ଥାପନ ହେବ ସମନ୍ୱିତ ଗ୍ଲୋବାଲ ଫାଇନାନ୍ସିଆଲ ଟେକ୍ନୋଲୋଜି କ୍ଷମତା ହବ୍

## ଅଗଷ୍ଟ ୨୧ରେ ଶୁଭାରମ୍ଭ, ବିଶ୍ୱସ୍ତରରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)


କାର୍ଯ୍ୟକ୍ରମରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସିଙ୍ଗାପୁରସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍)ର ସହଭାଗିତାରେ ଓଡ଼ିଶାରେ ସମନ୍ୱିତ ଗ୍ଲୋବାଲ ଫାଇନାନ୍ସିଆଲ ଟେକ୍ନୋଲୋଜି କ୍ଷମତା ହବ୍ ସ୍ଥାପନ ହେବ। ଅଗଷ୍ଟ ୨୧ରେ ଏହି ବିଶ୍ୱସ୍ତରୀୟ ଡିଜିଟାଲ ପ୍ରତିଭା କେନ୍ଦ୍ରର ଶୁଭାରମ୍ଭ ହେବ ବୋଲି ଗୁରୁବାର କୃଷି ଭବନସ୍ଥିତ ଅଡ଼ିଟୋରିଅମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଏହି ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଲେ, ଓଡ଼ିଶାର ଯୁବତୀଯୁବକଙ୍କ ଦକ୍ଷତା ଯେତେ ବୃଦ୍ଧି ହେବ, ଓଡ଼ିଶାର ଅର୍ଥନୀତି ସେତେ ସୁଦୃଢ଼ ହେବ। ନ୍ୟାଶନାଲ ୟୁନିର୍ଭର୍ସିଟି ଅଫ୍ ସିଙ୍ଗାପୁର ସହଭାଗିତାରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ୧.୮ ଟ୍ରିଲିୟନ ଡଲାର କ୍ଷମତା ବିଶିଷ୍ଟ ବିଶ୍ୱଡିଜିଟାଲ ଅର୍ଥନୀତିରେ ସାମିଲ ହେବା ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରାଯାଉଛି। ଏହି ପଦକ୍ଷେପ ବିଶ୍ୱରେ ଡିଜିଟାଲ ପ୍ରତିଭା କେନ୍ଦ୍ର ଭାବେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ସହିତ ଜିଡିପି ସଶକ୍ତ କରିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ରାଜ୍ୟ ସରକାର ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଯୁକ୍ତି ବିଦ୍ୟା ସହାୟତାରେ ପ୍ରତିଭା ନିର୍ମାଣ କରିବାକୁ ସରକାର ପ୍ରତିବଦ୍ଧ। ଏହି ନବସୃଜନମାନେ ଆଗାମୀ ଦିନରେ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ସେ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଏବଂ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଆଭାଷୀ ମାଧ୍ୟମରେ ଜିଏଫ୍‌ଟିଏନ୍‌ର ଗ୍ରୁପ ସିଇଓ ସୋପନେନ୍ଦୁ ମହାନ୍ତି ଓ ଜିଏଫ୍‌ଟିଏନ୍ ଫୋରମ୍‌ର ସହ-ସିଇଓ ଜେମ୍ସ ବୋଏ ଯୋଗଦେଇ ପ୍ରକଳ୍ପ ସମ୍ପର୍କରେ କହିଥିଲେ।


**OHPC** ISO 9001-14001 18001 Certified

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-22/2025-26, DATED 29.07.2025**

**No.CAD-1333:** Sealed Tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies / vehicle owners / service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for Valve House Shift Duty of UIHEP, Mukhiguda for 04 Years | 7,080/- (inclusive of GST) | 01% of quoted price | From 04.08.2025 to 16.08.2025 up to 13.00 Hrs | 16.08.2025 (Up to 13:30 Hrs) | 16.08.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0038/2526



PUBLIC SERVICE COMMISSION ODISHA

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 5468 / P.S.C., Dt. 31.07.2025**
**(1R-11-24/25) (DR-V)**

**Assistant Professor (Stage-I) in History**
**(Advertisement No.27 of 2023-24)**

**No.D-153** : It is for information of all concerned that, document verification of **171 (One Hundred Seventy-One)** candidates having **PPSAN** mentioned below for the post of **Assistant Professor (Stage-I) in "History"**, pursuant to Advertisement No.27 of 2023/24 shall be held **from 07.08.2025 to 14.08.2025 (Except 09.08.2025, 10.08.2025)** as per the following programme in the Office of the Commission at 19, Dr. P. K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 07.08.2025 | 10.30 A.M. | P240303124, P220088919, P230144622, P240312855, P240306533, P240303846, P240310071, P220043002, P240275031, P220037877, P240301505, P230140647, P240309200, P240304511, P240301712 & P240306633 = **16 Candidates** |
| | 2.30 P.M. | P220002782, P240307391, P240306736, P240314026, P240306840, P240249993, P240302017, P240308895, P240284328, P240313242, P240305781, P240304335 & P240305704 = **13 Candidates** |
| 08.08.2025 | 10.30 A.M. | P230154664, P240308286, P230095678, P240309497, P240301412, P240303032, P240305808, P240302550,P240306528, P240306487, P230144280, P240306595, P230231248, P240305530, P240306425 & P240309535 = **16 Candidates** |
| | 2.30 P.M. | P240310506, P240306986, P240309172, P230162220, P240308964, P240295144, P240306368, P240307364, P240307607, P240306701, P230124342, P240311303 & P240302000 = **13 Candidates** |
| 11.08.2025 | 10.30 A.M. | P240304080, P240307014, P240247057, P230159842, P240304122, P240302873, P220077697, P240311875, P240306163, P240302059, P230123612, P240302794, P240309236, P230159126, P240299777 & P240253812 = **16 Candidates** |
| | 2.30 P.M. | P240307623, P240302978, P240302052, P240309072, P240303426, P240303921, P240305798, P240311458, P240294688, P240306094, P240305839, P240296546 & P240308002 = **13 Candidates** |
| 12.08.2025 | 10.30 A.M. | P240308122, P240270389, P240311894, P240302343, P240306447, P240304365, P240301797, P240305387, P240306893, P240296457, P230156094, P240311754, P240303738, P240307416, P230132115 & P240238695 = **16 Candidates** |
| | 2.30 P.M. | P240308981, P240309001, P240284756, P240305631, P230143869, P240285309, P220040461, P240305382, P240305945, P240305074, P240302507, P240306479 & P240296758 = **13 Candidates** |
| 13.08.2025 | 10.30 A.M. | P240283360, P230152332, P240250120, P220021422, P230113860, P240306287, P240297411, P240289722, P240309025, P230131418, P230149990, P240312117, P240311750, P240302364, P220000096 & P240299227 = **16 Candidates** |
| | 2.30 P.M. | P240299030, P230155122, P240304158, P240310418, P240272501, P240304217, P240241420, P240311892, P240302710, P240303922, P240236651, P220071607 & P240311509 = **13 Candidates** |
| 14.08.2025 | 10.30 A.M. | P240312908, P220056696, P240306584, P220085646, P240294339, P240304874, P240250666, P240304812, P240249050, P240308514, P240311119, P220048898, P230105078, P240308608 & P230144528 = **15 Candidates** |
| | 2.30 P.M. | P230132225, P230160805, P240307827, P230151435, P230113796, P240298729, P220063008, P230121073, P240308851, P240308018 & P230111850 = **11 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0286/2526** **Sd./- Secretary**

# ସରକାରଙ୍କ ଭୁଲ୍, ଠିକ୍‌କୁ ଗଣମାଧ୍ୟମ ନଜର ରଖୁ : ପ୍ରଭାତୀ

## ଆଇସିସି ପକ୍ଷରୁ ଗଣମାଧ୍ୟମ ଓ ମନୋରଞ୍ଜନ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର, ୩୧।୭
(ସୌମ୍ୟରଞ୍ଜନ ରାଉତ)

ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ (ଆଇସିସି) ପକ୍ଷରୁ ଗଣମାଧ୍ୟମ ଓ ମନୋରଞ୍ଜନ ସମ୍ପର୍କିତ ଆଲୋଚନାଚକ୍ର ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ବର୍ତ୍ତମାନ ସମୟ ହେଉଛି ଏଆଇ ଯୁଗ। ଗଣମାଧ୍ୟମ ସାମ୍ପ୍ରତିକ ପରିସ୍ଥିତିରେ ଯେକୌଣସି ବ୍ୟକ୍ତିବିଶେଷଙ୍କ ଭାବମୂର୍ତ୍ତି ନିର୍ଦ୍ଧାରଣ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି। ପ୍ରତି ଗାଁରେ ଲୋକଙ୍କ ପାଖରେ ସରକାରଙ୍କ କଥାକୁ ପହଞ୍ଚାଇଛି । ଗଣମାଧ୍ୟମ ସର୍ବଦା ନିଜର ଭୂମିକା ସୁଚାରୁରୂପେ ତୁଲାଉ। ସରକାରଙ୍କ ଭୁଲ୍ ଓ ଠିକ୍‌କୁ ଗଣମାଧ୍ୟମ ନଜର ରଖିବା ଦରକାର। ଏହାଦ୍ୱାରା ଭୁଲ୍‌କୁ ସୁଧାରି ସରକାର ଆଗକୁ ବଢିବେ। ସେହିପରି ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆସିବା ଦରକାର। ଫଳରେ ସରକାରଙ୍କ ମଧ୍ୟ ନଜର ପଡ଼ିବ। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ଓ ଭିତ୍ତିଭୂମି ରହିଛି। ଆଗାମୀ ଦିନରେ ଏହାର ବିକାଶ କ୍ଷେତ୍ରରେ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ସେହିପରି ଓଟିଟି, ସଙ୍ଗୀତ, ଚଳଚ୍ଚିତ୍ର ଦ୍ରୁତଗତିରେ ଆଗକୁ ବଢୁଛି। ଆଗାମୀ ଦିନରେ ଯାହା ସହଯୋଗ ଆବଶ୍ୟକ ଆମେ ପୂରଣ କରିବାକୁ ଚେଷ୍ଟା କରିବୁ ବୋଲି ପ୍ରଭାତୀ କହିଛନ୍ତି।



ଆଲୋଚନାଚକ୍ରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ।

ସମ୍ମାନିତ ଅତିଥି ଭାବେ ନିଞ୍ଜା ମିଡିଆର ସିଇଓ ରଞ୍ଜିତ୍ ଚକଥ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ସେ ନେଇ କହିଥିଲେ। ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ଏସ୍. ସାହୁ କହିଲେ, ଭାରତର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ର ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ୨୦୨୫ରେ ୭.୨% ବୃଦ୍ଧି ପାଇ ୨.୭ ଟ୍ରିଲିୟନ ଟଙ୍କା (୩୧.୬ ବିଲିୟନ ଡଲାର) ଓ ୨୦୨୭ ସୁଦ୍ଧା ୩.୧ ଟ୍ରିଲିୟନ ଟଙ୍କା (୩୬.୧ ବିଲିୟନ ଡଲାର)ରେ ପହଞ୍ଚିବାର ଆକଳନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଆଇସିସି ଗଣମାଧ୍ୟମ ଓ ମନୋରଞ୍ଜନ କମିଟି ସଂଯୋଜକ ବିଭାବରୀ ରଥ କହିଲେ, ଆମର ଲକ୍ଷ୍ୟ ହେଉଛି ନେତୃତ୍ୱକୁ ପ୍ରୋତ୍ସାହିତ କରିବା। ଆମେ ସମସ୍ତ ଗଣମାଧ୍ୟମ, ଗଣମାଧ୍ୟମ ଷ୍ଟାର୍ଟଅପ୍, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ, ବିତରକ, କଳାକାର ଓ ଟେକ୍ନିସିଆନ ଏବଂ ଗଣମାଧ୍ୟମ ଓ ମନୋରଞ୍ଜନ ଉଦ୍ୟୋଗୀଙ୍କୁ ସଂଯୋଗ କରି ଏକ ସ୍ଥାୟୀ ଇକୋସିଷ୍ଟମ ସୃଷ୍ଟି କରିବାକୁ ଚାହୁଁଛୁ। ଏହା ବ୍ୟବସାୟ ବିକାଶ, ପରାମର୍ଶ, ଶିକ୍ଷା, ନେଟ୍‌ୱର୍କିଂ ଏବଂ ସହଯୋଗ ମାଧ୍ୟମରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ଅଂଶୀଦାରମାନଙ୍କୁ ସମର୍ଥନ କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଲାଇଭ୍‌ର ପ୍ରତିଷ୍ଠାତା ତଥା ସିଇଓ ନୀଳାମ୍ବର ରଥ, ଅଭିନେତା ସୁକାନ୍ତ ରଥ, ଓଟିଟି ପ୍ଲାଟ୍‌ଫର୍ମ କଞ୍ଚାଲଙ୍କାର ସହପ୍ରତିଷ୍ଠାତା ଚିତ୍ତରଞ୍ଜନ ନାୟକ, ପ୍ରିଲ୍ୟୁଡ୍ ନୋଭେଲ ଭେଞ୍ଚର ପ୍ରତିଷ୍ଠାତା ସତ୍ୟବ୍ରତ ସାନୁ ରାଥୋ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ସରକାରୀ ପ୍ରଫେସର ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ।

# ସରକାରୀ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

## ପୋଶ୍ ଆଇନ ସମ୍ବନ୍ଧରେ ପ୍ରଶିକ୍ଷଣ ନେଲେ ମାଷ୍ଟର ଟ୍ରେନର

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ରୋକିବାକୁ ଅଣାଯାଇଥିବା ପୋଶ୍ (ପ୍ରିଭେନ୍‌ଶନ ଅଫ୍ ସେକ୍ସୁଆଲ ହାରାଶମେଣ୍ଟ) ଆଇନ ୨୦୧୩ ସମ୍ବନ୍ଧରେ ଗୁରୁବାର ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷିତ କରାଯାଇଛି। ସମସ୍ତ ଜିଲାରେ ଥିବା ଆଭ୍ୟନ୍ତରୀଣ ସମିତି (ଇଣ୍ଟରନାଲ କମିଟି) ସଦସ୍ୟମାନଙ୍କୁ ପ୍ରଭାବଶାଳୀ ଭାବେ ପୋଶ୍ ଆଇନ ବିଷୟରେ ଶିକ୍ଷା ଦେବାକୁ ଲକ୍ଷ୍ୟ ରଖାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ମହିଳାଙ୍କ ପାଇଁ ଏକ ନିରାପଦ କର୍ମକ୍ଷେତ୍ର ଭାବେ ପରିପ୍ରକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ମିଳିତ ଜାତି ସଂଘ ଜନସଂଖ୍ୟା ପାଣ୍ଠିର ପ୍ରକଳ୍ପ ପରିଚାଳକ ଅନୁଜା ଗୁଲାଟି ଯୋଗଦେଇ ପୋଶ୍ ଆଇନ ସମ୍ବନ୍ଧରେ ଆଲୋଚନା କରିବା ସହ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୋଶ୍ ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ବିଭିନ୍ନ ଜିଲାର ଉପଜିଲାପାଳ, ଡେପୁଟି କଲେକ୍ଟର, ପ୍ରକଳ୍ପ ଅଧିକାରୀ, ଏଲ୍‌ସି, ଆଇସିର ସଦସ୍ୟମାନେ ଉପସ୍ଥିତ ଥିଲେ।


ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଅନୁଷ୍ଠିତ ପୋଶ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର।

# ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବାରଙ୍ଗ,୩୧।୭(ଲିଙ୍ଗରାଜ ରାଉତ): ଭୁବନେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନସାଧାରଣଙ୍କୁ ବଜ୍ରପାତରୁ ସୁରକ୍ଷା ଦେବା ପାଇଁ ଗୁରୁବାର ଚକୁଳିଆ ପଣ୍ଡାଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ମେଣ୍ଢାଶାଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚକୁଳିଆ ପଣ୍ଡାମାନେ ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ କୌଶଲ୍ୟା ବଳିଆରସିଂହ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଦିପ୍ତିମୟୀ ନାୟକ ପରିଚାଳନା କରିଥିଲେ। ଚଳିତବର୍ଷ ବର୍ଷାଋତୁରେ ମେଣ୍ଢାଶାଳ ଗାଁର ୨ଟି ନଡିଆଗଛ ଓ ଏକ ଚାଳଘର ଉପରକୁ ବଜ୍ରପାତ ହୋଇଥିଲା। ଫଳରେ ବହୁ କ୍ଷୟକ୍ଷତି ଘଟିଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ସରପଞ୍ଚ କହିଛନ୍ତି।

# ଜଟଣୀ ଭାଜପାର ବିକ୍ଷୋଭ

ଜଟଣୀ,୩୧।୭(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀ ନଗର ଭଜପା ପକ୍ଷରୁ ଗୁରୁବାର ବିଜେଡି ଓ କଂଗ୍ରେସର ନାରୀ ଶୋଷଣ ଓ ନିର୍ଯାତନାକୁ ନେଇ ହୀନ ରଜନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବିଜେଡି ସଭାପତି ଓ କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମସଜିଦ ଛକଠାରୁ ଶତାଧିକ ଭାଜପା କର୍ମୀ ଏବଂ ନେତା ସହର ପରିକ୍ରମା କରି ବିଭିନ୍ନ ନାରା ଦେଇଥିଲେ। ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ରାଜ୍ୟ ପ୍ରବକ୍ତା ସୁଦିପ୍ତ ରାୟ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟନାୟକ ଏବଂ ମନୋଜ ନନ୍ଦଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ମନକୁ ଛୁଉଁଥିବା କାହାଣୀ ହେଲେ ସମସ୍ତେ ଫିଲ୍ମ ଦେଖିବେ

ଭୁବନେଶ୍ୱର,୩୧।୭
(ସୌମ୍ୟରଞ୍ଜନ ରାଉତ)

## ୫୦ ଦିନର ଉତ୍ସବ ପାଳିଲା ଓଡ଼ିଆ ଫିଲ୍ମ 'ଅନନ୍ତା'

ଓଲିଉଡ୍ ଜଗତର ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଏବେ ଦର୍ଶକମାନେ ଓଡ଼ିଆ ଫିଲ୍ମ ଦେଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବା ଭଳି କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ଓଡ଼ିଆ ଚଳଚ୍ଚିତ୍ର। ଇତିମଧ୍ୟରେ ୫୦ ଦିନରେ ପହଞ୍ଚିଛି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡିପୁଅ ଅନନ୍ତା' ଅବଲମ୍ବନରେ ପ୍ରସ୍ତୁତ ତଥା ପାରିବାରିକ କାହାଣୀ ଉପରେ ଆଧାରିତ ଓଡ଼ିଆ ଫିଲ୍ମ 'ଅନନ୍ତା'। ଏହି କାହାଣୀକୁ ଓଡ଼ିଆ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଫିଲ୍ମରେ ମୁଖ୍ୟ ନାୟକ ଭାବେ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି। ୫୦ଦିନ ପୂରଣ ଅବସରରେ ଗୁରୁବାର ଶ୍ରୀୟା ଶ୍ରୁତି କମ୍ପ୍ଲେକ୍ସରେ ସମସ୍ତ କଳାକାରଙ୍କ ଉପସ୍ଥିତିରେ କେକ୍ କଟାଯାଇଥିଲା। ସବ୍ୟସାଚୀ ନିଜେ କେକ୍ କାଟି ଫିଲ୍ମର ଶ୍ରେୟ ସମସ୍ତ ଦର୍ଶକଙ୍କୁ ଦେଇଛନ୍ତି। ଏହି ଚଳଚ୍ଚିତ୍ର ୨୦ କୋଟିରୁ ଅଧିକ ଟଙ୍କା ଆୟ କରିଥିବା ସୂଚନା ମିଳିଛି। କେବଳ 'ଅନନ୍ତା' ନୁହେଁ, ବୋଉ ବୁଟୁ ଭୂତ, ନବକଳେବର, ଆଇ ଆମ କାଳିଆ ଭଳି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି। ଓଡ଼ିଆ ଦର୍ଶକଙ୍କ ମନକୁ ଛୁଉଁଥିବା କାହାଣୀ ହେଲେ ସମସ୍ତେ ଫିଲ୍ମ ଦେଖିବାକୁ ଆସିବେ ବୋଲି ବରିଷ୍ଠ କଳାକାର ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି। ଆଗରୁ ଓଡ଼ିଆ ଫିଲ୍ମ ପ୍ରତିଦିନର ଲୋକଙ୍କ ଚଳଣିକୁ ନେଇ ହେଉଥିଲା। ଏବେ ସେହି ଟ୍ରେଣ୍ଡ୍ ପୁଣିଥରେ ଆସିଛି। ତେଣୁ ଓଡ଼ିଆ ଦର୍ଶକ ଫିଲ୍ମ ଦେଖିବାକୁ ଆସୁଛନ୍ତି। ଆଗାମୀ ଦିନରେ ମଧ୍ୟ ଏହିପରି ଫିଲ୍ମ ଆସିବ, ଆଉ ଓଡ଼ିଆ ଦର୍ଶକ ଏହାର ଭରପୂର ମଜା ନେବେ ବୋଲି ପ୍ରଦ୍ୟୁମ୍ନଙ୍କ ସହ ଅନ୍ୟ କଳାକାରମାନେ କହିଛନ୍ତି।



ଅଭିନେତା ସବ୍ୟସାଚୀ ମିଶ୍ର ଓ ଅନ୍ୟମାନେ କେକ୍ କାଟି ଉତ୍ସବ ପାଳନ କରୁଛନ୍ତି।

# ରେଳଷ୍ଟେଶନରୁ ଅଜଣା ମୃତଦେହ ଜବତ

ବାରଙ୍ଗ,୩୧।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ରେଳ ଷ୍ଟେସନ ନିକଟରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ ଦେହ ଜବତ କରିଛି ଜିଆର୍‌ପି ଫାଣ୍ଡି ପୋଲିସ। ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରିନାହିଁ। ରେଳ ଷ୍ଟେସନ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ରେଳ କର୍ମଚାରୀ ଦେଖି ଜିଆର୍‌ପି ପୋଲିସକୁ ଖବର ଦେଇଥିଲେ। ତେବେ ଖବରପାଇ ଘଟଣାସ୍ଥଳରେ ଜିଆର୍‌ପି ପୋଲିସ ଏଏସ୍‌ଆଇ ପରମାନନ୍ଦ ବେହେରା ପହଞ୍ଚି ମୃତ ଦେହ ଜବତ କରିଛନ୍ତି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତର ଖାନା ପଠାଯାଇଛି। ଯୁବକଙ୍କ ବୟସ ୫୫ରୁ ୬୦ହେବ ବୋଲି ଅନୁମାନ କରାଯାଉଛି। ମୃତବ୍ୟକ୍ତିଙ୍କ ପାଟିରୁ ରକ୍ତ ବାହାରୁଥିବାବେଳେ ସେ ନାଲି କଳା ରଙ୍ଗର ଚେକ୍ ଶାର୍ଟ ଓ କଳା ରଙ୍ଗର ହାପ ପ୍ୟାଣ୍ଟ ପିନ୍ଧିଛନ୍ତି।

# ଓଡ଼ିଶାରେ ସ୍ଥାପନ ହେବ ସମନ୍ୱିତ ଗ୍ଲୋବାଲ ଫାଇନାନ୍ସିଆଲ ଟେକ୍ନୋଲୋଜି କ୍ଷମତା ହବ୍

## ୨୧ରେ ଶୁଭାରମ୍ଭ, ବିଶ୍ୱସ୍ତରରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସିଙ୍ଗାପୁରସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍)ର ସହଭାଗିତାରେ ଓଡ଼ିଶାରେ ସମନ୍ୱିତ ଗ୍ଲୋବାଲ ଫାଇନାନ୍ସିଆଲ ଟେକ୍ନୋଲୋଜି କ୍ଷମତା ହବ୍ ସ୍ଥାପନ ହେବ। ଅଗଷ୍ଟ ୨୧ରେ ଏହି ବିଶ୍ୱସ୍ତରୀୟ ଡିଜିଟାଲ ପ୍ରତିଭା କେନ୍ଦ୍ରର ଶୁଭାରମ୍ଭ ହେବ ବୋଲି ଗୁରୁବାର କୃଷି ଭବନସ୍ଥିତ ଅଡିଟୋରିଅମରେ ଆୟୋଜିତ କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଏହି ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଲେ, ଓଡ଼ିଶାର ଯୁବତୀଯୁବକଙ୍କ ଦକ୍ଷତା ଯେତେ ବୃଦ୍ଧି ହେବ, ଓଡ଼ିଶାର ଅର୍ଥନୀତି ସେତେ ସୁଦୃଢ ହେବ। ନ୍ୟାଶନାଲ ୟୁନିର୍ଭର୍ସିଟି ଅଫ୍ ସିଙ୍ଗାପୁର ସହଭାଗିତାରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ୧.୮ ଟ୍ରିଲିୟନ ଡଲାର କ୍ଷମତା ବିଶିଷ୍ଟ ବିଶ୍ୱଡିଜିଟାଲ ଅର୍ଥନୀତିରେ ସାମିଲହେବା ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରାଯାଉଛି। ଏହି ପଦକ୍ଷେପ ବିଶ୍ୱରେ ଡିଜିଟାଲ ପ୍ରତିଭା କେନ୍ଦ୍ର ଭାବେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ସହ ଜିଡିପି ସଶକ୍ତ କରିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ରାଜ୍ୟ ସରକାର ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଯୁକ୍ତି ବିଦ୍ୟା ସହାୟତାରେ ପ୍ରତିଭା ନିର୍ମାଣ କରିବାକୁ ସରକାର ପ୍ରତିବଦ୍ଧ। ଏହି ନବସୃଜନମାନେ ଆଗାମୀ ଦିନରେ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ସେ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଏବଂ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଆଭାସି ମାଧ୍ୟମରେ ଜିଏଫ୍‌ଟିଏନ୍‌ର ଗ୍ରୁପ୍ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି ଓ ଜିଏଫ୍‌ଟିଏନ୍ ଫୋରମ୍ବର ସହ-ସିଇଓ ଜେମ୍ସ ବୋଏ ଯୋଗଦେଇ ପ୍ରକଳ୍ପ ସମ୍ପର୍କରେ କହିଥିଲେ।


କାର୍ଯ୍ୟକ୍ରମରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ।

OHPC
ISO 9001-14001 18001 Certified

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-22/2025-26, DATED 29.07.2025**

**No.CAD-1333:** Sealed Tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies / vehicle owners / service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for Valve House Shift Duty of UIHEP, Mukhiguda for 04 Years | 7,080/- (inclusive of GST) | 01% of quoted price | From 04.08.2025 to 16.08.2025 up to 13.00 Hrs | 16.08.2025 (Up to 13:30 Hrs) | 16.08.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda
OIPR-04008/11/0038/2526

PUBLIC SERVICE COMMISSION ODISHA

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5468 / P.S.C., Dt. 31.07.2025**
**(1R-11-24/25) (DR-V)**

**Assistant Professor (Stage-I) in History**
**(Advertisement No.27 of 2023-24)**

**No.D-153** : It is for information of all concerned that, document verification of **171 (One Hundred Seventy-One)** candidates having **PPSAN** mentioned below for the post of **Assistant Professor (Stage-I) in "History"**, pursuant to Advertisement No.27 of 2023/24 shall be held **from 07.08.2025 to 14.08.2025 (Except 09.08.2025, 10.08.2025)** as per the following programme in the Office of the Commission at 19, Dr. P. K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 07.08.2025 | 10.30 A.M. | P240303124, P220088919, P230144622, P240312855, P240306533, P240303846, P240310071, P220043002, P240275031, P220037877, P240301505, P230140647, P240309200, P240304511, P240301712 & P240306633 = **16 Candidates** |
| | 2.30 P.M. | P220002782, P240307391, P240306736, P240314026, P240306840, P240249993, P240302017, P240308895, P240284328, P240313242, P240305781, P240304335 & P240305704 = **13 Candidates** |
| 08.08.2025 | 10.30 A.M. | P230154664, P240308286, P230095678, P240309497, P240301412, P240303032, P240305808, P240302550,P240306528, P240306487, P230144280, P240306595, P230231248, P240305530, P240306425 & P240309535 = **16 Candidates** |
| | 2.30 P.M. | P240310506, P240306986, P240309172, P230162220, P240308964, P240295144, P240306368, P240307364, P240307607, P240306701, P230124342, P240311303 & P240302000 = **13 Candidates** |
| 11.08.2025 | 10.30 A.M. | P240304080, P240307014, P240247057, P230159842, P240304122, P240302873, P220077697, P240311875, P240306163, P240302059, P230123612, P240302794, P240309236, P230159126, P240299777 & P240253812 = **16 Candidates** |
| | 2.30 P.M. | P240307623, P240302978, P240302052, P240309072, P240303426, P240303921, P240305798, P240311458, P240294688, P240306094, P240305839, P240296546 & P240308002 = **13 Candidates** |
| 12.08.2025 | 10.30 A.M. | P240308122, P240270389, P240311894, P240302343, P240306447, P240304365, P240301797, P240305387, P240306893, P240296457, P230156094, P240311754, P240303738, P240307416, P230132115 & P240238695 = **16 Candidates** |
| | 2.30 P.M. | P240308981, P240309001, P240284756, P240305631, P230143869, P240285309, P220040461, P240305382, P240305945, P240305074, P240302507, P240306479 & P240296758 = **13 Candidates** |
| 13.08.2025 | 10.30 A.M. | P240283360, P230152332, P240250120, P220021422, P230113860, P240306287, P240297411, P240289722, P240309025, P230131418, P230149990, P240312117, P240311750, P240302364, P220000096 & P240299227 = **16 Candidates** |
| | 2.30 P.M. | P240299030, P230155122, P240304158, P240310418, P240272501, P240304217, P240241420, P240311892, P240302710, P240303922, P240236651, P220071607 & P240311509 = **13 Candidates** |
| 14.08.2025 | 10.30 A.M. | P240312908, P220056696, P240306584, P220085646, P240294339, P240304874, P240250666, P240304812, P240249050, P240308514, P240311119, P220048898, P230105078, P240308608 & P230144528 = **15 Candidates** |
| | 2.30 P.M. | P230132225, P230160805, P240307827, P230151435, P230113796, P240298729, P220063008, P230121073, P240308851, P240308018 & P230111850 = **11 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0286/2526
Sd./- Secretary

## ମା'ଚର୍ଚ୍ଚିକା ସିଏସ୍‌ସି ସମାଜ ନିର୍ବାଚନ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ମା'ଚର୍ଚ୍ଚିକା ସିଏସସି ସମାଜର ଚଳିତ ବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ସଂଗ୍ରାମ ପଟ୍ଟନାୟକ, ଉପସଭାପତି ବିଷ୍ଣୁପ୍ରିୟା ନନ୍ଦ ଓ ଯିତେନ କୁମାର ସେଠୀ, ସଂପାଦକ ବିଷ୍ଣୁ ପ୍ରସାଦ ସାହୁ, କୋଷାଧକ୍ଷ ଦୈତାରୀ ଦାସ, ଜନସମ୍ପର୍କ ଅଧିକାରୀ ଯଜ୍ଞପ୍ରସାଦ ରାଜଗୁରୁ ଓ ଅର୍ଥ ଅଧିକୋରୀ ଭାବେ ନଗେନ କୁମାର ମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟ ସଞ୍ଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ଜନସେବା କେନ୍ଦ୍ର ଅଧକାରୀ ଜ୍ୟୋତିମୋହନ ଗଡନାୟକ ପ୍ରମୁଖ ଯୋଗଦେଇ ଜନସେବା କେନ୍ଦ୍ର ମାଧମରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ ।

**ସଂକ୍ଷେପରେ**

## ରେଳଷ୍ଟେଶନରୁ ଅଜଣା ମୃତଦେହ ଜବତ

ବାରଙ୍ଗ,୩୧ ।୭(ଲିଙ୍ଗରାଜ ରାଉତ): ବାରଙ୍ଗ ରେଳ ଷ୍ଟେସନ ନିକଟରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ ଦେହ ଜବତ କରିଛି ଜିଆର୍‌ପି ଫାଣ୍ଡି ପୋଲିସ । ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରିନାହିଁ । ରେଳ ଷ୍ଟେସନ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ରେଳ କର୍ମଚାରୀ ଦେଖି ଜିଆର୍‌ପି ପୋଲିସକୁ ଖବର ଦେଇଥିଲେ । ତେବେ ଖବରପାଇ ଘଟଣାସ୍ଥଳରେ ଜିଆର୍‌ପି ପୋଲିସ ଏଏସ୍‌ଆଇ ପରମାନନ୍ଦ ବେହେରା ପହଞ୍ଚି ମୃତ ଦେହ ଜବତ କରିଛନ୍ତି । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତର ଖାନା ପଠାଯାଇଛି । ଯୁବକଙ୍କ ବୟସ ୫୫ରୁ ୬୦ହେବ ବୋଲି ଅନୁମାନ କରାଯାଉଛି । ମୃତବ୍ୟକ୍ତିଙ୍କ ପାଟିରୁ ରକ୍ତ ବାହାରୁଥିବାବେଳେ ସେ ନାଳି କଳା ରଙ୍ଗର ଚେକ୍ ଶାର୍ଟ ଓ କଳା ରଙ୍ଗର ହାପ ପ୍ୟାଣ୍ଟ ପିନ୍ଧିଛନ୍ତି ।

## ଫେରାର ଅଭିଯୁକ୍ତ ଗିରଫ

ଡିଗିରିଆ,୩୧ ।୭(ଜାଫର ଖାଁ): ଡିଗିରିଆ ଥାନାରେ ବୋମାମାଡ଼ ଓ ଗଣ୍ଡଗୋଳ ଘଟଣାରେ ଫେରାର୍ ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବନମାଳୀପୁର ଗ୍ରାମର ଶୁଭ୍ରଜିତ ରାଉତ ଓରଫ ଗୁଡୁ (୨୨) । ଏନେଇ ଥାନାରେ ମାମଲା (ନଂ ୧୯୪/୨୦୨୩) ରୁଜୁ ହୋଇଥିଲା । ଉକ୍ତ ଘଟଣାରେ ଶୁଭ୍ରଜିତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ଗିରଫ ଫର୍ୱାନା ଜାରି କରାଯାଇଥିଲାବୋଲି ଡିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି ।

## ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୩୧ ।୭(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଗ୍ରାମ ପଞ୍ଚାୟତ ମାଳିଗାଁରେ ଗୁରୁବାର ନଦୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ମାଳିଗାଁର ସ୍ୱର୍ଗତ ମାନଗୋବିନ୍ଦ ପରିଡାଙ୍କ ସ୍ତ୍ରୀ ବାସନ୍ତୀ ପରିଡା(୭୫) । ବାସନ୍ତୀ ଜଣେ ମାନସିକ ବିକଳାଙ୍ଗ ଥିଲେ । ତେବେ ସେ କୌଣସି କାରଣରୁ ସ୍ଥାନୀୟ ଚିତ୍ରୋତ୍ପଳା ନଦୀକୁ ଯାଇଥିଲା । ସେହି ସମୟରେ ତାଙ୍କର ଗୋଡ ଖସିଯିବାରୁ ନଦୀର ପ୍ରଖର ଜଳରେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ସୁଶୀଲ କୁମାର ନାୟକ କହିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି ।

## ଗ୍ରାମ ଶ୍ମଶାନରେ ମନୋଜଙ୍କ ଶେଷକୃତ୍ୟ ସମ୍ପନ୍ନ



ଡିଗିରିଆ, ୩୧ ।୭(ଜାଫର ଖାଁ): ଡିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ଗୋଡି ସାହିରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ମନୋଜ କୁମାର ବେହେରା (୩୪)ଙ୍କ ମୃତଦେହ ଗୁରୁବାର ବେଙ୍ଗାଲୁରୁରୁ ଆମ୍ବୁଲାନ୍ସ ଯୋଗେ ଗାଁରେ ପହଞ୍ଚିଥିଲା । ମୃତଦେହକୁ ସ୍ଥାନୀୟ ସରପଞ୍ଚ ସୁନିତା ନାଏକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶେଷ ଦର୍ଶନ ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସୂଚନାଯୋଗ୍ୟ, ମୃତ ମନୋଜଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପ୍ରତିପୋଷଣ ପାଇଁ ମନୋଜ ବେଙ୍ଗାଲୁରୁରେ ଦିନମଜୁରିଆ ଭାବେ କାମ କରି ପରିବାର ପୋଷୁଥିଲେ । ସେଠାରେ ତାଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଥିଲା । ମନୋଜଙ୍କ ମୃତ୍ୟୁରେ ତାଙ୍କ ବିଧବା ମା', ସ୍ତ୍ରୀ ଓ ୨ ସନ୍ତାନ ଏବେ ବେସାହାରା ହୋଇଯାଇଛନ୍ତି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ରୋଗୀଙ୍କ ଚିନ୍ତା ବଢ଼ାଉଛି ଟୋକନ ବ୍ୟବସ୍ଥା

କଟକ,୩୧ ।୭(ଶିଳ୍ପା ପ୍ରିୟଦର୍ଶିନୀ)

- ଟିକେଟ ଗ୍ରହଣ କରୁନାହାନ୍ତି କର୍ମଚାରୀ, ନିଜେ ଦେଉଛନ୍ତି ଟୋକନ
- ଡାକ୍ତର ଦେଖାଇବାକୁ ହୀନସ୍ତା ହେଉଛନ୍ତି ରୋଗୀ

ଏସ୍‌ସିବି ମେଡିକାଲ ଆଉଟଡୋର ବା ବହିର୍ବିଭାଗରେ ଡାକ୍ତରଙ୍କୁ ଦେଖାଇବାକୁ ଟିକଟ ଓ ଟୋକନ ବ୍ୟବସ୍ଥା ଯୋଗୁ ରୋଗୀ ହୀନସ୍ତା ହେଉଛନ୍ତି । ରୋଗୀ ବହିର୍ବିଭାଗ ଆସିବା ମାତ୍ରେ ନିୟମ ମୁତାବକ ଟିକେଟ କରୁଛନ୍ତି । ହେଲେ ଟିକେଟ ବାଦ୍ ବହିର୍ବିଭାଗରେ ଥିବା କର୍ମଚାରୀମାନେ ଅନ୍ୟ ଏକ ଟୋକନ ନଚେତ୍ ଏକ ନମ୍ବର ଦେଉଛନ୍ତି । ଏହା ପରେ ହିଁ ରୋଗୀ ଡାକ୍ତରଙ୍କ ପରାମର୍ଶ କରାଇ ପାରିବେ ବୋଲି ନିୟମ ଥିବା ରୋଗୀଙ୍କୁ କୁହାଯାଉଛି । ଏପରିକି ଏଭଳି ଟୋକନ ବ୍ୟବସ୍ଥା କାରଣରୁ ଦୁଇଦିନ ହେବ ନ୍ୟୁରୋସର୍ଜରୀ ବର୍ହିବିଭାଗକୁ ଆସି ମଧ୍ୟ ଡାକ୍ତର ଦେଖାଇବାରୁ କଟକ ସଇଦାନୀ ବଗିଚାର ଉମର ଖତିଫ୍ ବଞ୍ଚିତ ହୋଇଛନ୍ତି ।

ଘଟଣାକ୍ରମେ, ଉମର ଖତିଫ୍ ଏସ୍‌ସିବିର ନ୍ୟୁରୋ ସର୍ଜରି ବହିର୍ବିଭାବକୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଥିଲେ ଏବଂ ଟିକେଟ କରିଥିଲେ । ହେଲେ ଡାକ୍ତରଙ୍କ କକ୍ଷ ବାହାରେ ଥିବା କର୍ମଚାରୀ ଟିକେଟ ନେଇ ଯାଇ ଏକ ଟୋକନ ନମ୍ବର ଉମରଙ୍କୁ ଦେଇଥିଲେ । ହେଲେ ଟୋକନ ନମ୍ବର ହଜିଯିବାରୁ ଡାକ୍ତରଙ୍କୁ ଦେଖାଇବାକୁ କର୍ମଚାରୀ ଜଣକ ତାଙ୍କୁ ଛାଡି ନ ଥିଲେ । ଉମର ଟିକେଟ ଫେରାଇ ଦେବା କଥା କହିବାରୁ ତାଙ୍କୁ ଉକ୍ତ ବହିର୍ବିଭାଗରେ ଥିବା ଅନ୍ୟ ସମସ୍ତ କକ୍ଷରେ ଯାଇ ପଚାରିବାକୁ କର୍ମଚାରୀ ଜଣକ କହିଥିଲେ । ହେଲେ ଟିକେଟ କାହା ପାଖରେ ନ ଥିବା ସେଠାରେ ଥିବା ଅନ୍ୟ କର୍ମଚାରୀ କହିଥିଲେ । ପୁନର୍ବାର ଉମର ଉକ୍ତ ସ୍ଥାନକୁ ଆସି କର୍ମଚାରୀ ଜଣଙ୍କୁ ଟିକେଟ ଦେବାକୁ କହିବାରୁ କର୍ମଚାରୀ ଜଣକ ଆଉ ଥରେ ଟିକେଟ କରିବାକୁ କହିଥିଲେ । ହେଲେ ଟିକେଟ କାଉଣ୍ଟରରେ ଆଉ ଟିକେଟ ଦିଆଯାଇପାରିବ ନାହିଁ ବୋଲି ସେଠାରେ ଥିବା କର୍ମଚାରୀ କହିଥିଲେ । ଟିକେଟ ନ ପାଇବା ନେଇ କର୍ମଚାରୀଙ୍କୁ ଉମର ପଚାରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ । ଶେଷରେ ଉମର ଡାକ୍ତରଙ୍କୁ ଦେଖାଇ ନ ପାରି ଘରକୁ ଫେରିଥିଲେ ଏବଂ ଗୁରୁବାର ବାର ନ ଥିବାରୁ ଡାକ୍ତର ଦେଖାଇ ପାରି ନାହାନ୍ତି ଉମର । ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରି ବର୍ହିର୍ବିଭାଗରେ ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାର ତିନିଦିନ ଏଠାରେ ଡାକ୍ତର ରୋଗୀ ଦେଖିଥାନ୍ତି । ନିୟମ ମୁତାବକ ରୋଗୀ ମେଡିକାଲକୁ ଆସିବା ମାତ୍ରେ ଟ୍ରମା କାଜୁଆଲଟି, ନନ୍‌ଟ୍ରମା କାଜୁଆଲଟି ହେଉ କିମ୍ବା ଅନ୍ୟ କୌଣସି ବର୍ହିର୍ବିଭାଗରେ ଡାକ୍ତର ଦେଖାଇବାକୁ ହେଲେ କେବଳ ଗୋଟିଏ ଟିକେଟ କରିବେ ଯେଉଁଥିରେ ନିଜ ନାମ, ଠିକଣା ଓ ଫୋନ ନମ୍ବର ସମେତ କେଉଁ ବିଭାଗକୁ ଆସିଛନ୍ତି ତା'ର ତଥ୍ୟ ସେଥିରେ ରହିଥାଏ । ଏହି ଟିକେଟକୁ ନେଇ ରୋଗୀ ଡାକ୍ତର ଦେଖାଇ ପାରିବ ବୋଲି ନିୟମ ଥିବାବେଳେ ଟିକେଟ ପରେ ଟୋକନ ବ୍ୟବସ୍ଥା ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ସମସ୍ୟା ଉପୁଜୁଛି । ଏ ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, ଡାକ୍ତର ଦେଖାଇବାକୁ କେବଳ ଟିକେଟର ବ୍ୟବସ୍ଥା ରହିଛି । ରୋଗୀ ଚିରାଚରିତ ଢ଼ଙ୍ଗରେ ଅଭିଯୋଗ କରିଥାନ୍ତି । ଏଭଳି କୌଣସି ଅଭିଯୋଗ ଆସି ନାହିଁ, ଯଦିଓ ଅଭିଯୋଗ ଆସେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ବକେୟା ଦରମା ପାଇଁ ବିଡିଓଙ୍କୁ ଅଭିଯୋଗ

ବାଙ୍କୀ, ୩୧ ।୭(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଏବଂ ଏସଇଏମ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ ୪ ମାସ ଧରି ଦରମା ପାଇ ନ ଥିବାରୁ ବିଡିଓଙ୍କୁ ଅଭିଯୋଗ କରିଛନ୍ତି । ଏ ନେଇ ବାଙ୍କୀ ପାନୀୟ ଜଳ ପରିମଳ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କବୁଲା ସାହୁ, ନୀଳମଣି ଖଟୁଆ, ଅନ୍ତର୍ଯ୍ୟାମୀ ଖଟୁଆ, ମାନସ ପ୍ରଧାନଙ୍କ ଅଭିଯୋଗ ପରେ ବିଡିଓ କନ୍ତ ପହଁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀକୁ ଜଣାଇଥିଲେ । ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜଥା ଦଳେଇଙ୍କୁ ପଚାରିବାରୁ ପଞ୍ଚଦଶ ଅର୍ଥ କମିଶନ ଅର୍ଥ ସରକାରଙ୍କ ପକ୍ଷରୁ ପୈଠ କରାଯାଇ ନ ଥିବାରୁ କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ ବୋଲି କହିଛନ୍ତି । ସରକାରଙ୍କ ତରଫରୁ ପ୍ରଦାନ କରାଗଲେ ଅଗଷ୍ଟ ମାସରେ ଦରମା ପୈଠ କରାଯିବ ବୋଲି ପଞ୍ଚାୟତ କାର୍ଯ୍ୟନୀର୍ବାହୀ ଅଧିକାରୀ ଦଳେଇ କହିଛନ୍ତି ।

## ମହାନଦୀ ସୁରକ୍ଷା ପାଇଁ ଆଳତି



ମହାନଦୀ ସୁରକ୍ଷା ପାଇଁ ଆଳତି କରାଯାଉଛି ।

ବାଙ୍କୀ,୩୧ ।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମହାନଦୀ ସୁରକ୍ଷା ପାଇଁ ମହାନଦୀ ଆଳତି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ଏବଂ ବାଙ୍କୀ ଶାଖା ଓ ଶରଧାବାଲି ଭାଗବତ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କରାଯାଇଛି । ଆଳତି କାର୍ଯ୍ୟକ୍ରମକୁ ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତିର ଉପଦେଷ୍ଟା ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଶୁଭାରମ୍ଭ କରିଛନ୍ତି । ଅନୁଷ୍ଠାନର ସାଧାରଣ ସମ୍ପାଦକ କମଳକାନ୍ତ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହାନଦୀ ଆଳତି କାର୍ଯ୍ୟକ୍ରମରେ ପଣ୍ଡିତ ସୁଧାଂଶୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଏଥିରେ କର୍ତ୍ତା ଭାବେ ଯତୀନ୍ଦ୍ର ପ୍ରଧାନ ଓ କର୍ତ୍ତ୍ରୀ ଭାବେ ଜ୍ୟୋସ୍ନାମୟୀ ପ୍ରଧାନ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ମହାନଦୀ ଆଳତି କାର୍ଯ୍ୟକ୍ରମ ପ୍ରଥମେ ବେଲପୁଞ୍ଜି ଘାଟରେ ଉଦ୍‌ଘାଟିତ ହୋଇଥିଲା । ପରେ ବୈଦ୍ୟେଶ୍ୱର, ଅଳସୁଆ, ସାଁପୁର, ଚର୍ଚ୍ଚିକା ଆଦି ଘାଟରେ କରାଯିବା ପାଇଁ ସ୍ଥିର କରାଯାଇଛି ବୋଲି ସାଧାରଣ ସମ୍ପାଦକ ପ୍ରହରାଜ କହିଛନ୍ତି । ଏହି କାର୍ଯ୍ୟକ୍ରମଙ୍କୁ ଗୋଳାଗଣ୍ଡ ଗୁରୁଧାମର ମଠାଧୀଶ ଏକାଦଶୀ ପ୍ରଧାନ, ଶାନ୍ତନୁ କୁମାର ସାହୁ, ତପସ୍ୱିନୀ ନାୟକ, ନନ୍ଦ ଦଳେଇ, ପବିତ୍ର କୁମାର ଦଳେଇ ପ୍ରମୁଖ ପରିଚାଳନା କରିଥିଲେ ।

# ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ



ତହସିଲ କାର୍ଯ୍ୟାଳୟ ସମ୍ମୁଖ ଛକରେ ଭାଜପା ପକ୍ଷରୁ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି ।

ସାଲେପୁର,୩୧ ।୭(ଅରବିନ୍ଦ ଭୂୟାଁ):

ଭାଜପା କଟକ ଗ୍ରାମୀଣ ଜିଲା ପକ୍ଷରୁ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ଛକରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ସାଲେପୁର ମା'ସାହେଶ୍ୱରୀଙ୍କ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ନାରାବାଜି କରି ବଜାର ପରିକ୍ରମା କରି ତହସିଲ ଛକ ନିକଟରେ ପାର୍ଲାମେଣ୍ଟର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଓଡ଼ିଶା ବିଧାନସଭା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଭାଜପା କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ କଂଗ୍ରେସ ଯୁବ ସଭାପତି ଉଦିତ ପ୍ରଧାନ ଓ ବିଜେଡି କର୍ପୋରେଟର ଅମରେଶ ଜେନା ବଳାତ୍କାର ଅଭିଯୋଗରେ ଜେଲରେ ଅଛନ୍ତି । ଏ ପ୍ରସଙ୍ଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯେଉଁଭଳି ଚୁପ ଅଛନ୍ତି ତାହାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି । ମୋହନ ସରକାର ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବଦ୍ଧ ପରିକର ରହିଛି ବୋଲି ରାୟ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା କୁଞ୍ଜ ମୋହନ ସେଠୀ, ଚୌଧୁରୀ ହେମନ୍ତ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରସନ୍ନ ମିଶ୍ର, ସତ୍ୟବାଦୀ ଚଇନି, ବିକ୍ରମ କେଶରୀ ବଳ, ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତି, ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ, ରାଇଙ୍ଗୁଡା ମଣ୍ଡଳ ସଭାପତି ରମେଶ ନାୟକ, ରାମେଶ୍ୱର ମଣ୍ଡଳ ସଭାପତି ସଙ୍ଗୀତା ଜେନା, ଟାଙ୍ଗୀ ମଣ୍ଡଳ ସଭାପତି ହୃଷୀକେଶ ସାମଲ,ସଫା ମଣ୍ଡଳ ସଭାପତି ସମୀର ମହାନ୍ତି, ଭଟିମୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ଭାରତୀୟ ଯୋଗ ସଂସ୍ଥାନର ୧୬ଶ ସ୍ମୃତି ଦିବସ

ଡିଗିରିଆ,୩୧ ।୭(ଜାଫର ଖାଁ):

ଡିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଗୁରୁବାର ଭାରତୀୟ ଯୋଗ ସଂସ୍ଥାନର ନୂଆପାଟଣା ଶାଖା ପକ୍ଷରୁ ୧୬ଶ ସ୍ମୃତି ଦିବସ ପାଳନ କରାଯାଇଛି । ଜିଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସଙ୍ଗଠନ ମନ୍ତ୍ରୀ ପ୍ରଭାକର ରାଉତ, ଡିଗିରିଆ କ୍ଷେତ୍ରର କ୍ଷେତ୍ର ପ୍ରଧାନ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ଅତିଥିମାନେ ଉପସ୍ଥିତ ସମସ୍ତ ସାଧିକା, ସାଧକ ଓ ଅଧିକାରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ । ଏହି ଅବସରରେ ଜିଲା ଉପ ପ୍ରଧାନ ପ୍ରଫୁଲ୍ଲ ଜୀ ସଂସ୍ଥାନର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରକାଶ ଲାଲଙ୍କ ଜୀବନୀ, ସଂସ୍ଥାନ ପ୍ରତି ନିଃସ୍ୱାର୍ଥପର ସେବା ଏବଂ ସର୍ବୋପରି ଦେଶ ତଥା ଦେଶ ବାହାରେ ଯୋଗାଭ୍ୟାସର ବୀଜ ବପନକରି ବସୁଧୈବ କୁଟୁମ୍ବକମ ଓ ସର୍ବେ ଭବନ୍ତୁ ସୁଖୀନ ମନ୍ତ୍ରର ପୂଜାରୀ ଥିଲେ ବୋଲି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲା ସଙ୍ଗଠନ ମନ୍ତ୍ରୀ ପ୍ରଭାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଇଥିବା ଟଙ୍କା, ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଫେରାଇଲେ ବିଶ୍ୱନାଥ

ବାଙ୍କୀ,୩୧ ।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ସୁବୁଦ୍ଧେଶ୍ୱର ସାହିତ୍ୟସଂସଦର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ସାହୁ ତାଙ୍କ ଗ୍ରାମ ନିକଟରୁ ଗୋଟିଏ ବ୍ୟାଗରେ ଥିବା କିଛି ଟଙ୍କା, ଏଟିଏମ୍ କାର୍ଡ, ଆଧାର କାର୍ଡ ଓ ଅନ୍ୟାନ୍ୟ ଜିନିଷ ରାସ୍ତାରୁ ପାଇଥିଲେ । ସେଥିରେ ଥିବା ମୋବାଇଲ ନମ୍ବରରୁ ଏସବୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଟଙ୍କା ଉକ୍ତ ଅଞ୍ଚଳର ପିନାକୀ ପତିଙ୍କର ବୋଲି ଜଣାପଡ଼ିଥିଲା । ଏହାପରେ ସାହୁ ତାଙ୍କୁ କଲ୍ କରି ଏସବୁ ଟଙ୍କା ଫେରାଇ ଦେଇଛନ୍ତି । ତାଙ୍କର ଏହି ବଦାନ୍ୟତା ପାଇଁ ପତି ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଭାଗବତ, ସାଗର ମେଳା ଆରମ୍ଭ କରିଥିଲେ କଇଁଫୁଲ ବାବା

ବାଙ୍କୀ,୩୧ ।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ଭାଗବତ ନାମଗୁରୁ ତଥା ଭାଗବତ ମେଳା ଓ ସାଗର ମେଳାର ଆଦ୍ୟଗୁରୁ ସନ୍ଥ କଇଁଫୁଲ ବାବାଙ୍କ ୫୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସନ୍ଥ କଇଁଫୁଲ ବାବା ୧୯୩୬ରେ ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଗ୍ରାମକୁ ଆସି ଭାଗବତ ନାମର ପ୍ରସାର ପ୍ରଚାର କରିବା ସହ ଭାଗବତ ମେଳା ଓ ସାଗର ମେଳା ଆରମ୍ଭ କରିଥିଲେ । ପରେ ଓ ବିଭିନ୍ନ ସ୍ଥାନରେ ଯଥା ପୁରୀ, ଦଶପଲ୍ଲା, ବୌଦ , ଫୁଲବାଣୀ ଓ ଶେଷରେ ଅନୁଗୋଳ ଜିଲାସ୍ଥିତ ଆଠମଲ୍ଲିକ ସହର ନିକଟସ୍ଥ ମହାନଦୀ କୂଳରେ ବେଲପୁଞ୍ଜି ଗ୍ରାମରେ ରହି ୧୯୭୫ରେ ଦେହତ୍ୟାଗ କରିଥିଲେ । ଚଳିତ ବର୍ଷ ତାଙ୍କ ୫୦ ତମ ତିରୋଧାନ ଦିବସ ସାରା ରାଜ୍ୟରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଙ୍କୀର ବୈଦ୍ୟେଶ୍ୱରସ୍ଥିତ କଇଁଫୁଲ ଆଶ୍ରମ, ସାଁପୁର ଶୂନ୍ୟ ଆଶ୍ରମ, ଅଳସୁଆ ଆଶ୍ରମ, କଙ୍କଲା ଆଶ୍ରମ ଓ ବେଲପୁଞ୍ଜି ଆଶ୍ରମରେ ମହାସମାରୋହରେ ତିରୋଧାନ ଦିବସର ସୁବର୍ଣ୍ଣ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ଓ ବିଭିନ୍ନ ଆଶ୍ରମର ପରିଚାଳନା ସମିତିର ମିଳିତ ଆନୁକୁଲ୍ୟରେ ଭାଗବତ ଗାନ, ଭାଗବତ ମେଳା ଓ ସାଧୁସନ୍ଥ ମେଳା ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତିର ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରହରାଜ, ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯତିନ୍ଦ୍ର ପ୍ରଧାନ, ଝିଲିକା ବେହେରା, ଅଶୋକ ପ୍ରଧାନ, ଭରତ ପ୍ରଧାନ ପ୍ରମୁଖ ବିଭିନ୍ନ ଆଶ୍ରମ ଓ ମଠକୁ ଯାଇ ମହୋତ୍ସବର ସଫଳ କାମନା କରିଥିଲେ ।




**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified

**NOTICE INVITING TENDER No.UIHEP-22/2025-26, DATED 29.07.2025**

**No.CAD-1333:** Sealed Tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies / vehicle owners / service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for Valve House Shift Duty of UIHEP, Mukhiguda for 04 Years | 7,080/- (inclusive of GST) | 01% of quoted price | From 04.08.2025 to 16.08.2025 up to 13.00 Hrs | 16.08.2025 (Up to 13:30 Hrs) | 16.08.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0038/2526



**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 5468 / P.S.C., Dt. 31.07.2025**
**(1R-11-24/25) (DR-V)**

**Assistant Professor (Stage-I) in History**
**(Advertisement No.27 of 2023-24)**

**No.D-153** : It is for information of all concerned that, document verification of **171 (One Hundred Seventy-One)** candidates having **PPSAN** mentioned below for the post of **Assistant Professor (Stage-I) in "History"**, pursuant to Advertisement No.27 of 2023/24 shall be held **from 07.08.2025 to 14.08.2025 (Except 09.08.2025, 10.08.2025)** as per the following programme in the Office of the Commission at 19, Dr. P. K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 07.08.2025 | 10.30 A.M. | P240303124, P220088919, P230144622, P240312855, P240306533, P240303846, P240310071, P220043002, P240275031, P220037877, P240301505, P230140647, P240309200, P240304511, P240301712 & P240306633 = **16 Candidates** |
| | 2.30 P.M. | P220002782, P240307391, P240306736, P240314026, P240306840, P240249993, P240302017, P240308895, P240284328, P240313242, P240305781, P240304335 & P240305704 = **13 Candidates** |
| 08.08.2025 | 10.30 A.M. | P230154664, P240308286, P230095678, P240309497, P240301412, P240303032, P240305808, P240302550,P240306528, P240306487, P230144280, P240306595, P230231248, P240305530, P240306425 & P240309535 = **16 Candidates** |
| | 2.30 P.M. | P240310506, P240306986, P240309172, P230162220, P240308964, P240295144, P240306368, P240307364, P240307607, P240306701, P230124342, P240311303 & P240302000 = **13 Candidates** |
| 11.08.2025 | 10.30 A.M. | P240304080, P240307014, P240247057, P230159842, P240304122, P240302873, P220077697, P240311875, P240306163, P240302059, P230123612, P240302794, P240309236, P230159126, P240299777 & P240253812 = **16 Candidates** |
| | 2.30 P.M. | P240307623, P240302978, P240302052, P240309072, P240303426, P240303921, P240305798, P240311458, P240294688, P240306094, P240305839, P240296546 & P240308002 = **13 Candidates** |
| 12.08.2025 | 10.30 A.M. | P240308122, P240270389, P240311894, P240302343, P240306447, P240304365, P240301797, P240305387, P240306893, P240296457, P230156094, P240311754, P240303738, P240307416, P230132115 & P240238695 = **16 Candidates** |
| | 2.30 P.M. | P240308981, P240309001, P240284756, P240305631, P230143869, P240285309, P220040461, P240305382, P240305945, P240305074, P240302507, P240306479 & P240296758 = **13 Candidates** |
| 13.08.2025 | 10.30 A.M. | P240283360, P230152332, P240250120, P220021422, P230113860, P240306287, P240297411, P240289722, P240309025, P230131418, P230149990, P240312117, P240311750, P240302364, P220000096 & P240299227 = **16 Candidates** |
| | 2.30 P.M. | P240299030, P230155122, P240304158, P240310418, P240272501, P240304217, P240241420, P240311892, P240302710, P240303922, P240236651, P220071607 & P240311509 = **13 Candidates** |
| 14.08.2025 | 10.30 A.M. | P240312908, P220056696, P240306584, P220085646, P240294339, P240304874, P240250666, P240304812, P240249050, P240308514, P240311119, P220048898, P230105078, P240308608 & P230144528 = **15 Candidates** |
| | 2.30 P.M. | P230132225, P230160805, P240307827, P230151435, P230113796, P240298729, P220063008, P230121073, P240308851, P240308018 & P230111850 = **11 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0286/2526** **Sd./- Secretary**

## ସଂକ୍ଷେପରେ

### ଚନ୍ଦ୍ରଭାଗା ବେଳାଭୂମିରୁ ଚୋରି ଜେସିବି, ରୋଲର ଜବତ

କୋଣାର୍କ,୩୧।୭(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ବେଳାଭୂମି ନିକଟରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜେସିବିକୁ ଗୁରୁବାର ଗୋପ ଥାନା ଅନ୍ତର୍ଗତ ତରଣା ଗ୍ରାମଠାରୁ କୋଣାର୍କ ଥାନା ପୋଲିସ ଜବତ କରିଛି। ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ବ୍ୟବହୃତ ୪ଟି ଚେନ ଜେସିବି, ଗ୍ରେଡର, ରୋଲର ଓ ଗୋଟିଏ ଟାୟାର ଜେସିବି ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଥିଲା। ଚନ୍ଦ୍ରଭାଗା ମେଳାପଡ଼ିଆରେ ଅସ୍ଥାୟୀ ଦୋକାନ ଗୃହ, ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ସୁରକ୍ଷା କର୍ମୀ ନିୟୋଜିତ ଥିବାବେଳେ ସାମଗ୍ରୀ ଚୋରି ଘଟଣା କୋଣାର୍କ ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିଲା। କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରିଥିଲା ପୋଲିସ। କୋଣାର୍କ ଥାନା ଏସ୍ଆଇ ସଂଘମିତ୍ରା ଚାନ୍ଦ ଏବଂ ଏଏସ୍ଆଇ ରାଜା କୁମାର ନାୟକ ନେତୃତ୍ୱରେ ଗଠିତ ଏକ ପୋଲିସ ଟିମ୍ ତଦନ୍ତ କରି ଗୋପ ଥାନା ଅନ୍ତର୍ଗତ ଗ୍ରାମ ନିକଟ ଏକ ବେଣାବିଲରୁ ଜେସିବି ଜବତ କରିଛି।

### ସନ୍ଦୀପ ରଞ୍ଜନ ସେଠୀ ନୂତନ ଶାଖା ପରିଚାଳକ



ବଳଙ୍ଗା,୩୧।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନୂତନ ଶାଖା ପରିଚାଳକ ଭାବେ ସନ୍ଦୀପ ରଞ୍ଜନ ସେଠୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କେନ୍ଦୁଝରରେ କାର୍ଯ୍ୟ କରୁଥିଲେ। ବଳଙ୍ଗା ବ୍ୟାଙ୍କରେ ସେ ଯୋଗଦେବା ପରେ ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ସମସ୍ୟା ପ୍ରତି ଯତ୍ନବାନ ହେବେ ବୋଲି ପ୍ରକାଶ କରିଛନ୍ତି।

### ମହେଶ୍ୱର ପ୍ରଧାନଙ୍କ ସ୍ମୃତିସଭା

କଣାସ,୩୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଗୋପିନାଥପୁରଠାରେ ପୂର୍ବତନ ଗ୍ରାମ ସଭାପତି ମହେଶ୍ୱର ପ୍ରଧାନଙ୍କ ଏକାଦଶାହ ଅବସରରେ ଏକ ଶୋକସଭା ଅଧ୍ୟାପକ ଗଙ୍ଗାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମାଲ୍ୟାର୍ପଣ, ନୀରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବେଦ ପାଠ, ସ୍ୱସ୍ତି ବାଚନ କରିଥିଲେ। ସର୍ବେଶ୍ୱର ଜେନା, କବି ଅଜୟ ସେଠୀ, ହେମନ୍ତ ପ୍ରଧାନ, ବିରଜା ସାମନ୍ତସିଂହାର, ସୁଦର୍ଶନ ପ୍ରଧାନ, ପାଲଗାୟକ ରବୀନ୍ଦ୍ର ସାମନ୍ତରାୟ, ବିଜୟ ପ୍ରଧାନ, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଅଜୟ ବେହେରା ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ସରଳ ଜୀବନ, ଉଚ୍ଚ ବିଚାର, ଆଧ୍ୟାତ୍ମିକ ଓ ସାମାଜିକ ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜନବାଦୀ ସମ୍ପାଦକ ଚକ୍ରଧର ପ୍ରଧାନ ଏବଂ ସିଆର୍‌ସିସି ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅସ୍ତରଙ୍ଗ ବଜାର ସଫେଇ କଲା ସବୁଜ ଶାଖା

ଅସ୍ତରଙ୍ଗ,୩୧।୭(ମମତା ଜେନା)

ସୁସ୍ଥ ସମାଜ ଗଠନରେ ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଶାଖାର ଅବଦାନ ରହିଛି ବୋଲି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ମତବ୍ୟକ୍ତ କରିଛନ୍ତି। ପ୍ରତ୍ୟେକ ମାସ ଶେଷ ଗୁରୁବାର ବଜାର ବନ୍ଦ ରହେ। ତେଣୁ ଅସ୍ତରଙ୍ଗ ସବୁଜ ଶାଖାର ସଦସ୍ୟମାନେ ବଜାର ସଫେଇ କରିଥାନ୍ତି। ଗୁରୁବାର ମଧ୍ୟ ଏହି ଅନୁଷ୍ଠାନର ସଦସ୍ୟମାନେ ମୁଖ୍ୟ ପୁରୋଧା ଦିବାକର ଛାଟୋଇଙ୍କ ନେତୃତ୍ୱରେ ବଜାର ସଫେଇ କରି ପରିମଳ ପରିବେଶ ସୁରକ୍ଷା ପ୍ରତି ସଚେତନ କରାଇଛନ୍ତି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ସରପଞ୍ଚଙ୍କ ସମେତ ସମାଜସେବୀ ସତ୍ୟବ୍ରତ ଲେଙ୍କା, ବଜାର ସଭାପତି ଦୁଷ୍ମନ୍ତ ପରିଡ଼ା, ୱାର୍ଡ ସଭ୍ୟ ମନୋଜ କୁମାର ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣରେ ଉପୁଜୁଛି ସମସ୍ୟା

### ବଂଶଗତ ସାର୍ଟିଫିକେଟ ସାଜିଛି ବାଧକ

ପିପିଲି, ୩୧।୭(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ପ୍ରଶାସନ ନିକଟରେ ଅଭିଯୋଗ ଜଣାଇବାକୁ ଆସିଥିବା ଚାଷୀମାନେ।

ଏଥର ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସରକାର ନୂଆ ନିୟମ ଆଣିଛନ୍ତି। ତେବେ ଏହି ନୂଆ ନିୟମରେ ଛନ୍ଦି ହୋଇ ଚାଷୀ କଲବଲ ହେଉଥିବା ବେଳେ ନିକଟସ୍ଥ ତହସିଲ ଏବଂ ଆର୍‌ଆଇ ଅଫିସ ଦୌଡ଼ି ଦୌଡ଼ି ଶେଷରେ ନିରାଶ ହେଉଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଚାଷୀଙ୍କ ପାଇଁ ସମବାୟରେ ରେଜିଷ୍ଟ୍ରେଶନ ସରଳୀକରଣ ଥିବାବେଳେ ଏବେ ସରକାର ନୂଆ ଗାଇଡ୍‌ଲାଇନ ଆଣି ସମସ୍ୟା ସୃଷ୍ଟି କରିଥିବା ଅଭିଯୋଗ ହେଉଛି। ବଂଶାନୁକ୍ରମେ ସାର୍ଟିଫିକେଟ ଦାଖଲ କଲେ ଚାଷୀଙ୍କଠାରୁ ଧାନ କିଣିପାରିବେ ସରକାର। ଚାଷୀ ପଞ୍ଜୀକରଣ ବେଳେ ଏହି ସାର୍ଟିଫିକେଟ ଦାଖଲ ବାଧ୍ୟତାମୂଳକ ରହିଛି। ନିର୍ଦ୍ଧାରିତ ସମୟରେ ଚାଷୀ ବଂଶାନୁକ୍ରମ ସାର୍ଟିଫିକେଟ ନ ଦେଲେ ସମବାୟ ସମିତିରେ ଧାନ ବିକ୍ରି କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଚାଷୀଙ୍କଠାରୁ ଧାନ ନ କିଣିବା ପାଇଁ ଏଭଳି ନୂଆ ବାହାନା କରି ନିୟମ ପରିବର୍ତ୍ତନ କରିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ପିପିଲି ତେଇଶିପୁର ସମବାୟ ସମିତିର ସଭାପତି ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ନିନ୍ଦା କରିଛନ୍ତି।

ଗତ ଜୁଲାଇ ୧୯ରୁ ଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ତେବେ ଜମିର ଉତ୍ତରାଧିକାରୀ ପ୍ରମାଣପତ୍ର ଓ ବଂଶଗତ ପ୍ରମାଣପତ୍ର ନ ଥିବା ଚାଷୀମାନେ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ପିପିଲି ବ୍ଲକର ୧୭ଟି ଓ ଡେଲାଙ୍ଗ ବ୍ଲକର ୨୧ଟି କୃଷିସେବା ସମବାୟ ସମିତିରେ ପଞ୍ଜୀକରଣ ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା ସରଳୀକରଣ କରନ୍ତୁ ବୋଲି ତେଇଶିପୁର ସେବା ସମବାୟ ସମିତି ସଭାପତି ସାହୁ ଦାବି କରିଛନ୍ତି। ନଚେତ ଚାଷୀମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

# କେନାଲରେ ପାଣି ନାହିଁ, ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ଯୋଗେଶ୍ୱରପୁର,୩୧।୭(ରଶ୍ମିରଞ୍ଜନ ସାହୁ)

ଜଳବାୟୁ ପରିବର୍ତ୍ତନ ଯୋଗୁ ଶ୍ରାବଣ ମାସରେ ବି ଟାଣଖରା ସାଙ୍ଗକୁ ଅସହ୍ୟ ଗରମ ଅନୁଭୂତ ହେଉଛି। ବର୍ଷାଭାବ ଯୋଗୁ କେନାଲରେ ଚାଷ ପାଇଁ ଆବଶ୍ୟକ ମୁତାବକ ପାଣି ନାହିଁ। ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହେଉଛି। କିଛି ସମୟ ଝିପି ଝିପି ବର୍ଷା ହେବାପରେ ପୁଣି ଟାଣ ଖରା ଚାଷୀଙ୍କ ପାଇଁ ଚିନ୍ତା ବଢାଇଛି। ଗତବର୍ଷ ଚାଷୀ କ୍ଷତିର ଭରଣା କରିପାରି ନ ଥିବା ବେଳେ ଚଳିତବର୍ଷ ଚାଷ ଆରମ୍ଭରୁ ବର୍ଷାର ଅଭାବ ଦେଖାଦେଇଛି। ଖାଲ ଜମିରେ ଅଳ୍ପ ପାଣି ଥିବାବେଳେ ଢିପ ଜମିରେ ପାଣି ନାହିଁ। ବର୍ଷା ଉପରେ ନିର୍ଭର କରି ଚାଷୀମାନେ ଖରିଫ ଫସଲ ଚାଷ କରିଥାନ୍ତି। ଚଳିତ ବର୍ଷ ଜଳାଭାବ ଯୋଗୁ ଚାଷୀମାନେ ବିଲରେ ବୁଣିଥିବା ଧାନତଳି ଓପାଡ଼ି ପାରୁନାହାନ୍ତି କି ରୋଇ ପାରୁନାହାନ୍ତି। କେତେଜଣ ଚାଷୀ ମୋଟରପମ୍ପ ଦ୍ୱାରା ଜମିରେ ପାଣି ମଡ଼ାଇ କାଦୁଅ କରୁଛନ୍ତି। କୁଶ୍ଭେଇ ଓ ଶାଖା କେନାଲରେ ଆବଶ୍ୟକ ପରିମାଣର ପାଣି ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କେନାଲରେ ପ୍ରଥମେ ପାଣି ଆସୁଥିଲା, କିନ୍ତୁ ହଠାତ କମିଯାଇଥିବାରୁ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ଚାଷୀ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ କହିଛନ୍ତି, ବନ୍ୟା ଯୋଗୁ ନଦୀଗୁଡ଼ିକରେ ବନ୍ୟାପାଣି ଆସିଥିବାରୁ ଅଧିକ ପାଣି କେନାଲକୁ ଛଡ଼ାଯାଉନାହିଁ। ତେବେ ବନ୍ୟା କମିଲେ ପୁଣି କେନାଲରେ ପାଣି ଛଡ଼ାଯିବ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କାକଟପୁର/ଅସ୍ତରଙ୍ଗ, ୩୧।୭
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁଯାୟୀ, କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଞ୍ଚାୟତ ଅଧୀନ ଲତାହରଣ ଗ୍ରାମର ସତ୍ୟପ୍ରିୟ ବେହେରାଙ୍କ ସହିତ ସେହି ଗ୍ରାମର ତୁଷାର ମଲ୍ଲିକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ବଚସା ହୋଇଥିଲା। ତୁଷାର ତାଙ୍କୁ ଧମକ ଦେଇଥିଲେ। ବୁଧବାର ଅପରାହ୍ନ ୫ଟାରେ ସତ୍ୟପ୍ରିୟ ଲତାହରଣ ହାଟରୁ ଘରକୁ ଫେରୁଥିଲେ। ଏହି ସମୟରେ ଏକୁଟିଆ ଦେଖି ସତ୍ୟପ୍ରିୟଙ୍କ

### ଥାନାରେ ମୁଖ୍ୟ ଅଭିଯୁକ୍ତ ଅଟକ

ମୁଣ୍ଡ ପଛପଟକୁ ଏକ କଟୁରିରେ ତୁଷାର ଓ ତାଙ୍କ ସହଯୋଗୀ ମାନସ ଗୋଚ୍ଛାୟତ ହାଣିଦେଇଥିଲେ। ଘଟଣାସ୍ଥଳରେ ସତ୍ୟପ୍ରିୟ ରକ୍ତାକ୍ତ ଅବସ୍ଥାରେ ପଡ଼ିରହି ସହାୟତା ପାଇଁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ସତ୍ୟପ୍ରିୟଙ୍କ ଭଉଣୀ ସୁଚିସ୍ମିତା ବେହେରା କାକଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୧୮୫/୨୫) ରୁଜୁ କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି ବୋଲି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ କହିଛନ୍ତି।

# ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ କାରାଦଣ୍ଡ, ଜରିମାନା

### ବ୍ୟବସାୟୀଙ୍କୁ ଆକ୍ରମଣ ଓ ଲୁଟ୍ ମାମଲା

ନିମାପଡ଼ା/କୋଣାର୍କ,୩୧।୭
(ବିଚିତ୍ରାନନ୍ଦ ସାହୁ/ଜ୍ୟୋତିରାଜ ମହାନ୍ତି)

ନିମାପଡ଼ା ସହକାରୀ ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ ଓ ଲୁଟ୍ ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାରକରି ସହକାରୀ ଦୌରାଜଜ୍ ସଂଘମିତ୍ରା ବିଶ୍ୱାଳ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ତିନିମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। କୋଣାର୍କ ଥାନା କେସ୍ ନଂ. ୧୦୦/୨୦୧୦, ଏସ୍‌ଟି କେସ୍ ନଂ.୧୮୦/୫୨୪, ଜି.ଆର୍. କେସ୍ ନଂ. ୭୯୨/୧୦ର ବିଚାରକରି ସହକାରୀ ଦୌରାଜଜ ଏହି ରାୟ ପ୍ରଦାନ କରିଛନ୍ତି।

କୋର୍ଟ ବିବରଣୀ ଅନୁଯାୟୀ, ପୂର୍ବଶତ୍ରୁତା ଓ ବିବାଦକୁ କେନ୍ଦ୍ରକରି କୋଣାର୍କ ଥାନା ଅନ୍ତର୍ଗତ ମାଧିପୁର ଗ୍ରାମର ପାନ ବ୍ୟବସାୟୀ ରାମଚନ୍ଦ୍ର ଜେନାଙ୍କୁ ଗତ ୫।୧୨।୨୦୧୦ରେ କୋଣାର୍କ ମହୋତ୍ସବ ବେଳେ ସେହି ଗ୍ରାମର ବିଜୟ କୁମାର ନିଶଙ୍କ, ରଞ୍ଜନ କୁମାର ନିଶଙ୍କ, ଶରତ ଚନ୍ଦ୍ର ଦାସ ପ୍ରମୁଖ ସଂଘବଦ୍ଧ ଭାବେ ଭୁଜାଲିରେ ହାଣି ତାଙ୍କଠାରୁ ୧୦ ହଜାର ଟଙ୍କା ଓ ଏକ ସୁନାଚେନ ଲୁଟିନେଇଥିଲେ। ପୋଲିସ ଏ ନେଇ ରାମଚନ୍ଦ୍ରଙ୍କ ଏତଲା କ୍ରମେ କୋଣାର୍କ ଥାନାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲା ଦୀର୍ଘଦିନ ଧରି କୋର୍ଟରେ ବିଚାରାଧୀନ ଥିବାବେଳେ ଗୁରୁବାର ରାୟ ପ୍ରକାଶ ପାଇଛି। ରାୟ ପ୍ରକାଶ ସମୟରେ ୩ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଆଡ୍‌ଭୋକେଟ ପ୍ରବୋଧ କୁମାର ପରିଡ଼ା ଏହି ମାମଲା ପରିଚାଳନା କରୁଥିଲେ।

# ୪୫ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସହାୟକ ଉପକରଣ ବଣ୍ଟନ



ଶିବିରରେ ଉପସ୍ଥିତ ଥିବା ପିଲା ଏବଂ ଅନ୍ୟମାନେ ।

ପିପିଲି,୩୧।୭(ଦୁର୍ଗା ମାଧବ ମିଶ୍ର)

ବ୍ଲକସ୍ତରୀୟ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ଜବାହର ବିଦ୍ୟାପୀଠରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ଭିନ୍ନକ୍ଷମତା ଆକଳନ ତଥା ବିଭିନ୍ନ ସହାୟକ ଉପକରଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ ଜଣ ଶିକ୍ଷାର୍ଥୀଙ୍କର ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ଦ୍ୱାରା ଭିନ୍ନକ୍ଷମତା ଆକଳନ କରାଯାଇ ସେମାନଙ୍କ ମଧ୍ୟରୁ ୪୫ ଜଣ ଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ସହ ହ୍ୱିଲଚେୟାର, ଟ୍ରାଇ ସାଇକେଲ, ସ୍ୱତନ୍ତ୍ର ଜୋତା, ଶ୍ରବଣ ସହାୟକ ଯନ୍ତ୍ର ଇତ୍ୟାଦି ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ପକ୍ଷରୁ ବଣ୍ଟନ କରାଯାଇଥିଲା। ଶିବିରରେ ପୁରୀ ଜିଲାର ଆଇଡି କୋଅର୍ଡିନେଟର କାର୍ତ୍ତିକ ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ସାହେବ ପାତ୍ର ଏବଂ ଡା. ଶରତ ଚଉଁରୀ, ପିପିଲି ସହ ମଣ୍ଡଳ ଉନ୍ନୟନ ଅଧିକାରୀ ଶୈଳବାଳା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀଙ୍କ ତତ୍ତ୍ୱାବଧାନ ତଥା ସମ୍ବଳ ଶିକ୍ଷୟିତ୍ରୀ, ସିଆରସିସି, ସମ୍ମିଳିତ ଶିକ୍ଷା ସ୍ୱେଚ୍ଛାସେବୀ ଓ ଜବାହର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି ଶିବିର ପରିଚାଳିତ ହୋଇଥିଲା।

# ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ପିପିଲି,୩୧।୭(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ରୁପୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କୋଳିତଳ ଗ୍ରାମରେ ନୂତନ ଭାବେ ନିର୍ମାଣ ହେଉଥିବା ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏନେଇ କୋଳିତଳ ଗ୍ରାମବାସୀ ପିପିଲି ବ୍ଲକ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ନୂତନ ଭାବେ ନିର୍ମାଣ ଚାଲିଥିବା ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ଅତି ନିମ୍ନମାନର କାମ ଚାଲିଥିବା ସହ ଚାରିପାଖ ଅଳ୍ପ ନିହ ଖୋଳି ଏକ ଲଦା ପଥର ଦେଇ ତା' ଉପରେ କାନ୍ଥ ନିର୍ମାଣ ଚାଲିଛି। ତାହା ପୁରା ବିପଦସଙ୍କୁଳ ଅବସ୍ଥାରେ ନିର୍ମାଣ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତତ୍‌ସହିତ ପାର୍ଟିସନଗୁଡ଼ିକରେ ଗୋଟେ ଗୋଟେ ପଥର ଦେଇ ଡିପିସି ନିର୍ମାଣ ହୋଇଛି। ତାହା ଅଳ୍ପ କିଛିଦିନ ଭିତରେ ଦବି ଭାଙ୍ଗିଯିବ। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେଠାରେ ବିଭାଗୀୟ ଯନ୍ତ୍ରୀ କି ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି।



କୋଳିତଳ ଗ୍ରାମରେ ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହ ।

ସରକାର ଶିକ୍ଷାର ବିକାଶ ସାଙ୍ଗକୁ ଛୋଟଛୋଟ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନକୁ ଲକ୍ଷ୍ୟ ରଖି ଏହି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ସହ ନିଜସ୍ୱ ଘର ଯୋଗାଇଦେଇ ଆସୁଥିବାବେଳେ କେତେକ ଅସାଧୁ ବ୍ୟବସାୟୀଙ୍କ ପାଇଁ ଏହି ନିର୍ମାଣାଧୀନ ନୂତନ ଗୃହଟି ଏବେ ପିଲାମାନଙ୍କ ଭବିଷ୍ୟତ ପାଇଁ ବିପଦ ସାଜିଥିବା କହିଛନ୍ତି। ତୁରନ୍ତ ବିପଦ ଥିବା ନିର୍ମାଣାଧୀନ କାର୍ଯ୍ୟକୁ ବନ୍ଦ କରିବା ସହ ଠିକ୍ ଭାବେ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଅନ୍ୟପଟେ ଘଟଣା ସମ୍ପର୍କରେ ପଚାରି ବୁଝିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିବାରୁ ସନ୍ଦେହ ଘନିଭୂତ ହୋଇଛି। ଏଥିରୁ ଯାହା ଜଣାପଡୁଛି, ଗ୍ରାମବାସୀ ଆଣିଥିବା ଅଭିଯୋଗ ଉପରେ ସତ୍ୟାସତ୍ୟ ରହିଛି। ନିର୍ମାଣ ଚାଲିଥିବା କୋଳିତଳ ଅଙ୍ଗନୱାଡ଼ି ଗୃହ କେନ୍ଦ୍ରଟିକୁ ଜିଲାପାଳ ପୁରୀ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜୋର୍ ହୋଇଛି।

OHPC
ISO 9001-14001 18001 Certified

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-22/2025-26, DATED 29.07.2025**

**No.CAD-1333:** Sealed Tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies / vehicle owners / service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for Valve House Shift Duty of UIHEP, Mukhiguda for 04 Years | 7,080/- (inclusive of GST) | 01% of quoted price | From 04.08.2025 to 16.08.2025 up to 13.00 Hrs | 16.08.2025 (Up to 13:30 Hrs) | 16.08.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0038/2526

PUBLIC SERVICE COMMISSION ODISHA

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5468 / P.S.C., Dt. 31.07.2025**
**(1R-11-24/25) (DR-V)**

**Assistant Professor (Stage-I) in History**
**(Advertisement No.27 of 2023-24)**

**No.D-153** : It is for information of all concerned that, document verification of **171 (One Hundred Seventy-One)** candidates having **PPSAN** mentioned below for the post of **Assistant Professor (Stage-I) in "History"**, pursuant to Advertisement No.27 of 2023/24 shall be held **from 07.08.2025 to 14.08.2025 (Except 09.08.2025, 10.08.2025)** as per the following programme in the Office of the Commission at 19, Dr. P. K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 07.08.2025 | 10.30 A.M. | P240303124, P220088919, P230144622, P240312855, P240306533, P240303846, P240310071, P220043002, P240275031, P220037877, P240301505, P230140647, P240309200, P240304511, P240301712 & P240306633 = **16 Candidates** |
| | 2.30 P.M. | P220002782, P240307391, P240306736, P240314026, P240306840, P240249993, P240302017, P240308895, P240284328, P240313242, P240305781, P240304335 & P240305704 = **13 Candidates** |
| 08.08.2025 | 10.30 A.M. | P230154664, P240308286, P230095678, P240309497, P240301412, P240303032, P240305808, P240302550,P240306528, P240306487, P230144280, P240306595, P230231248, P240305530, P240306425 & P240309535 = **16 Candidates** |
| | 2.30 P.M. | P240310506, P240306986, P240309172, P230162220, P240308964, P240295144, P240306368, P240307364, P240307607, P240306701, P230124342, P240311303 & P240302000 = **13 Candidates** |
| 11.08.2025 | 10.30 A.M. | P240304080, P240307014, P240247057, P230159842, P240304122, P240302873, P220077697, P240311875, P240306163, P240302059, P230123612, P240302794, P240309236, P230159126, P240299777 & P240253812 = **16 Candidates** |
| | 2.30 P.M. | P240307623, P240302978, P240302052, P240309072, P240303426, P240303921, P240305798, P240311458, P240294688, P240306094, P240305839, P240296546 & P240308002 = **13 Candidates** |
| 12.08.2025 | 10.30 A.M. | P240308122, P240270389, P240311894, P240302343, P240306447, P240304365, P240301797, P240305387, P240306893, P240296457, P230156094, P240311754, P240303738, P240307416, P230132115 & P240238695 = **16 Candidates** |
| | 2.30 P.M. | P240308981, P240309001, P240284756, P240305631, P230143869, P240285309, P220040461, P240305382, P240305945, P240305074, P240302507, P240306479 & P240296758 = **13 Candidates** |
| 13.08.2025 | 10.30 A.M. | P240283360, P230152332, P240250120, P220021422, P230113860, P240306287, P240297411, P240289722, P240309025, P230131418, P230149990, P240312117, P240311750, P240302364, P220000096 & P240299227 = **16 Candidates** |
| | 2.30 P.M. | P240299030, P230155122, P240304158, P240310418, P240272501, P240304217, P240241420, P240311892, P240302710, P240303922, P240236651, P220071607 & P240311509 = **13 Candidates** |
| 14.08.2025 | 10.30 A.M. | P240312908, P220056696, P240306584, P220085646, P240294339, P240304874, P240250666, P240304812, P240249050, P240308514, P240311119, P220048898, P230105078, P240308608 & P230144528 = **15 Candidates** |
| | 2.30 P.M. | P230132225, P230160805, P240307827, P230151435, P230113796, P240298729, P220063008, P230121073, P240308851, P240308018 & P230111850 = **11 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0286/2526** **Sd./- Secretary**

# ଆଜି ପ୍ରକାଶ ପାଇବ ବି.ଏଡ୍ ପ୍ରବେଶିକାର ପରିବର୍ତ୍ତିତ ମାର୍କ

## ୮ରେ ପ୍ରଥମ ରାଉଣ୍ଡ ମେଧା ତାଲିକା, ୧୧ରୁ ନାମଲେଖା

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ସ୍ଥଗିତ ଥିବା ବି.ଏଡ୍. ନାମଲେଖା ପାଇଁ ପୁଣି ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୧ ତାରିଖରେ ଚୂଡ଼ାନ୍ତ ପରିବର୍ତ୍ତିତ ଆନସର୍ କି' ପ୍ରକାଶ ପାଇଥିବାବେଳେ ପ୍ରାୟ ୧୭ଟି ଉତ୍ତର ପରିବର୍ତ୍ତନ ହୋଇଛି। ତେବେ ଅଗଷ୍ଟ ୧ ଶୁକ୍ରବାର ପରୀକ୍ଷାର୍ଥୀଙ୍କ ପ୍ରବେଶିକା ପରୀକ୍ଷାର ପରିବର୍ତ୍ତିତ ମାର୍କ ପ୍ରକାଶ ପାଇବ। ଏହି ଅନୁଯାୟୀ ଛାତ୍ରୀଛାତ୍ର ପୂର୍ବରୁ ଦେଇଥିବା ଚଏସ୍ ଲକିଂ ଅଗଷ୍ଟ ୪ ସୁଦ୍ଧା ପରିବର୍ତ୍ତନ କରିପାରିବେ। ୮ତାରିଖରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୩ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ୍ ଦେଇପାରିବେ। ଏହା ସହ ୧୧ରୁ ୧୩ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖାଇ ପାରିବେ। ସେହିପରି ୧୯ ତାରିଖରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୨୨ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ୍ ଦେବାସହ ନାମଲେଖାଇପାରିବେ। ୨୬ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୧ ସୁଦ୍ଧା ବି.ଏଡ୍. ନାମଲେଖା ସରିବ। ଚତୁର୍ଥ ରାଉଣ୍ଡ ବା ସ୍ପଟ୍ ନାମଲେଖା ପାଇଁ ସେପ୍ଟେମ୍ବର ୩ରୁ ୫ ମଧ୍ୟରେ ଆବେଦନ, ୮ ତାରିଖରେ ମେଧା ତାଲିକା ପ୍ରକାଶ ଓ ସେପ୍ଟେମ୍ବର ୧୩ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ସରିବ। ତେବେ ଏହା ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨ରୁ ବି.ଏଡ୍. ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଜୁନ୍ ୨୫ରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବା ସହ ଜୁଲାଇ ୨୨ ସୁଦ୍ଧା ତୃତୀୟ ରାଉଣ୍ଡ ନାମଲେଖା ସାରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ବି.ଏଡ୍. ପ୍ରବେଶିକା ପରୀକ୍ଷା ଓ ମେଧା ତାଲିକାରେ ବ୍ୟାପକ ଅନିମିତତା ଅଭିଯୋଗ ହୋଇଥିଲା। ଏପରିକି ଆନ୍‌ସର୍ କି' ପ୍ରକାଶ ନ କରି ମେଧା ତାଲିକା ପ୍ରକାଶକୁ ମଧ୍ୟ ବିରୋଧ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ବାରମ୍ବାର ଅଭିଯୋଗ, ବିରୋଧ ଓ ଦାବି ପରେ ଶେଷରେ ବିଭାଗ ପକ୍ଷରୁ ବି.ଏଡ୍. ନାମଲେଖା ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା।

## ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଓଟିଇଟି ତାରିଖ ଘୋଷଣା

### ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଦଣ୍ଡ ମିଳିବ: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ପରୀକ୍ଷା ବାତିଲ ସହ ଏନେଇ ଅଧିକ ତଦନ୍ତ ଜାରି ରହିଛି। ଏସମ୍ପର୍କରେ ସୂଚନା ଦେଇ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ସାମିଲଥିବା ସମସ୍ତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଯେଉଁମାନେ ଏପରି ବ୍ୟତିକ୍ରମରେ ସମ୍ପୃକ୍ତ ଅଛନ୍ତି, କ୍ରାଇମବ୍ରାଞ୍ଚ ତଦନ୍ତ କରି ସମସ୍ତଙ୍କୁ ଗିରଫ କରିବ। ସେ ଶିକ୍ଷକ ହୁଅନ୍ତୁ କି ଯେତେ ବଡ଼ ଲୋକ, ସମସ୍ତ ଦୋଷୀଙ୍କୁ ଦଣ୍ଡ ନିହାତି ମିଳିବ। ଏବେ ଘଟଣାର ତଦନ୍ତ ଚାଲିଛି। ଯଦି ଏହି ଘଟଣାରେ ଆଉ ଅଧିକ ଲୋକ ସାମିଲ ଥିବା ଜଣାପଡ଼ିବ, ସେମାନଙ୍କୁ ମଧ୍ୟ ଗିରଫ କରାଯାଇ ଆଇନ ଅନୁସାରେ ଦଣ୍ଡ ଦିଆଯିବ। ତେଣୁ ଆଗାମୀ ଦିନରେ କେମିତି ସ୍ୱଚ୍ଛତାର ସହ ପରୀକ୍ଷା ହେବ, ସେସମ୍ପର୍କରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରାଯିବ। ପରୀକ୍ଷା ପେପରରେ କ୍ୟୁଆର୍ କୋଡ୍ ଏବଂ ୱାଟର ମାର୍କ ଥିବା ସତ୍ତ୍ୱେ ଏଭଳି ଘଟଣା ଘଟିଛି। ତେଣୁ ଏଦିଗରେ ଅଧିକ ଧ୍ୟାନଦେବାକୁ ପଡ଼ିବ। ଆଗକୁ କିପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ବିଭାଗ ସଜାଗ ରହିଛି। ସ୍ୱଚ୍ଛତାର ସହ ପରୀକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଶୀଘ୍ର ପୁଣି ଥରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଚେଷ୍ଟା କରୁଛୁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ମାହାଙ୍ଗା ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ମାସକ ଦରମା ବନ୍ଦ

### ଜିଲାପାଳଙ୍କ ଆଦେଶକୁ ବେଖାତିର ମହଙ୍ଗା ପଡ଼ିଲା

ନିଶ୍ଚିନ୍ତକୋଇଲି,୩୧।୭
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ମାହାଙ୍ଗା ବ୍ଲକକୁ ବିବାଦ ପିଛା ଛାଡୁନି। ଗତ ଶନିବାର ଜିଲାପାଳଙ୍କ ଆଦେଶକୁ ବେଖାତିର କରି ବ୍ଲକର କୌଣସି ବି କର୍ମଚାରୀ ଆସି ନ ଥିଲେ। ଫଳରେ ଜିଲାପାଳଙ୍କ ଆଦେଶ ଅନୁଯାୟୀ ବ୍ଲକର ସମସ୍ତ ଓ କର୍ମଚାରୀଙ୍କ ମାସକର ଦରମା ବନ୍ଦ କରିଛନ୍ତି ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ। ଜିଲା ପ୍ରଶାସନର ଏଭଳି କଡ଼ା ଆଭିମୁଖ୍ୟ ମାହାଙ୍ଗାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଲଗାଣ ବର୍ଷା ଓ ବନ୍ୟାକୁ ଦୃଷ୍ଟିରେ ରଖି ୨୦୨୫ ଜୁଲାଇ ୨୬ରେ କୌଣସି କର୍ମଚାରୀ କିମ୍ବା ଅଧିକାରୀ ବ୍ଲକ ଛାଡ଼ିବେ ନାହିଁ ବୋଲି ଜିଲାପାଳ କଡା ନିର୍ଦ୍ଦେଶ ଦେଇଥିଲେ। ସମସ୍ତେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ଚିଠି ନଂ. ୨୮୧୪/ ୨୫।୭।୨୦୨୫ରେ ଉଲ୍ଲେଖ କରିଥିଲେ। ମାତ୍ର ଜିଲାପାଳଙ୍କ ଏହି ନିର୍ଦ୍ଦେଶନାମାକୁ ମାହାଙ୍ଗା ବ୍ଲକ ଅଧିକାରୀ ଓ କର୍ମଚାରୀ ଫୁ କରି ଉଡ଼ାଇ ଦେଇଥିଲେ। ଅପରପକ୍ଷେ ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାପନା ମେଶିନ ଖରାପ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ଏନେଇ ତୁରନ୍ତ ମେଶିନ ଠିକ୍ କରି ଉପସ୍ଥାପନା ବାୟୋମେଟ୍ରିକ ମାଧ୍ୟମରେ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ମଧ୍ୟ ବ୍ଲକ ପ୍ରଶାସନ ବେଖାତିର କରିଥିଲେ। ଜିଲାପାଳଙ୍କ ଆଦେଶକୁ କ୍ରମାଗତ ବେଖାତିର କରିବା ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡିଛି। କଟକ ଜିଲାପରିଷଦ ନିର୍ବାହୀ ଅଧିକାରୀଙ୍କ ଚିଠି ନଂ. ୩୬୫୬/୩୦।୭।୨୦୨୫ରେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶାରେ ଭିସିଏଲ୍ ଗ୍ରୁପ୍‌ର ପ୍ରବେଶ

### ଭୁବନେଶ୍ୱରରେ ଖୋଲିଲା କର୍ପୋରେଟ୍ କାର୍ଯ୍ୟାଳୟ



କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ସଚିବ ହେମନ୍ତ ଶର୍ମାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଶିଳ୍ପ ବିକାଶ ଏବଂ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆକର୍ଷଣ କରିବାରେ ଓଡ଼ିଶା ଏକ ଅଗ୍ରଣୀ କେନ୍ଦ୍ର ଭାବେ ଉଭା ହେଉଛି। ବିଶ୍ୱସ୍ତରୀୟ ସଂସ୍ଥା ଭିସିଏଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିବା ସହ ଗୁରୁବାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ରେ ତା'ର କର୍ପୋରେଟ କାର୍ଯ୍ୟାଳୟ ଖୋଲିଛି। ଭାରତରେ ଅବସ୍ଥାପିତ ଲକ୍ସେମବର୍ଗର ରାଷ୍ଟ୍ରଦୂତ ପେଗୀ ଫ୍ରାଣ୍ଟଜେନ, କନ୍‌ସୁଲ ରଜତ ଡାଲମିଆ ଓ ରାଜ୍ୟ ସରକାରଙ୍କ ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ସଚିବ ହେମନ୍ତ ଶର୍ମା ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ସଚିବ ଶର୍ମା କହିଛନ୍ତି, ସ୍ଥିର ବ୍ୟବସାୟ ପରିବେଶ, ପ୍ରଗତିଶୀଳ ଶାସନ ଏବଂ ସମୃଦ୍ଧ ଶିଳ୍ପ ଭିତ୍ତିଭୂମି ସହ ଓଡ଼ିଶା ବିଶ୍ୱସ୍ତରୀୟ ନିବେଶକଙ୍କ ପାଇଁ ଏକ ପସନ୍ଦର ଗନ୍ତବ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରୁଛି। ଭିସିଏଲ୍ ପରି ଖ୍ୟାତିସମ୍ପନ୍ନ ବିଶ୍ୱସ୍ତରୀୟ ସଂସ୍ଥାର ଆଗମନ ଏହି ଅଗ୍ରଗତିକୁ ପ୍ରତିଫଳିତ କରୁଛି। ଏହିପରି ସହଭାଗିତା ନୂତନତ୍ୱ ଆଣିବ, ରୋଜଗାର ସୃଷ୍ଟି କରିବ ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହାଦ୍ୱାରା ଓଡ଼ିଶା ପୂର୍ବ ଭାରତରେ ଉନ୍ନତ ଉତ୍ପାଦନ ଓ ବିଶ୍ୱସ୍ତରୀୟ ସହଯୋଗର ଏକ କେନ୍ଦ୍ର ଭାବେ ଉଭାହୋଇ 'ବିକଶିତ ଓଡ଼ିଶା ୨୦୩୬'ର ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି। ସୂଚନାଥାଉ କି ଭିସିଏଲ୍ ଇଣ୍ଡିଆ ହେଉଛି ଲକ୍ସେମବର୍ଗ ଆଧାରିତ ଭିସିଏଲ୍ ଗ୍ରୁପ୍‌ର ଭାରତୀୟ ଶାଖା। ଏହା ଇସ୍ପାତ, କାଚ ଓ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅନୁଷ୍ଠାନ। ଓଡ଼ିଶାରେ ଏହାର ଶାଖା ଖୋଲିବା ଦ୍ୱାରା ଏଫ୍‌ଡିଆଇ ଯାତ୍ରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଥିବା ବିବେଚନା କରାଯାଉଛି। ଓଡ଼ିଶାର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ପଦ, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ଏବଂ ପ୍ରଗତିଶୀଳ ନୀତି ଇସ୍ପାତ, ଶକ୍ତି ଓ ଉନ୍ନତ ଉତ୍ପାଦନ କ୍ଷେତ୍ର ପାଇଁ ଏକ ଉପଯୋଗୀ ପରିବେଶ ପ୍ରଦାନ କରୁଛି। ଆଗାମୀ ଦିନରେ ଭିସିଏଲ୍ ଓଡ଼ିଶାରେ ଏକ ଉତ୍ପାଦନ ୟୁନିଟ୍ ସହ ଦେଶୀୟ ସୁବିଧା ସ୍ଥାପନ କରି ନିଜ କାର୍ଯ୍ୟକ୍ଷେତ୍ର ବିସ୍ତାର କରିବାକୁ ଯୋଜନା କରୁଛି। ଏହା ୨ରୁ ୩ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ହୃଷୀକେଶ



@ ମଧୁସ୍ମିତା



@ ଶ୍ରୀକାନ୍ତ



@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଦୟକଣୀରେ ନୀରବି ଯାଉଛି ସାହାନାଇ

## ସାମାଜିକ ଜୀବନକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ

**ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ଅନ୍ତର୍ଗତ ଉଦୟକଣୀ ଗାଁରେ ଗତ କିଛିବର୍ଷ ହେବ ତୂରୀ, ମହୁରୀ, ସାହାନାଇ ଆଦି ମଙ୍ଗଳ ବାଦ୍ୟ ସତେଯେପରି ଧୀରେ ଧୀରେ ନୀରବି ଯାଉଛି। ଦୁଆରକାନ୍ଥରେ ଲେଖାଯାଉଥିବା ବିବାହ ମଙ୍ଗଳ ଆଲେଖ୍ୟ ବି ଆଗପରି ଆଉ ଦେଖିବାକୁ ମିଳୁନି। କାରଣ କିଛିବର୍ଷ ହେବ ଏହି ଗାଁରେ ବିବାହ ସଂଖ୍ୟା କମିବାରେ ଲାଗିଛି। ଅନ୍ୟ ଅଞ୍ଚଳର ଝିଅ ଏହି ଗ୍ରାମକୁ ବୋହୂ ହୋଇ ଆସିବାକୁ ମଙ୍ଗୁନାହାନ୍ତି। ଗାଁର ପାଣି ଓ ପରିବେଶ ଏହାର କାରଣ ବୋଲି କୁହାଯାଉଛି। ସାମାଜିକ ଜୀବନକୁ ଜଳବାୟୁ ପରିବର୍ତ୍ତନ କିପରି ପ୍ରଭାବିତ କରୁଛି, ତାହା ଏଠାରେ ଦେଖିବାକୁ ମିଳିଛି।**



ଉଦୟକଣୀ ଗାଁକୁ ଗୋଟିଏ ପଟେ ସମୁଦ୍ର ଏବଂ ଆରପଟେ ଚାଷଜମି ଘେରି ରହିଛି। ଏହି ଗାଁରେ ୩୦ ପରିବାର ବସବାସ କରନ୍ତି। ସମୁଦ୍ର ତଟବର୍ତ୍ତୀ ହୋଇଥିବାରୁ ୧୯୯୯ ମହାବାତ୍ୟାରେ ଉଦୟକଣୀ ଛାରଖାର ହୋଇଯାଇଥିଲା। ତେବେ ଗ୍ରାମବାସୀ ପୁଣି ଧୈର୍ଯ୍ୟର ସହ କଠିନ ପରିଶ୍ରମ କରି ଘରଦ୍ୱାର ଗଢ଼ିବା ସହ ଚାଷବାସ କରି ଚଳିଥିଲେ। ତେବେ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁଦଣ୍ଡକୁ ଯେତିକି ଦୋହଲାଇ ପାରିନାହିଁ, ତା'ଠୁ ଅଧିକ ସେମାନଙ୍କୁ ବିଚଳିତ ଓ କ୍ଷତିଗ୍ରସ୍ତ କରୁଛି ଜଳବାୟୁ ପରିବର୍ତ୍ତନର ପ୍ରଭାବ। ଏଥିଯୋଗୁ ସମୁଦ୍ରର ଉଚ୍ଚ ଜୁଆର ମାଡ଼ିଆସି ସେମାନଙ୍କ ଚାଷଜମିକୁ ନଷ୍ଟ କରୁଛି। ଚାଷଜମି ସମେତ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳରେ ଲବଣ ଅଂଶ ବୃଦ୍ଧି ପାଇଛି ; ଯାହାକି କୃଷି ଉତ୍ପାଦନ, ଜମିର ଗୁଣବତ୍ତା, ଜୀବନ ଜୀବିକା ସହିତ ବ୍ରତଘର ଓ ବିବାହ ଉତ୍ସବ ଭଳି ସାମାଜିକ ଚଳଣିକୁ ବି ପ୍ରଭାବିତ କରିଛି। ଏ ନେଇ ଉଦୟକଣି ଗ୍ରାମର ବାସିନ୍ଦା ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି, ଯେତେବେଳେ ସ୍ଥାନୀୟ ଅଞ୍ଚଳର ମୃତ୍ତିକା ଲବଣାଂଶର ମାତ୍ରା ବୃଦ୍ଧି ପାଇଲା, ସେତେବେଳେ ଆମର ଫସଲ ବି ନଷ୍ଟ ହୋଇଗଲା। ଧୀରେ ଧୀରେ ଏହା ଭୂତଳ ଜଳକୁ ପ୍ରଭାବିତ କଲା। ଫଳରେ ଆମେ ମିଠା ପାଣି ମୁନ୍ଦେ ପିଇବାକୁ ପାଇପାରୁନାହୁଁ। ଏପରିକି ଏବେ ସ୍ଥିତି ଏମିତି ହୋଇଛି ଯେ, ଆମର ପୁଅମାନେ ବିବାହ କରିବା କଷ୍ଟକର ହୋଇପଡ଼ିଛି। କାରଣ ଏସବୁ ସମସ୍ୟା ଯୋଗୁ ବାହାର ଗ୍ରାମର ଲେକେ ଆମ ଗାଁରେ ଝିଅ ବାହା ଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିପରି ଗାଁର ମଙ୍ଗୁ କାଣ୍ଡି କହିଛନ୍ତି, କେବଳ ବିବାହ ସମସ୍ୟା ନୁହେଁ, ଆମ ଅଞ୍ଚଳର ମାଟି ଓ ପିଇବା ପାଣି ଲବଣାକ୍ତ ଯୋଗୁ ହଇରାଣ ହେବାକୁ ପଡୁଛି। ଏଠାକାର ପାଣି ବିଭିନ୍ନ ରୋଗର କାରଣ ସାଜିଛି। ଘରକୁ ଅତିଥି କିମ୍ବା ଗାଁକୁ କୌଣସି ସରକାରୀ ଅଧିକାରୀ ଆସିଲେ ଦୋକାନରେ ବିକ୍ରି ହେଉଥିବା ବୋତଲ ପାଣି କିଣି ଦେବାକୁ ପଡୁଛି। ତେଣୁ ଆମମାନଙ୍କ ଘରକୁ କେହି ଅତିଥି କିମ୍ବା ସମ୍ପର୍କୀୟ ଆସିବାକୁ ଚାହୁଁନାହାନ୍ତି। ଯଦି କେହି ଆସୁଛନ୍ତି, ତେବେ ଶୀଘ୍ର କିପରି କାମ ସାରି ଫେରିଯିବେ ସେଇ ଚିନ୍ତାରେ ରହୁଛନ୍ତି। ଅନୁରୂପ ଭାବେ ବୁଦ୍ଧେଶ୍ୱର କାଣ୍ଡି ନାମକ ଚାଷୀ କହିଛନ୍ତି, ମନ ବୁଝିବାକୁ ଚାଷ ସିନା କରୁଛୁ, ହେଲେ ଅମଳ ଆଉ ଆଗପରି ହେଉନି। କେତେବେଳେ ଜମିରେ ଉଚ୍ଚ ଜୁଆର ପାଣି ମାଡ଼ିଯାଉଛି ତ, ଆଉ କେବେ ପୁଣି ଲବଣାଂଶ ଯୋଗୁ ଫସଲ ଉଜୁଡ଼ିଯାଉଛି। ତେଣୁ କିପରି ଚଳିବୁ, କ'ଣ ଖାଇବୁ ଏବଂ ପିଲାମାନଙ୍କୁ କିପରି ରଖିବୁ ଆମକୁ ଏବେ ସେଇ ଚିନ୍ତା ଘାରିଛି। ଅନେକ ଯୁବକ କାମଧନ୍ଦା ଆଳରେ ଗାଁରୁ ବାହାରକୁ ଚାଲିଯାଉଛନ୍ତି, ଅତି ଜରୁରୀ ନ ପଡ଼ିଲେ ଫେରିବାକୁ ମନ ବଳାଉନାହାନ୍ତି ବୋଲି ସେ ମନଦୁଃଖରେ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପରିବେଶବିତ୍‌ଙ୍କ ମତରେ..

ଏ ସମ୍ପର୍କରେ ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଜୀବନ ଓ ଜୀବିକା ଉଭୟ ବିପନ୍ନ ଅବସ୍ଥାରେ ପହଞ୍ଚିଛି। ଗ୍ଲୋବାଲ ୱାର୍ମିଂ କାରଣରୁ ସାମୁଦ୍ରିକ ଉତ୍ତାପ ବୃଦ୍ଧି ତଥା ମାତ୍ରାଧିକ ମନୁଷ୍ୟକୃତ ଚାପ ଯୋଗୁ ସାମୁଦ୍ରିକ ସନ୍ତୁଳନ ତା'ର ଭାରସାମ୍ୟ ହରାଇ କୂଳ ଲଂଘିବାରେ ଲାଗିଛି। ଏହା ଏକ ପ୍ରାକୃତିକ ଗତିବିଧି, ଯାହାକୁ ସ୍ଥାୟୀ ଭାବେ ନିୟନ୍ତ୍ରଣ କରିବା ପ୍ରାୟତଃ ଅସମ୍ଭବ। ଅନ୍ୟପକ୍ଷେ, ବେଳାଭୂମି ପରିସଂସ୍ଥାନରେ ବ୍ୟାପକ ଝାଉଁଗଛ ରୋପଣ ଓ ବାଲୁକା ଗୁଳ୍ମ ସୁରକ୍ଷା ପ୍ରତି ଧ୍ୟାନ ଦେବା, ବେଳାଭୂମି ପରିବେଶ ଉପରେ ଅଧିକ ଚାପ ସୃଷ୍ଟି କରିବା ଆଦି ବିଭିନ୍ନ ଦିଗକୁ ଯଦି ନିୟନ୍ତ୍ରଣ କରାଯାଏ, ତେବେ ପ୍ରାକୃତିକ ଭାବେ ଏହାର ସମାଧାନ ହୋଇପାରିବ। ସମୁଦ୍ରର ଜଳସ୍ତର ବିଗତ ୫ ଦଶନ୍ଧିରେ ଓଡ଼ିଶାରେ ୯ ସେଣ୍ଟି ମିଟର ବୃଦ୍ଧି ପାଇଛି, ଯାହା ସାରା ଦେଶରେ ଅଧିକ। ସରକାରୀ ସ୍ତରରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରକୃତି ଦତ୍ତ ବାଲୁକା ବନ୍ଧ ସୁରକ୍ଷା ସହିତ ଝାଉଁଗଛ ରୋପଣ ଧାରା ପରିବର୍ତ୍ତନ କରାଯାଇ ଦେଶୀୟ ପ୍ରଜାତିର ଚାରା ଲଗାଇ ଜଙ୍ଗଲ ସୃଷ୍ଟି କରାଯିବା ଆବଶ୍ୟକ।

-ରିପୋର୍ଟ: ପ୍ରଦୀପ୍ତ କୁମାର ଦୀକ୍ଷିତ, ଅସ୍ତରଙ୍ଗ

## ରୋଜ୍‌ଭ୍ୟାଲି ଅଧ୍ୟକ୍ଷଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ,୩୧।୭(କାର୍ତ୍ତିକ ସାହୁ)

ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଗୁରୁବାର ମାମଲାର ରାଏ ପ୍ରକାଶ କରି ତାଙ୍କୁ ଜାମିନ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ ଜରିଆରେ ଲୋକମାନଙ୍କଠାରୁ ହଜାର ହଜାର କୋଟି ଟଙ୍କା ଆଦାୟ କରାଯାଇଥିଲା। ଅର୍ଥ ବିନିଯୋଗକାରୀମାନଙ୍କୁ ଅଧିକ ଲାଭ ପ୍ରଦାନର ଲୋଭ ଦେଖାଇ ଅର୍ଥ ଆଦାୟ କରାଯାଇଥିଲା। ମାତ୍ର କମ୍ପାନୀର ପ୍ରତିଶ୍ରୁତି ଅନୁସାରେ ଅର୍ଥ ବିନିଯୋଗକାରୀଙ୍କୁ ଟଙ୍କା ଫେରସ୍ତ କରାଗଲା ନାହିଁ। ପ୍ରାଥମିକ ପର୍ଯ୍ୟାୟରେ ବିନିଯୋଗକାରୀମାନଙ୍କ ପକ୍ଷରୁ ୨୦୧୩ର ୩ଟି ମାମଲା ରୁଜୁ କରାଯାଇଥିଲା। ବୁଗୁଡ଼ା, ନୂଆପଡ଼ା ଓ ଜୟପୁର ସଦର ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରୁଥିବା କୋର୍ଟ ଏହାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଏହିପରି ଆଉ ୪୪ଟି ମାମଲା ଓଡ଼ିଶାରୁ ବିଭିନ୍ନ କମ୍ପାନୀର ଅର୍ଥ ଠକେଇ ନେଇ ରୁଜୁ କରିଥିଲା। ତେବେ ରୋଜ୍‌ଭ୍ୟାଲି ଓଡ଼ିଶାର ଲୋକଙ୍କଠାରୁ ୧୭,୩୭୮ କୋଟି ଟଙ୍କା ଅର୍ଥ ବିନିଯୋଗ ଆକାରରେ ଆଦାୟ କରିଥିବା ଜଣାପଡ଼ିଥିଲା। ରୋଜ୍‌ଭ୍ୟାଲି ଅଧ୍ୟକ୍ଷ କୁଣ୍ଡୁ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ବିଭିନ୍ନ ସମୟରେ ଜାମିନ ଆବେଦନ କରିଛନ୍ତି। ମାତ୍ର ଉକ୍ତ ଆବେଦନ ଅଦାଲତଙ୍କ ଦ୍ୱାରା ଖାରଜ ହୋଇଛି।

**ସତର୍କ ସଙ୍କେତ ଉପରେ ବୈତରଣୀ**

ଭଣ୍ଡାରିପୋଖରୀ(ରାଜେନ୍ଦ୍ର ଶତପଥୀ): ଉପରମୁଣ୍ଡରେ ବର୍ଷା ଯୋଗୁ ବୈତରଣୀ ନଦୀର ଜଳସ୍ତର ପୁଣି ବଢ଼ିଛି। ଗୁରୁବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍‌ର ଆଖୁଆପଦା ଆନିକଟଠାରେ ନଦୀର ଜଳସ୍ତର ସତର୍କ ସଙ୍କେତ ଟପିଛି। ଅପରାହ୍ନ ଗୋଟାଏ ବେଳେ ଜଳସ୍ତର ୧୮.୧୯ ମିଟରରେ ପହଞ୍ଚିବା ପରେ କମିବାକୁ ଆରମ୍ଭ କରିଛି। ଜଳସ୍ତର ଘଣ୍ଟା ପ୍ରତି ୧ ମି.ମି. ବେଗରେ ହ୍ରାସ ପାଉଛି। ଆଖୁଆପଦାରେ ନଦୀର ସତର୍କ ସଙ୍କେତ ୧୭.୮୩ ମିଟର ଓ ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ନଦୀର ଜଳସ୍ତର ହ୍ରାସ ପାଉଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ସୂତ୍ରରୁ ପ୍ରକାଶ।

# ଓଡ଼ିଶା ସୂଚନା ଅଧିକାର ନିୟମାବଳୀର ସଂଶୋଧନ ଜରୁରୀ

ଅକ୍ଟୋବର ୧୨, ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନର ଧାରା ୨୭ରେ ବ୍ୟବସ୍ଥା ଅଛି ଯେ, ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ନିୟମାବଳୀ ପ୍ରଣୟନ କରିବେ। ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଇବାକୁ ଯାଇ 'ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୫' ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କେତେକ ତ୍ରୁଟି ରହିବାରୁ ତା' ବିରୋଧରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକର ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ମେ ୨୯, ୨୦୦୬ ମସିହାରେ ଓଡ଼ିଶା ନିୟମାବଳୀରେ ସଂଶୋଧନ କଲେ। ସଂଶୋଧନ ସତ୍ତ୍ୱେ ଓଡ଼ିଶା ନିୟମାବଳୀ-୨୦୦୫ ପୂର୍ବଭଳି ଉଦ୍ଭଟ ଓ ଜନ ବିରୋଧୀ ହୋଇ ରହିଥିବା ଅଭିଯୋଗ ହେଉଛି।

ପ୍ରଥମତଃ ସୂଚନା ଅଧିକାର ଆଇନର ଧାରା ୬(୧) ଅନୁଯାୟୀ ଜଣେ ବ୍ୟକ୍ତି ସୂଚନା ପାଇବା ପାଇଁ ଯେକୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ଦରଖାସ୍ତ କରିପାରିବେ। ଆଇନରେ କୌଣସି ବାଧ୍ୟତାମୂଳକ ଫର୍ମ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ବା ବିଭିନ୍ନ ରାଜ୍ୟ ସରକାର କୌଣସି ଫର୍ମ ବ୍ୟବସ୍ଥା କରିନାହାନ୍ତି। କିଛି ରାଜ୍ୟ ସରକାର ନାଗରିକମାନଙ୍କୁ ସାହାଯ୍ୟ କରିବା ଫର୍ମାଟ୍ ବ୍ୟବସ୍ଥା କରିଛନ୍ତି। ଆଇନର ଲକ୍ଷ୍ୟ ହେଉଛି ଜଣେ ନାଗରିକ ଯେପରି ଚାହିଁବେ ବା ଯେଉଁ ଢଙ୍ଗରେ ଚାହିଁବେ, ସେମାନେ ସୂଚନା ପାଇଁ ଆବେଦନ କରିପାରିବେ। କିନ୍ତୁ ୨୦୦୫ ମସିହାରେ ରାଜ୍ୟ ସରକାର ସୂଚନା ଆଇନର ବିଧି ବ୍ୟବସ୍ଥାକୁ ଦଳି ଦେଇ ଓଡ଼ିଶା ନିୟମାବଳୀରେ ଏକ ଦୀର୍ଘକାୟ ୧୧ ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ- 'କ' ବ୍ୟବସ୍ଥା କରିଛନ୍ତି। ଏହି ଫର୍ମରେ ଏପରି ଅଯୌକ୍ତିକ ପ୍ରଶ୍ନ ରହିଛି, ଯାହାକୁ ସାଧାରଣ ଲୋକ ବୁଝିପାରି ଫର୍ମ ପୂରଣ କରିପାରିବେ ନାହିଁ, ଯାହାକି ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଉକ୍ତ ଫର୍ମର ପ୍ରତ୍ୟାହାର ଜରୁରୀ।

ଦ୍ୱିତୀୟରେ ସୂଚନା ଅଧିକାର ଆଇନ୍‌ର ଧାରା ୬ (୨) ଅନୁଯାୟୀ, ସୂଚନା ପାଇଁ ଆବେଦନ କଲାବେଳେ କୌଣସି ବ୍ୟକ୍ତି କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ୨୦୦୫ରେ ପ୍ରଣୀତ ଓଡ଼ିଶା ନିୟମାବଳୀର ରୁଲ୍ ୪(୨)ରେ ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ଆମ ଦେଶରେ ନାଗରିକତ୍ୱ ପ୍ରମାଣପତ୍ର ବ୍ୟବସ୍ଥା ନାହିଁ। ଭୋଟର କାର୍ଡ ବା ଆଧାର କାର୍ଡ ନାଗରିକ ପ୍ରମାଣପତ୍ର ନୁହେଁ। କିନ୍ତୁ ପିଆଇଓମାନେ ଆବେଦନକାରୀ ନାଗରିକମାନଙ୍କୁ ଭୋଟର କାର୍ଡ ବା ଆଧାର କାର୍ଡର କପି ଦାବି କରୁଛନ୍ତି। ଯଦି ଜଣେ ବିନା ପରିଚୟପତ୍ରରେ ଦରଖାସ୍ତ କରେ, ତେବେ ଦରଖାସ୍ତ ଖାରଜ କରାଯାଉଛି। ଏପରି ଭୟଙ୍କର ବ୍ୟବସ୍ଥା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର କରିନାହାନ୍ତି। ତତ୍କାଳୀନ ନବୀନ ସରକାର ଏହି ବ୍ୟବସ୍ଥା କରିଯାଇଛନ୍ତି, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି।

ତୃତୀୟତଃ, ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍ ହିତାଧିକାରୀମାନେ ଦରଖାସ୍ତ ଫିଜ୍ ଏବଂ ସୂଚନା ପାଇଁ ଫିଜ୍ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ଓଡ଼ିଶା ନିୟମାବଳୀର ରୁଲ-୪ରେ ବ୍ୟବସ୍ଥା ଅଛି ଯେ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିଜ୍ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ସୂଚନା ପାଇଁ ଫିଜ୍ ଦେବାକୁ ପଡ଼ିବ। ୨୦୧୫ରେ ଏକ ରିଟ୍ ପିଟିସନ ୧୨୧୩୫/୨୦୧୫ର ଶୁଣାଣି କରି ହାଇକୋର୍ଟ ସୂଚନା ଆଇନ୍‌ର ଧାରା ୭(୫) ଆଧାରରେ ବିପିଏଲ୍ ବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୨୧.୦୯.୨୦୧୫ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଓଡ଼ିଶା ନିୟମାବଳୀରେ ଏହାର ସଂଶୋଧନ ହେଲାନାହିଁ, ଫଳରେ ଏହି ନିୟମାବଳୀ ଆଧାରରେ ଏବେ ବି ଅନେକ ପି.ଆଇ.ଓ ସୂଚନା ପାଇଁ ଫିଜ୍ ଦେବାକୁ ବିପିଏଲ ହିତାଧିକାରୀଙ୍କୁ ବାଧ୍ୟ କରୁଛନ୍ତି।

ଚତୁର୍ଥତଃ ସୂଚନା ଅଧିକାର ଆଇନରେ ଅପିଲ ପାଇଁ ଫର୍ମ ଓ ଫିଜ୍ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଅପିଲ ପାଇଁ ଫର୍ମ କି ଫିଜ୍ ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଓଡ଼ିଶା ନିୟମାବଳୀରେ ପ୍ରଥମ ଅପିଲ ପାଇଁ ୨୦ ଟଙ୍କା ଓ ଦ୍ୱିତୀୟ ଅପିଲ ପାଇଁ ୨୫ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହାକି ବେଆଇନ୍।

ପଞ୍ଚମତଃ ସୂଚନା ଅଧିକାର ଆଇନ୍‌ର ଧାରା ୭ ଅନୁଯାୟୀ, ପିଆଇଓ କେବଳ ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଦରଖାସ୍ତ ଖାରଜ କରିପାରିବେ। ଓଡ଼ିଶା ନିୟମାବଳୀରେ ଫର୍ମ- 'ସି' (ଦରଖାସ୍ତ ନାକଚର ସୂଚନା)ରେ ଦରଖାସ୍ତ ଖାରଜ ପାଇଁ ଅଦ୍ଭୁତ ଆଇନ ବିରୋଧୀ ବ୍ୟବସ୍ଥା କରାଯାଇଛି, ଯାହାର ପ୍ରତ୍ୟାହାର ଆବଶ୍ୟକ।

ଷଷ୍ଠତଃ ସୂଚନା ଅଧିକାର ଆଇନର ମୂଳ ନିୟମ ହେଲା ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ। ମାତ୍ର ଆମ ରାଜ୍ୟରେ ଅନେକ ସରକାରୀ ବିଭାଗ ଓ ସର୍ବୋପରି ସୂଚନା କମିଶନ ଇଂଲିଶ ଭାଷାରେ ସାଧାରଣ ଲୋକଙ୍କ ସହିତ ଚିଠିପତ୍ର, ତଥ୍ୟ ପ୍ରଦାନ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ, ଏହାର ପରିବର୍ତ୍ତନ ହୋଇନାହିଁ।

ସପ୍ତମତଃ ସୂଚନା କମିଶନରେ କେସ୍‌ଗୁଡ଼ିକର ଶୁଣାଣି ପାଇଁ ଦୀର୍ଘ ବର୍ଷ ଲାଗୁଥିବାରୁ କମିଶନରମାନେ କିପରି ଦିନକୁ ଅନ୍ୟୁନ ୩୦ଟିର ଶୁଣାଣି କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ସରକାର କରିବା ଉଚିତ।

**ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ.ନଂ.-୯୯୩୭୮୪୩୪୮୨

# ୪ ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶା ସମେତ ୬ ରାଜ୍ୟର ୧୩ ଜିଲାକୁ ସଂଯୋଗ କରିବ

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ ଜିଲାକୁ ସଂଯୋଗ କରୁଥିବା ୪ଟି ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଓଡ଼ିଶାର କେନ୍ଦୁଝର ଜିଲା ରହିଛି। ଏହି ପ୍ରକଳ୍ପ ଭାରତୀୟ ରେଳପଥର ନେଟ୍‌ୱର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୧,୧୬୯ କୋଟି ଟଙ୍କା ଏବଂ ଏହା ୨୦୨୮-୨୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨୩୦୯ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୨୨୯ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଏହି ୪ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଉପରେ ଯୋଜନା କରାଯାଇଥିବାବେଳେ ଇଟାରସି ନାଗପୁର ଚତୁର୍ଥ ଲାଇନ, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜିନଗର) - ପରଭଣୀ ଦୋହରୀକରଣ, ଆଲୁଆବାଡି ରୋଡ୍ - ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ ଏବଂ କେନ୍ଦୁଝର ଡାଙ୍ଗୋଆପୋଷି-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି। ଏହି ମାର୍ଗଗୁଡିକ କୋଇଲା, ସିମେଣ୍ଟ, କ୍ଲିଙ୍କର, ଜିପ୍‌ସମ, ଫ୍ଲାଏ ଆସ୍, କଣ୍ଟେନର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମାଲ ପରିବହନ କ୍ଷମତା ୯୫.୯୧ ଏମ୍‌ଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ବଢିବ। ରେଳପଥ ପରିବେଶ ପାଇଁ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆମଦାନୀ ହେଉଥିବା ଆନୁମାନିକ ୧୬ କୋଟି ଲିଟର ତୈଳ ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୫୧୫ କୋଟି କିଲୋଗ୍ରାମ ହ୍ରାସ କରିବ, ଯାହା ୨୦ କୋଟି ଗଛ ଲଗାଇବା ସହ ସମାନ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ମନ୍ତ୍ରୀଙ୍କ ସତ୍ୟପାଠ ସୋସିଆଲ ମିଡିଆରେ ଭାଇରାଲ

ଢେଙ୍କାନାଳ,୩୧।୭(ରତନ ନାୟାର)

**ଜମି ପ୍ରଦାନ ନେଇ ମନ୍ତ୍ରୀଙ୍କୁ ଠକେଇ ମାମଲା**

ଢେଙ୍କାନାଳ ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ପ୍ରଦାନ କରିବାକୁ କହି ୨୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ବଣସିଂହ ଗ୍ରାମର ନିରଞ୍ଜନ ଶତପଥୀ ନାମକ ଜଣେ ବ୍ୟକ୍ତି ଗିରଫ ହୋଇ ଜାମିନରେ ଖଲାସ ହୋଇଛନ୍ତି। ଏହି ଘଟଣା ପରେ ଉକ୍ତ ଜମି କିଣାକୁ ନେଇ ମନ୍ତ୍ରୀ ନିର୍ବାଚନ ସତ୍ୟପାଠରେ କୌଣସି ସୂଚନା ଦର୍ଶାଇ ନ ଥିବା ସମ୍ପର୍କରେ ସୋସିଆଲ ମିଡିଆରେ ଗୁରୁବାର ଭାଇରାଲ ହେବାରେ ଲାଗିଛି। ୨୦୧୯ରୁ ୨୦୨୪ ମଧ୍ୟରେ ସମୁଦାୟ ୨୦ଲକ୍ଷ ଟଙ୍କାର ରୋଜଗାର ସମ୍ପର୍କରେ ସେ ଆୟକର ବିଭାଗରେ ସତ୍ୟପାଠ ଦାଖଲ କରିଥିବା ବେଳେ ୨୦୧୩ଠାରୁ କୌଣସି ଜମି ଅଧିଗ୍ରହଣ ବା କ୍ରୟ କରି ନ ଥିବା ଦର୍ଶାଇଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ମୋବାଇଲ ନଂ-୯୪୩୭୩୩୨୨୦୦ରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

# ୨୦ଲକ୍ଷ ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢ଼ିବ: ଭକ୍ତ



କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ବିଭିନ୍ନ ଜିଲାରୁ ଆସିଥିବା ଏଆଇସିସି ମାନବାଧିକାର ସଙ୍ଗଠନ କର୍ମକର୍ତ୍ତା।

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ରାଜ୍ୟ ସରକାର ଲକ୍ଷାଧିକ ଏକର ଜମି ବୃହତ୍ କମ୍ପାନୀଗୁଡ଼ିକୁ ଶାଗମାଛ ଦରରେ ଟେକି ଦେଉଛନ୍ତି। ହେଲେ ଯେଉଁ ଆଦିବାସୀ, ଅଣଆଦିବାସୀଙ୍କୁ ବିସ୍ଥାପିତ କରାଯାଉଛି, ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଫଳରେ ରାଜ୍ୟର ୨୦ ଲକ୍ଷ ବିସ୍ଥାପିତଙ୍କୁ ଦୀର୍ଘବର୍ଷ ଧରି ପଟ୍ଟା ମିଳିପାରୁ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଙ୍ଗଠନ ପକ୍ଷରୁ ପ୍ରାୟ ୧୫ ଗୋଟି ଜିଲାରୁ ଆସିଥିବା କର୍ମକର୍ତ୍ତା ସମାବେଶରେ ଭକ୍ତ କହିଥିଲେ, ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକଣା ସମୟରେ ତାଙ୍କର ନ୍ୟାଯ୍ୟ ହକ୍ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। କଂଗ୍ରେସ ଏବେ ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଆଗାମୀ ଦିନରେ ବେଆଇନ ବିସ୍ଥାପନ ଓ ଉତ୍କଟ ବେକାରି ସମସ୍ୟା ବିରୋଧରେ ତୀବ୍ର ଆନ୍ଦୋଳନ କରିବ।

ସେ କହିଥିଲେ, ଉପକୂଳ ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ଜିଲାରେ କଂଗ୍ରେସକର୍ମୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖାଦେଇଛି। ସମସ୍ତଙ୍କ ସହଯୋଗରେ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ; ଯାହାଦ୍ୱାରା କି ଆଗାମୀ ଦିନରେ ବିସ୍ଥାପିତ ଏବଂ ନାରୀଙ୍କ ପାଇଁ ଲଢ଼େଇ କରି ତାଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ପିସିସି ସଭାପତି କହିଥିଲେ।

ଏହି ଅବସରରେ ହ୍ୟୁମ୍ୟାନ ରାଇଟ୍‌ସ ଓଡ଼ିଶା ଶାଖାର ସଭାପତି ସୁରେନ ଶତପଥୀ କହିଥିଲେ, ବିସ୍ଥାପିତ ଏବେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି। ହେଲେ ସରକାର ଏଥିପ୍ରତି ତିଳେ ହେଲେ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ସଭାରେ ହ୍ୟୁମାନ ରାଇଟ୍‌ସ ଓଡ଼ିଶା ଶାଖାର ଉପସଭାପତି ଡକ୍ଟର ଯତୀନ ଦିଗାଳ, ସଂଯୋଜକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ମୁହାଁ ପ୍ରୟାସକାନ୍ତି

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କୁ ଗୁରୁବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ହେଉଛି। ପ୍ରୟାସକାନ୍ତି ବାସୁଦେବପୁର ଭାଜପା ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତିଙ୍କ ସହ ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଆସିଥିବାର ଭିଡିଓ ଭାଇରାଲ ହୋଇଛି। ସୂଚନାଯୋଗ୍ୟ ଗତ କିଛି ଦିନ ତଳେ ପ୍ରୟାସକାନ୍ତି ବିଜେଡିରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ପରେ ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ରାଜନୀତିକ ମହଲରେ ଆଲୋଚନା ହୋଇଆସୁଛି।

# ମାସେ ଭିତରେ ଆଇସିସି କମିଟି ଗଠନ ନ କଲେ ଦରମା ବନ୍ଦ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ରରେ ଯେମିତି ସୁରକ୍ଷିତ ରହିପାରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟଗୁଡିକରେ ତୁରନ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାସେ ମଧ୍ୟରେ ଆଇସିସି କମିଟି ଗଠନ ନ କରାଗଲେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି ଗଠନ କରିବାକୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଭୁଲ୍ ଅଭିଯୋଗ କରିବେ, ସେମାନଙ୍କ ଉପରେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକସେବା ଭବନରୁ ଆରମ୍ଭ ହୋଇଥିବା ପୋଶ ଆକ୍ଟର ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକସ୍ତରରେ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗୁରୁବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତେବେ ଶୁକ୍ରବାର ୩ ଜିଲା କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ଷା ଓ ବଜ୍ରପାତ ପାଇଁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ୧୭ ଜିଲା ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଏସ୍‌ପିଙ୍କୁ ଅଭିଯୋଗକଲା ଭାଜପା ଯୁବମୋର୍ଚ୍ଚା

**ଏଡିଟିଂ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଭାଇରାଲ**

ଭଦ୍ରକ,୩୧।୭(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଫଟୋ ଏଡିଟିଂ କରି ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଭାପତି ଦେବାଂଶୁ ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ଓ ଏକ ୱେବ୍ ଚ୍ୟାନେଲ ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋରେ ମନ୍ତ୍ରୀଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

# ୫୫ବର୍ଷରେ ଚାଷୀଙ୍କୁ ଭତ୍ତା ଦିଅ: କଂଗ୍ରେସ

**ସରକାରୀ ବିହନ ଗଜା ହେଉନି, ବନ୍ୟା ଦାଉ ସାଧୁଛି**

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ହେଉନାହିଁ। ଯେଉଁ ତଳି ରହିଛି ତାକୁ ବନ୍ୟା ଧୋଇ ନେଇଛି। ନୂଆପଡ଼ା ଓ ବଲାଙ୍ଗୀର ପ୍ରଭୃତି କେତେକ ଜିଲାରେ ଅନାବୃଷ୍ଟି ଦେଖା ଦେଲାଣି। ତେଣୁ ସରକାର ତୁରନ୍ତ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଚାଷୀ ଏବଂ ଅନ୍ୟାନ୍ୟ ଜିଲାରେ ଦୁର୍ଦ୍ଦଶାରେ ଥିବା ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ। ୫୫ବର୍ଷରେ ଚାଷୀଙ୍କୁ ମାସିକ ୧୦ହଜାର ଟଙ୍କାର ଭତ୍ତା ସରକାର ଦିଅନ୍ତୁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ଗୁରୁବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ ଓ ମୁଖପାତ୍ର ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ କହିଥିଲେ, ବନ୍ୟା ଯୋଗୁ ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଆଦି ନଦୀରେ ବାରମ୍ବାର ଲଗାତର ବନ୍ୟା ଫଳରେ ଧାନତଳି ପଚି ଯାଇଛି। ତଳିର ଅଭାବ ଓ ରୁଆ ବେଉଷଣ ଇତ୍ୟାଦି କାର୍ଯ୍ୟ ଆଗେଇ ପାରୁ ନ ଥିବାବେଳେ ନୂଆପଡ଼ା ଓ ବଲାଙ୍ଗୀରର କିଛି ଅଂଶରେ ଅନାବୃଷ୍ଟି କାରଣରୁ ଚାଷକାର୍ଯ୍ୟ ପଛାଇଛି। ଅବଶିଷ୍ଟ ଜିଲାରେ ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ନ ହେବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସେହିପରି ଇ-କେୱାଇସି ନାଁରେ ଚାଷୀଙ୍କୁ ହଇରାଣ ହରକତ କରାଯାଉଛି। ସରକାର ଏ କଥାକୁ ଗଭୀର ଭାବେ ଉପଲବ୍ଧି କରି ବିନା ସୁଧରେ ଋଣ ଯୋଗାଇଦେବା ସହିତ କୀଟନାଶକ, ସାର ଓ ବିହନ ଆଦି ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏହାସହିତ ଚାଷୀଙ୍କୁ ୫୫ ବର୍ଷରେ ମାସିକ ୧୦ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ ଭଳି ୧୦ଦଫା ଦାବି ପୂରଣ କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏହି ସମ୍ମିଳନୀରେ କିଷାନ କଂଗ୍ରେସ ରାଜ୍ୟ ସଂଯୋଜକ ଅରୁଣ ଜେନା, ମୁଖପାତ୍ର ହିମାଂଶୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା




ରାଜନଗର, ୩୧।୭ (ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଲାଗିଥାଏ। ଖୋଲିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ସୁସ୍ଥ ଫୁସ୍‌ଫୁସ୍ ପାଇଁ ନିଶାଦ୍ରବ୍ୟ ବର୍ଜନକରନ୍ତୁ

**ଆଜି ବିଶ୍ୱ ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ**



ବିଶେଷଭାବରେ ଧୂମପାନ ହିଁ ଫୁସ୍‌ଫୁସ୍ କ୍ୟାନ୍‌ସର ପ୍ରଧାନ କାରଣ। ସିଗାରେଟ୍, ବିଡି, ପିକା ଇତ୍ୟାଦି ତମାଖୁଜାତୀୟ ଦ୍ରବ୍ୟ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପାଖାପାଖି ୯୦ ପ୍ରତିଶତ ପୁରୁଷ ଏବଂ ୬୦ ପ୍ରତିଶତ ମହିଳା ଧୂମପାନ ସହ ଜଡିତ। ଏହାବ୍ୟତୀତ ଧୂମପାନକାରୀ ଛାଡୁଥିବା ଧୂଆଁ ସୁସ୍ଥ ଲୋକଙ୍କର ଫୁସ୍‌ଫୁସ୍‌କୁ ପ୍ରବେଶ କରି ସେମାନଙ୍କଠାରେ ରୋଗ ଜାତ କରାଇଥାଏ। ତେବେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ 'ବିଶ୍ୱ ଫୁସ୍‌ଫୁସ୍ ଦିବସ' (ୱାର୍ଲ୍ଡ ଲଙ୍ଗସ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଦୃଢ଼ ଭାବରେ ଏକତ୍ରିତ ହେବା : ଫୁସ୍‌ଫୁସ କ୍ୟାନ୍‌ସର ସଚେତନତା ପାଇଁ ଏକାଠି ହେବା'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଫୁସ୍‌ଫୁସ୍ କ୍ୟାନ୍‌ସର ଏବେ ବିଶେଷଭାବରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଧିକ କାୟା ବିସ୍ତାର କରୁଛି। ଏକ ହିସାବ ଅନୁଯାୟୀ, ଯଦି ଗୋଟିଏ ପରିବାରର ଜଣେ ଦିନକୁ ୨୦ଟି ସିଗାରେଟ୍ ଟାଣୁଥାଆନ୍ତି, ତେବେ ସିଗାରେଟ୍ ଧାର ଧାରୁ ନ ଥିବା ପରିବାର ଅନ୍ୟମାନେ ବର୍ଷକୁ ୫୦ଟି ସିଗାରେଟ୍ ଟାଣିବାର କ୍ଷତି ସହନ୍ତି। ଏମାନଙ୍କୁ 'ପରୋକ୍ଷ ଧୂମପାନକାରୀ' କୁହାଯାଏ। ଏହି କ୍ୟାନ୍‌ସରର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡିକ ହେଲା ଶୁଖିଲା କାଶ ହେବା, କାଶରେ ରକ୍ତ ପଡିବା, ଛାତିରେ ଯନ୍ତ୍ରଣା, ଦରଜ ଅନୁଭବ, ଭୋକ ମରିଯିବା, ଶରୀରର ଓଜନ ହ୍ରାସ ପାଇବା ଏବଂ ହଠାତ୍ ଦୁର୍ବଳ ଅନୁଭବ କରିବା। କିନ୍ତୁ କ୍ୟାନ୍‌ସର କୋଷିକାମାନ ଫୁସ୍‌ଫୁସ୍‌ରୁ ବାହାରି ଶରୀରର ଅନ୍ୟ ଅଂଶଗୁଡିକରେ ପହଞ୍ଚି ଯାଆନ୍ତି ଏବଂ ସେହି ଅଂଶଗୁଡିକୁ କ୍ୟାନ୍‌ସର ଆକ୍ରାନ୍ତ କରିଦିଅନ୍ତି। ଏହି ଉପାୟରେ ହାଡ, ମସ୍ତିଷ୍କ, ଯକୃତ, କିଡ୍‌ନୀ ଆଦି ପରୋକ୍ଷରେ ରୋଗଗ୍ରସ୍ତ ହୋଇପଡନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫୁସ୍‌ଫୁସ୍ କ୍ୟାନ୍‌ସର ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଅଧିକ ହୋଇଥାଏ। ଏହି ରୋଗ ବିଶେଷଭାବରେ ୪୦ରୁ ୬୦ ବର୍ଷ ବୟସ ଭିତରେ ଦେଖାଯାଇଥାଏ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ ଛାତିରେ ଏକ୍ସ-ରେ, କଫର କୋଷିକାଗୁଡ଼ିକର ପରୀକ୍ଷା , ସିଟି ସ୍କାନ୍, ଏମ୍ଆରଆଇ ଆଦି କରାଯାଏ। ତେବେ ଏହି ରୋଗକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ପାରିଲେ ଶଲ୍ୟ ଚିକିତ୍ସା ମାଧ୍ୟମରେ ସେଥିରୁ କିଛି ଉପଶମ ମିଳିଥାଏ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଧୂମପାନ ଅଭ୍ୟାସ ବର୍ଜନ କରନ୍ତୁ। ତମାଖୁ ବା ଧୂଆଁପତ୍ରରେ ରହିଥିବା ନିକୋଟିନ୍ ନାମକ ବିଷାକ୍ତ ଉପାଦାନ ଅତି ମାରାତ୍ମକ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖି ପାରିଲେ ଜଣେ ସୁସ୍ଥ ଜୀବନ ଯାପନ କରିପାରିବ।''

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

## ଯାଜପୁର ଜିଲାରେ କର୍ତ୍ତବ୍ୟରତ ମହିଳା ପୋଲିସ ବି ସୁରକ୍ଷିତ ନାହାନ୍ତି

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)



ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ।

ନାରୀ ନିର୍ଯାତନାକୁ ନେଇ ସମଗ୍ର ରାଜ୍ୟ ଉଦ୍‌ବିଗ୍ନ ଥିଲାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତିଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲାରେ ଏକ ଅଭାବନୀୟ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ଭାଜପା ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସ୍ତ୍ରୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍ଆଇଙ୍କୁ ଥାନା ଭିତରେ ଭାଜପା ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍ଆଇ ଯାଜପୁର ପୋଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ଭାଜପା ସଭାପତି ଓ ମୁଖ୍ୟମନ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ।

**୬ ମାଓବାଦୀ ଗିରଫ**

ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ର ବିଜାପୁର ଜିଲା ବାସାଗୁଡ଼ା ଅଞ୍ଚଳରୁ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗିରଫ କରିଛନ୍ତି। ଡିଆର୍‌ଜି ଓ କୋବ୍ରା ବାଟାଲିୟନ ସେହି ଗାଁ ନିକଟ ମାଲାପାଲି ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ଏମାନଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ ମାଲାପାଲି ଜଙ୍ଗଲରେ ମାଓବାଦୀମାନେ ଥିବା ଖବର ପାଇ ଯବାନମାନେ ସେହି ଜଙ୍ଗଲକୁ ଚତୁଃପାର୍ଶ୍ୱରୁ ଘେରି ୬ଜଣଙ୍କୁ ଧରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧ ଲକ୍ଷ ଲେଖାଏ ପୁରସ୍କାର ରାଶି ଥିବା ଜଣାପଡିଛି। ସେହି ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# କୋରିଅର ସଂସ୍ଥା ମାଧ୍ୟମରେ ବେଆଇନ କଫ୍ ସିରପ୍ କାରବାର

## ବିପୁଳ ପରିମାଣର ସିରପ୍ ଜବତ , ଜଣେ ଅଟକ

**କଟକ,୩୧।୭(କାର୍ତ୍ତିକ ସାହୁ)**

କୋରିଅର୍ ମାଧ୍ୟମରେ ବେଆଇନ ଭାବେ ଚାଲିଛି କଫ୍ ସିରପ୍ କାରବାର। ଅତ୍ୟନ୍ତ ଚତୁରତାର ସହ ଏଭଳି କାରବାର ଚାଲିଥିବା ବେଳେ ସୁରାକ ପାଇଥିଲା ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଫଳସ୍ୱରୂପ କଟକ ବାଦାମବାଡ଼ିରୁ ବିପୁଳ ପରିମାଣର କଫ ସିରପ୍ ଗୁରୁବାର ଅପରାହ୍ନରେ ଜବତ ହୋଇଛି। ବାଦମବାଡ଼ି ନ୍ୟୁ ଏଲ୍‌ଆଇସି କଲୋନିସ୍ଥିତ ଏକ କୋରିଅର ସଂସ୍ଥାରେ ଚଢ଼ାଉକରି ଏହି କଫ୍ ସିରପ୍ ଜବତ ହୋଇଛି। ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପ୍ୟାକେଟରେ ହଜାର ହଜାର ସଂଖ୍ୟକ କଫ୍‌ସିରପ ବୋତଲ ଜବତ ହୋଇଛି। ଏସ୍‌ଟିଏଫ୍ ଏହି ଘଟଣାରେ ଜଣଙ୍କୁ ଅଟକ ରଖିଛି ପଚରାଉଚରା କରୁଛି। ସୂଚନାନୁସାରେ, ବିଶ୍ୱସ୍ତ ସୂତ୍ରରୁ କୋରିଅର ମାଧ୍ୟମରେ ବେଆଇନ୍ କଫ୍‌ସିରପ କାରବାର ହେଉଥିବା ସଂକ୍ରାନ୍ତରେ ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ଭୁବନେଶ୍ୱରରୁ ଏସ୍‌ଟିଏଫ୍ ଟିମ୍ ଆସିବା ପରେ କଟକ ଜିଲା ପ୍ରଶାସନ ଓ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀଙ୍କ ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇଥିଲା। ତେବେ କୋରିଅର ସଂସ୍ଥା ଜରିଆରେ କେବେଠାରୁ ଓ କିପରି କଫ୍ ସିରପ୍ କାରବାର କରାଯାଉଛି, ଏଥିରେ କେଉଁମାନେ ସାମିଲ ଅଛନ୍ତି ସେ ନେଇ ଏସ୍‌ଟିଏଫ୍ ତନାଘନା ଚଳାଇଛି। ବିଶେଷ କରି ଏହି କଫ୍‌ସିରପ କେଉଁଠୁ ଆସୁଥିଲା ଓ କେଉଁଟି ବିକ୍ରି ହେଉଥିଲା ସେ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଖୋଳତାଡ଼ ଜାରି ରଖିଛି। ଚଢ଼ାଉରେ ସାମିଲ ଥିବା ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ଚଢ଼ାଉ ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।



ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଜବତ କରିଥିବା କଫ୍ ସିରପ୍।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ କରି ହାବିଲ୍‌ଦାର ଗିରଫ

**ବାଙ୍କୀ, ୩୧।୭( ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ରତାଗଡ଼ ପଞ୍ଚାୟତସ୍ଥିତ ଗୋବିନ୍ଦପୁର ଗ୍ରାମର ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ ସହିତ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଜଣେ ହାବିଲଦାରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହାବିଲଦାର ହେଲେ ନିଶିକାନ୍ତ ରାଉତ। ସେ କଟକ ୬ଷ୍ଠ ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ଗ୍ରାମକୁ ଛୁଟିରେ ଆସି ସେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଥିବାବେଳେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୨୭ ତାରିଖରେ ନିଶିକାନ୍ତ ଗ୍ରାମକୁ ଆସିଥିଲେ। ସନ୍ଧ୍ୟାରେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ମନ୍ଦ ଉଦ୍ଦେଶ୍ୟ ରଖି ପଶିଥିଲେ। ଏହି ସମୟରେ ଉକ୍ତ ଘରର ମୁରବୀ ନ ଥିବାବେଳେ ତାଙ୍କ ସ୍ତ୍ରୀ ସନ୍ଧ୍ୟା ଧୂପ ଦେଉଥିଲେ। ଏହାର ସୁଯୋଗ ନେଇ ନିଶିକାନ୍ତ ଉକ୍ତ ମହିଳାଙ୍କୁ କୁଣ୍ଢାଇ ଧରିଥିଲେ। ଏପରି କି ନିଶିକାନ୍ତ ନିଜେ ଉଲଗ୍ନ ହୋଇ ମହିଳାଙ୍କ ଲୁଗା ଟାଣି ଉଲଗ୍ନ କରିବା ସହ ବଳାତ୍କାର ଉଦ୍ୟମ କରୁଥିବାବେଳେ ପୀଡ଼ିତା ଜୋରରେ ଚିତ୍କାର କରିଥିଲେ। ପାଟି କଲେ ଜୀବନରେ ମାରିଦେବାକୁ ନିଶିକାନ୍ତ ଧମକ ଦେଇଥିଲେ। ଏହି ସମୟରେ ମହିଳାଙ୍କ ଚିତ୍କାର ଶୁଣି ଘର ଲୋକ ଓ ପଡ଼ୋଶୀ ଧାଇଁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ଏତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ ନିଶିକାନ୍ତ। ପୋଲିସରେ ଚାକିରି କରିଛି, ଯାହା କଲେ ବି ତାଙ୍କୁ କେହି ଧରିପାରିବେ ନାହିଁ। ତେଣୁ ଘଟଣା ସମ୍ପର୍କରେ କାହାକୁ କହିଲେ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବେ ବୋଲି ଧମକ୍ ଦେଇଥିବା ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନା ଥାଉ କି, ଗତ ୨୭ ତାରିଖ ସନ୍ଧ୍ୟା ସମୟରେ ଏଭଳି ଅମାନୁଷିକ ଘଟଣା ଘଟିଥିବାବେଳେ ମାନସିକ ଚାପରେ ଭୟଭୀତ ଥିବା ସତ୍ତ୍ୱେ ୨୮ତାରିଖରେ ବାଙ୍କୀ ଥାନାରେ ପୀଡ଼ିତା ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ନିଶିକାନ୍ତ ଏଭଳି ଅମାନୁଷିକ ଘଟଣା ଘଟାଇ ଖୁଲମ ଖୁଲା ବୁଲୁଥିବାବେଳେ ସେ ପୋଲିସରେ ଚାକିରି କରିଥିବାରୁ ବାଙ୍କୀ ପୋଲିସ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ପୀଡ଼ିତା ଏବଂ ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ଭୂୟାଁଙ୍କୁ ପଚାରିବାରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୬୪/୨୫) ରୁଜୁ କରାଯାଇ ଅଭିଯୁକ୍ତ ନିଶିକାନ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।



ନିଶିକାନ୍ତ ରାଉତ

# କୋଟିପତି ଏଇ ଅଶୋକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଜାରି

## ଠାବ ହେଲା ଆଉ ୬ ଫ୍ଲାଟ୍, ଗୋଟିଏ ପ୍ଲଟ୍

**ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ଅଶୋକ କୁମାର ପଣ୍ଡାଙ୍କ ଘରେ ଯେତେ ଚଢ଼ାଉ ହେଉଛି, ସେତେ ସମ୍ପତ୍ତି ଠାବ ହେଉଛି। ଗୁରୁବାର ଚଢ଼ାଉର ତୃତୀୟ ଦିନରେ ତାଙ୍କର ଆହୁରି ବହୁ ସମ୍ପତ୍ତି ଠାବ ହୋଇଛି। ଏସବୁରେ ୬ଟି ଫ୍ଲାଟ୍ ଓ ଗୋଟିଏ ପ୍ଲଟ୍ ଆଦି ରହିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜଟଣୀରେ ଥିବା ରୟାଲ ହାବିଟାଟ୍ ଆପାର୍ଟମେଣ୍ଟରେ ୧୪୧୫ ବର୍ଗଫୁଟରେ ଅଶୋକଙ୍କ ଗୋଟିଏ ଫ୍ଲାଟ୍(ନଂ.ଡି୧୦୮), ଭୁବନେଶ୍ୱର ଗ୍ରେସ୍ ଆପାର୍ଟମେଣ୍ଟରେ ୧.୪୦ କୋଟି ଟଙ୍କାର ଏକ ଫ୍ଲାଟ୍, କଟକ ଫୁଲନଖରାସ୍ଥିତ ଗ୍ରାଣ୍ଡ ଆୱାସରେ ଏକ ଫ୍ଲାଟ୍, ପାହାଳ ଉତ୍କଳ ଉତ୍‌ପିଆରେ ଏକ ଫ୍ଲାଟ୍, ଭୁବନେଶ୍ୱର ଭିପୁଲ ଗାର୍ଡେନ୍‌ରେ ଏକ ଫ୍ଲାଟ୍, କସ୍ମୋପଲିସ୍ ଆପାର୍ଟମେଣ୍ଟର ୯ମ ମହଲାରେ ଏକ ବେନାମୀ ଫ୍ଲାଟ୍, ଭୁବନେଶ୍ୱର ଡିଏଲ୍‌ଏଫ୍ ସାଇବର ସିଟିରେ ୧୨୧୭ ବର୍ଗଫୁଟରେ ଗୋଟିଏ ଶପିଂ ସ୍ପେସ୍ ଓ କଟକ ଜିଲା ଆଠଗଡ଼ରେ ଏକ ପ୍ଲଟ୍ ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଫ୍ଲାଟ୍ ସଂଖ୍ୟା ମୋଟ ୯ରେ ପହଞ୍ଚିଥିବାବେଳେ ଫ୍ଲାଟ୍ ସଂଖ୍ୟା ୭ରେ ପହଞ୍ଚିଛି। ଅଶୋକଙ୍କ ଘରେ ଯାଞ୍ଚ ଜାରି ରହିଥିବାବେଳେ ସମ୍ପତ୍ତିର ହିସାବ ଭିଜିଲାନ୍ସ କରୁଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ-୩ର ଏଇ ରାଜକିଶୋର ଭିଜିଲାନ୍ସ ଜାଲରେ ପଡ଼ିବାବେଳେ ତାଙ୍କ ସହକର୍ମୀ ଅଶୋକ କୁମାର ପଣ୍ଡାଙ୍କ ଗୁମର ପଦାକୁ ଆସିଥିଲା। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କିଣିବା ସହ ଟଙ୍କା କାରବାର କରିଥିବା ଜଣାପଡ଼ିଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଅଶୋକଙ୍କ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ କସ୍ମୋପଲିସ୍‌ରେ ଏକ ଫ୍ଲାଟ୍ ଠାବ ହୋଇଥିବାବେଳେ ଘରୁ ୧୨୫.୩୩୦ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୧୭.୧୦୦ଗ୍ରାମ୍‌ର ରୁପା ଅଳଙ୍କାର, ୨୧ଲକ୍ଷ ଟଙ୍କାର ଘରୋଇ ଉପକରଣ, ନଗଦ ୧.୩୩ଲକ୍ଷ ଟଙ୍କା ମିଳିଥିଲା। ଏଥିସହ ଭୁବନେଶ୍ୱରରେ ୭ ଏବଂ ପୁରୀରେ ଗୋଟିଏ ପ୍ଲଟ ଠାବ ହୋଇଥିବାବେଳେ ଉତ୍କଳ ଗାଲେରିଆ ମଲ୍‌ରେ ଦୁଇଟି ଶପ୍, ସିମ୍ଫୋନି ମଲ୍‌ରେ ଗୋଟିଏ ଶପ୍, ଭୁବନେଶ୍ୱର ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନିରେ ଏକ ୩ ମହଲା କୋଠା, ଏକ କାର୍ ଠାବ ହେବା ସହ ସେ ବ୍ୟାଙ୍କ ଓ ପୋଷ୍ଟାଲରେ ୩୭.୯୭ ଲକ୍ଷ ଜମା ରଖିଥିବା ଜଣାପଡିଥିଲା।



ଅଶୋକ କୁମାର ପଣ୍ଡା

# ବିଧାୟକଙ୍କ ଭଡ଼ାଘରୁ ଚୋରି

**ଝାରସୁଗୁଡ଼ା, ୩୧।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଟାଉନଥାନା ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଜୁଲାଇ ୨୯ ତାରିଖରେ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡ଼ୋଶୀ ଗୋପାଳ ଲୋଧା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅଭିଯୋଗ ଅନୁଯାୟୀ, ବିଧାୟକ ତ୍ରିପାଠୀ ଉକ୍ତ ଫ୍ଲାଟ୍‌ରେ ରହୁଛନ୍ତି। ଗତ ୨୯ ତାରିଖରେ ତାଙ୍କ ଘରର ତାଲା ଭଙ୍ଗାଯାଇଥିବାବେଳେ ସିସିଟିଭିର ଡିଭିଆର୍ ଚୋରି ହୋଇଥିବା ପଡୋଶୀ ଗୋପାଳ ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ଜେଲରୁ ବାହାରିଲେ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା

## ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ

**ଭବାନୀପାଟଣା,୩୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ର ପୂର୍ବତନ ଉପଜିଲାପାଳ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ଜିଲା ମୁଖ୍ୟ କାରାଗାରରୁ ବାହାରିଛନ୍ତି। ଗତ ୨୪ତାରିଖରେ ହାଇକୋର୍ଟ ତାଙ୍କୁ ୫ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ହେଲେ ପୂର୍ବରୁ କଟକ ଭିଜିଲାନ୍ସ ବିଭାଗ ତାଙ୍କ ପାସ୍‌ପୋର୍ଟ ଜବତ କରିଥିଲା। ଗୁରୁବାର ଏହାକୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଦାଖଲ କରାଯିବା ପରେ ସେ କାରାଗାରରୁ ମୁକୁଳିଛନ୍ତି। ହାଇକୋର୍ଟଙ୍କ ସର୍ତ୍ତ ଅନୁଯାୟୀ ଚକ୍‌ମା ଅଦାଲତଙ୍କ ବିନା ଅନୁମତିରେ ଭାରତ ବାହାରକୁ ଯାଇପାରିବେ ନାହିଁ, ତଦନ୍ତରେ ସହଯୋଗ କରିବେ, ତଦନ୍ତକାରୀ ଅଧିକାରୀ ଯେତେବେଳେ ଚାହିଁବେ ସେ ତାଙ୍କ ନିକଟରେ ଉପସ୍ଥିତ ରହିବେ।

ପ୍ରକାଶ ଯେ, କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନ ଚକ୍‌ମା ଗତ ଜୁନ ୮ ତାରିଖ ରାତିରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେତେବେଳେ ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଛାନ୍‌ଭିନ ବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ଉପଜିଲାପାଳ ଚକ୍‌ମାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ୯ ତାରିଖରେ କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଭବାନୀପାଟଣାସ୍ଥିତ ଜିଲା କାରାଗାର ଯିବାକୁ ପଡିଥିଲା। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ହାତରେ ଧରାପଡିବା ପରେ ଚକ୍‌ମାଙ୍କୁ ଜୁନ ୧୦ରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ନିଲମ୍ବନ କରିଥିଲେ। ୨୦୨୧ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଚକ୍‌ମା ଧର୍ମଗଡ଼ରେ ୨୦୨୪ ଜାନୁଆରୀରୁ ଉପଜିଲାପାଳ ଭାବେ ଅବସ୍ଥାପିତ ଥିଲେ।



ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ଜେଲରୁ ବାହାରୁଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ସାର୍ ଗିରଫ

**ପାତ୍ରପୁର,୩୧।୭(ଉମା ଚରଣ ନେପାକ)**

ଗଞ୍ଜାମ ଜିଲା ଜରଡ଼ା ଥାନା ପଦାଦିଗି ପଞ୍ଚାୟତ ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଟ୍ୟୁଶନ ସାର୍ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ଦାମୋଦରପଲ୍ଲୀର ଗଣେଶ ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡା ଥାନା ଅଧିକାରୀ ତୁନା ସାସମଲ ସୂଚନା ଦେଇଛନ୍ତି।

ଗଣେଶ ଗ୍ରାମରେ ଟ୍ୟୁଶନ ଯାଇଥିଲେ। ଗଣେଶ ପାଠ ନ ପଢ଼ାଇ ତାଙ୍କୁ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଛାତ୍ରୀ ଜଣଙ୍କ ପାଟି କରିବାରୁ ସେ ଛାଡ଼ିଦେଇଥିଲେ। ନାବାଳିକା ପରିବାର ଲୋକଙ୍କୁ କହିବା ପରେ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ଗଣେଶଙ୍କୁ କାବୁକରିଥିଲା। ଏ ନେଇ ନଂ. ୨୬୩/୨୫ରେ ମାମଲା ରୁଜୁ ହୋଇଛି।

# ଛାତ୍ରୀଙ୍କୁ ଯୌନ ଶୋଷଣ ଅଭିଯୋଗ

**ଦିଗପହଣ୍ଡି,୩୧।୭(ଅଶେଷ ନାଥ ମିଶ୍ର)**

## ଅଧ୍ୟାପକ, ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଁରେ ମାମଲା

ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଏକ କଲେଜର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀଙ୍କୁ ସେହି କଲେଜର ଜଣେ ଡାଟା ଏଣ୍ଟ୍ରି ଅପରେଟର ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ସାନଖେମୁଣ୍ଡି ବ୍ଲକ ଅଧୀନ ଏକ କଲେଜର ଜଣେ ଗଣିତ ଅଧ୍ୟାପକ ସହଯୋଗ କରିଥିବା ଛାତ୍ରୀ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ନଂ.୨୭୦/୨୫ରେ ପୋଲିସ ଉଭୟଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଦିଗପହଣ୍ଡି ପୁଞ୍ଜିକଂୟା ଛକ ନିକଟରେ ଥିବା ଏକ ଟ୍ୟୁଟୋରିଆଲକୁ ଛାତ୍ରୀ ଜଣକ ପଢ଼ିବାକୁ ଯାଉଥିଲେ। କଲେଜ ଡାଟା ଏଣ୍ଟ୍ରି ଅପରେଟର ଉକ୍ତ ଟ୍ୟୁଟୋରିଆଲ ପରିଚାଳନା କରୁଛନ୍ତି। ଏହାର ସୁଯୋଗ ନେଇ ସେ ଛାତ୍ରୀଙ୍କୁ ବିଳମ୍ବିତ ରାତିରେ ବାରମ୍ବାର ଫୋନ କରିବା ସହ ଟ୍ୟୁଶନ ସରିବା ପରେ ନିୟମିତ ବ୍ୟବଧାନରେ ଅସଦାଚରଣ କରୁଥିଲେ। ଗଣିତ ଅଧ୍ୟାପକ ତାଙ୍କୁ ସମର୍ଥନ କରିଥିଲେ। ଘଟଣା ବାହାରେ ପ୍ରକାଶ କଲେ ଉଭୟେ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଛାତ୍ରୀ ଜଣକ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ଭାଇ ଓ ସମ୍ପର୍କୀୟମାନେ ବୁଧବାର ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟରାସ୍ତାରେ ଅଧ୍ୟାପକ କଲେଜରୁ ଫେରୁଥିବା ବେଳେ ତାଙ୍କ କାର ଅଟକାଇ ଭଙ୍ଗାରୁଜା କରିଥିଲେ। ଏନେଇ ଅଧ୍ୟାପକ ଜଣକ ଛାତ୍ରୀଙ୍କ ଭାଇ ଓ ତାଙ୍କ ସହଯୋଗୀଙ୍କ ନାଁରେ ପାଟପୁର ଥାନାରେ ଏତଲା ଦେଇଥିବା ଜଣାପଡିଛି।

# ପରିବା ଗୋଦାମରେ ଆତଙ୍କରାଜ

**ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)**

## ବଟି ନ ଦେବାରୁ ଆକ୍ରମଣ ଅଭିଯୋଗ

ଆଇଗିଣିଆ ଆଲୁଗଦିରେ ଥିବା ଏକ ପରିବା ଗୋଦାମରେ କେତେଜଣ ଦୁର୍ବୃତ୍ତ ଆତଙ୍କରାଜ ଘଟାଇଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରେ ଦୁର୍ବୃତ୍ତମାନେ ବଳପୂର୍ବକ ଗୋଦାମରେ ପଶି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ଆକ୍ରମଣରେ ଗୋଦାମର କର୍ମଚାରୀ ରାଜେନ୍ଦ୍ର ଦାଶ ଆହତ ହୋଇଛନ୍ତି। ଏନେଇ ଭରତପୁର ଥାନାରେ ରାଜେନ୍ଦ୍ର ଏତଲା ଦେବା ପରେ ଗୁରୁବାର ପୋଲିସ ମାମଲା (ନଂ.୪୨୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଆଇଗିଣିଆ କୁବେରପୁରିରେ ମଙ୍ଗୁଆ ନାମକ ଜଣେ ବ୍ୟକ୍ତିଙ୍କ ଗୋଦାମରେ ଏହି ଘଟଣା ଘଟିଛି। ମଙ୍ଗଳବାର କେତେଜଣ ଦୁର୍ବୃତ୍ତ ମଙ୍ଗୁଆଙ୍କୁ ଧମକ ଦେଇ ବଟି ମାଗିଥିଲେ। ଗୋଦାମ ମାଲିକ ବଟି ଦେବାକୁ ମନା କରିଦେଇଥିଲେ। ଦୁର୍ବୃତ୍ତମାନେ ବୁଧବାର ରାତିରେ ଗୋଦାମ ରାସ୍ତାରେ ଗାଡ଼ି ଥୋଇ ଜାମ କରିଥିଲେ। ଏହାକୁ ବାରଣ କରିବାକୁ ଅଭିଯୁକ୍ତମାନେ ଯୁକ୍ତିତର୍କ କରିଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗୋଦାମ ଭିତରେ ପଶି ଭଙ୍ଗାରୁଜା କରି ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ପହଞ୍ଚିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ। ଏନେଇ ଭରତପୁର ଥାନାଧିକାରୀ ଦୀପକ ଖଣ୍ଡାୟତରାୟ କହିଛନ୍ତି, ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ ଚାଲିଥିବା ଖଣ୍ଡାୟତରାୟ କହିଛନ୍ତି।

# ମହିଳାଙ୍କୁ ଅପହରଣ ଉଦ୍ୟମ, ୫ ଗିରଫ

**ଯୋଡ଼ା,୩୧।୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ ମାମଲାରେ ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ, ସାହିଦୁଲ ଶେଖ, ଦିଲଦାର୍ ହୁସେନ, ଜାମାଲ ଶେଖ ଓ ସାଫିକୁଲ ଶେଖ।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହ ସ୍ଥାନୀୟ ଅଞ୍ଚଳର (ଅଭିଯୋଗକାରିଣୀ) ମହିଳା କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନରେ ଅବକାରୀ, ଆର୍‌ପିଏଫ୍ ଚଢ଼ାଉ

## ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଗିରଫ

**ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ରେଳ ଷ୍ଟେଶନରୁ ଗୁରୁବାର ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଧରାପଡ଼ିଛନ୍ତି। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରେନ୍ଦ୍ର କୁମାର ଓ କୁଲଦୀପ କୁମାର। ସେମାନଙ୍କ ନିକଟରୁ ୩୦ କେଜିର ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସକାଳ ପ୍ରାୟ ୧୦ଟା ବେଳେ ଆର୍‌ପିଏଫ୍ ଓ ଅବକାରୀ ଟିମ୍ ମିଳିତ ଯାଞ୍ଚ କରୁଥିବାବେଳେ ଦୁଇ ସନ୍ଦିଗ୍ଧଙ୍କ ଉପରେ ନଜର ପଡ଼ିଥିଲା। ଉଭୟଙ୍କ ଲଗେଜ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉଭୟ ଓଡ଼ିଶାରୁ ରାଜସ୍ଥାନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ରଖିଥିଲେ। ଅଭିଯୁକ୍ତଦ୍ୱୟ କେଉଁଠାରୁ ଗଞ୍ଜେଇ ଆଣିଥିଲେ ସେନେଇ ଅବକାରୀ ବିଭାଗ ଖୋଳତାଡ଼ କରୁଛି। ତେବେ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ରୋକିବାକୁ ଏଭଳି ମିଳିତ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

## ସହଯୋଗ କରିଥିବା ଅଭିଯୁକ୍ତଙ୍କ ମା' ବାପାଙ୍କୁ ୫ବର୍ଷ କାରାଦଣ୍ଡ

**ଅନୁଗୋଳ, ୩୧।୭(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ବନ୍ତଲା ଥାନା ଅଞ୍ଚଳର ରଞ୍ଜିତ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ରଞ୍ଜିତଙ୍କୁ ସହଯୋଗ କରିଥିବା ଅଭିଯୋଗରେ ତାଙ୍କ ମା' ଜୟନ୍ତୀ ବାରିକ ଓ ବାପା ରଞ୍ଜନ ବାରିକଙ୍କୁ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ, ବଅଁରପାଳ ଅଞ୍ଚଳର ଜଣେ ନାବାଳିକା ମାମୁ ଘରେ ରହି ପଢୁଥିଲେ। ୨୦୨୨ ଫେବୃଆରୀ ୨୫ ରାତିରେ ଅଭିଯୁକ୍ତ ରଞ୍ଜିତ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଘରକୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ବେଳେ ଅଭିଯୁକ୍ତଙ୍କ ବାପା ରଞ୍ଜନ, ମା' ଜୟନ୍ତୀ ଏବଂ ଭାଇ ସୁଜିତ ବାରିକ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏଥିସହ ନାବାଳିକାଙ୍କୁ ଘରେ ତାଲା ପକାଇ ନିଆଁ ଲଗାଇ ପୋଡ଼ି ମାରିଦେବା ପାଇଁ ଧମକ ଦେଇଥିବା ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଞ୍ଜିତ ଓ ତାଙ୍କ ମା' ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ଅଭିଯୁକ୍ତ ରଞ୍ଜିତ ଓ ତାଙ୍କ ମା' ବାପାଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି. ପ୍ରଦୀପ କୁମାର ଭୂଟିଆ ମାମଲା ପରିଚାଳନା କରିଥିଲେ।

# ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ୨ ଅଟକ

**ପାଟଣା,୩୧।୭(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଅଙ୍କୁରା ଉପରସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାହିର ଗଙ୍ଗାଧର ନାଏକ(୨୮)। ଏ ନେଇ ଯୁବକଙ୍କ ବାପା ଭକ୍ତବନ୍ଧୁ ନାଏକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀ ବଢ଼ି ଦେଖିବାକୁ ଯାଇଥିଲେ। ଏହି ସମୟରେ ଅଙ୍କୁରା ଝପାସାହିର ଦୀନବନ୍ଧୁ ପାତ୍ର, ତାଙ୍କ ସ୍ତ୍ରୀ ହୀରାମଣି, ପୁଅ ସୌମ୍ୟରଞ୍ଜନ ଓ ବୋହୂ ବିଜୁଳି ଛିଡ଼ାହୋଇଥିଲେ। କୌଣସି କାରଣରୁ ଗଙ୍ଗାଧର ହୀରାମଣିଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସୌମ୍ୟରଞ୍ଜନ ଗଙ୍ଗାଧରଙ୍କୁ ଅଗଣାକୁ ଟେକିନେଇଥିଲେ। ସେଠାରେ ହାତଗୋଡ଼ ବାନ୍ଧି ସପରିବାରେ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ସୌମ୍ୟରଞ୍ଜନ ଚଳାଉଥିବା ପାୱାର ଟିଲର ମାଲିକ ଲକି ନାଏକଙ୍କୁ ଫୋନ୍‌କରି ଭକ୍ତବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇଦେବାକୁ କହିଥିଲେ। ଭକ୍ତବନ୍ଧୁ ପୁତୁରାଙ୍କ ସହ ଘଟଣାସ୍ଥଳକୁ ଯିବା ବାଟରେ ଗଙ୍ଗାଧରଙ୍କୁ ଦେଖିଥିଲେ। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ୍ ନ ନେଇ ଘରକୁ ଆଣିଥିଲେ। ଗୁରୁବାର ସକାଳେ ଗଙ୍ଗାଧରଙ୍କୁ ତାଙ୍କ ମା' ଚା' ପିଇବାକୁ ଉଠାଇବାକୁ ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜାଣିଥିଲେ। ଏନେଇ ଭକ୍ତବନ୍ଧୁ ପାଟଣା ଥାନାରେ ଗଙ୍ଗାଧରଙ୍କୁ ଅତ୍ୟଧିକ ମାଡ଼ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଗଙ୍ଗାଧରଙ୍କ ସାମାନ୍ୟ ମାନସିକ ବିକୃତ ଥିଲା। ସେ ଚିକିତ୍ସିତ ହୋଇ ସୁସ୍ଥ ହୋଇଯାଇଥିଲେ ବୋଲି ଭକ୍ତ କହିଛନ୍ତି। ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ସରୋଜ କୁମାର ସେଠୀ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ହୀରାମଣିଙ୍କୁ ଉଠାଇନେଇ ଥାନାରେ ପଚରାଉଚାର କରୁଛି। ଘଟଣାରେ ସମ୍ପୃକ୍ତ ସୌମ୍ୟରଞ୍ଜନ ଓ ବିଜୁଳି ଫେରାର ଅଛନ୍ତି। ଥାନା ଅଧିକାରୀ ମହାକୁଡ଼ କହିଛନ୍ତି, ଏକ ମାମଲା (ନଂ.୧୭୫/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟହେବ ବୋଲି ମହାକୁଡ଼ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

# ରାସ୍ତାକଡ଼ ବିଲରୁ ମିଳିଲା ଚାଷୀଙ୍କ ମୃତଦେହ: ହତ୍ୟା ସନ୍ଦେହ

**ଭଦ୍ରକ,୩୧।୭(ସନାତନ ରାଉତ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ପଞ୍ଚାୟତର କୁଶଗଡ଼ିଆ ନିକଟସ୍ଥ ରାସ୍ତାକଡ଼ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଗୁରୁବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଗେଲଟୁଆ ଗ୍ରାମର ସନ୍ତୋଷ ମଲ୍ଲିକ(୬୨)। ଘରୁ ବାହାରି ଆସିବାର ମାତ୍ର ଅଧଘଣ୍ଟା ପରେ ମୃତଦେହ ମିଳିଥିବା ବେଳେ ପାରିପାର୍ଶ୍ୱିକସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ପୁଅ ଉଦୟ କୁମାର ମଲ୍ଲିକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉଦୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରାତଃ ସାଢ଼େ ୫ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଇକ୍‌ରେ ପାଖ ଗାଁ ବଗମରା ଅଭିମୁଖେ ଯାଇଥିଲେ। ସକାଳ ୬ଟା ବେଳେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡ଼ିଥିବା ଘରକୁ ଖବର ଆସିଥିଲା। ତାଙ୍କ ଶାର୍ଟ ଚିରିଯାଇଥିବା ବେଳେ ମୁହଁରେ ମାଡ଼ ଦାଗ ସହ ରକ୍ତ ବାହାରୁଥିବା ଦେଖାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା ଉଦୟ ଅଭିଯୋଗରେ ଦର୍ଶାଇଛନ୍ତି।

# ମାଟି ତଳେ ଲୁଚିଥିଲା ବର୍ବରତାର ପ୍ରମାଣ

ଧର୍ମଶାଳା,୩୧।୭

**ଧର୍ମଶାଳା ମନ୍ଦିର: ଫୋରେନ୍ସିକ୍ ଯାଞ୍ଚ ପାଇଁ ପଠାଯିବ ଅସ୍ଥି, କଙ୍କାଳ**

କର୍ଣ୍ଣାଟକର ଦକ୍ଷିଣ କନଡ ଜିଲ୍ଲାସ୍ଥିତ ଧର୍ମଶାଳା ମନ୍ଦିରରେ ୧୯୯୫ରୁ ୨୦୧୪ ମଧ୍ୟରେ ସ୍ବଳ୍ପବୟସ୍କା, ଯୁବତୀ ଓ ମହିଳାମାନଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ସେମାନଙ୍କ ମୃତଦେହଗୁଡ଼ିକୁ ପୋତି ଦିଆଯାଇଥିଲା। ପୂର୍ବରୁ ଶ୍ରୀମଞ୍ଜୁନାଥ ମନ୍ଦିରରେ କାର୍ଯ୍ୟ କରିଥିବା ଜଣେ ଦଳିତ ସଫେଇ କର୍ମଚାରୀ ଗତ ୪ ତାରିଖରେ ଏନେଇ ମୁହଁ ଖୋଲିବା ପରେ ୧୧ ତାରିଖରେ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ସମୂହ ବର୍ବରତାର ତଦନ୍ତ ପାଇଁ ଜୁଲାଇ ୧୯ରେ କର୍ଣ୍ଣାଟକ ସରକାର ଗଠନ କରିଥିବା ସ୍ବତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗୁରୁବାର ମହିଳାଙ୍କୁ ପୋତାଯାଇଥିବା ସ୍ଥାନକୁ ଯାଇ ସେମାନଙ୍କ କେତେକ ଦେହାବଶେଷ ଜବତ କରିଛି। ନେତ୍ରାବତୀ ନଦୀକୂଳ ଜଙ୍ଗଲ ସଂଲଗ୍ନ ସମାଧିସ୍ଥଳ ନଂ.୬ରୁ କିଛି ଭଙ୍ଗାରୁଜା ଅସ୍ଥି ଓ କଙ୍କାଳ ମିଳିଥିବା ଏସ୍‌ଆଇଟି ପକ୍ଷରୁ କୁହାଯାଇଛି। ତେବେ ଅଧିକ ତଥ୍ୟ ହାସଲ ପାଇଁ ଅସ୍ଥିଗୁଡ଼ିକୁ ଫୋରେନ୍ସିକ ଯାଞ୍ଚ ପାଇଁ ପଠାଯିବ। ଏହା ପୂର୍ବରୁ ଏସ୍‌ଆଇଟି ପକ୍ଷରୁ ହ୍ବାଟ୍ସଆପ୍ ନମ୍ବର, ମୋବାଇଲ ନମ୍ବର ଏବଂ ଇ-ମେଲ୍ ଆଇଡି ଜାରି କରାଯାଇଥିଲା। ଘଟଣା ସମ୍ପର୍କରେ କେହି କିଛି ସୂଚନା ଦେବାକୁ ଚାହିଁଲେ ଏଥିରେ ସେମାନେ ଜଣାଇପାରିବେ ବୋଲି କୁହାଯାଇଥିଲା। ଏଥିସହ ଅନ୍ୟ କେତେଜଣ ସାକ୍ଷୀଙ୍କ ଉପସ୍ଥିତିରେ ୫ଟି ସ୍ଥାନକୁ ଖୋଳାଯାଇଥିଲା। ତେବେ ସେଠାରୁ ବିଶେଷ କିଛି ପ୍ରମାଣ ମିଳି ନ ଥିବା ଏସ୍‌ଆଇଟି କହିଛି।

# ୧୦ ବିଆର୍‌ଏସ୍ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ସମ୍ପର୍କରେ ୩ ମାସରେ ନିଷ୍ପତ୍ତି ନିଅ

ନୂଆଦିଲ୍ଲୀ,୩୧।୭

**ତେଲଙ୍ଗାନା ବାଚସ୍ପତିଙ୍କୁ କହିଲେ ସୁପ୍ରିମକୋର୍ଟ**

ତେଲଙ୍ଗାନା ବିଧାନସଭାର ୧୦ ଜଣ ବିଆର୍‌ଏସ୍ ବିଧାୟକ ଦଳବଦଳ କରି ଶାସକ କଂଗ୍ରେସ ଦଳରେ ସାମିଲ ହୋଇଥିବାବେଳେ ସେମାନଙ୍କ ଅଯୋଗ୍ୟ ଘୋଷଣା ସମ୍ପର୍କରେ ନିଷ୍ପତ୍ତି ୩ ମାସ ମଧ୍ୟରେ ନେବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ବାଚସ୍ପତିଙ୍କୁ କହିଛନ୍ତି। ବିଆର୍‌ଏସ୍ ବିଧାୟକ କେ.ଟି. ରାମାରାଓ, ପଡି କୌଶିକ ରେଡ୍ଡୀ ଏବଂ କେଓ ବିବେକାନନ୍ଦଙ୍କ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ଅବସରରେ କହିଛନ୍ତି, ରାଜନୈତିକ ଦଳବଦଳ ଏକ ଜାତୀୟ ବିତର୍କର ପ୍ରସଙ୍ଗ ହୋଇଆସିଛି। ଏହାକୁ ରୋକା ନ ଗଲେ ଗଣତନ୍ତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବା ସମ୍ଭାବନା ରହିଛି।

# ୫ ବର୍ଷରେ ୯୩.୭ ଲକ୍ଷ ହେକ୍ଟର ଜମିରେ ଚାରାରୋପଣ ହୋଇଛି

ନୂଆଦିଲ୍ଲୀ,୩୧।୭(ପିଟିଆଇ)



ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ୯୩.୭ ଲକ୍ଷ ହେକ୍ଟର ଜମିରେ ଚାରା ରୋପଣ କରାଯାଇଥିବା କେନ୍ଦ୍ର ସରକାର କହିଛନ୍ତି। ଉତ୍ତରପ୍ରଦେଶ, ତେଲଙ୍ଗାନା ଏବଂ ଗୁଜରାଟରେ ସର୍ବାଧିକ ବନୀକରଣ କରାଯାଇଥିବା ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିଛନ୍ତି। ୨୦୨୪ ଜୁନ୍ ୫ରୁ ଆରମ୍ଭ ହୋଇଥିବା 'ଏକ ପେଡ୍ ମାଁ କେ ନାମ୍' ଅଭିଯାନରେ ବନୀକରଣ ଓ ବୃକ୍ଷରୋପଣ କରାଯାଉଛି। ସ୍ବେଚ୍ଛାକୃତ ବୃକ୍ଷରୋପଣ ଜରିଆରେ ଦେଶରେ ସବୁଜିମା ବଢ଼ାଇବା ଏହାର ଲକ୍ଷ୍ୟ। ଏହା ବ୍ୟତୀତ ପୂର୍ବରୁ ରହିଥିବା ଯୋଜନା ନ୍ୟାଶନାଲ ମିଶନ ଫର୍ ଗ୍ରିନ୍ ଇଣ୍ଡିଆ, ନଗର ବନ ଯୋଜନା, ମ୍ୟାନ୍‌ଗ୍ରୋଭ୍ ଇନିସିଏଟିଭ୍ ଫର ଶୋର୍‌ଲାଇନ୍ ହାବିଟାଟ ଆଣ୍ଡ ଟାଙ୍ଗିବଲ୍ ବେନେଫିଟ୍ସ (ମିଷ୍ଟି) ଏବଂ କମ୍ପେନ୍‌ସେଟୋରି ଆଫରେଷ୍ଟେଶନ ଫଣ୍ଡ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ପ୍ଲାନିଂ ଅଥରିଟି (କାମ୍ପା) ସମେତ ନିର୍ଦ୍ଦିଷ୍ଟ ରାଜ୍ୟ ପାଣ୍ଠିରେ ଚାଲୁଥିବା କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ କରାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ, ଉତ୍ତରପ୍ରଦେଶରେ ୨୦୨୦-୨୧ରୁ ୨୦୨୪-୨୫ ବର୍ଷରେ ୨୩.୪୯ ଲକ୍ଷ ହେକ୍ଟର ଜମିରେ ଚାରା ରୋପଣ କରାଯାଇଥିବାବେଳେ ତେଲଙ୍ଗାନାରେ ୧୫.୫୦ ଲକ୍ଷ ହେକ୍ଟର ଏବଂ ଗୁଜରାଟରେ ୧୧.୩୮ ଲକ୍ଷ ହେକ୍ଟର ଜମିରେ ଗଛ ଲଗାଯାଇଛି। ଓଡ଼ିଶାରେ ଏହି ସମୟ ମଧ୍ୟରେ ୫.୦୩ ଲକ୍ଷ ହେକ୍ଟର, ଆନ୍ଧ୍ରପ୍ରଦେଶରେ ୫.୮୬ ଲକ୍ଷ ହେକ୍ଟର, ରାଜସ୍ଥାନରେ ୩.୭୮ ଲକ୍ଷ ହେକ୍ଟର ଏବଂ ମଧ୍ୟପ୍ରଦେଶରେ ୪.୦୫ ଲକ୍ଷ ହେକ୍ଟର ଜମିରେ ଚାରା ରୋପଣ ହୋଇଛି। ଅନ୍ୟପକ୍ଷରେ ୨୦୨୧ରୁ ୨୦୨୫ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ପ୍ରକଳ୍ପ ନିର୍ମାଣ ପାଇଁ ୭୮,୧୦୦ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନକୁ ଅନୁମୋଦନ ଦିଆଯାଇଥିବା ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ କହିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜ ତାଲିକା ଚୂଡ଼ାନ୍ତ




ନୂଆଦିଲ୍ଲୀ,୩୧।୭

ଉପରାଷ୍ଟ୍ରପତି ନିର୍ବାଚନ ତାରିଖ ଘୋଷଣା ଦିଗରେ ନିର୍ବାଚନ କମିଶନ (ଇସି) ଗୋଟିଏ ପାଦ ଆଗେଇଛନ୍ତି। ଇସି ଗୁରୁବାର ଏହି ନିର୍ବାଚନ ଲାଗି ଇଲେକ୍ଟୋରାଲ କଲେଜ ତାଲିକା ଚୂଡ଼ାନ୍ତ କରିଥିବା ପ୍ରକାଶ କରିଛନ୍ତି। ଆଇନାନୁସାରେ ଉକ୍ତ ତାଲିକାରେ ଲୋକ ସଭାର ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ରାଜ୍ୟ ସଭାର ନିର୍ବାଚିତ ଓ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବାର ନିୟମ ରହିଛି। ତେବେ ଯେଉଁ ସଦସ୍ୟଙ୍କୁ ହାଇକୋର୍ଟ ଅଯୋଗ୍ୟ ଘୋଷଣା କରିଥିବେ, ତାଙ୍କୁ ଏଥିରୁ ବାଦ୍ ଦିଆଯିବ। ଇସିଙ୍କ ଦ୍ବାରା ଘୋଷିତ ନିର୍ବାଚନ ସଦନରେ ଇଲେକ୍ଟୋରାଲ କଲେଜ ତାଲିକା ବିକ୍ରି ପାଇଁ ବିଜ୍ଞପ୍ତି ପ୍ରକାଶ ପରଠାରୁ ଉପଲବ୍ଧ ହେବ। ନିର୍ବାଚନ ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତର ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକର ଇସ୍ତଫା ଦେଇଥିବାରୁ ସାନ ନିର୍ବାଚନର ଆବଶ୍ୟକତା ପଡ଼ିଛି।


**boyanika** CAD-1351

**CANCELLATION OF EXPRESSION OF INTEREST NO.450 DTD.11.02.2025**

Expression of Interest invited vide this office **EOI No. 450 dated 11.02.2025** from registered handloom societies for supply of Blankets/ durries/ dining mats & pillows to Boyanika is hereby canceled, since the bids were not submitted via Registered Post/ Speed Post violating the Terms & Conditions of the EOI.

Sd/ G.M–Cum–Secretary Boyanika

OIPR-31004/11/0115/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

Bid identification no : VI-46(14)/SERIFED/2025-26/1003/Dt.28.07.2025

No.CAD-1327 : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, for 2 no. of work. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt.04.08.2025 to 5.00 P.,M. up to 19.08.2025. Tender shall be received till 5.00 P.M. on 19.08.2025 & shall be opened at 11.30 A.M. on 20.08.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0008/2526 Sd./- MANAGING DIRECTOR

**ODISHA STATE DISASTER MANAGEMENT AUTHORITY**

OSDMA

(A Government of Odisha Agency)
9th Floor, Rajiv Bhawan, Unit-5, Bhubaneswar-751001
Phone-0674-2395398/2395531
Website:www.osdma.org, E-mail:osdma@osdma.org

**Request for Proposal Reference No.2225/OSDMA dated 31.07.2025**

No.CAD-1353: Sealed Proposals are invited from eligible Bidders (Registered Firms/Agencies) interested in "Outsourcing of Office Management and Technical Support" to Odisha State Disaster Management Authority (OSDMA), Bhubaneswar as per a service contract with specific terms and conditions.
For details please visit our website www.osdma.org. Last date for submission of sealed quotation is 16.08.2025 upto 5.30 P.M. through registered or Speed Post or by Courier only.

Sd./- General Manager (P&A)

OIPR-24007/11/0021/2526

**Information & Public Relations Department**
**Government of Jharkhand**

**Tender Name: Selection of Event Management Agency to organise Jharkhand Tribal Festival in various states.**

Tender ID: **2025_IPRD_103565_1**

Tender Ref No:- 1064

**Corrigendum**
**(PR No. 358420)**

Point No-11 & 12 has been revised and the revised points are available at www.jharkhandtenders.gov.in.

Sd./- Director

PR 358702 (IPRD) 25-26 (D)

No.CAD-1319

**ODISHA STATE CO-OPERATIVE MARKETING FEDERATION LTD. MARKFED-ODISHA**

Old Station Road, Bhubaneswar-751006, E-mail : odishamarkfed@gmail.com

**"e" Procurement Notice**
**Bid Identification No. MARKFED/02/2025-26**
**Civil/393/2024-25**
**No.2887 Date.28.07.2025**

1. Name of the work : Costruction of CC approach road for 500 MT godown at Bhubaneswar Buffer
2. No. of works : 1 (one)
3. Estimated cost : Rs.20.00 lakh
4. Period of completion : 2 months
5. Date & time of availability of Bid document in the portal : From **11.00 A.M.** of **04.08.2025** to **5.30 P.M.** on **22.08.2025**
6. Last date/time of receipt of Bids in the portal : **5.30 P.M.** on **22.08.2025**
7. Date of opening of Bid from portal : **12.00** hours on **25.08.2025**
8. Name & address of the officer inviting Bid : Managing Director, MARKFED-ODISHA, old station road, Bhubaneswar-751006.
9. The Bidders have to participate in **ONLINE** bidding only. Further details can be seen from the website "e-Procurement portal www.tendersodisha.gov.in." & any addendum, corrigendum, cancelation of tender can also be seen in the said website.

Sd./- Managing Director MARKFED-ODISHA

OIPR-39017/11/0014/2526

No.C-788

**CUTTACK MUNICIPAL CORPORATION**

**"e" PROCUREMENT NOTICE**
**Tender ID : 2025_ORULB_113870**
**Bid Reference No. MC(CMC)CTC_Div_II_No.10/2025-26**
**Tender Call Notice No. 9196 (PW) Date : 31.07.2025**

Name of works : Civil Works
No. of Works : 12 Nos
Bid Value : Rs.36.32 Lakh to 2.92 Lakh
Date of Completion : One Calendar Month to Two Calendar Months
Date and Time schedule :

| Start | End | Opening |
|---|---|---|
| 3.00 P.M. on dt.02.08.2025 | 5.00 P.M. on dt.14.08.2025 | 11.00 A.M. on dt.19.08.2025 |

Tender Details : Can be seen from the procurement portal : **www.tendersorissa.gov.in**

Executive Engineer City Div-II

OIPR-13031/11/0199/2526

GOVERNMENT OF ODISHA
ST & SC DEVELOPMENT DEPARTMENT
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, JEYPORE**
**E-PROCUREMENT NOTICE**
**BID IDENTIFICATION No. PA ITDA (I)-03/2025-2026**

**No.1462/2025** **Dated, the 28th July, 2025**

No.CAD-1344: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. "www.tendersodisha.gov.in".

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02 | No. of Works | : | 32 (Thirty Two) Numbers only |
| 03 | Estimated Cost | : | Rs.14.00 Lakhs to Rs.34.00 Lakhs |
| 04 | Period of Completion | : | 04 (Four) to 06 (Six) Calendar Months |
| 05 | Date & Time of Bidding | : | From 01.08.2025 at 10.00 Hours to 15.08.2025 Upto 17.00 Hours |
| 06 | Last date & time for receipt of bids in portal | : | 15.08.2025 Upto 17.00 Hours |
| 07 | Offline Documents Received through Speed Post/ Registered Post | : | 02.08.2025 at 10.00 Hours to 18.08.2025 Upto 14.00 hours (Working Days only) |
| 08 | Bids received online shall be opened on | : | 18.08.2025 at 14.00 Hours onwards |
| 09 | Bid received offline documents shall be opened & Transparency Lottery Draw | : | 20.08.2025 at 10.30 AM onwards Offline Document Open & Transparency Lottery Draw |
| 10 | Name and Address of the Officer Inviting Bid | : | Project Administrator, I.T.D.A., Jeypore |

Further details can be seen from the www.tendersodisha.gov.in.

Sd./- Project Administrator I.T.D.A, Jeypore

OIPR-26037/11/0002/2526

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**

**NOTIFICATION**
**Bhubaneswar Dated 25th July, 2025**

**No.N-139:** No. S.W.(SCH)-116/2025/3388/ CHSE(O), This is notified for information of the students who are pursuing Graduate/Post Graduate, Professional Courses such as Medical, Engineering, Degree in Colleges & Universities etc. that "Pradhan Mantri Uchchtar Shiksha Protsahan" (PM-USP) Yojana is a Central Sector Scheme of Scholarship for College & University Students awarded by Govt. of India, Ministry of Education, Department of Higher Education, New Delhi.
The objective of the scheme of Scholarship is to provide financial assistance to meritorious students from poor families to meet a part of their day-to-day expenses while pursuing higher studies. The Scholarship applications are invited online through the National Scholarship Portal and the Scholarship payment is disbursed directly through APBS (Adhar Payment Bridge System).
The National Scholarship Portal (NSP) (https://scholarship.gov.in) is now live for submission of applications by the students pursuing higher education. The allocated quota for Odisha is 2736. Students who have passed the Higher Secondary Examinations 2025 from CHSE(O), BBSR and their gross parental income is upto Rs.4.5 Lakhs per annum are eligible to apply for this Scholarship.
A detailed guideline is attached herewith for reference and more information.
**Last date for submission of online application for such Scholarship is 31.10.2025.**
For detailed information, Please visit the website (NSP) www.scholarship.gov.in.

By Order of the Chairman Sd./- Secretary

OIPR-11003/11/0023/2526

**OFFICE OF THE MUNICIPAL COUNCIL, BALANGIR**

No.3527/BM/Dt.30.07.2025
**e-Procurement Notice**
BID IDENTIFICATION NUMBER-BLGRMPTY/07 (01-10)/2025-26

No.C-789: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

1. Name of the Work : Civil Construction work as mentioned in DTCN
2. No. of Works : 10 (Ten) Nos.
3. Estimated Cost : Rs.3,46,519/- to Rs.14,14,189/-
4. Period of Completion : 3 (Three) Calendar Months
5. Date and Time of online Bidding : From 11.00 AM of 31.07.2025 to 5.00 PM of 12.08.2025
6. Online Bids shall be opened on : 13.08.2025 on 11.00 AM
7. Name & Address of the Officer Inviting Bid : Executive Officer, Balangir Municipality
8. Further details can be seen from the website: www.tendersorissa.gov.in.
9. Further any addendum/ corrigendum/ clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details.

Sd./- Executive Officer Balangir Municipality

OIPR-13169/11/0067/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com

No.A-450 **e-Procurement Notice**
**Bid Identification No.ACEM/MDC-29/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDC-29/2025-26
5. Estimated Cost : Rs.19,48,401/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.01.08.2025 (10.00 AM) to dt.11.08.2025 (5.30 PM)
8. Last date/time for receipt of bid in the Portal : dt.11.08.2025 (upto 5.30 PM)
9. Date and Place of Opening of Bid : Dt.12.08.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer Mechanical Circle Bhubaneswar

OIPR-32405/11/0086/2526

No.i-254:

**GOVERNMENT OF ODISHA**
**PANCHAYAT SAMITI, JUNAGARH**
**E-Procurement Notice**
**Bid Identificaton No.PS-JNG-T-2/2025-26**

| | | | |
|---|---|---|---|
| 1 | No. of the Work | : | Building works 3 Nos. |
| 2 | Estimated Cost | : | Rs.22.14 lakh to Rs.22.26 Lakh |
| 3 | Class of Contractor | : | "C & B" |
| 4 | Period of Completion | : | 6 Months |
| 5 | Date and Time of availability of bid document in the portal | : | 11.00 hrs of 04.08.25 to 17.00 hrs. of 15.08.25 |
| 6 | Last date/time for receipt of bid in the portal | : | 17.00 hour of 15.08.25 |
| 7 | Name and address of the Officer Inviting Bid | : | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 16.08.2025 at 11.00 AM in the Office of the Panchayat Samiti, Junagarh |

Further details can be seen from the e-Procurement portal **https://tendersodisha.gov.in**

Sd./- Block Development Officer Junagarh

OIPR-19180/11/0006/2526

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR** No.C-778

Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
**Invitation for Bids (IFB) Dtd.29.07.2025**

1 Nos. of works : 02 (Two) Nos works
2 Estimate cost : Rs.40.25 Lakhs & 42.46 lakhs
3 Period of completion : 01 (One Month)
4 Class of contractor : B Class
5 Date & Time of availability of bid document in the portal : From 11.00 A.M. of Dt. 04.08.25 to 5.00 P.M. of 18.08.2025
6 Last date / time of receipt of bids in the portal : 5.00 P.M. of 18.08.2025
7 Last date & time of seeking clarification : 5.00 P.M. of 08.08.2025
8 Date & time of opening of bids : At 12.30 P.M. of 19.08.2025
9 Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER WATCO DIVISION-II, BHUBANESWAR

OIPR-13089/11/0026/2526

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-05/2025-26, Memo No.-2037 Dt.25.07.2025

**No.B-348** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

1 Nature of Work : Building Works
2 No. of Work : 2 Nos.
3 Tender Cost : Rs. 10000.00 (On-Line)
4 Class of Contractor : A Class & B Class
5 Available of Bid document in the Website : From 10.00 A.M. of Dt. 07.08.2025 up to 05.00 P.M. of Dt. 21.08.2025 up to 5.00 P.M.
6 Date of opening of Bid : Dt. 22.08.2025 at 11.30 A.M.
7 The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Chief Construction Engineer Khordha (R&B) Circle, Khordha

OIPR-34127/11/0043/2526

**ZILLA SWASTHYA SAMITI, BARGARH**
Dept. of Health & Family Welfare, Govt.of Odisha
District Head Quarter Hospital, Bargarh-768028, Phone/Fax:06646-231763
Advt. No.2119/NHM, BARGARH/2025-26 Date:29.07.2025

**Expression of Interest for selection of Agencies to conduct chest X-rays under intensified TB Elimination Campaign**

No.E-272:Sealed bid documents are invited from registered agencies/ dealers for conducting chest X-rays of Presumptive TB patients under intensified TB Elimination Campaign in Bargarh District. The Agency is required to provide X-ray films alongwith the X-ray reports to the beneficiaries. Details regarding eligibility criteria, terms & conditions and the formats for submission of bid documents (Technical & Price Bid) are mentioned in the bid document which may be downloaded from the website: www.bargarh.odisha.gov.in. Interested agencies/dealers have to submit their bid documents in a sealed envelope superscribing on the top of the sealed envelope as "Expression of interest for selection of Agencies to conduct chest X-rays under Intensified TB Elimination Campaign. The bid documents should reach to the office of the undersigned on or before Dt.20.08.2025 till 4 P.M. through Speed Post/ Regd. Post/ Courier only and will be opened on Dt.21.08.2025 at 04.00 P.M. The undersigned reserves the right to reject any or the entire bid documents without assigning any reason thereof. The authority is not responsible for any postal delay.

Sd./- Chief District Medical & Public Health Officer, Bargarh

OIPR-10124/11/0015/2526

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No.CCEKC-07/2025-26**
e-mail:ccekeonjharpwdcircle@gmail.com
sekcpwd_keonjhar@yahoo.com

No.B-351 **Letter No.3524 Dt.25.07.2025**

1. No. of the Work : 2 number Road Works
2. Estimated Cost : Rs.196.07 Lakhs to Rs.710.22 Lakhs
3. Class of Contractor : "B", "A" & "Special" Class
4. Period of Completion : 04 (Four) Calendar Months to 07 (Seven) Calendar Months
5. Date and Time of availability of Bid document in the Portal : From 11.00 Hours of 05.08.2025 to 16.00 Hours of 19.08.2025
6. Last date/time for receipt of bids in the portal : 16.00 Hours of 19.08.2025
7. Date of Opening of Bid from Portal : 11.30 Hours on 20.08.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer Keonjhar (R&B) Circle, Keonjhar

OIPR-34033/11/0087/2526

**ZILLA SWASTHYA SAMITI, RAYAGADA**

**Advt. No.04/NHM/2025** **Date : 30.07.2025**

**WALK-IN-INTERVIEW FOR MO MBBS (UPHCs)/(UHWCs)/ (SNCU)/NPCDCS DOCTORS UNDER NATIONAL HEALTH MISSION (NHM/NUHM)**

**No.E-271** : A Walk-In-Interview will be conducted for the engagement / empanelment of MO-MBBS Doctors having doctorate degrees. Interested eligible candidates can download the details about prescribed application format from www.rayagada.odisha.gov.in. and detailed vacancy positions also hoisted in the said website. The eligible candidates may attend Physically before the CDM&PHO, Rayagada at his office on 12.08.2025 from 10.00 A.M to 11.00 A.M along with all relevant testimonials / documents. No application will be received beyond the scheduled time. The undersigned reserves all the rights to cancel any or all the applications/positions at any stage without assigning any reason thereof.

Sd./- CDM & PHO-Cum-DMD, Rayagada

OIPR-10035/11/0017/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ମାସରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ

## ଏନ୍‌ଏସ୍‌ଇର ନୂଆ ମାଇଲ୍‌ଷ୍ଟୋନ୍

**ଭୁବନେଶ୍ୱର,୩୧।୭**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଏହି ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ଗତ ୩ ମାସ ମଧ୍ୟରେ ୧ କୋଟି ପାର ସହ ନୂଆ ମାଇଲ୍‌ଷ୍ଟୋନ୍ ହାସଲ କରିଛି । ଏହି ସମୟ ମଧ୍ୟରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ ଖୋଲିଛନ୍ତି। ସେହିଭଳି ୨୦୨୫ ଜୁଲାଇ ମଧ୍ୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଆଉ ଏକ ବଡ ସଫଳତାରେ ପହଞ୍ଚିଛି। ବିଶେଷକରି ଏନ୍‌ଏସ୍‌ଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ୨୦୨୫ ଏପ୍ରିଲରେ ୨୨ କୋଟି ମାର୍କ ଅତିକ୍ରମ କରିଥିବାବେଳେ ୨୦୨୫ ଜୁଲାଇରେ ଏହା ୨୩ କୋଟି ଅତିକ୍ରମ କରିଛି। ଅପରପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୨୦୨୫ ଜୁଲାଇ ୨୮ ସୁଦ୍ଧା ୧୧.୮ କୋଟି ରହିଛି। ସେହିପରି ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ବଜାର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଛି, ଯାହାକି ୨୦୨୫ ଜୁନ ୩୦ ସୁଦ୍ଧା ଏନ୍‌ଏସ୍‌ଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ ତମ ସ୍ଥାନରେ ରହିଛି। ଏପରିକି ଓଡିଶା ୩୭% ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା



ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ୨୦୨୫ ଏପ୍ରିଲରେ ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ୨୨କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ମଧ୍ୟରେ ପ୍ଲାଟ୍‌ଫର୍ମ ଆଉ ୧ କୋଟି ନିବେଶକ ଆକାଉଣ୍ଟ ଯୋଡ଼ି ଏକ ବଡ ସଫଳତା ହାସଲ କରିଛି। ଏହି ସଫଳତା ଭାରତର ପୁଞ୍ଜି ବଜାରଗୁଡିକ ଉପରେ ରହିଥିବା ଗଭୀର ବିଶ୍ୱାସ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକଙ୍କ ଭାବନାର ସ୍ଥିରତାକୁ ପ୍ରତିଫଳନ କରୁଛି। ବିଶେଷକରି ଅଧିକରୁ ଅଧିକ ଲୋକ ଇକ୍ୱିଟି, ଇଟିଏଫ୍, ଆର୍‌ଇଆଇଟି, ଆଇଏନ୍‌ଭିଆଇଟି ଓ ଋଣ ଉତ୍ପାଦଗୁଡିକରେ ନିବେଶ କରୁଥିବାରୁ ଏହି ସଫଳତା ଟେକ୍ନୋଲୋଜି ମାଧ୍ୟମରେ ଏକ ଅଧିକ ବିବିଧ ଓ ସୁଗମ ନିବେଶ ପରିଦୃଶ୍ୟକୁ ସକ୍ଷମ କରିଛି।

ସେହିଭଳି ଏନ୍‌ଏସ୍‌ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି। ଏନ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଇନ୍‌ଭେଷ୍ଟର ଆୱାରନେସ୍ ପ୍ରୋଗ୍ରାମ୍ (ଆଇଏପି) ର ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇ ୨୦୧୯-୨୦ ଆର୍ଥିକ ବର୍ଷର ୩୫୦୪ରୁ ୨୦୨୪-୨୫ରେ ୧୪,୬୭୯ ରେ ପହଞ୍ଚିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ପ୍ରାୟ ୮ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏନ୍‌ଏସ୍‌ଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ୍) ୨୦୨୫ ଜୁନ ୩୦ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୬୩ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକ ମଜଭୁତ ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୩୧।୭**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୬ (୨୯୬.୨୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୫.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୭ (୮୬.୭୦) ପଏଣ୍ଟ କମି ୨୪,୭୬୮ (୨୪,୭୬୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୧।୭**

ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ସମେତ ଆଗାମୀ କାର୍ଯ୍ୟଯୋଜନାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବ୍ୟାଙ୍କ ଏଥିରେ ୩୨% ଅଭିବୃଦ୍ଧି ହାର ହାସଲକରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୯% କୁ ବୃଦ୍ଧି ପାଇ ୪,୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ୦.୮୨% ଏବଂ ଆର୍‌ଓଇ ୧୩.୫୫% ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ ସେକ୍ଟରରେ ୨.୫୫% ଏବଂ ଘରୋଇ କ୍ଷେତ୍ରରେ ୨.୮୨% ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ୧୨.୦୨%କୁ ବୃଦ୍ଧି ପାଇଥିବାବେଳେ ଘରୋଇ ଅଗ୍ରିମ ୧୧.୨୪%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରିମରେ ୨୦% ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରିମ କ୍ଷେତ୍ରରେ ଯଥାକ୍ରମେ ୧୭ ଏବଂ ୧୨% ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ୯.୦୭% ବୃଦ୍ଧି ପାଇଥିବାବେଳେ ଘରୋଇ ଜମା ୯.୬୨% ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ୨.୫୦% ଏବଂ ୩୯.୮୮% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ୦.୭୫% ରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୮୩ ବିପିଏସ୍ ବୃଦ୍ଧି ପାଇ ୯୨.୯୪% ରହିଛି।

## ମନେ ପଡ଼ନ୍ତି

**ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁଧାଙ୍ଗନା ପତି**

ଗ୍ରାମ: ସୋଧ, ଦୋବଲ, ଧାମନଗର
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୨୧।୦୭।୨୦୨୫

ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ସମୟରେ ମନେ ପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

"ଇତି" ଆପଣଙ୍କର ରମାକାନ୍ତ ପତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପତି ପରିବାରବର୍ଗ।

ଧ-୧୫୦୬

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଓଜିବି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

**ଭୁବନେଶ୍ୱର,୩୧।୭**

ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈୟମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ସେହିଭଳି ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟର ଏକ ଅଂଶୀଦାର ହିସାବରେ ଓଜିବି ପକ୍ଷରୁ ସାକ୍ଷୀଗୋପାଳ ଶାଖା ମାଧ୍ୟମରେ ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର ଦାଶବିଦ୍ୟାଧରପୁର ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏସ୍‌ଏଲ୍‌ବିସି ଇନଚାର୍ଜ ନାୟକ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଜନସୁରକ୍ଷା ଯୋଜନାଗୁଡ଼ିକର ଲାଭ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ମୁଖ୍ୟ ଅତିଥିମାନଙ୍କୁ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ଅଭିଯାନକୁ ସଫଳ କରିବାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।




# ଡ. ବି. କେ. ମିଶ୍ର ଇମ୍ଫାର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୭ (ଅଭୟ ଦାଶ)**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ନୂତନ ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ବି.କେ. ମିଶ୍ର ନିକଟରେ ନିଯୁକ୍ତ ହୋଇଛନ୍ତି। ଡ. ମିଶ୍ର ଏନ୍‌ଆଇଟି ରାଉରକେଲାରୁ ମେଟାଲର୍ଜିକାଲ ଇଞ୍ଜିନିୟରିଂ ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

ଅପରପକ୍ଷରେ ଡ. ମିଶ୍ରଙ୍କୁ ନିଯୁକ୍ତି ପଦ୍ମଶ୍ରୀ ଏନ୍. ଆର୍. ମହାନ୍ତିଙ୍କ ଅବସର ପରେ ମିଳିଛି। ୨୦୦୫ରେ ପଦ୍ମଶ୍ରୀ ମହାନ୍ତି ସ୍ୱାଧୀନ ନିର୍ଦ୍ଦେଶକ ଭାବେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ୨୦୨୧ ଜୁଲାଇରେ ସେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ମୁଁ ପରିଚାଳନା ପକ୍ଷରୁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି। ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବେ ଉଭାହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି। ସେହିଭଳି ମୁଁ ଏନ୍. ଆର୍. ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି। ମୋ ସହକର୍ମୀଙ୍କ ପକ୍ଷରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି।


ଡ଼. ବି କେ ମିଶ୍ର

# Classified Everyday

**0674-2580101, 9692975378**



**REAL ESTATE SALE**

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485




**Full body massage experience, good looking therapist @999 (Bhubaneswar). 9078484455.** D-1325

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @ 799 Bapujinagar. 7327058897. D-76931




Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble flooringis readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069

**AFFIDAVIT**

By an affidavit before the Notary Public Bhubaneswar, I Kamala Kanta Mallik, S/o- Sanjay Kumar Mallik of Kanpur, Garudagaon, Tangi, Cuttack as mentioned in H.S.C. Certificate but in Aadhaar No.- XXXX XXXX 4994 it shows Kamalakanta Mallik. Henceforth, Kamala Kanta Mallik & Kamalakanta Mallik is one and same person. D-1499

By this affidavit No.-9, date 30.07.25 before the Executive Magistrate, Bhawanipatna, Kalahandi, I, Damayanti Sureh Durga, D/o- Ransai Naik, W/o- Late Suresh Ramu Durga, R/o. At/P.O.- Majhiguda, P.S.- Koksara, Dist.- Kalahandi, Odisha declare that before marriage my name is Damayanti Naik which is mentioned all my Educational Documents. After marriage I have changed my name to Damayanti Suresh Durga which is mentioned in my Aadhaar Card, PAN Card and Bank Passbook. So that both the names belongs to one and same person. D-1500

By virtue of an affidavit sworn before Executive Magistrate, Bhubaneswar, C.F. No.- 25, dated 30.07.2025, I SK ABDULLAH, S/o- LATE SK ABUJAFAR, At-RAHAMAT NAGAR, RAGHUNATH NAGAR, P.O.- DUMUDUMA, P.S.- KHANDAGIRI, BHUBANESWAR, DIST.- KHORDHA, PIN-751019, ODISHA declare that I have changed my name from ABDULLAH LAIK to SK ABDULLAH. Henceforth, I shall be known as SK ABDULLAH for all future purposes. D-1498

I, Kshira Sagara Behera, S/o- Late Siddheswar Behera, resident of Ward No.- 43, Niladri Vihar, P.O.- Nayabazar, P.S.- Chauliaganj, Dist.- Cuttack, PIN- 753004, Odisha declare by this affidavit No.- 8495, dtd. 30.07.2025. That now onwards I shall be known as KSHIRA SAGAR BEHERA for all future purposes. D-1501

By virtue of an affidavit sworn before Executive Magistrate, Chhendipada Vide No.- 1315, dated 31.07.2025, I, Dali Jena, resident of Village- Jhintipal, P.O.- Korada, P.S.-Nisha, Dist.- Angul (Odisha), India declare that I have changed my name from Dali Sahu to Dali Jena. Henceforth, I shall be known as Dali Jena for all purpose. D-1504

ମୁଁ ବିଜୟିନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର ଘୋଷଣା କରୁଅଛି କି ମୋର ବିବାହର କିଛି ବର୍ଷ ପରେ ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣ ପାଣି, କୂଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୁଁ ମୋ ବାପଘରେ ରହି ଆସୁଅଛି। ମୁଁ ମୋର ବାପଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୦୫

**LEGAL NOTICE**

Letter No.- 1370, Date-19.07.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.-୨୫୨/ ୨୦୨୪

ନିରଞ୍ଜନ ପାଣିଗ୍ରାହୀ ....ବାଦୀ
ବନାମ
ସଞ୍ଜୟ ଦାସ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାସନ୍ତୀ ଦାସ, ସ୍ୱାମୀ- ସ୍ୱର୍ଗତ ଧୋବେଇ ଦାସ, ୪। ଟୁନା ଦାସ, ୫। ଶଙ୍କର ଦାସ ଉଭୟଙ୍କର ପିତା ସ୍ୱର୍ଗତ ହରି ଦାସ, ସମସ୍ତଙ୍କର ବାସସ୍ଥାନ ସା- ରଙ୍ଗମାଟିଆ, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଜିଲା-ଖୋର୍ଦ୍ଧା, ୭। ସଞ୍ଜୟ କୁମାର ସାହୁ, ପିତା ନିତ୍ୟାନନ୍ଦ ସାହୁ, ୮। ସୁପ୍ରଭାମୟୀ ରାଉତରାୟ, ସ୍ୱାମୀ ସଞ୍ଜୟ କୁମାର ସାହୁ, ଉଭୟଙ୍କର ବାସସ୍ଥାନ ସା-ଏସ୍.ଡି.-୨, ଭି.ଏସ୍.ଏସ୍. ନଗର, ପୋଷ୍ଟ-ବାଣୀବିହାର, ଥାନା-ସହିଦନଗର, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨,୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୭ ଓ ୮ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୧।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡ଼କଣ ୟୁନିଟ୍-୩୯, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୮୮, ସାବକ ପ୍ଲଟ୍ ନଂ.- ୧୧୩୭, ଏରିଆ- ଏ.୦.୦୮୫ଡି., ହାଲ୍ ଖାତା ନଂ.- ୧୧୧୩, ହାଲ୍ ପ୍ଲଟ୍ ନଂ.- ୩୯୦୯, ଏରିଆ- ଏ.୦.୦୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୪୯୭

# ପୋଗାକାର ଅପ୍ରତିଦ୍ୱନ୍ଦ୍ୱୀ



ଟାଡେଜ ପୋଗାକାର

**ସମ୍ମାନଜନକ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ଭିଶ୍ମା-ଲିଜ୍ ଏ ବାଇକ୍ ଟିମ୍‌ର ବେଲଜିଆନ ରାଇଡର ଆଉଟ୍ ଭାନ ଆର୍ଟ ୨୧ତମ ତଥା ଅନ୍ତିମ ଷ୍ଟେଜରେ ବିଜେତା ହୋଇଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଶେଷ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିଛନ୍ତି...**

ଚଳିତ ବର୍ଷ ସବୁଠୁ ସମ୍ମାନଜନକ ସାଇକେଲ ରେସ ଇଭେଣ୍ଟ ଟୁର ଡି ଫ୍ରାନ୍ସରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ବେଲଜିୟମର ଆଉଟ୍ ଭାନ ଆର୍ଟ ଭିଶ୍ମା-ଲିଜ୍ ଏ ବାଇକ୍, ଯାହାକି ଟୁର ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ତମ ତଥା ଅନ୍ତିମ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। କିନ୍ତୁ ଚତୁର୍ଥ ସ୍ଥାନରେ ରହି ଅନ୍ତିମ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ଚାମ୍ପିୟନ ହୋଇଥିଲେ। ଏହା ପୋଗାକାରଙ୍କ ଲାଗି ଚତୁର୍ଥ ଟୁର ଡି' ଫ୍ରାନ୍ସ ଟାଇଟଲ। ଗତ ୬ ବର୍ଷରେ ସେ ୪ ଥର ଟୁର ଡି' ଫ୍ରାନ୍ସ ଜିତିଥିବା ବେଳେ ଦୁଇ ଥର ରନରଅପ୍ ରହିଛନ୍ତି। ଏହାର ଅର୍ଥ ସେ ଲଗାତର ୬ ବର୍ଷ ହେଲା ପୋଡିୟମ ଫିନିଶ୍ କରୁଛନ୍ତି। ଏହା ଟୁର ଡି ଫ୍ରାନ୍ସ ରେସ୍‌ରେ ତାଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି। ପୂର୍ବରୁ ସେ ୨୦୨୦, ୨୦୨୧ ଓ ୨୦୨୪ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ସେ ସଫଳତାର ସହିତ ନିଜ ଟାଇଟଲକୁ ଡିଫେଣ୍ଡ କରିଛନ୍ତି। ଏହା ତାଙ୍କୁ ବିଶ୍ୱର ମହାନ ବାଇକ୍ ରାଇଡରଙ୍କ ମଧ୍ୟରେ ପରିଗଣିତ କରୁଛି। ତାଙ୍କଠାରୁ କେବଳ ଜ୍ୟାକକୁଇଜ ଆନକୁଏଟିଲ, ଏଡି ମର୍କକ୍ସ, ବର୍ନାର୍ଡ ହିନଲ୍ଟ ଓ ମିଗୁଏଲ ଇଣ୍ଡୁରେନ ଅଧିକ ଥର ଟୁର ଡେ ଫ୍ରାନ୍ସ ରେସ ଜିତିଛନ୍ତି। ଏମାନେ ସମସ୍ତେ ୫ ଥର ଲେଖାଏ ଚାମ୍ପିୟନ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ଇଣ୍ଡୁରେନ ଏକମାତ୍ର ପୁରୁଷ ଭାବେ ଲଗାତର ୫ ବର୍ଷ ଚାମ୍ପିୟନ ହୋଇଥିଲେ। ୧୯୯୮ ସେପ୍ଟେମ୍ବର ୨୧ ତାରିଖରେ ସ୍ଲୋଭେନିଆର ରାଜଧାନୀ ଲୁବ୍ଲାନାଠାରେ ପୋଗାକାରଙ୍କ ଜନ୍ମ। ପୋଗାକାରଙ୍କ ବଡ଼ ଭାଇ ତିଲେନ ମଧ୍ୟ ଜଣେ ରାଇଡର ଥିଲେ। ଟାଡେଜ ତାଙ୍କ ବଡ଼ ଭାଇଙ୍କ ଦ୍ୱାରା ପ୍ରଭାବିତ ହୋଇ ୯ ବର୍ଷ ବୟସରେ ରଗ ଲୁବ୍ଲାନା କ୍ଲବରେ ଯୋଗ ଦେଇଥିଲେ। ୨୦୧୧ରେ ପୋଗାକାରଙ୍କ ଉପରେ ରୋଡ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ଆନ୍ଦ୍ରେଜ ହପ୍ଟମ୍ୟାନଙ୍କ ନଜର ପଡ଼ିଥିଲା। ହପ୍ଟମ୍ୟାନ ତାଙ୍କୁ ପ୍ରାରମ୍ଭିକ କୋଚିଂ ଦେଇଥିଲେ। ହପ୍ଟମ୍ୟାନ ସ୍ଲୋଭେନିଆନ ଜାତୀୟ ସାଇକ୍ଲିଂ ଦଳର ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ମଧ୍ୟ ଥିଲେ। ଏକ ରେସରେ ପୋଗାକାର ତାଙ୍କଠାରୁ ବୟସରେ ବଡ଼ ଥିବା ରାଇଡରଙ୍କଠାରୁ ୧୦୦ ମିଟର ପଛରେ ପଡ଼ିଯାଇଥିବା ଚିନ୍ତା କରି କୋଚ୍ ହପ୍ଟମ୍ୟାନ ଆୟୋଜକଙ୍କୁ ପୋଗାକାରଙ୍କୁ କିଛି ସହାୟତା ପ୍ରଦାନ କରିବାକୁ କହିଥିଲେ। ହେଲେ ଯୁବ ରାଇଡର ପୋଗାକାର ଅନ୍ୟ ରାଇଡରଙ୍କଠାରୁ ଗୋଟିଏ ଲ୍ୟାପ ଆଗରେ ଚାଲିଥିବା ଆୟୋଜକମାନେ କହିଥିଲେ। ଏହାପରେ ୨୩ ବର୍ଷରୁ କମ୍ ରଗ୍ ଲୁବ୍ଲାନା ଦଳରେ ପୋଗାକାରଙ୍କୁ ସାମିଲ କରାଯାଇଥିଲା। ୨୦୧୮ରେ ସେ ସ୍ଲୋଭେନିଆନ ଜାତୀୟ ଦଳ ପକ୍ଷରୁ ଟୁର ଡି ଆଇ' ଆଭେନିର ଜିତିଥିଲେ। ସିନିୟର ସ୍ତରରେ ପଦାର୍ପଣ କରିବା ପୂର୍ବରୁ ସେ ଜୁନିୟର ସ୍ତରରେ ସଫଳ ରାଇଡର ଥିଲେ। ୨୦୧୮ ଅଗଷ୍ଟରେ ୟୁଏଇ ଟିମ୍ ଏମିରେଟ୍ସ ପୋଗାକାରଙ୍କ ସହ ଚୁକ୍ତି କରିଥିଲା। ୨୦ ବର୍ଷ ବୟସରେ ୨୦୧୯ରେ ସେ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ଟୁର ଅଫ୍ କାଲିଫର୍ନିଆରେ ୟୁସିଆଇ ୱାର୍ଲ୍ଡ ଟୁର ରେସ ଜିତିଥିଲେ। ଏଥିସହିତ ଭୁଏଲ୍ଟା ଏ ଏସ୍ପାନାର ୩ଟି ଷ୍ଟେଜରେ ଜିତିବା ସହ ଓଭରଅଲ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଏବଂ ୟଙ୍ଗ ରାଇଡର ଟାଇଟଲ ଜିତିଥିଲେ। ସେ ଟୁର ଅଫ୍ କାଲିଫର୍ନିଆ ଜିତିବା ସହ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡଟୁର ଷ୍ଟେଜ ରେସ ଜିତିଥିଲେ। ୨୦୨୦ରେ ଟୁର ଡେ ଫ୍ରାନ୍ସରେ ସେ ପଦାର୍ପଣ କରିଥିଲେ। ସେ ସପ୍ତମ ଷ୍ଟେଜ ଦୁଇ ମିନିଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ, ଯାହା କି ଅତ୍ୟଧିକ ପବନ ଯୋଗୁ ହୋଇଥିଲା। ଏହାର ପରଦିନ ସେ ଆଟାକିଂ ରାଇଡିଂ କରି ଅନ୍ୟ ସମସ୍ତ ରାଇଡରଙ୍କଠାରୁ ୩୮ ସେକେଣ୍ଡ ଆଗରେ ପହଞ୍ଚିଥିଲେ। ତାଙ୍କ ଦେଶର ଫାବିଓ ଆରୁ ନବମ ଷ୍ଟେଜରୁ ଓହରିବା ପରେ ପୋଗାକାର ସେହି ଷ୍ଟେଜକୁ ଜିତିଥିଲେ, ଯାହାକି ତାଙ୍କର ପ୍ରଥମ ଟୁର ଷ୍ଟେଜ ବିଜୟ ଥିଲା। ସେ ୧୯୮୩ ପରେ ପ୍ରଥମ ଓ ମୋଟ ଉପରେ ୧୨ତମ ରାଇଡର ଭାବେ ପ୍ରଥମ ଉଦ୍ୟମରେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ଏହାର ପର ସିଜନରେ ୟୁଇଏ ଟୁର, ଟିରେନୋ-ଆଡ୍ରିଆଟିକୋ, ଲିଜ-ବାଷ୍ଟୋଗ୍ନେ-ଲିଜ ଓ ଟୁର ଅଫ୍ ସ୍ଲୋଭେନିଆ ଜିତିଥିଲେ। ୨୦୨୧ ଟୁର ଡି' ଫ୍ରାନ୍ସରେ ସେ ଜେନେରାଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଗିରୋ ଡି ଲମ୍ବାର୍ଡିଆ ଓ ଲିଜ-ବାଷ୍ଟୋଗ୍ନେ-ଲିଜ ଆଦି ଦିନିକିଆ ରେସ ଜିତିଥିଲେ। ୨୦୨୨ରେ ପୋଗାକାର ୟୁଏଇ ଟୁରରେ ତାଙ୍କ ଟାଇଟଲ ଡିଫେଣ୍ଡ କରିଥିଲେ। ଷ୍ଟ୍ରାଡେ ବିଆଞ୍ଚେ ରେସରେ ଫିନିଶିଂ ଲାଇନ୍‌ଠାରୁ ୧୦୦ କିମି ଦୂରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହାସତ୍ତ୍ୱେ ସେ ପ୍ରଥମେ ଫିନିଶିଂ ଲାଇନ ଟଚ୍ କରିଥିଲେ। ଏହି ବର୍ଷ ସେ ଟୁର ଅଫ୍ ସ୍ଲୋଭେନିଆ, ଗିରୋ ଡି ଲମ୍ବାର୍ଡିଆ, ଜିପି ଡେ ମଣ୍ଟ୍ରିଲ, ଟ୍ରେ ଭାଲି ଭାରେଶାଇନରେ ଜିତିଥିଲେ। ୨୦୨୩ ସିଜନ ଆରମ୍ଭରୁ ସେ ଟୁର ଅଫ୍ ଫ୍ଲାଣ୍ଡର୍ସ ଜିତିଥିଲେ। ଟୁର ଡି' ଫ୍ରାନ୍ସରେ ୟଙ୍ଗ ରାଇଡର କ୍ଲାସିଫିକେଶନ ସହ ପ୍ୟାରିସ-ନାଇସ, ଭୁଏଲ୍ଟା ଏ ଆଣ୍ଡୁଲୁସିଆରେ ବିଜୟୀ ହୋଇଥିଲେ। ୨୦୨୪ ତାଙ୍କ କ୍ୟାରିୟର ଲାଗି ସ୍ୱର୍ଣ୍ଣିମ ବର୍ଷ ଥିଲା। ଏହି ବର୍ଷ ସେ ଟୁର ଡି ଫ୍ରାନ୍ସ ଓ ଗିରୋ ଡି ଇଟାଲିଆରେ ଚାମ୍ପିୟନ ହୋଇଥିଲେ। ଉଭୟ ଗ୍ରାଣ୍ଡ ଟୁରର ସେ ମୋଟ ୧୨ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଭଲ୍ଟା ଏ କାଟାଲୁନ୍ୟା, ୱାର୍ଲ୍ଡ ରୋଡ୍ ରେସ ଚାମ୍ପିୟନଶିପ୍ସ, ଲିଜ-ବାଷ୍ଟୋଗ୍ନେ-ଲିଜ, ଷ୍ଟାଡେ ବିଆଞ୍ଚେ, ଜିପି ଡି ମଣ୍ଟ୍ରିଲ ଓ ଗିରୋ ଡେଲ ଏମିଲାରେ ସେ ବିଜୟୀ ହୋଇଥିଲେ। ସେ ଅଗଷ୍ଟରେ ହେବାକୁ ଥିବା ଭୁଏଲ୍ଟା ଏ ଏସ୍ପାନା ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବଦଳରେ ସେ ନିଜ ଶରୀରକୁ ରିକଭର କରିବାକୁ ସମୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରେସରେ ଏଭଳି ସଫଳତା ଯୋଗୁ ପୋଗାକାର ୟୁସିଆଇ ରୋଡ ରେସିଂରେ ୱାର୍ଲ୍ଡ ନଂ-୧ ହୋଇ ରହିଛନ୍ତି। ଏପରି କି ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ରହିଛି। ଏଥିସହିତ ଲଗାତର ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ଅପରାଜିତାଙ୍କ ପାଇଁ ନୂଆ ଉପଲବ୍ଧି

## ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଲାଗି ଏଫ୍‌ପିଓ ନିଯୁକ୍ତ



ଭାରତର ପ୍ରଥମ ମହିଳା ଭାବେ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର ଏବେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆମେରିକାର ୱାଶିଂଟନଠାରେ ଆସନ୍ତା ୨୦୨୫ ଅଗଷ୍ଟ ୨ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ତଦାରଖ ପାଇଁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେଠାରେ ଅପରାଜିତା ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର ପ୍ଲେ ଅଫିସର (ଏଫ୍‌ପିଓ) ଦାୟିତ୍ୱ ତୁଲାଇବେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନର ସଭାପତି ଆର୍କାଡି ଡଭୋରକୋଭିଚ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିବା ଅପରାଜିତା ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ୪୮ ଦେଶର ୫୫ଟି ଦଳ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଫେୟାର ପ୍ଲେ ଅଫିସର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଖୁସି ଅଛନ୍ତି ଅପରାଜିତା। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ ଫିଡେକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଏହା ତାଙ୍କ ପାଇଁ ଏକ ନୂଆ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

## ଅଭିଲେଖ



ଫିଡେ ମହିଳା ବିଶ୍ୱକପ ଟ୍ରଫି ସହ ଦିବ୍ୟା ଦେଶମୁଖ।

ସେଣ୍ଟ ଆଲୋୟସିଅସ
ୟୁନିଭର୍ସିଟିର
ରେମୋନା ଡ୍ୟାନ୍ସରେ ସ୍ତବ୍ଧ
ଶହେ ସତୁରି ଘଣ୍ଟା ତା ଭାରତ
ନାଟ୍ୟମ
ନୃତ୍ୟ କଳା ମନ୍ତ୍ର ମୁଗ୍ଧ
ନୂଆ କୀର୍ତ୍ତି ଉପଲବ୍ଧ
ଗୋଲଡେନ ବୁକ ଅଫ ୱାର୍ଲ୍ଡ
ରେକର୍ଡ୍ସରେ
ନାମ ହେଲା ଲିପିବଦ୍ଧ।
ଆଇସିସି ଟେଷ୍ଟ ଖେଳାଳି ର୍‍ୟାଙ୍କିଙ୍ଗ
ହୋଇ ଅଛି ପ୍ରକାଶିତ
ନମ୍ବର ୱାନ ଅଲରାଉଣ୍ଡର ଟିମ
ଜାଡେଜା ଗାଉଛି ଗୀତ
ଟେଷ୍ଟ କ୍ରିକେଟରେ ମିତ
ଟି ଟ୍ୱେଣ୍ଟି ବ୍ୟାଟରଙ୍କ ଟପରେ
ଅଭିଷେକ ଶର୍ମା ସତ।
ପଚିଶ ଶହ ରେଟିଂର ନର୍ମ ନ ଥାଇ
ଆମ ଦିବ୍ୟା ଦେଶମୁଖ
ଭାରତର ନୂଆ
ଗ୍ରାଣ୍ଡ ମାଷ୍ଟର ଏବେ
ଏକଜାମ୍ପୁଲ ହେଲେ ଦେଖ
ଏ ନିଉ ହିଷ୍ଟୋରୀ ଲେଖ
ନିଷ୍ଠା ପାଇଁ ବ୍ୟକ୍ତି ରେକର୍ଡ୍ସ ବନଇ
ନୂଆ ନୂଆ ଅଭିଲେଖ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟୁର୍ ଡି ଫ୍ରାନ୍ସ

**ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହେଉଥିବାବେଳେ କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ବ୍ୟତିକ୍ରମ ଘଟିଥିଲା...**



ଟୁର ଡି ଫ୍ରାନ୍ସ ହେଉଛି ଏକ ବାର୍ଷିକ ରୋଡ୍ ସାଇକେଲ ରେସ। ଏହା ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ୨୩ ଦିନ ଧରି ଅନୁଷ୍ଠିତ ହୁଏ। ୧୯୦୩ରେ ଏକ ଖବରକାଗଜ ଏଲ' ଅଟୋ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସାଇକେଲ ରେସ 'ଗ୍ରାଣ୍ଡ ଟୁର୍ସ'ର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ। ଗ୍ରାଣ୍ଡ ଟୁର୍ସରେ ଗିରୋ ଡି' ଇଟାଲିଆ ଓ ଭୁଏଲଟା ଏ ଏସ୍ପାନା ଭଳି ସମ୍ମାନଜନକ ଟୁର୍ନାମେଣ୍ଟ ରହିଛି। ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ଏହି ରେସକୁ ବିଭିନ୍ନ ଦିନିକିଆ ଷ୍ଟେଜରେ ଭାଗ ଭାଗ କରାଯାଇଛି। ରେସ ଶେଷ ହେବା ପରେ ପ୍ରତ୍ୟେକ ପର୍ଯ୍ୟାୟକୁ ଶେଷ କରିବା ପାଇଁ ରାଇଡରଙ୍କୁ ଲାଗିଥିବା ସମୟକୁ ହିସାବକୁ ନେଇ ବିଜେତା ନିର୍ଦ୍ଧାରଣ କରାଯାଏ। ପ୍ରତ୍ୟେକ ବର୍ଷ ରେସର ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଏ। କିନ୍ତୁ ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହୁଏ। କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ଏହି ରେସ୍ ନାଇସ୍ ସହରରେ ଶେଷ ହୋଇଥିଲା। ୧୯୭୫ଠାରୁ ଏହି ରେସ ଚାମ୍ପ ଏଲିସିସଠାରେ ଶେଷ ହୋଇଆସୁଛି। ପ୍ରତ୍ୟେକ ଷ୍ଟେଜର ରେସ ଶେଷ ହେବା ପରେ ସବୁଠୁ କମ୍ ସମୟ ନେଇଥିବା ରାଇଡର ହଳଦିଆ ଜର୍ସି ପିନ୍ଧନ୍ତି, ଯାହାକି ଜେନେରାଲ କ୍ଲାସିଫିକେଶନର ଅଗ୍ରଣୀ ରାଇଡରଙ୍କୁ ପ୍ରତିନିଧିତ୍ୱ କରେ। ସେହିଭଳି ପଏଣ୍ଟ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ସବୁଜ, ମାଉଣ୍ଟେନ୍ସ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ପଲକା ଡଟ୍ ଜର୍ସି ଓ ଯୁବ ରାଇଡର କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ଧଳା ଜର୍ସି ପିନ୍ଧନ୍ତି।

# କରୁଣଙ୍କ ଅର୍ଦ୍ଧଶତକ: ଭାରତ ୨୦୪/୬

**ଲଣ୍ଡନ, ୩୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ମ୍ୟାଚ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା କରୁଣ ନାୟାରଙ୍କ ଅର୍ଦ୍ଧଶତକ ସହାୟତାରେ ୬ ଉଇକେଟ ବିନିମୟରେ ୨୦୪ ରନ କରିଛି। କରୁଣ ୫୨ ରନ କରି ଓ ୱାଶିଂଟନ ସୁନ୍ଦର ୧୯ ରନ କରି ଅପରାଜିତ ରହିଛନ୍ତି। କରୁଣ ଓ ୱାଶିଂଟନ ସୁନ୍ଦର ୭ମ ଉଇକେଟ ପାର୍ଟନରଶିପ୍‌ରେ ଅପରାଜିତ ୫୧ ରନ (୮୭ ବଲ୍) ଯୋଗ କରି ଭାରତୀୟ ଇନିଂସରେ କିଛିଟା ସୁଧାର ଆଣିଛନ୍ତି। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ଓଭରରେ ଯଶସ୍ୱୀ ଜୟସ୍ୱାଲ (୨) ଓ ପରେ ପରେ ଲୋକେଶ ରାହୁଲ (୧୪) ଆଉଟ ହେବାରୁ ୧୫.୧ ଓଭର ବେଳକୁ ଭାରତ ସ୍କୋର ୩୮/୨ ହୋଇ ଯାଇଥିଲା। ଅଧିନାୟକ ଶୁବମନ ଗିଲ୍ (୨୧) ଓ ସାଇ ସୁଦର୍ଶନ (୩୮) ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ତୃତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଗିଲଙ୍କ ରନ୍‌ଆଉଟ ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ୨୩ ଓଭରରେ ସ୍କୋର ୭୨/୨ ଥିବାବେଳେ ବର୍ଷା ଯୋଗୁ ପ୍ରଥମେ ଖେଳ ବନ୍ଦ ହୋଇଥିଲା। ସେହିପରି ୨୯ ଓଭରରେ ୩ ଉଇକେଟ ହରାଇ ଭାରତ ୮୫ ରନ କରିଥିବାବେଳେ ପୁଣି ବର୍ଷା ଯୋଗୁ ଖେଳକୁ ବନ୍ଦ ରଖିବାକୁ ପଡ଼ିଥିଲା। ସେତେବେଳେ ସାଇ ସୁଦର୍ଶନ ୨୮ ଓ କରୁଣ ନାୟାର କୌଣସି ରନ ନ କରି ଅପରାଜିତ ରହିଥିଲେ। ବର୍ଷା ପରେ ପୁଣି ଖେଳ ଆରମ୍ଭ ହେବାରୁ ସାଇ ଓ କରୁଣ ପାରି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ହେଲେ ଅଳ୍ପ ରନ୍ ବ୍ୟବଧାନରେ ସାଇ ସୁଦର୍ଶନ (୩୮), ରବୀନ୍ଦ୍ର ଜାଡେଜା (୯) ଓ ଧ୍ରୁବ ଜୁରେଲ (୨୧) ପ୍ୟାଭିଲିୟନ ଫେରିଥିଲେ।


ଉଇକେଟ ନେବାପରେ ଗସ୍ ଆଟକିନସନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୦୪/୬ (ନାୟାର ୫୨*, ସୁଦର୍ଶନ– ୩୮, ଗିଲ୍–୨୧ ; ଆଟକିନ୍‌ସନ– ୨/୩୧, ଜୋଶ ଟଙ୍ଗ୍–୨/୪୭)।

## ଗୋଟିଏ ସିରିଜରେ ଭାରତର ସର୍ବାଧିକ ସ୍କୋର

୩୨୭୧ରୁ ଊର୍ଦ୍ଧ୍ୱ (ଅସମାପ୍ତ): ଇଂଲଣ୍ଡ ଗସ୍ତରେ ଭାରତ, ୨୦୨୫
୩୨୭୦: ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ, ୧୯୭୮/୭୯
୩୨୩୦: ଭାରତ ଗସ୍ତରେ ଇଂଲଣ୍ଡ, ୨୦୧୬/୧୭
୩୧୪୦: ଭାରତ ଗସ୍ତରେ ଇଂଲଣ୍ଡ,୨୦୨୪
୩୧୧୯: ଭାରତ ଗସ୍ତରେ ଇଂଲଣ୍ଡ, ୧୯୬୩/୬୪

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଜବରଦସ୍ତ ଫର୍ମରେ ଥିବା ଶୁବମନ ଗିଲ୍ ଗୁରୁବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ଭାବେ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦି ଓଭାଲଠାରେ ଖେଳାଯାଉଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାତ୍ର ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିଯୋଗୁ ଚଳିତ ସିରିଜ୍‌ର ୯ଟି ଇନିଂସରେ ତାଙ୍କ ରନ୍ ସଂଖ୍ୟା ୭୪୩ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୧୯୭୮/୭୯ ସିରିଜ୍‌ରେ ୭୩୨ ରନ କରିଥିଲେ। ତେବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନଙ୍କ ନାମରେ ରହିଛି। ସେ ୧୯୭୬/୭୭ରେ ଏକ ଟେଷ୍ଟ ସିରିଜ୍‌ରେ ୮୧୦ ରନ କରିଥିଲେ। ଏହି ତାଲିକାରେ ଇଂଲଣ୍ଡର ଗ୍ରାହାମ ଗୁଚ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୧୯୯୦ରେ ୭୫୨ ରନ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆଉ ଏକ ଇନିଂସ ବାକି ଥିବାରୁ ଗିଲ୍‌ଙ୍କ ନିକଟରେ ଗୁଚଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

# ଫ୍ଲୋଜାଲିନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଭିଏତ୍‌ନାମରେ ଅନୁଷ୍ଠିତ ୯ମ ଏସିଆନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଫ୍ଲୋଜାଲିନ ତରାଇ। ଜୁଲାଇ ୨୪ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଏସୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିଦ୍ୱୟ ହେଲେ ଫ୍ଲୋଜାଲିନ ଓ ରଞ୍ଜିତ ନାୟକ। ଫ୍ଲୋଜାଲିନ ରୌପ୍ୟ ପଦକ ଆଣିଥିବା ବେଳେ ରଞ୍ଜିତ ନାୟକ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପଦକ ହାସଲ ପାଇଁ ଫ୍ଲୋଜାଲିନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ପଦକ ସହ ଫ୍ଲୋଜାଲିନ ତରାଇ।

# ଜାତୀୟ ଜୁନିୟର ମହିଳା ହକି ଆଜିଠାରୁ

**କାକିନାଡ଼ା, ୩୧।୭ (ପି.ଟି.)**

ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ କାକିନାଡ଼ାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ନୂତନ ଭାବେ ପ୍ରଚଳିତ ଡିଭିଜନଭିତ୍ତିକ ଫର୍ମାଟରେ ଖେଳାଯିବ। ଦଳଗୁଡ଼ିକୁ ୩ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। 'ଏ' ଓ 'ବି' ଡିଭିଜନରେ ଶେଷ ଦୁଇ ସ୍ଥାନ ଅଧିକାର କରିଥିବା ଦଳ ତଳକୁ ଖସି ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣରେ ଯଥାକ୍ରମେ 'ବି' ଓ 'ସି' ଗ୍ରୁପ୍‌ରେ ଖେଳିବେ। ଅନ୍ୟପକ୍ଷରେ 'ବି' ଓ 'ସି' ଡିଭିଜନର ଶ୍ରେଷ୍ଠ ଦୁଇ ଦଳ ଯଥାକ୍ରମେ 'ଏ' ଓ 'ବି' କ୍ଲଷ୍ଟରକୁ ପଦୋନ୍ନତି ପାଇବେ। ଡିଭିଜନ 'ଏ'ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ସ୍ଥାନ ପାଇଛନ୍ତି। ଏଥିରେ ଗତଥରର ପୁଲ 'ଏ' ଚାମ୍ପିୟନ ହକି ଝାଡ଼ଖଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ବି'ରେ ଗତବର୍ଷର ରନରଅପ୍ ହକି ମଧ୍ୟପ୍ରଦେଶ ପୁଲ୍ 'ବି' ଏବଂ ଦ୍ୱିତୀୟ ରନର–ଅପ୍ ହକି ହରିୟାଣା ପୁଲ'ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଡିଭିଜନ 'ବି' ଓ ଡିଭିଜନ 'ସି' ଜାତୀୟ ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ୧୨ ମଧ୍ୟରେ ନ ଥିବା ଦଳଗୁଡ଼ିକ ରହିଛନ୍ତି। ସେମାନେ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଜାତୀୟ ସିନିୟର ଓ ଜାତୀୟ ସବ୍ ଜୁନିୟର ପରେ ନୂଆ ଫର୍ମାଟ ବର୍ତ୍ତମାନ ଜାତୀୟ ଜୁନିୟର ଟୁର୍ନାମେଣ୍ଟରେ ପ୍ରଚଳିତ ହେବାକୁ ଯାଉଛି। ଏଥରୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**ଡିଭିଜନ 'ଏ'**

ପୁଲ୍ 'ଏ': ହକି ଝାଡ଼ଖଣ୍ଡ, ଛତିଶଗଡ଼ ହକି, ହକି କର୍ନାଟକ।
ପୁଲ୍'ବି': ହକି ମଧ୍ୟପ୍ରଦେଶ, ହକି ପଞ୍ଜାବ, ହକି ଛତିଶଗଡ଼।
ପୁଲ୍ 'ସି': ହକି ହରିୟାଣା, ଉତ୍ତର ପ୍ରଦେଶ ହକି, ହକି ବେଙ୍ଗଲ।
ପୁଲ୍ 'ଡି': ହକି ଆସୋସିଏଶନ ଓଡ଼ିଶା, ହକି ମହାରାଷ୍ଟ୍ର, ହକି ଆନ୍ଧ୍ରପ୍ରଦେଶ।

**ଡିଭିଜନ 'ବି'**

ପୁଲ୍ 'ଏ': ମଣିପୁର ହକି, ପୁଡୁଚେରୀ ହକି, ହକି ଉତ୍ତରାଖଣ୍ଡ, କେରଳ ହକି, ଆସାମ ହକି।
ପୁଲ୍ 'ବି': ହକି ହିମାଚଳ, ଦିଲ୍ଲୀ, ହକି ୟୁନିଟ୍ ଅଫ୍ ତାମିଲନାଡୁ, ହକି ଅରୁଣାଚଳ, ହକି ଆସୋସିଶନ ଅଫ୍ ବିହାର।

**ଡିଭିଜନ 'ସି'**

ପୁଲ୍ 'ଏ': ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ ଡିଉ ହକି, ଜମ୍ମୁ କଶ୍ମୀର, ଗୋଆ ହକି, ତ୍ରିପୁରା।
ପୁଲ୍'ବି' : ହକି ଗୁଜରାଟ, ରାଜସ୍ଥାନ, ହକି ମିଜୋରାମ, ତେଲେଙ୍ଗାନା ହକି।

# ରଚନା, ଅଶ୍ୱିନୀ ବିଶ୍ୱ ଚାମ୍ପିୟନ

**ଏଥେନ୍ସ, ୩୧।୭ (ପି.ଟି.):** ଭାରତୀୟ ରେସ୍‌ଲର ରଚନା (୪୩ କେଜି) ଓ ଅଶ୍ୱିନୀ ବିଷ୍ଣୋଇ (୬୫କେଜି) ୧୭ ବର୍ଷରୁ କମ୍ ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ମୋନି ମହିଳା ୫୭ କେଜି ଶ୍ରେଣୀରେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଛନ୍ତି। ରଚନା ଫାଇନାଲରେ ପ୍ରଭାବୀ ପ୍ରଦର୍ଶନ ସହ ଚାଇନାର ଜିନ୍ ହୁଆଙ୍ଗଙ୍କୁ ୩–୦ରେ ହରାଇ ଦେଇଥିବା ବେଳେ ଅଶ୍ୱିନୀ ଉଜ୍‌ବେକିସ୍ତାନର ମୁଖାୟୋ ରାଖିମଜୋନୋଭା ସମାନ ବ୍ୟବଧାନରେ ପରାସ୍ତ କରିଥିଲେ। ମୋନି ଫାଇନାଲରେ ଲଚ୍ଚୁଆ ପ୍ରଦର୍ଶନ କରି କାଜାଖସ୍ତାନର ମାଦଖିଆ ଉସ୍‌ମାନୋଭଙ୍କଠାରୁ ୫–୬ରେ ପରାଜିତ ହୋଇଯାଇଥିଲେ। କୋମଲ ବର୍ମା ୪୯କେଜି ଶ୍ରେଣୀରେ ଦେଶ ପାଇଁ ଏକ ବ୍ରୋଞ୍ଜ ପଦକ ହାସଲ କରି ଥିଲେ।



ଚାଇନାରେ ଅନୁଷ୍ଠିତ ୧୨ଶ ଏସିଆନ୍ ଜୁନିୟର ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ଶ୍ୱେତାରାଣୀ ମହନ୍ତ (ବାମ) ୪୮ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ସିଟ୍‌ସିପାସଙ୍କ କୋଚିଂ ଟିମ୍‌ରେ ବାପା ଆପୋଷ୍ଟୋଲସ

**ଏଥେନ୍ସ,୩୧।୭**

ପୂର୍ବତନ ୱାର୍ଲ୍ଡ ନଂ–୩ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଷ୍ଟେଫାନସ ସିଟ୍‌ସିପାସ ତାଙ୍କ କୋଚିଂ ଟିମରେ ବାପା ଆପୋଷ୍ଟୋଲସଙ୍କୁ ସାମିଲ କରିଛନ୍ତି। ଏ ନେଇ ସିଟ୍‌ସିପାସ ଗୁରୁବାର ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ଗ୍ରୀସ ଖେଳାଳି କୋଚ୍ ଗୋରାନ ଇଭାନିସେଭିକ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଇଭାନିସେଭିକ୍ ପୂର୍ବରୁ ସର୍ବିଆର କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ଇଭାନିସେଭିକ୍ କୋଚ୍ ଥିବା ବେଳେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ୨୦୨୧ ଫ୍ରେଞ୍ଚ ଓପନ ଓ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ସିଟ୍‌ସିପାସ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥିଯୋଗୁ ୱାର୍ଲ୍ଡ ର୍‍ୟାଙ୍କିଙ୍ଗରେ ତାଙ୍କ ମାନ୍ୟତା ୩୦ତମ ସ୍ଥାନକୁ ଖସି ଆସିଛି। ୱିମ୍ବେଲଡନର ପ୍ରଥମ ରାଉଣ୍ଡରେ ସିଟ୍‌ସିପାସଙ୍କ ପରାଜୟ ପରେ କୋଚ୍ ଇଭାନିସେଭିକ୍ କହିଥିଲେ ଯେ, ବିନା ପ୍ରସ୍ତୁତିରେ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ମୁଁ କଦାପି ଦେଖି ନାହିଁ। ସିଟ୍‌ସିପାସ ଚଳିତ ବର୍ଷ ଫେବୃଆରୀରେ ଦୁବାଇରେ ଟାଇଟଲ ହାତେଇଥିଲେ, ଯାହାକି ଚଳିତବର୍ଷ ତାଙ୍କର ଏକମାତ୍ର ଫାଇନାଲ ଥିଲା।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚିରାଗ ଆରୋରାଙ୍କୁ ଭେଟିବେ ସୁବ୍ରତ ଦାସ। ତୃତୀୟ କ୍ୱାର୍ଟର ଫାଇନାଲ ଆକାଶ ମହାପାତ୍ର ଓ ଆଶୁତୋଷ ପାଢ଼ୀ ଏବଂ ଚତୁର୍ଥ କ୍ୱାର୍ଟର ସିଦ୍ଧାର୍ଥ ସେନ୍ ଓ ଅବିନାଶ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ଅବଶିଷ୍ଟ ୩ଟି ଲିଗ୍ ମ୍ୟାଚ ପରେ ପ୍ରି–କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଥିଲା। ଏହି ୩ଟି ଯାକ ମ୍ୟାଚରେ ଆଶୁତୋଷ ପାଢ଼ୀ ଯଥାକ୍ରମେ ୩–୦ରେ ଅସିତ ଚୌଧୁରୀ, ୩–୧ରେ ସତ୍ୟଦୀପ ଦାସ ଓ ୩–୦ରେ ବରୁନ ପୂର୍ବାଙ୍କୁ ପରାସ୍ତ କରିଥିଲେ। ପ୍ରି–କ୍ୱାର୍ଟର ଫାଇନାଲରେ ଅଲତାଫ ଅଲୀଙ୍କୁ ୪–୦ରେ ସିଦ୍ଧାର୍ଥ ସେନ୍, ବରୁନ ପୂର୍ବାଙ୍କୁ ୪–୦ରେ ରାକେଶ ରୋଶନ ପ୍ରଧାନ, ନିଶାନ୍ତ ବିଶ୍ୱାଳଙ୍କୁ ୪–୩ରେ କୁନାଲ ଅଗ୍ରୱାଲ, ଚେତନ ଆନନ୍ଦଙ୍କୁ ୪–୦ରେ ଅବିନାଶ ମହାପାତ୍ର, ଶାରଦା ବେହେରାଙ୍କୁ ୪–୦ରେ ଆକାଶ ମହାପାତ୍ର, ଜ୍ଞାନ ଦାସଙ୍କୁ ୪–୨ରେ ସୁବ୍ରତ ଦାସ ଓ ରଞ୍ଜିତ ପତିଙ୍କୁ ୪–୦ (ଅନ୍ତିମ ଫ୍ରେମ୍‌ରେ ୬୫ ବ୍ରେକ୍)ରେ ଆଶୁତୋଷ ପାଢ଼ୀ ଓ ସୁଦୀପ୍ତ ଦାଶଙ୍କୁ ୪–୨ରେ ଚିରାଗ ଆରୋରା ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶାନ୍ତ ବିଶ୍ୱାଳ ଓ କୁନାଲ ଅଗ୍ରୱାଲଙ୍କ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ସୁବ୍ରତ ଦାସଙ୍କୁ ଟକ୍କର ଦେଇଥିଲେ ଜ୍ଞାନ ଦାସ।



ଶଟ୍ ଖେଳିବା ଅବସରରେ ଆଶୁତୋଷ ପାଢ଼ୀ।

# ଅଗଷ୍ଟ ୨୯ରୁ ପ୍ରୋ–କବାଡ଼ି ଲିଗ୍

**ମୁମ୍ବାଇ, ୩୧।୭ (ପି.ଟି.)**

ପ୍ରୋ–କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଖେଳାଯିବ। ଏହା ୪ଟି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ବିଶାଖାପାଟଣାସ୍ଥିତ ରାଜୀବଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ନୂଆ ଜିନର ଉଦ୍‌ଘାଟନୀ ଖେଳାଯିବ। ପ୍ରଥମ ଦିବସର ଗୋଟିଏ ମ୍ୟାଚ ତେଲୁଗୁ ଟାଇଟନ୍ସ ବନାମ ତାମିଲ ଥଲାଇଭାସ ମଧ୍ୟରେ ଅନ୍ୟଟି ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଉପକୂଳ ସହର ବିଶାଖାପାଟଣାକୁ ୭ ବର୍ଷ ପରେ ପିକେଏଲ୍ ଫେରିଛି। ଆନ୍ଧ୍ର ପ୍ରଦେଶରେ ଏହା ପୂର୍ବରୁ ୬ ବର୍ଷ ତଳେ ପିକେଏଲ୍ ମ୍ୟାଚ ଖେଳାଯାଇଥିଲା। ପିକେଏଲ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୨ରୁ ସାୱାଇ ମାନ୍‌ସିଂ ଷ୍ଟାଡିୟମସ୍ଥିତ ଜୟପୁର ଇନ୍‌ଡୋର ହଲ୍‌ରେ ଖେଳାଯିବ।

# ସିଙ୍ଗଲ୍ସ ଟେନିସ୍‌ରୁ ବୌଚାର୍ଡଙ୍କ ଅବସର

**ମଣ୍ଟ୍ରିଲ,୩୧।୭**

କାନାଡାର ପ୍ରଫେଶନାଲ ମହିଳା ଟେନିସ ଖେଳାଳି ୟୁଜିନ ବୌଚାର୍ଡ ଗୁରୁବାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ସିଙ୍ଗଲ୍ସ କ୍ୟାରିୟରରୁ ଅବସର ଘୋଷଣା କରିଛନ୍ତି। ପୂର୍ବତନ ୱିମ୍ବେଲଡନ ରନରଅପ୍ ବୌଚାର୍ଡ ତାଙ୍କ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ୨–୬, ୬–୩, ୪–୬ ସେଟ୍‌ରେ ସୁଇଜରଲାଣ୍ଡର ବେଲିନ୍ଦା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୧ ବର୍ଷୀୟା ବୌଚାର୍ଡ ଏକଦା ୱାର୍ଲ୍ଡ ନଂ–୫ ର୍‍ୟାଙ୍କ ହାସଲ କରିଥିଲେ। ଟପ୍–୫ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇବାରେ ଓ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିବାରେ ସେ ତାଙ୍କ ଦେଶର ପ୍ରଥମ ମହିଳା ଥିଲେ। ଚଳିତ ନ୍ୟାଶନାଲ ବ୍ୟାଙ୍କ ଓପନ ତାଙ୍କ ସିଙ୍ଗଲ୍ସ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ପୂର୍ବରୁ ଘୋଷଣା କରିଥିଲେ। ବେନକିକ୍‌ଙ୍କଠାରୁ ପରାସ୍ତ ହେବା ପରେ ଲୁହ ଭରା ଆଖିରେ ବୌଚାର୍ଡ କହିଥିଲେ, କ୍ୟାରିୟର ଯେଉଁଠାରେ ଆରମ୍ଭ କରିଥିଲି, ସେଠାରେ ଅନ୍ତିମ ମ୍ୟାଚ୍ ଖେଳିବା ଖୁବ ସ୍ୱତନ୍ତ୍ର ଅନୁଭୂତି। ମୋର ମନେ ଅଛି, ମୁଁ ଛୋଟ ଥିଲା ବେଳେ ଏହି ଷ୍ଟାଣ୍ଡରେ ବସି ଦିନେ ଏଠାରେ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ଚକ୍ର ଭଳି ଅନୁଭବ ହେଉଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ